

ମାଟ୍ରିକ୍ ପରୀକ୍ଷା
ନମୁନା ପ୍ରଶ୍ନୋତ୍ତର
ପୃଷ୍ଠା ୧୮ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-179 •BHUBANESWAR •SUNDAY •24 DECEMBER 2023 •PAGE-20 •₹ 6.00

•ବର୍ଷ-୪୧ •ସଂଖ୍ୟା-୧୭୯ •ଭୁବନେଶ୍ୱର •ରବିବାର •୨୪ ଡିସେମ୍ବର ୨୦୨୩ •ପୃଷ୍ଠା-୨୦ •ଟ.୬.୦୦ (ସିନ୍ଦୂରା ସହ)



# ତେଜସ୍ୱୀ ଯାଦବଙ୍କୁ ପୁଣି ଇଡି ସମନ

**ନୂଆଦିଲ୍ଲୀ, ୨୩।୧୨ (ଏଜେନ୍ସି):** ବିହାର ଉପ-ମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶନିବାର ପୁଣି ସମନ ଜାରି କରିଛି। ଚାକିରି ପାଇଁ ଜମି ନେବା ମାମଲାରେ ତାଙ୍କୁ ଜେରା ପାଇଁ ଡକାଇଛି। ଜାନୁଆରୀ ୫ରେ ତାଙ୍କୁ ହାଜର ହେବାକୁ କୁହାଯାଇଛି। ଅନ୍ୟପକ୍ଷରେ ଦିଲ୍ଲୀର ରାଉଜ ଆଭିନ୍ୟୁ କୋର୍ଟ ତେଜସ୍ୱୀଙ୍କ ଆବେଦନ ଉପରେ ଶୁଣାଣି କରିବାକୁ ରାଜି ହୋଇଛନ୍ତି। ସେ ୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡ ଗସ୍ତ ପାଇଁ ଅନୁମତି ମାଗିଛନ୍ତି। ଏହା ପୂର୍ବରୁ ଇଡି ସମନ ଜାରି କରି ତେଜସ୍ୱୀଙ୍କୁ ୨୨ ତାରିଖରେ ଏବଂ ତାଙ୍କ ବାପା ଲାଲୁ ପ୍ରସାଦ ଯାଦବଙ୍କୁ ୨୭ ତାରିଖରେ ହାଜର ହେବାକୁ କହିଥିଲା। କିନ୍ତୁ ତେଜସ୍ୱୀ ଏଜେନ୍ସି ନିକଟରେ ହାଜର ହୋଇ ନ ଥିଲେ। ■



# ବିଜେପି ବିଧାୟକ ଅଯୋଗ୍ୟ ଘୋଷିତ



**ଲକ୍ଷ୍ନୌ, ୨୩।୧୨ (ଏଜେନ୍ସି):** ନଅ ବର୍ଷ ତଳର ନାବାଳିକା ଦୁଷ୍କର୍ମ ମାମଲାରେ ୨୫ ବର୍ଷ ଜେଲ୍ ଦଣ୍ଡ ପାଇଥିବା ବିଜେପି ବିଧାୟକ ରାମଦୁଲାର ଗୋଣ୍ଡଙ୍କୁ ବିଧାନସଭା ସଦସ୍ୟତାରୁ ଅଯୋଗ୍ୟ ଘୋଷଣା କରାଯାଇଛି। ଶନିବାର ସରକାରୀ ସୂତ୍ରରୁ ଏହି ସୂଚନା ମିଳିଛି। ଜନ ପ୍ରତିନିଧି ଆଇନ ଅନୁଯାୟୀ କୌଣସି ମାମଲାରେ ବିଧାୟକ କିମ୍ବା ସାଂସଦଙ୍କୁ ୨ ବର୍ଷ କିମ୍ବା ତାଠାରୁ ଅଧିକ ଜେଲ୍ ଦଣ୍ଡ ହେଲେ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯିବ। ସେ ମଧ୍ୟ ୬ ବର୍ଷ ପର୍ଯ୍ୟନ୍ତ ନିର୍ବାଚନ ଲଢ଼ିପାରିବେ ନାହିଁ। ନାବାଳିକା ଦୁଷ୍କର୍ମ ମାମଲାରେ ସୋନଭଦ୍ରର ଏମ୍ପି-ଏମ୍ଏଲଏ କୋର୍ଟ ଗୋଣ୍ଡଙ୍କୁ ଜେଲ୍ ଦଣ୍ଡ ସହିତ ୧୦ ଲକ୍ଷ ଟଙ୍କାର ଜରିମାନା ଲଗାଇଛନ୍ତି। ■

# ୬ରେ ଏଲ୍-୧ରେ ପହଞ୍ଚିବ 'ଆଦିତ୍ୟ'

**ଅହମଦାବାଦ, ୨୩।୧୨ (ଏଜେନ୍ସି):** ଭାରତ ପ୍ରଥମ ସୂର୍ଯ୍ୟ ଅଭିଯାନ ଆଦିତ୍ୟ ଏଲ୍-୧ ସଫଳତାର ସହ ଯାତ୍ରା ଜାରି ରଖିଛି। ଏହା ଆସନ୍ତା ୬ ତାରିଖରେ ପୃଥିବୀଠାରୁ ୧୫ ଲକ୍ଷ କିମି ଦୂରରେ ଥିବା ଲାଗରେଞ୍ଜ ପଏଣ୍ଟ (ଏଲ୍-୧) ରେ ପହଞ୍ଚିବ। ଅହମଦାବାଦରେ ଆୟୋଜିତ ଭାରତୀୟ ବିଜ୍ଞାନ ସମ୍ମିଳନୀରେ ସାମିଲ ହୋଇ ଇସ୍ରୋ ମୁଖ୍ୟ ଏସ୍ ସୋମନାଥ ଏହି ସୂଚନା ଦେଇଛନ୍ତି। ଏହି ଯାନ ଯେକୌଣସି ମୁହୂର୍ତ୍ତରେ ଧାର୍ଯ୍ୟ ସ୍ଥାନରେ ପହଞ୍ଚି ଯିବ। ସଠିକ୍ ସମୟରେ ଏହାର ଘୋଷଣା କରାଯିବ। ଲାଗରେଞ୍ଜ ପଏଣ୍ଟରେ ପହଞ୍ଚିବା ପରେ ପୁଣିଥରେ ଏହାର ଇଞ୍ଜିନ କାର୍ଯ୍ୟକ୍ଷମ କରାଯିବ। ଏଠାରେ ପହଞ୍ଚିବା ପରେ ଯାନ ପଏଣ୍ଟକୁ ପରିକ୍ରମା କରିବ। ଏହି ପଏଣ୍ଟରେ ଆଦିତ୍ୟ ଏଲ୍-୧ ୫ ବର୍ଷ ପର୍ଯ୍ୟନ୍ତ ରହିବ। ଏହା ସୂର୍ଯ୍ୟଙ୍କ କାର୍ଯ୍ୟକଳାପ ବିଷୟରେ ସୂଚନା ଦେବ। ଏହି ତଥ୍ୟ ସାରା ବିଶ୍ୱ ପାଇଁ ଉପକାରୀ ସାବ୍ୟସ୍ତ ହେବ। ■

# ଜେଲ୍‌ରୁ ବାହାରିଲେ ମନୀଷ କଶ୍ୟପ

**ପାଟନା, ୨୩।୧୨ (ଏଜେନ୍ସି):** ବିହାର ୟୁଟ୍ୟୁବର ମନୀଷ କଶ୍ୟପ ୯ ମାସ ପରେ ଶନିବାର ପାଟନାର ବେଉରା ଜେଲ୍ରୁ ବାହାରିଛନ୍ତି। ତାଙ୍କୁ ସ୍ୱାଗତ କରିବା ପାଇଁ ସକାଳୁ ଜେଲ୍ ବାହାରେ ସମର୍ଥକଙ୍କ ଭିଡ଼ ଲାଗି ରହିଥିଲା। ଜେଲ୍ରୁ ବାହାରି ମନୀଷ ବିହାର ସରକାରଙ୍କୁ ନିଶାଣ କରିଥିଲେ। ରାଜ୍ୟରେ କଂସର ସରକାର ଚାଲୁଛି। ଏମାନେ ବଡ଼ ଷଡ଼ଯନ୍ତ୍ର କରିଥିବାରୁ ୯ ମାସ ପର୍ଯ୍ୟନ୍ତ ଜେଲ୍ରେ ରହିବାକୁ ପଡ଼ିଥିଲା। କୋର୍ଟ ନୁହେଁ, ନେତାମାନେ ତାଙ୍କୁ ଦଣ୍ଡ ଦେଇଥିଲେ। ତାଙ୍କ ଉପରେ ଏନ୍ଏସ୍ଏ ଲଗା ଯାଇଥିଲା। ମାତ୍ର କୋର୍ଟ ଏହାକୁ ହଟାଇ ଦେଇଛନ୍ତି। ଏବେ ଲୋକଙ୍କ ଆଶା ପୂରଣ କରିବେ ବୋଲି ମନୀଷ କହିଛନ୍ତି। ସୂଚନାଯୋଗ୍ୟ ଯେ ପାଟନା ହାଇକୋର୍ଟ ତାଙ୍କୁ ସର୍ତ୍ତମୂଳକ ଜାମିନ ଦେଇଛନ୍ତି। ପୂର୍ବରୁ ମନୀଷଙ୍କୁ ତାମିଲନାଡୁ ନେବାର ଥିଲା। କିନ୍ତୁ ପାଟନା ସିଭିଲ କୋର୍ଟଙ୍କ ନିଷ୍ପତ୍ତି ପରେ ବିହାରରେ ରଖାଯାଇଥିଲା। ■



● ଜାତିସଂଘକୁ ଭ୍ରୂକ୍ଷେପ କରୁନି ଇସ୍ରାଏଲ

# ବୋମାମାଡ଼ରେ ଗୋଟିଏ ପରିବାରର ୭୬ ମୃତ



**ତେଲ୍ ଆଭିଭ୍, ୨୩।୧୨ (ଏଜେନ୍ସି)**

ହମାସ୍ ବିରୋଧରେ ଇସ୍ରାଏଲର ଆକ୍ରମଣ ୧୨ ସପ୍ତାହରେ ପହଞ୍ଚିଥିବା ସତ୍ତ୍ୱେ ଇସ୍ରାଏଲ ସେନା ପକ୍ଷରୁ ଏବେ ମଧ୍ୟ ଜୋରଦାର ଆକ୍ରମଣ ଜାରି ରହିଛି। ଗାଜାରେ ୩୦ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହେବା ସହିତ ୫୦ ହଜାରରୁ ଅଧିକ ଲୋକ ଆହତ ହୋଇଛନ୍ତି। ଯୁଦ୍ଧ ପରିସ୍ଥିତିରେ ରହୁଥିବା ଲୋକଙ୍କ ଜୀବନ ବେଳକୁ ବେଳ ଦୁର୍ବିସହ ହୋଇପଡୁଥିବା ବେଳେ ଆକ୍ରମଣ ବନ୍ଦ କରିବାକୁ ଇସ୍ରାଏଲ ଉପରେ ଜାତିସଂଘ ସମେତ ବହୁ ରାଷ୍ଟ୍ର ଚାପ ପକାଇଛନ୍ତି। କିନ୍ତୁ ଇସ୍ରାଏଲ କାହାରିକୁ ଭ୍ରୂକ୍ଷେପ ନ କରି ଆକ୍ରମଣ ଅବ୍ୟାହତ ରଖିଛି। ଶୁକ୍ରବାର ରାତିରେ ଇସ୍ରାଏଲର ଏୟାରଷ୍ଟ୍ରାଇକ୍ରେ ଗୋଟିଏ ପରିବାରର ୭୬ ଜଣଙ୍କ ମୃତ୍ୟୁହେବା ଘଟଣା ବିଭିନ୍ନ ରାଷ୍ଟ୍ରଙ୍କୁ ଉଦ୍‌ବେଳିତ କରିଛି। ମୃତକଙ୍କ ମଧ୍ୟରେ ପରିବାରର ୧୬ ଜଣ ମୁଖିଆ, ମହିଳା ଏବଂ ଶିଶୁ ରହିଛନ୍ତି। ଏହାଛଡ଼ା ଜାତିସଂଘର ପ୍ରମୁଖ ଅଧିକାରୀ ଇସାମ-ଅଲ ମୁଘରାବି, ପତ୍ନୀ ଏବଂ ତାଙ୍କର ୫ ଶିଶୁ ମଧ୍ୟ ରହିଛନ୍ତି। ଗତ ଅକ୍ଟୋବର ୭ ତାରିଖରେ ହମାସ୍ ବିରୋଧରେ ଇସ୍ରାଏଲ ପକ୍ଷରୁ ଆକ୍ରମଣ କରାଯିବା ପରେ ଏହି ଘଟଣା ସବୁଠୁ ଭୟଙ୍କର ବୋଲି କୁହାଯାଇଛି। ଏହାକୁ ନେଇ ଜାତିସଂଘ ପକ୍ଷରୁ ମଧ୍ୟ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟରେସ୍ ତୁରନ୍ତ ଯୁଦ୍ଧ ବନ୍ଦ କରି ଗାଜାବାସୀଙ୍କ ମାନବିକ ସହାୟତା ଯୋଗାଇ ଦେବାକୁ କହିଛନ୍ତି। ଏହାବ୍ୟତୀତ ରୁଷ,ଇରାନ ଏବଂ ଅନ୍ୟାନ୍ୟ ୟୁରୋପୀୟ ରାଷ୍ଟ୍ର ମଧ୍ୟ ତୁରନ୍ତ ଆକ୍ରମଣ ବନ୍ଦ ଦାବି କରିଛନ୍ତି। କିନ୍ତୁ ଇସ୍ରାଏଲ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ କରାଯାଇ ନାହିଁ। ବରଂ ନିଜ ଜିଦ୍‌ରେ ଅଟଳ ରହିଥିବା ଇସ୍ରାଏଲ ସେନା ଆକ୍ରମଣ ଜୋରଦାର କରିବାରେ ଲାଗିଛି। ■

# ବିଜେପିକୁ ୭୧% ଚାନ୍ଦା ଦେଇଛି ଇଲେକ୍ଟୋରାଲ ଟ୍ରଷ୍ଟ

● ୧୦ ବର୍ଷରେ ୩୬୦% ବଢ଼ିଛି ଦାନ ରାଶି

**ନୂଆଦିଲ୍ଲୀ, ୨୩।୧୨ (ଏଜେନ୍ସି):** ଇଲେକ୍ଟୋରାଲ ଟ୍ରଷ୍ଟ ମାଧ୍ୟମରେ ରାଜନୈତିକ ଦଳଙ୍କୁ ବଡ଼ ରାଶି ମିଳୁଛି। ଏହା ମାଧ୍ୟମରେ ଗତ ୧୦ ବର୍ଷ ୨,୫୫୭.୭୪ କୋଟି ଟଙ୍କାର ଚାନ୍ଦା ମିଳିଛି। ସବୁଠାରୁ ବଡ଼ ପ୍ରୁଡେଣ୍ଟ ଇଲେକ୍ଟୋରାଲ ଟ୍ରଷ୍ଟ (ପିଇଟି) ଚଳିତ ବର୍ଷ କ୍ଷମତାସୀନ ବିଜେପିକୁ ୭୧ ପ୍ରତିଶତରୁ ଅଧିକ ଦାନ ଦେଇଛି। ବିଆରଏସ୍‌କୁ ୨୪, ୮ ପ୍ରତିଶତ, ୱାଇଏସଆରସିପିକୁ ୪.୪ ପ୍ରତିଶତ ଏବଂ ଆପ୍‌କୁ ୦.୨ ପ୍ରତିଶତ ଚାନ୍ଦା ମିଳିଛି। ଚଳିତ ବର୍ଷ କଂଗ୍ରେସକୁ କୌଣସି ଦାନ ମିଳିନାହିଁ। ଗତ ବର୍ଷ ବିଜେପିକୁ ୭୨.୪ ପ୍ରତିଶତ ଏବଂ କଂଗ୍ରେସକୁ ୩.୬ ପ୍ରତିଶତ ଦାନ ଦେଇଥିଲା। ଇଲେକ୍ଟୋରାଲ ଟ୍ରଷ୍ଟ ମାଧ୍ୟମରେ ଦିଆଯାଉଥିବା ଦାନ ଗତ ୧୦ ବର୍ଷରେ ୩୬୦ ପ୍ରତିଶତ ବୃଦ୍ଧି ପାଇଛି। ପିଇଟି ମୋଟ ରାଶିର ୮୮ ପ୍ରତିଶତ ଦେଇଛି। କେବଳ ୧୬୮୬.୮୯ କୋଟି ଟଙ୍କା ବିଜେପିକୁ ଦିଆଯାଇଛି। ପିଇଟି ବ୍ୟତୀତ ପ୍ରୋଗ୍ରେସିଭ, ଜନତା ନିର୍ବାଚକ, ପରିବର୍ତ୍ତନ, ଜନକଲ୍ୟାଣ ଆଦି ଇଲେକ୍ଟୋରାଲ ଟ୍ରଷ୍ଟ ମଧ୍ୟ ଅଛନ୍ତି। ଚଳିତ ବର୍ଷ ପିଇଟିକୁ ୪୨ ଦାତା ଏବଂ ୮ କର୍ପୋରେଟ ୮୮.୭ ପ୍ରତିଶତ ରାଶି ଦେଇଥିଲେ। ମେଘା ଇଞ୍ଜିନିୟରିଂ ଆଣ୍ଡ ଇନ୍‌ଫ୍ରା ୮୭ କୋଟି, ସିରମ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ ପ୍ରାଇଭେଟ.ଲି ୫୦.୨୫ କୋଟି, ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ ଲିମିଟେଡ ୫୦ କୋଟି, ଅଭିନନ୍ଦ ବେଞ୍ଚର୍ସ ୫୦ କୋଟି, ମେଘା ସର୍ଭୋ ଡ୍ରାଇଭ୍ସ ୩୦ କୋଟି, ଆର୍ସେଲର ମିତ୍ତଲ ଡିଜାଇନ ଆଣ୍ଡ ଇଞ୍ଜିନିୟରିଂ ସେଣ୍ଟର ୨୨ କୋଟି, ଗ୍ରୀନ୍‌କୋ ଇନର୍ଜି ପ୍ରୋଜେକ୍ଟସ ୨୦ କୋଟି ଏବଂ ଭାରତୀ ଏୟାରଟେଲ ୧୦ କୋଟି ଟଙ୍କା ଦେଇଛି। ନିର୍ବାଚନ କମିଶନ ଏବଂ ଏଡିଆର ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ■

କାଲିଫର୍ଣ୍ଣିଆରେ ହିନ୍ଦୁ ମନ୍ଦିର ଭଙ୍ଗାରୁଜା

# ଦୃଢ଼ ବିରୋଧକଲେ ଏସ୍. ଜୟଶଙ୍କର

**ନୂଆଦିଲ୍ଲୀ,୨୩।୧୨(ଏଜେନ୍ସି):** ଆମେରିକାର କାଲିଫର୍ଣ୍ଣିଆସ୍ଥିତ ନିଉୱାର୍କ ସହରରେ ଥିବା ସ୍ୱାମୀ ନାରାୟଣ ମନ୍ଦିରକୁ ଭାରତ ବିରୋଧୀ ଶକ୍ତି ପୁଣିଥରେ ନିଶାଣ କରିଛନ୍ତି। ଏହି ମନ୍ଦିର ପରିସରରେ କିଛି ଦୁର୍ବୃତ୍ତ ପ୍ରବେଶ କରି କାନ୍ଥବାଡ଼ରେ ହିନ୍ଦୁ ଏବଂ ଭାରତ ବିରୋଧୀ ସ୍ଲୋଗାନ ଲେଖିବା ସହିତ ଖଲିସ୍ତାନ ସପକ୍ଷରେ କଳା ରଙ୍ଗରେ ଲେଖିଛନ୍ତି। ପୂର୍ବରୁ ଏଭଳି ଘଟଣା କାନାଡ଼ା ସମେତ ଆମେରିକାର ଅନ୍ୟ କିଛି ସହରରେ ଘଟିଥିଲା ବେଳେ ଏହାପଛରେ ଖଲିସ୍ତାନୀ ଆତଙ୍କବାଦୀଙ୍କ ହାତ ରହିଥିବା ସ୍ପଷ୍ଟ ହୋଇଛି। ଏଭଳି ଘଟଣାକୁ ନେଇ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଦୃଢ଼ ବିରୋଧ ପ୍ରକାଶ କରି ଭାରତ ଏ ବିଷୟରେ ଅବଗତ ରହିଛି ବୋଲି କହିଛନ୍ତି। କିନ୍ତୁ ଭାରତ ବାହାରେ ବିଚ୍ଛିନ୍ନତାବାଦୀ ଶକ୍ତି ଏବଂ ଉଗ୍ରବାଦୀଙ୍କୁ ସ୍ଥାନ ଦେବା ଉଚିତ୍ ନୁହେଁ ବୋଲି ସେ ଆମେରିକା ଉଦ୍ଦେଶ୍ୟରେ କହିଛନ୍ତି। ଏହି ଘଟଣା ସମ୍ପର୍କରେ ଭାରତୀୟ ଦୂତାବାସ ପକ୍ଷରୁ ସେଠାକାର ପ୍ରଶାସନ ଏବଂ ପୁଲିସ ନିକଟରେ ଅଭିଯୋଗ କରାଯାଇଛି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହିତ ଏହାପଛରେ ରହିଥିବା ଲୋକମାନଙ୍କୁ ସାମ୍ନାକୁ ଆଣିବାକୁ ପ୍ରୟାସ ଜାରି ରଖିଛି ବୋଲି କହିଛି। ବାରମ୍ବାର ଏଭଳି ଘଟଣା ଘଟୁଥିଲା ବେଳେ ଏହା ଭାରତୀୟ ସମ୍ପ୍ରଦାୟ ଭାବନାକୁ ଆଘାତ ଦେଇଛି। ତେଣୁ ଆମେରିକୀୟ କର୍ତ୍ତୃପକ୍ଷଙ୍କ ତୁରନ୍ତ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଜୟଶଙ୍କର ଦାବି କରିଛନ୍ତି। ■

# ଭାରତ ଆସୁଥିବା ଇସ୍ରାଏଲୀ ଜାହାଜ ଉପରେ ଡ୍ରୋନ୍ ଆକ୍ରମଣ

**ନୂଆଦିଲ୍ଲୀ,୨୩।୧୨(ଏଜେନ୍ସି):** ଭାରତ ଆସୁଥିବା ଏକ ଇସ୍ରାଏଲୀ କମ୍ପାନୀ ଜାହାଜ ଉପରେ ଆରବ ସାଗରେ ଆକ୍ରମଣ ହୋଇଛି। ଡ୍ରୋନ ଦ୍ୱାରା ଏହି ଜାହାଜ ଉପରେ ଆକ୍ରମଣ କରାଯାଇଥିଲା ବେଳେ ବିସ୍ଫୋରଣ ଘଟି ଜାହାଜରେ ନିଆଁ ଲାଗିଯାଇଛି। କିନ୍ତୁ ଏହି ଜାହାଜରେ ରହିଥିବା କୌଣସି କର୍ମଚାରୀ ମୃତାହତ ହୋଇ ନଥିବା କୁହାଯାଇଛି। ଏଥିରେ ୨୦ ଭାରତୀୟଙ୍କ ସମେତ ଅନ୍ୟ କର୍ମଚାରୀ ରହିଥିଲା ବେଳେ ସମସ୍ତେ ସୁରକ୍ଷିତ ରହିଥିବା ସୂଚନା ମିଳିଛି। ତେବେ ବିସ୍ଫୋରଣ ଯୋଗୁ ଜାହାଜର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଛି। ମିଳିଥିବା ଖବର ଅନୁସାରେ ଏକ ଇସ୍ରାଏଲୀ କମ୍ପାନୀର ଏହି ଜାହାଜ ସାଉଦି ଆରବରୁ ତେଲ ନେଇ ଭାରତ ଅଭିମୁଖେ ଆସୁଥିଲା ବେଳେ ଗୁଜରାଟ ଉପକୂଳ ଠାରୁ ପ୍ରାୟ ୨୦୦ ନଟିକାଲ ମାଇଲ ଦୂରରେ ଡ୍ରୋନ ଦ୍ୱାରା ଏହା ଉପରେ ଆକ୍ରମଣ ହୋଇଥିଲା। ଏହି ଖବର ମିଳିବା ପରେ ଭାରତୀୟ ତଟରକ୍ଷୀ ବାହିନୀ ଜାହାଜ ଆଇସିଜିଏସ୍ ବିକ୍ରମ ଉକ୍ତ ଜାହାଜକୁ ସୁରକ୍ଷା ଯୋଗାଇ ଦେଇଛି। ତେବେ ଏହି ଆକ୍ରମଣ ପଛରେ ୟେମେନ୍ର ହୁତି ବିଦ୍ରୋହୀଙ୍କ ହାତ ଥିବା ସନ୍ଦେହ କରାଯାଉଛି। ହମାସ୍‌କୁ ସମର୍ଥନ କରୁଥିବା ଇରାନ ସମର୍ଥିତ ହୁତି ବିଦ୍ରୋହୀ ପୂର୍ବରୁ ମଧ୍ୟ ଅନେକ ଇସ୍ରାଏଲୀ ଜାହାଜଗୁଡ଼ିକୁ ନିଶାଣ କରିଛନ୍ତି। ଏପରିକି ଏହି ଆକ୍ରମଣ ପଛରେ ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସର ହାତ ରହିଥାଏପାରେ ବୋଲି ଆମେରିକା କହିଛି। ■

# ମ୍ୟାଁମାରରୁ ୪୦ ହଜାର ଚୀନ୍ ଅନ୍‌ଲାଇନ୍ ଠକ ବିଦା

**ନୂଆଦିଲ୍ଲୀ,୨୩।୧୨(ଏଜେନ୍ସି):** ମ୍ୟାଁମାରରେ ବିଭିନ୍ନ କ୍ଷେତ୍ରରେ ଅନଲାଇନ ସ୍କାମ୍‌ରେ ଲିପ୍ତ ରହିଥିବା ୪୦ ହଜାରରୁ ଅଧିକ ଚାଇନା ନାଗରିକଙ୍କୁ ଗିରଫ କରାଯିବା ସହିତ ସେମାନଙ୍କୁ ମ୍ୟାଁମାରରୁ ଚୀନ୍ ବିଦା କରିଦିଆଯାଇଛି। ଗତ ସେପ୍ଟମ୍ବରରୁ ଡିସେମ୍ବର ମାସ ମଧ୍ୟ ଭାଗ ସୁଦ୍ଧା ମ୍ୟାଁମାର କର୍ତ୍ତୃପକ୍ଷ ଏହି ପଦକ୍ଷେପ ନେଇଥିବା ଏ ସମ୍ପର୍କରେ ପ୍ରକାଶ ପାଇଥିବା ଏକ ରିପୋର୍ଟରୁ ଜଣାପଡ଼ିଛି। ୨୦୨୧ରେ ମ୍ୟାଁମାରରେ ସାମରିକ ବିଦ୍ରୋହ ପରେ ଜୁଣ୍ଟା ସରକାର କ୍ଷମତା ଦଖଲ କରିଥିଲା ବେଳେ ଏଠାକାର ସୀମାଞ୍ଚଳରେ ସ୍ଥିତି ସବୁବେଳେ ଉତ୍ତେଜନାପୂର୍ଣ୍ଣ ରହିଆସିଛି। ଏହାର ଫାଇଦା ଉଠାଇ ଚୀନ୍‌କୁ ଲାଗି ରହିଥିବା ମ୍ୟାଁମାର ସୀମାରେ ଚାଇନା ନାଗରିକମାନେ ନାନା କିସମର ବେଆଇନ କାର୍ଯ୍ୟ ଚଳାଇବା ସହ ବିଚ୍ଛିନ୍ନତାବାଦୀ ଗୋଷ୍ଠୀଙ୍କୁ ହାତ କରି ବିଭିନ୍ନ କ୍ଷେତ୍ରରେ ଘୋଟାଲା କରୁଛନ୍ତି। ଏହାଛଡ଼ା ସୀମାରେ ଡ୍ରଗ୍ସ କାରବାର ଚଳାଇବାରେ ମଧ୍ୟ ସ୍ଥାନୀୟ ଲୋକଙ୍କୁ ପ୍ରୋତ୍ସାହନ ଦେଉଛନ୍ତି। ଯାହାକୁ ନେଇ ମ୍ୟାଁମାରର ଉତ୍ତର ସାନ୍ ପ୍ରଦେଶ ଏବେ ଡ୍ରଗ୍ସ କାରବାରର ପେଣ୍ଠସ୍ଥଳ ପାଲଟି ଯାଇଛି। ଏହାକୁ ଦୃଷ୍ଟିରେ ରଖି ମ୍ୟାଁମାର ସରକାରଙ୍କ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ବର୍ତ୍ତମାନ ସୁଦ୍ଧା ୪୦ ହଜାରରୁ ଅଧିକ ଚାଇନା ନାଗରିକଙ୍କୁ ଗିରଫ କରାଯାଇଥିବା କୁହାଯାଇଛି। ସେମାନଙ୍କୁ ଚୀନ୍ ପଠାଇ ଦିଆଯାଇଥିଲା ବେଳେ ସେମାନଙ୍କ ମଧ୍ୟରୁ ୧୨ ହଜାର ଲୋକ ଅନଲାଇନ ସ୍କାମ୍‌ରେ ଜଡ଼ିତ ଥିଲେ ବୋଲି ସ୍ଥାନୀୟ ପ୍ରଶାସନିକ କାଉନସିଲ ପକ୍ଷରୁ କୁହାଯାଇଛି। ■

# ପତ୍ନୀଙ୍କୁ ବାଡ଼େଇ କାନ ଫଟାଇଦେଲେ ବିବେକ ବିନ୍ଦ୍ରା



**ନୋଏଡ଼ା, ୨୩।୧୨ (ଏଜେନ୍ସି):** ଅନ୍ତର୍ଜାତୀୟ ପ୍ରଭାବଶାଳୀ ବକ୍ତା ବିବେକ ବିନ୍ଦ୍ରାଙ୍କ ବିରୋଧରେ ଘରୋଇ ହିଂସା ଅଭିଯୋଗ ଲାଗିଛି। ତାଙ୍କ ଦ୍ୱିତୀୟ ପତ୍ନୀ ୟାନିକା ଏହି ଅଭିଯୋଗ ଲଗାଇଛନ୍ତି। ନୋଏଡ଼ା ଥାନାରେ ରୁଜୁ ଏତଲା ଅନୁଯାୟୀ ଯେ ନୋଏଡ଼ା ସେକ୍ଟର-୯୪ ସ୍ଥିତ ସୁପରନୋଭା ୱେଷ୍ଟ ରେସିଡେନ୍ସିରେ ରହୁଥିବା ବିବେକ ଗତ ୮ ତାରିଖରେ ନିଜ ମାଆ ପ୍ରଭାଙ୍କ ସହ ଝଗଡ଼ା କରିଥିଲେ। ପତ୍ନୀ ଝଗଡ଼ା ବନ୍ଦ ପାଇଁ ପ୍ରୟାସ କରିବାରୁ ସେ ଅତି ନିଷ୍ଠୁର ଭାବେ ମାଡ଼ ମାରିଥିଲେ। ଏଥିଯୋଗୁଁ ତାଙ୍କ କାନ ପରଦା ଫାଟି ଯାଇଛି। ବିବେକ ଗାଳିଗୁଲଜ କରି ତାଙ୍କ ମୋବାଇଲ ମଧ୍ୟ ଭାଙ୍ଗି ଦେଇଛନ୍ତି। ଦିଲ୍ଲୀର ଏକ ଘରୋଇ ଡାକ୍ତରଖାନାରେ ୟାନିକାଙ୍କ ଚିକିତ୍ସା ଚାଲିଛି। ମାଡ଼ ଖାଇବା ଯୋଗୁଁ ୟାନିକାଙ୍କ ହାତଗୋଡ଼ ନାଲି ପଡ଼ି ଯାଇଛି। ବାମ ହାତରେ ଆଘାତ ଲାଗିଛି। ବିବେକ ତାଙ୍କ ମୁଣ୍ଡର ପଛ ଭାଗକୁ ୩୦ରୁ ୪୦ ଥର ଆଘାତ ଦେଇଥିଲେ। ବିବେକଙ୍କ ଏକ ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ସେ ସୋସାଇଟ ଫାଟକ ନିକଟରେ ପତ୍ନୀଙ୍କ ସହ ଝଗଡ଼ା କରୁଥିବା ଦେଖାଯାଇଛି। ସୂଚନାଯୋଗ୍ୟ ଯେ ଗତ ୬ ତାରିଖରେ ବିବେକ ଏବଂ ୟାନିକାଙ୍କ ବିବାହ ହୋଇଥିଲା। ଏହାର ଦୁଇ ଦିନ ପରେ ମାର୍‌ପିଟ ହୋଇଥିଲା। ଗତ ୧୪ ତାରିଖରେ ୟାନିକାଙ୍କ ଭାଇ ବୈଭବ କ୍ୱାତ୍ରା ନୋଏଡ଼ା ସେକ୍ଟର-୧୨୬ ଥାନାରେ ଏ ନେଇ ଏତଲା ଦେଇଥିଲେ। ମାତ୍ର ଶୁକ୍ରବାର ସନ୍ଧ୍ୟାରେ ମାମଲା ସାମ୍ନାକୁ ଆସିଥିଲା। ସୂଚନାଯୋଗ୍ୟ ଯେ ବିବେକ 'ବଡା ବିଜନେସ'ର ସିଇଓ ଅଛନ୍ତି। ୟୁଟ୍ୟୁବରେ ତାଙ୍କର ୨ କୋଟିର ଅଧିକ ସବ୍‌ସ୍କ୍ରାଇବର ରହିଛନ୍ତି। ପ୍ରଥମ ପତ୍ନୀଙ୍କ ସହ ମଧ୍ୟ ବିବେକଙ୍କ ଝଗଡ଼ା ଚାଲିଛି। ■

● କଂଗ୍ରେସରେ ବଡ଼ଧରଣର ପରିବର୍ତ୍ତନ

# ପ୍ରିୟଙ୍କାଙ୍କ ସ୍ଥାନରେ ଅବିନାଶଙ୍କୁ ୟୁପି ଦାୟିତ୍ୱ

● ସଚିନ ପାଇଲଟଙ୍କୁ ଛତିଶଗଡ଼ ଦାୟିତ୍ୱ
● ଅଜୟ କୁମାର ଓଡ଼ିଶା ପ୍ରଭାରୀ ନିଯୁକ୍ତ



**ନୂଆଦିଲ୍ଲୀ, ୨୩।୧୨ (ଏଜେନ୍ସି)**

ଆସନ୍ତା ଲୋକସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ସଂଗଠନରେ ବଡ଼ ପରିବର୍ତ୍ତନ କରିଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ନେତାଙ୍କୁ ନୂଆ ଦାୟିତ୍ୱ ବାଣ୍ଟିଛନ୍ତି। ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସ୍ଥାନରେ ଅବିନାଶ ପାଣ୍ଡେଙ୍କୁ ଉତ୍ତରପ୍ରଦେଶ (ୟୁପି) ପ୍ରଭାରୀ ନିଯୁକ୍ତ କରାଯାଇଛି। ସେହିପରି ସଚିନ ପାଇଲଟଙ୍କୁ ଛତିଶଗଡ଼ରେ ଦାୟିତ୍ୱ ଦିଆଯାଇଛି। ଏହା ବ୍ୟତୀତ ରଣଦୀପ ସୁରଜେୱାଲାଙ୍କୁ କର୍ଣ୍ଣାଟକ, ମୁକୁଲ ୱାସନିକଙ୍କୁ ଗୁଜରାଟ, ଜିତେନ୍ଦ୍ର ସିଂହଙ୍କୁ ଆସାମ ଏବଂ ମଧ୍ୟପ୍ରଦେଶ, ଦୀପକ ବାବାରିଆଙ୍କୁ ଦିଲ୍ଲୀ ଏବଂ ହରିୟାଣା, ରମେଶ ଚେନ୍ନିଥଲାଙ୍କୁ ମହାରାଷ୍ଟ୍ର, କୁମାରୀ ସେଲଜାଙ୍କୁ ଉତ୍ତରାଖଣ୍ଡ, ଜି.ଏ ମିରଙ୍କୁ ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗ, ଚେଲ୍ଲା କୁମାରଙ୍କୁ ମେଘାଳୟ, ମିଜୋରାମ ଏବଂ ଅରୁଣାଚଳ ପ୍ରଦେଶ, ରାଜୀବ ଶୁକ୍ଲାଙ୍କୁ ହିମାଚଳ ପ୍ରଦେଶ, ଅଜୟ କୁମାରଙ୍କୁ ଓଡ଼ିଶା, ତାମିଲନାଡୁ ଏବଂ ପୁଡୁଚେରୀ ପ୍ରଭାରୀ ନିଯୁକ୍ତ କରାଯାଇଛି। ଏହା ବ୍ୟତୀତ ଜୟରାମ ରମେଶଙ୍କୁ ଯୋଗାଯୋଗ, କେସି ବେଣୁଗୋପାଳଙ୍କୁ ସଂଗଠନ, ଗୁରଦୀପ ସିଂହ ସପଲଙ୍କୁ ପ୍ରଶାସନ, ଅଜୟ ମାକେନଙ୍କୁ କୋଷାଧ୍ୟକ୍ଷ, ମିଲିନ୍ଦ ଦେଓରା ଏବଂ ବିଜୟ ଇନ୍ଦର ସିଙ୍ଗଲାଙ୍କୁ ଯୁଗ୍ମ କୋଷାଧ୍ୟକ୍ଷ ନିଯୁକ୍ତ କରାଯାଇଛି। ଏହା ପୂର୍ବରୁ କଂଗ୍ରେସ ଶୁକ୍ରବାର ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଘୋଷଣା କମିଟି ଗଠନ କରିଥିଲା। ପୂର୍ବତନ ଅର୍ଥମନ୍ତ୍ରୀ ପି ଚିଦମ୍ବରମଙ୍କୁ ଏହି ୧୬ ଜଣିଆ କମିଟିର ଅଧ୍ୟକ୍ଷ ନିଯୁକ୍ତି କରାଯାଇଛି। ଛତିଶଗଡ଼ର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ଏହାର ସଂଯୋଜକ ଅଛନ୍ତି। ■

# ୩ ନାଗରିକଙ୍କ ମୃତ୍ୟୁକୁ ନେଇ କାଶ୍ମୀରରେ ଉତ୍ତେଜନା

● ଦୁଇ ଜିଲ୍ଲାରେ ଇଣ୍ଟରନେଟ୍ ବନ୍ଦ

**ଶ୍ରୀନଗର,୨୩।୧୨(ଏଜେନ୍ସି):** ଆତଙ୍କବାଦୀଙ୍କ ନିଶାଣରେ ଭାରତୀୟ ସେନାର ୫ ଯବାନ ସହିଦ ହେବା ଘଟଣା ପରଠାରୁ କାଶ୍ମୀର ଉପତ୍ୟକାରେ ସ୍ଥିତି ଅସ୍ୱାଭାବିକ ହୋଇପଡ଼ିଛି। ଗତକାଲି ପୁଲିସ ହେପାଜତରେ ଥିବା ୩ ନାଗରିକଙ୍କ ମୃତ୍ୟୁ ହେବା ଘଟଣା କାଶ୍ମୀର ଉପତ୍ୟକାରେ ଉତ୍ତେଜନା ସୃଷ୍ଟି କରିଛି। ପୁଲିସ ଅତ୍ୟାଚାର ଯୋଗୁଁ ଏହି ତିନି ଜଣଙ୍କ ମୃତ୍ୟୁ ହୋଇଥିବା ସାଧାରଣରେ ଦାବି କରାଯାଇଥିଲା ବେଳେ ପୁଞ୍ଚ ଏବଂ ରାଜୌରୀ ଜିଲ୍ଲାର କେତେକ ସ୍ଥାନରେ ବିକ୍ଷୋଭ କରାଯାଇଥିବା ସୂଚନା ମିଳିଛି। ଏହାକୁ ଦୃଷ୍ଟିରେ ରଖି ଏହି ଦୁଇ ଜିଲ୍ଲାରେ ଇଣ୍ଟରନେଟ୍ ସେବା ବନ୍ଦ ରଖାଯାଇଛି। ଅନ୍ୟପକ୍ଷରେ ଶନିବାର ଆତଙ୍କବାଦୀମାନେ ପୁଣିଥରେ ଅନୁପ୍ରବେଶ ଉଦ୍ୟମ କରିଥିଲା ବେଳେ ଏହାକୁ ସୁରକ୍ଷାକର୍ମୀ ବିଫଳ କରିଦେଇଛନ୍ତି। ■

## ଦେଶରେ ବଢୁଛି ମହିଳା ବିରୋଧୀ ଅପରାଧ

# ୬ ବର୍ଷରେ ୨୪ ଲକ୍ଷ ମହିଳା ନିଖୋଜ

● ଦିନକୁ ଗାଏବ ହେଉଛନ୍ତି ୧୧୬୦ ଜଣ
● ୧୩, ୭୨, ୬୩୫ ପୀଡ଼ିତାଙ୍କ ସନ୍ଧାନ କରିଛି ପୁଲିସ
● ୧୧ ଲକ୍ଷରୁ ଅଧିକ ପୀଡ଼ିତା ଏବେ ବି ନିଖୋଜ



**ନୂଆଦିଲ୍ଲୀ, ୨୩।୧୨ (ଏଜେନ୍ସି)**

ଦେଶରେ ମହିଳା ବିରୋଧୀ ଅପରାଧ ବଢ଼ିବାରେ ଲାଗିଛି। ନିଖୋଜ ମାମଲା ମଧ୍ୟ ଚିନ୍ତା ବୃଦ୍ଧି କରିଦେଇଛି। ଗତ ୬ ବର୍ଷରେ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରୁ ୨୫ ଲକ୍ଷରୁ ଅଧିକ ବାଳିକା ଏବଂ ମହିଳା ନିଖୋଜ ହୋଇଯାଇଛନ୍ତି। ଅର୍ଥାତ୍ ଦିନକରେ ୧୧୬୭ ଜଣ ନିଖୋଜ ହେଉଛନ୍ତି। ଏହି ନିଖୋଜଙ୍କୁ ଖୋଜିବାରେ ପୁଲିସ କିଛି ମାତ୍ରାରେ ସଫଳ ହୋଇଛି। ଏହି ଅବଧିରେ କେବଳ ୧୩, ୭୨, ୬୩୫ ବାଳିକା ଏବଂ ମହିଳାଙ୍କୁ ପୁଲିସ ଉଦ୍ଧାର କରିଥିଲା। ଅର୍ଥାତ୍ ଦିନକୁ ୬୨୬ ଜଣଙ୍କ ପାଖରେ ପୁଲିସ ପହଞ୍ଚି ପାରିଥିଲା। ଏବେ ବି ଆହୁରି ୧୧ ଲକ୍ଷରୁ ଅଧିକ ମହିଳା ଏବଂ ବାଳିକା ନିଖୋଜ ଅଛନ୍ତି। ଏ ପର୍ଯ୍ୟନ୍ତ ଏମାନଙ୍କର କୌଣସି ସନ୍ଧାନ ମିଳିନାହିଁ। କିଛି ଦିନ ତଳେ ସଂସଦରେ ଏକ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ଅଜୟ କୁମାର ମିଶ୍ରା ଏହି ସୂଚନା ଦେଇଥିଲେ। ୨୦୧୭ରୁ ୨୦୨୨ ମଧ୍ୟରେ ମହିଳା ଅପହରଣର ୪, ୩୪, ୭୦୨ ମାମଲା ରୁଜୁ ହୋଇଥିବା କହିଥିଲେ। ସୂଚନା ଅନୁଯାୟୀ ୨୦୧୭ରେ ମହିଳା ଅପହରଣ ୬୬, ୩୩୩, ୨୦୧୮ରେ ୭୨, ୭୦୯, ୨୦୧୯ରେ ୭୨, ୬୮୧, ୨୦୨୦ରେ ୬୨, ୩୦୦, ୨୦୨୧ରେ ୭୫, ୩୬୯ ଏବଂ ୨୦୨୨ରେ ମହିଳା ଅପହରଣର ୮୫, ୩୧୦ ମାମଲା ରୁଜୁ ହୋଇଥିଲା। ୨୦୧୭ରେ ୭୭୫୨୩ ନାବାଳିକା ଏବଂ ୨, ୮୩, ୪୨୮ ଯୁବତୀ ଏବଂ ମହିଳା ନିଖୋଜ ହୋଇଥିବାବେଳେ ଯଥାକ୍ରମେ ୪୬,୭୯୮ ଏବଂ ୧, ୪୧, ୪୭୫ ଜଣଙ୍କୁ ସନ୍ଧାନ କରାଯାଇଥିଲା। ୨୦୧୮ରେ ନିଖୋଜ ୭୭୯୫୨ ନାବାଳିକାଙ୍କ ମଧ୍ୟରୁ ୪୮,୭୮୭ ଜଣଙ୍କ ପାଖରେ ପହଞ୍ଚିବାରେ ପୁଲିସ ସଫଳ ହୋଇଥିଲା। ଏହି ବର୍ଷ ୩,୦୬, ୭୩୩ ଜଣ ମହିଳା ଏବଂ ଯୁବତୀ ନିଖୋଜ ହୋଇଥିବାବେଳେ ୧, ୬୧, ୧୧୦ ଜଣଙ୍କ ସନ୍ଧାନ କରାଯାଇଥିଲା। ସେହିପରି ୨୦୧୯ରେ ୮୨,୦୮୪ ନାବାଳିକା ଏବଂ ୩,୪୨, ୧୬୮ ମହିଳା ନିଖୋଜ ହୋଇ ଯାଇଥିବାବେଳେ ୪୮, ୭୧୬ ଏବଂ ୧, ୭୪, ୨୬୯ ଜଣଙ୍କୁ ଖୋଜା ଯାଇଥିଲା। ୨୦୨୦ରେ ୭୯,୨୨୯ ନାବାଳିକା ଏବଂ ୩, ୪୪, ୪୨୨ ମହିଳା ନିଖୋଜ ହୋଇଥିଲେ। ଏମାନଙ୍କ ମଧ୍ୟରୁ ଯଥାକ୍ରମେ ୪୮,୭୧୬ ଏବଂ ୧, ୭୫, ୨୨୬ ଜଣଙ୍କୁ ସନ୍ଧାନ କରାଯାଇଥିଲା। ଏହା ବ୍ୟତୀତ ୨୦୨୧ରେ ୯୦, ୧୨୩ ଜଣ ନାବାଳିକା, ୩, ୭୫, ୦୫୮ ଜଣ ମହିଳା ଏବଂ ଯୁବତୀ ନିଖୋଜଥିବାବେଳେ ୫୮,୯୯୦ ଏବଂ ୨, ୦୨, ୨୯୮ ଜଣଙ୍କୁ ଚିହ୍ନଟ କରାଯାଇଥିଲା। ଗତ ବର୍ଷ ୯୪, ୦୭୯ ଜଣ ନାବାଳିକା ଏବଂ ୪, ୦୩, ୩୧୪ ଜଣ ମହିଳା ଏବଂ ଯୁବତୀ ନିଖୋଜ ହୋଇଥିଲେ। ଏମାନଙ୍କ ମଧ୍ୟରୁ ଯଥାକ୍ରମେ ୬୦, ୨୮୧ ଏବଂ ୨, ୦୫, ୯୬୯ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ■




ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /thesakalanews
- /TheSakala
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-179 ◆BHUBANESWAR ◆SUNDAY ◆24 DECEMBER 2023 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୭ ୯ ◆ଭୁବନେଶ୍ୱର ◆ରବିବାର ◆୨୪ ଡିସେମ୍ବର ୨୦୨୩ ◆ପୃଷ୍ଠା-୨୦ ◆ଟ.୬.୦୦ (ସିନ୍ଦୂରା ସହ)


## ଓଡ଼ିଶାରେ କରୋନା ସଂକ୍ରମିତ

■ ଭୁବନେଶ୍ୱର, ୨୩।୧୨ (ସମିସ): ବର୍ଷକର ବ୍ୟବଧାନ ପରେ ଓଡ଼ିଶାରେ ପୁଣି କୋଭିଡ୍ ସଂକ୍ରମଣ ଦେଖାଦେଇଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ଜଣେ ନୂଆ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର କୋଭିଡ୍ ଡ୍ୟାସ୍ ବୋର୍ଡରୁ ଏହି ସୂଚନା ମିଳିଛି। କିନ୍ତୁ ଏ ସଂପର୍କରେ ସରକାରୀସ୍ତରରେ କିଛି ସ୍ପଷ୍ଟ ▶ପୃଷ୍ଠା-୧୩

**ଜିନୋମ୍ ସିକ୍ୱେନ୍ସିଂ ପାଇଁ ଗଲା ନମୁନା**

**ମାସ୍କ ବ୍ୟବହାର କରିବାକୁ ପରାମର୍ଶ**



### ଦେଶରେ ଦିନକରେ ୭୫୨ ଚିହ୍ନଟ

■ ନୂଆଦିଲ୍ଲୀ, ୨୩।୧୨ (ଏଜେନ୍ସି): ଦିନକୁ ଦିନ କରୋନାକୁ ନେଇ ବିପଦ ଆଶଙ୍କା ବଢ଼ିବାରେ ଲାଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶର ବିଭିନ୍ନ ଭାଗରେ ୭୫୨ ନୂଆ ସଂକ୍ରମିତ ଚିହ୍ନଟ ହେବା ଘଟଣା ବିଭିନ୍ନ ମହଲରେ ଉଦବେଗ ସୃଷ୍ଟି କରିଛି। ଗତକାଲି ୩୨୮ ନୂଆ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିଲା ବେଳେ ଏଥିମଧ୍ୟରୁ କେବଳ କେରଳରୁ ୨୬୫ ମାମଲା ଚିହ୍ନଟ ହୋଇଥିଲା। କିନ୍ତୁ ▶ପୃଷ୍ଠା-୧୩

## ରାଜ୍ୟର ଡିଜିଟାଲ ଠକେଇରେ ପ୍ରଥମ ଦଣ୍ଡାଦେଶ

■ ଭୁବନେଶ୍ୱର/ବାଲେଶ୍ୱର, ୨୩।୧୨ (ସମିସ): ଦେଢ଼କୋଟିର ଡିଜିଟାଲ ଚିଟଫଣ୍ଡ ସ୍କାମ୍ ମାମଲାର ଶୁଣାଣି କରି ବାଲେଶ୍ୱର ଓପିଆଇଡି କୋର୍ଟ ଡିଜିଟାଲ ରିଭଲ୍ୟୁସନ୍ ଟେକ୍ନୋଲୋଜି ଲିମିଟେଡ୍(ଡିଆର୍‌ଟି)ର ନିର୍ଦ୍ଦେଶକ ପ୍ରିନ୍ସ କୁମାରକୁ ଦୋଷୀ ସାବ୍ୟସ୍ତ କରିବା ସହ ୭ବର୍ଷ ଜେଲ୍ ଓ ୩ଲକ୍ଷ ୩୩ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ଏକ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ କୁହାଯାଇଛି। ପ୍ରିନ୍ସଙ୍କ ବିରୋଧରେ ଆଇପିସିରେ ଠକେଇ, ଜାଲିଆତି, ଆଇ.ଟି ଆକ୍ଟ ସହ ଚିଟଫଣ୍ଡ ଅର୍ଥନୈତିକ ଅପରାଧ ଶାଖାରେ ମାମଲା ରୁଜୁ ହୋଇଥିଲା। ଏହା ଓଡ଼ିଶାର ପ୍ରଥମ ଡିଜିଟାଲ ଚିଟ୍‌ଫଣ୍ଡ ଠକେଇ, ଯେଉଁଥିରେ ଦଣ୍ଡବିଧାନ ହୋଇଛି। ପ୍ରିନ୍ସ ମେ' ୨୦୨୨ରେ ଉତ୍ତରପ୍ରଦେଶ ମୁଜାଫରପୁରରୁ ଗିରଫ ହୋଇଥିଲା। ▶ପୃଷ୍ଠା-୧୩

**ଦେଢ଼କୋଟି ଠକେଇ ମାମଲାରେ ଡିଆର୍‌ଟି ଲିମିଟେଡ୍ ନିର୍ଦ୍ଦେଶକଙ୍କୁ ୭ବର୍ଷ ଜେଲ୍**

**୩ଲକ୍ଷ ୩୩ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ**



### ୭ ଦିନରେ କୋରାପୁଟବାସୀଙ୍କୁ ମୁଖ୍ୟମନ୍ତ୍ରୀ ଦେବେ ଖୁସି ଖବର: ପାଣ୍ଡିଆନ

# ଜନସେବାରେ ଅବିଶ୍ରାନ୍ତ ମୁଖ୍ୟମନ୍ତ୍ରୀ

- କୋରାପୁଟରେ '୫-ଟି' ଅଧ୍ୟକ୍ଷଙ୍କ ବିକାଶମୂଳକ କାର୍ଯ୍ୟ ସମୀକ୍ଷା
- କୋରାପୁଟକୁ ୨ଟି ବିଶ୍ୱବିଦ୍ୟାଳୟ ଉପହାର ଦେଇଛନ୍ତି ମୁଖ୍ୟମନ୍ତ୍ରୀ
- ଅବିଭକ୍ତ କୋରାପୁଟରୁ ହୋଇଛି ଅଧିକାଂଶ ଯୋଜନାର ଶୁଭାରମ୍ଭ
- କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସ୍ଥାନାନ୍ତର ଉଦ୍ୟମକୁ ପଣ୍ଡ କରିଥିଲେ ମୁଖ୍ୟମନ୍ତ୍ରୀ
- ଜଗନ୍ନାଥ ସାଗର ସୌନ୍ଦର୍ଯ୍ୟକରଣ ପାଇଁ ଦିଆଯାଇଛି ୨୦ କୋଟି
- ୭ ଦିନରେ ଲୋକଙ୍କ ସମସ୍ୟାର ସମାଧାନ କରିଛନ୍ତି ମୁଖ୍ୟମନ୍ତ୍ରୀ



■ ଜୟପୁର/କୋରାପୁଟ, ୨୩।୧୨ (ସମିସ): ଅବିଭକ୍ତ କୋରାପୁଟ ଜିଲ୍ଲାକୁ ମୁଖ୍ୟମନ୍ତ୍ରୀ ବହୁତ ଭଲ ପାଆନ୍ତି। ଏହା ମୁଖ୍ୟମନ୍ତ୍ରୀଙ୍କର ଅତି ପ୍ରିୟ ଜିଲ୍ଲା। ମୁଖ୍ୟମନ୍ତ୍ରୀ କଥାରେ ନୁହେଁ; କାମରେ ବିଶ୍ୱାସ କରନ୍ତି। ଯାହା କହନ୍ତି, ତାହା କାମରେ କରି ଦେଖାନ୍ତି। ଏତେ ବୟସରେ ବି ଲୋକଙ୍କ ପାଇଁ ୨୪ ଘଣ୍ଟା କାମ କରୁଛନ୍ତି। କୋରାପୁଟ ଜିଲ୍ଲାକୁ ମୁଖ୍ୟମନ୍ତ୍ରୀ ଦୁଇଟି ବିଶ୍ୱବିଦ୍ୟାଳୟ ଦେଇଛନ୍ତି। କୋରାପୁଟରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ୨୦୦୭-୦୮ ▶ପୃଷ୍ଠା-୧୩

**ବିକାଶ ରୋକିବାକୁ ଚାଲିଛି ଅପପ୍ରଚାର**

### ପ୍ରବଞ୍ଚକଙ୍କୁ ଦୃଢ଼ ଜବାବ ଦିଅ

■ ଜୟପୁର/କୋରାପୁଟ, ୨୩।୧୨ (ସମିସ): କିଛି ଲୋକ ଓଡ଼ିଶାକୁ ବଦନାମ କରିବା ପାଇଁ ଉଦ୍ୟମ କରୁଛନ୍ତି। ମିଥ୍ୟାର ପାହାଡ଼ ଉପରେ ବସି ଓଡ଼ିଶାବାସୀଙ୍କୁ ଭୂଆଁ ବୁଲାଇବା ପାଇଁ ଉଦ୍ୟମ କରୁଛନ୍ତି। ହେଲେ ରାଜ୍ୟବାସୀ ସବୁ ଦେଖୁଛନ୍ତି, ସତ କ'ଣ ଲୋକେ ଭଲ ଭାବେ ଜାଣିଛନ୍ତି ଆଉ ସେହି ପ୍ରବଞ୍ଚକଙ୍କୁ ମଧ୍ୟ ଭଲ ଭାବେ ଜାଣି ସାରିଛନ୍ତି ବୋଲି କହିଛନ୍ତି '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍। ଆଜି କୋରାପୁଟ ଜିଲ୍ଲାରେ ଶ୍ରୀ ପାଣ୍ଡିଆନ୍ ୩ଟି କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଶ୍ରୀ ପାଣ୍ଡିଆନ ବିକାଶ ବିରୋଧୀଙ୍କୁ ମାରିଛନ୍ତି ତେରଛା ବାଣ। ସେ କହିଛନ୍ତି ଯେ ଆମ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ପାଇଁ ଦିନ ରାତି ପରିଶ୍ରମ ▶ପୃଷ୍ଠା-୧୩

## କଳିଙ୍ଗ ଇନ୍‌ଡୋର ଆଥ୍‌ଲେଟିକ୍ସ ଏରେନାକୁ ଗ୍ରେଡ୍-୧ ମାନ୍ୟତା



■ ଭୁବନେଶ୍ୱର, ୨୩।୧୨ (ସମିସ): ସ୍ଥାନୀୟ କଳିଙ୍ଗ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଥିବା ଦେଶର ସର୍ବବୃହତ୍ ଇନ୍‌ଡୋର ଆଥଲେଟିକ୍ସ ଏରିନାକୁ ବର୍ଗ-୧ ପ୍ରମାଣପତ୍ର ମିଳିଛି। ଦୌଡ଼କୁଦ ପାଇଁ କ୍ରୀଡ଼ା ନିୟନ୍ତ୍ରକ ସଂସ୍ଥା ବିଶ୍ୱ ଆଥଲେଟିକ୍ସ ଶନିବାର ଦକ୍ଷିଣ ଏସିଆର ଏହି ସର୍ବବୃହତ୍ ଇନ୍‌ଡୋର ଆଥଲେଟିକ ଷ୍ଟାଡିୟମକୁ ବର୍ଗ-୧ ପ୍ରମାଣପତ୍ର ପ୍ରଦାନ କରିଛି। ବିଶ୍ୱ କ୍ରୀଡ଼ା ମଞ୍ଚରେ କଳିଙ୍ଗ ସ୍ପୋର୍ଟ୍ସ କମ୍ପ୍ଲେକ୍ସର ଖ୍ୟାତିକୁ ଏକ ପ୍ରମୁଖ ସ୍ଥାନ ପ୍ରଦାନ କରିବାରେ ଏହି ମାନ୍ୟତା ଭବିଷ୍ୟତରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।

ପ୍ରଥମଥର ପାଇଁ ସ୍ଥାପନ ହୋଇଥିବା ଅତ୍ୟାଧୁନିକ ମୋଣ୍ଡୋ ଟ୍ରାକ୍‌ର ଅସାଧାରଣ ପ୍ରଦର୍ଶନ, ସ୍ଥାୟୀତ୍ୱ ଓ ଆଥ୍‌ଲେଟ ଅନୁକୂଳ ପୃଷ୍ଠଭୂମି ଏହାକୁ ଶୀର୍ଷସ୍ତରୀୟ ▶ପୃଷ୍ଠା-୧୩


ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟ
ଭାରତ ସରକାର

**ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗ**
**୨୦୨୩-୨୪ ବର୍ଷ ନିମନ୍ତେ**
**ଅନୁସୂଚିତ ଜାତିର ଛାତ୍ରଛାତ୍ରୀଙ୍କ ପାଇଁ**
**ମାଟ୍ରିକ୍ ପରବର୍ତ୍ତୀ ଉଚ୍ଚଶିକ୍ଷା ଛାତ୍ରବୃତ୍ତି ସ୍କିମ୍ ଅନ୍ତର୍ଗତ**
**୬୯ ଲକ୍ଷ ଅନୁସୂଚିତ ଜାତିର ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରବୃତ୍ତି ଘୋଷଣା କରୁଛି**

**ଯୋଗ୍ୟତା**
- ମାତା-ପିତା / ଅଭିଭାବକଙ୍କ ବାର୍ଷିକ ଆୟ ଟ.୨.୫୦ଲକ୍ଷରୁ ଅଧିକ ହୋଇ ନଥିବା ଉଚିତ୍
- ସୀକୃତି ପ୍ରାପ୍ତ ମହାବିଦ୍ୟାଳୟ / ବିଦ୍ୟାଳୟର ପାଠ୍ୟକ୍ରମରେ ପଢୁଥିବା ଛାତ୍ର

**କାର୍ଯ୍ୟପରିସର**
- ଏକାଦଶ ଶ୍ରେଣୀ ଠାରୁ ସମସ୍ତ ମାନ୍ୟତା ପ୍ରାପ୍ତ ପାଠ୍ୟକ୍ରମ।
- ହିତାଧିକାରୀଙ୍କ ଚୟନ ରାଜ୍ୟ ସରକାର / ସଂଘ ରାଜ୍ୟ କ୍ଷେତ୍ର ଦ୍ୱାରା କରାଯିବ।
- ସବୁଠାରୁ ଗରିବ ପରିବାରକୁ ପ୍ରାଥମିକତା।

**ଅଧିକାର ଯୋଗ୍ୟ**
- ବାଧ୍ୟତାମୂଳକ ଅଣ-ଫେରସ୍ତଯୋଗ୍ୟ ଦେୟ (ଟ୍ୟୁସନ ଦେୟ ସହିତ)
- ବାର୍ଷିକ ୨୫୦୦/- ଟଙ୍କା ରୁ ୧୩୫୦୦/- ଟଙ୍କା। ଏକାଡେମିକ୍ ଭତ୍ତା
- ଦିବ୍ୟାଙ୍ଗ ଛାତ୍ରଛାତ୍ରୀ (ବିଶେଷ ଭାବରେ ସକ୍ଷମ)ଙ୍କ ପାଇଁ ୧୦% ଅତିରିକ୍ତ ଭତ୍ତା

- ଛାତ୍ରଛାତ୍ରୀ ତାଙ୍କର ସମ୍ପୃକ୍ତ ରାଜ୍ୟ ଛାତ୍ରବୃତ୍ତି ପୋର୍ଟାଲରେ ଆବେଦନ କରିବା ଆବଶ୍ୟକ।
- ଛାତ୍ରଛାତ୍ରୀଙ୍କ ନିକଟରେ ବୈଧ ମୋବାଇଲ୍ ନମ୍ବର, ଆଧାର ନମ୍ବର (ୟୁଆଇଡି), ଆଧାର ସହିତ ସଂଯୁକ୍ତ ବ୍ୟାଙ୍କ ଖାତା, ଆୟ ପ୍ରମାଣ ପତ୍ର ତଥା ଜାତି ପ୍ରମାଣ ପତ୍ର ଥିବା ଆବଶ୍ୟକ।

- ସ୍କିମ୍ ନିୟମାବଳୀ ଏବଂ ବିସ୍ତୃତ ଯୋଗ୍ୟତା ମାନଦଣ୍ଡ http://socialjustice.gov.in/schemes/25 ରେ ଉପଲବ୍ଧ।

cbc 38101/11/0057/2324



ସକାଳ THE SAKALA



## ଦେବ ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକ ଉତ୍ସବ



**ଦାନଗଦି, ୨୩।୧୨(ସମିସ):** କଳିଙ୍ଗନଗର ଶିଳ୍ପାଞ୍ଚଳର କୁସୁନପୁରସ୍ଥ ଦେବ ଇଣ୍ଟରନ୍ୟାସନାଲ ସ୍କୁଲର ୧୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶନିବାର ଅପରାହ୍ନ ୩ ଘଟିକାରୁ ଏହି କର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନେଟରିୟମର ପୂର୍ବତନ ନିର୍ଦ୍ଦେଶକ ଡ ଶୁଭେନ୍ଦୁ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଶିକ୍ଷା ଓ ବିକାଶ ମୁଖ୍ୟ ରିଲିଆନ୍ସ ଜିଓ ଡ ମାନସ ରଞ୍ଜନ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ଅକ୍ସଫୋର୍ଡ ୟୁନିଭରସିଟିର ରିସୋର୍ସ ପର୍ସନ ଶ୍ରୀମତୀ ପୀତାମ୍ବରି ବାଗ୍ଲା, ଶିଶୁରୋଗ ବିଶେଷଜ୍ଞ ଡାକ୍ତର ତଥା ଦେବ ଇଣ୍ଟରନ୍ୟାସନାଲ ସ୍କୁଲର ଟ୍ରଷ୍ଟି ଡ: ପ୍ରସନ୍ନ କୁମାର ସାହୁ ଯୋଗ ଦେବା ସହ ବିଦ୍ୟାଳୟର ଅଧ୍ୟକ୍ଷ ବୁଦ୍ଧଦେବ ରାଉତ, ମୁଖ୍ୟ ପ୍ରଶାସନିକ ଅଧିକାରୀ ନିର୍ମଳ କୁମାର ରଣା, ଉପ ପ୍ରଧାନାଚାର୍ଯ୍ୟ ଆରଏନ ରୟତ ସିଂ, ଏକାଡେମିକ କୋର୍ଡିନେଟର ସୋନିଆ ବେଦୀ, ସିସିଏ ପରିଚାଳକ ବଲବୀର୍ ସିଂ ଓ ଯୋଗେନ୍ଦ୍ର କୁମାର ପଣ୍ଡା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏକାଡେମିକ କୋର୍ଡିନେଟର ସୋନିଆ ବେଦୀ ବିଦ୍ୟାଳୟ ସମ୍ବନ୍ଧରେ ବିଶେଷ ବିବରଣୀ ପ୍ରଦାନ କରିଥିଲେ। ସ୍କାଉଟ ମାଷ୍ଟର ଶ୍ରୀମନ୍ତ କୁମାର ରାୟ, ଏନ୍‌ସିସି ମାଷ୍ଟର ସୁକାନ୍ତ ପାତ୍ରଙ୍କ ଦ୍ୱାରା ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ମ୍ୟୁଜିକ ଶିକ୍ଷକ ପ୍ରିୟରଞ୍ଜନ ବାନାର୍ଜୀଙ୍କ ସହ କୁନି କୁନି ପିଲା ସ୍ୱାଗତ ଗୀତ ପରିବେଷଣ କରିଥିଲେ। ଅଧ୍ୟାପିକା ଅନାମିକା ଜଗଦୀଶ ଆଙ୍କରିଂ କରିଥିଲେ। ସତ୍ୟନାରାୟଣ ପଣ୍ଡା, ବଳବୀର ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜଳିଗଲା ୩ ଏକର ଧାନ ଫସଲ

**ଧର୍ମଶାଳା, ୨୩।୧୨(ସମିସ):** ଚାନ୍ଦପୁର ମୌଜାରେ ଥିବା ଧାନ ବିଲରେ ନିଆଁ ଲାଗି ୩ ଏକରରୁ ଉର୍ଦ୍ଧ୍ୱ ଫସଲ ନଷ୍ଟ ହୋଇଯାଇଛି। ଭୁବନ ଗ୍ରାମର ଚକ୍ରଧର ରାଉତଙ୍କ ଏହି ମୌଜାରେ ଥିବା ଏକ ଏକର ଧାନ ଫସଲ ସହିତ ତାଙ୍କ ବିଲକୁ ଲାଗି ଥିବା ଅନ୍ୟ ଦୁଇ ଏକର ଧାନ ଫସଲରେ ନିଆଁ ଲାଗିଯାଇଥିଲା। ସେ ଅନ୍ୟ ବିଲରେ ଧାନ କାଟୁଥିବା ସମୟରେ ଲୋକଙ୍କ ପାଟି ଶୁଣି ଦୌଡ଼ି ଆସି ଦେଖନ୍ତି ତ ତାଙ୍କ ଧାନ ଫସଲ ହୁତୁ ହୁତୁ ହୋଇ ଜଳୁଛି। ତାଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ବିଲ ନିକଟରେ ଥିବା ଭିକାରୀ ରଥଙ୍କ ବିଲରେ ଭିକାରୀ ରଥ ଓ ତାଙ୍କ ସହଯୋଗୀ ପାଣ୍ଡା ପରିଡ଼ା ନଡ଼ା ପୋଡୁଥିବା ସମୟର ନିଆଁ ଅନ୍ୟ ଚାଷ ଜମିକୁ ବ୍ୟାପି ଯାଇଥିଲା। ଏ ନେଇ ଶ୍ରୀ ରାଉତ ଧର୍ମଶାଳା ଥାନାରେ ଅଭିଯୋଗ ପରେ ଉଭୟ ପକ୍ଷଙ୍କ ମଧ୍ୟରେ ଆପୋଷ ବୁଝାମଣା ହୋଇ ଥାନାରୁ ମାମଲା ପ୍ରତ୍ୟାହାର ହୋଇଛି।

## ଦିନ ଦ୍ୱିପ୍ରହରରେ ତିନୋଟି ଲୁଟ୍

**ସୁକିନ୍ଦା, ୨୩।୧୨(ସମିସ):** ସୁକିନ୍ଦା ଥାନା ଅଞ୍ଚଳରେ ଶନିବାର ଦିନରେ ତିନୋଟି ଲୁଟ୍ ହୋଇଛି। ମଙ୍ଗଳପୁର ଗ୍ରାମର ସନ୍ତୋଷ ମହାନ୍ତ, ପ୍ରତାପ ମହାନ୍ତ ଓ ଦିଗାମ୍ବର ମହାନ୍ତଙ୍କ ଘରୁ ସୁନା ଗହଣା, ନଗଦ ଟଙ୍କା ସହ ବିଭିନ୍ନ ସାମଗ୍ରୀ ଲୁଟ୍ ହୋଇଥିବା ଜଣାପଡ଼ିଛି। ଏହି ତିନୋଟି ପରିବାର ଧାନ ଫସଲ କାଟିବା ପାଇଁ କ୍ଷେତକୁ ଯାଇଥିବାବେଳେ କେହି ଦୁର୍ବୃତ୍ତ ତିନିଜଣଙ୍କ ଘରୁ ଲୁଟ୍ କରିଥିବା ଅଭିଯୋଗ ହୋଇଛି। ଖବର ପାଇ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## କାର୍ ଧକ୍କାରେ ୨ ଯୁବକ ମୃତ; ଜଣେ ଗୁରୁତର

**ଦାନଗଦି, ୨୩।୧୨(ସମିସ):** ଗତକାଲି ରାତି ପ୍ରାୟ ୧୨ଟାରେ ମିଲିଟାରୀ ଛକ ନିକଟରେ କାର୍ ଧକ୍କାରେ ୨ ଜଣ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ମୃତକ ଦ୍ୱୟ ହେଲେ ଯଖପୁରା ଥାନା ଅଞ୍ଚଳ ଦଶମାଣିଆ ଗ୍ରାମର ପାତରାଜ ପ୍ରଧାନଙ୍କ ଦୁଇ ପୁଅ ବିକାଶ ପ୍ରଧାନ (୧୮) ଓ ବିରୁ ପ୍ରଧାନ (୧୪)। ଗୁରୁତର ଆହତ ହୋଇଥିବା ଯୁବକ ଜଣକ ହେଲେ ସେହି ଗାଁର ମହେଶ୍ୱର ଦାସ। ଗତକାଲି ରାତିରେ ବାଇକ୍‌ରେ ଯାଜପୁରରୋଡ଼ରୁ ନିଜ ଘରକୁ ବିକାଶ ଓ ବିରୁ ଫେରୁଥିବାବେଳେ କାର୍ ପଛରୁ ଧକ୍କା ଦେଇଥିଲା। ବିକାଶ ଓ ବିରୁଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ବିକାଶ ଓ ବିରୁଙ୍କୁ ମୃତ ଘୋଷଣା କରିଥିଲେ।

## ବ୍ୟାଙ୍କରୁ ସୁନା ଗାଏବ ଘଟଣାରେ ଦୁଇ ଅଧିକାରୀ ନିଲମ୍ବିତ

**ବରୀ, ୨୩।୧୨(ସମିସ):** ବ୍ୟାଙ୍କ୍ ଏକ ବିଶ୍ୱସନୀୟ ସଂସ୍ଥା। ଲୋକେ ବ୍ୟାଙ୍କକୁ ଭରସା କରି ନିଜର ଗଚ୍ଛିତ ଅର୍ଥ ସୁରକ୍ଷିତ ଭାବେ ଏଠାରେ ରଖୁଥିବାବେଳେ ବିଭିନ୍ନ ସମୟରେ ଆବଶ୍ୟକ ସ୍ଥଳେ ସୁନା ଗହଣା ବନ୍ଧକ ରଖି ଋଣ ଆକାରରେ ଅର୍ଥ ନେଇଥା'ନ୍ତି। ମାତ୍ର ବରୀ ବ୍ଲକ ଅଧୀନସ୍ଥ ବାଲିଆପାଳ ଇଣ୍ଡିଆନ ବ୍ୟାଙ୍କ ଶାଖାରେ ସୁନା ବନ୍ଧକ ରଖିଥିବା ୧୧ ଜଣ ଗ୍ରାହକ ନିଜର ସୁନା ଗହଣା ମୁକୁଳେଇବାକୁ ଯାଇ ସେମାନଙ୍କ ସୁନା ନ ପାଇବାରୁ ଏହି ବ୍ୟାଙ୍କର ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗକାରୀଙ୍କ ଅଭିଯୋଗ କ୍ରମେ ଉପରିସ୍ଥ ଅଧିକାରୀ ବ୍ୟାଙ୍କରେ ପହଞ୍ଚି ଏହାର ସତ୍ୟତା ଅନୁଭବ କରିବା ପରେ ଗତ ୨୦ ତାରିଖରେ ବରୀ-ରାମଚନ୍ଦ୍ରପୁର ଥାନାରେ ଅଭିଯୋଗ କରିବା ସହ ଇଣ୍ଡିଆନ ବ୍ୟାଙ୍କ୍ ବାଲିଆପାଳର ପୂର୍ବତନ ଶାଖା ପରିଚାଳକ ଉମାକାନ୍ତ ନାୟକ, ସହକାରୀ ଶାଖା ପରିଚାଳକ ଅମିତ୍ କୁମାର ବିଶ୍ୱାଳଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିବାର ସୂଚନା ମିଳିଛି।

## ଦେଶୀମଦ ଜବତ, ଜଣେ ଗିରଫ

**ବ୍ୟାସନଗର, ୨୩।୧୨(ସମିସ):** ଶନିବାର ଦିନ ୩ଟା ସମୟରେ ଅବକାରୀ ମୋବାଇଲ ସ୍କ୍ୱାର୍ଡ ବ୍ୟାସନଗର ସନ୍ନିକଟ ତେନ୍ତୁଲିଖୁଣ୍ଟା ଛକରେ ଚଢ଼ଉ କରି ୮୦ ଲିଟର ଦେଶୀମଦ, ଏକ ବାଇକ ଜବତ କରିବା ସହିତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ମୋବାଇଲ ସ୍କ୍ୱାର୍ଡ ଇନ୍ସପେକ୍ଟର ନାରାୟଣ ବେହେରା କୋରେଇ ଥାନା ତେନ୍ତୁଲିଖୁଣ୍ଟା ଛକରେ ଚଢ଼ଉ କରିଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ବାଇକ୍‌ରେ ଦେଶୀମଦ ବିକିବାକୁ ଆସୁଥିବା ଦେଖି ଗିରଫ କରିନେଇଥିଲେ। ଏହି ଗିରଫ ବ୍ୟକ୍ତି ତେନ୍ତୁଲିଖୁଣ୍ଟା ଅଞ୍ଚଳର ମିଥୁନ ମଲ୍ଲିକ ବୋଲି ଜଣାପଡ଼ିଛି। ଏହି ଚଢ଼ଉରେ ଏସ୍‌ଆଇ କ୍ଷୀରୋଦ ସାହୁ, ଶୁଭସ୍ମିତା ପ୍ରଧାନ ସାମିଲ ଥିଲେ।

## କୋତପୁର ପ୍ରିମିୟର ଲିଗ୍, ନିମପୁର ବିଜୟୀ

**ଧର୍ମଶାଳା, ୨୩।୧୨ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ କୋତପୁର ପଞ୍ଚାୟତ ଯୁବକ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଜାଗୁଳାଇ ଖେଳ ପଡ଼ିଆରେ ଚାଲିଥିବା କୋତପୁର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ନିମପୁର ସ୍ପୋର୍ଟିଂ ବିଜୟୀ ହୋଇଛି। ନିମପୁର ୨୫ ରନ୍‌ରେ ଇଲେଭେନ ଷ୍ଟାର କରିଥିଲା। ଖେଳକୁ ସୁଜିତ ସାମଲ ଓ ବଳୟ ରଞ୍ଜନ ଜେନା ପରିଚାଳନା କରିଥିଲେ।

## ଖରସ୍ରୋତା ପୁସ୍ତକ ମେଳା ଉଦ୍‌ଘାଟିତ

# 'ପୁସ୍ତକ ପ୍ରତି ଅନୁରାଗ ସୃଷ୍ଟି କରିବାରେ ପୁସ୍ତକ ମେଳାର ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ବିଂଝାରପୁର, ୨୩।୧୨(ସମିସ)**

ବିଂଝାରପୁର ବ୍ଲକର ଫତେପୁର ପଞ୍ଚାୟତର ମଲ୍ଲିଆ ଯଜ୍ଞ ପଡ଼ିଆରେ ଖରସ୍ରୋତା ସଚେତନ ନାଗରିକ ମଞ୍ଚ ଆନୁକୂଲ୍ୟରେ ଚଳିତ ବର୍ଷ ପ୍ରଥମ ପୁସ୍ତକ ମେଳା ଉଦଘାଟିତ ହୋଇଯାଇଛି। ଏହାକୁ ବିଧାନସଭା ବାଚସ୍ପତି ଶ୍ରୀମତୀ ପ୍ରମିଳା ମଲ୍ଲିକ ଉଦ୍‌ଘାଟନ କରିଛନ୍ତି। ବାଚସ୍ପତି ଶ୍ରୀମତୀ ମଲ୍ଲିକ କହିଥିଲେ, ପୁସ୍ତକ ପ୍ରତି ପ୍ରତ୍ୟେକଙ୍କର ଅନୁରାଗ ସୃଷ୍ଟି କରିବାରେ ପୁସ୍ତକ ମେଳାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ଅବସରରେ ଖରସ୍ରୋତା ପୁସ୍ତକ ମେଳା ସମ୍ମାନ-୨୦୨୩ ଓଡ଼ିଶାର ବିଶିଷ୍ଟ ସ୍ତମ୍ଭକାର ହରେକୃଷ୍ଣ ପଣ୍ଡାଙ୍କୁ ବାଚସ୍ପତି ପ୍ରଦାନ କରିବା ସହିତ ଉପଢୌକନ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।




ନାଗରିକ ମଞ୍ଚର ସଭାପତି ପଦ୍ମାକର ଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଶ୍ରୀମତୀ ପ୍ରମିଳା ମଲ୍ଲିକ ପାଠକ ସଂଖ୍ୟା ବୃଦ୍ଧି ପାଇଁ ପୁସ୍ତକ ମେଳାର ଆବଶ୍ୟକତା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ବିଂଝାରପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ପୂର୍ବତନ ଅଧ୍ୟକ୍ଷ ନନ୍ଦକିଶୋର ସାମଲ, ପୂର୍ବତନ ଯାଜପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ସୁଶାନ୍ତ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟା ସୁନୀତା ନାୟକ, ଫତେପୁର ସରପଞ୍ଚ ମାଧବୀଲତା ସାହୁ, ଫତେପୁର ସମିତି ସଭ୍ୟା ନଳିନୀପ୍ରଭା ସାହୁ, ବାଛୋଳ ସରପଞ୍ଚ କଳ୍ପନା ବେହେରା, ସମିତିସଭ୍ୟା ପଦ୍ମିନୀ ବେହେରା, ଟିଣା ସରପଞ୍ଚ ବିଟାରଶ୍ମୀ ମଲ୍ଲିକ, କପିଳା ପଞ୍ଚାୟତ ସରପଞ୍ଚ ଦେବଦତ୍ତ ସେଠୀ ପ୍ରମୁଖ ଯୋଗ ଦେଇ ବିଂଝାରପୁର ମାଟିରେ ହେଉଥିବା ଏହି ପୁସ୍ତକମେଳା ବିଂଝାରପୁର ପାଇଁ ଗୌରବ ସୃଷ୍ଟି କରିଛି ବୋଲି କହିଥିଲେ। ସମ୍ବର୍ଦ୍ଧନାର ପ୍ରତ୍ୟୁତ୍ତରରେ ହରେକୃଷ୍ଣ ପଣ୍ଡା କହିଲେ, ଗ୍ରାମାଞ୍ଚଳର ଲେଖକ ଲେଖିକାଙ୍କୁ ପ୍ରୋତ୍ସାହିତ କରିବାରେ ଆଞ୍ଚଳିକ ସ୍ତରରେ ପୁସ୍ତକ ମେଳାର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ। ପାଠକ ସଂଖ୍ୟା ବୃଦ୍ଧି ପାଇଁ ଏହା ଏକ ଆନ୍ଦୋଳନ କହିଲେ ଅତ୍ୟୁକ୍ତି ହେବ ନାହିଁ। ଶିକ୍ଷକ ରମାକାନ୍ତ ନାୟକ କବିତା ଛଳରେ ସ୍ୱାଗତ ଭାଷଣ ଦେଇଥିଲେ। ପରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ମୁକ୍ତ ଜଣା ଅଜଣା କାର୍ଯ୍ୟକ୍ରମ ସହିତ ଆଧ୍ୟାତ୍ମିକ ଓ ଦେଶାତ୍ମବୋଧକ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଆଖପାଖର ଛାତ୍ରଛାତ୍ରୀ ଅଂଶ ଗ୍ରହଣକରିଥିଲେ। କବି ସୁରେନ୍ଦ୍ର କୁମାର ପତି ମାନପତ୍ର ପାଠ କରିଥିଲେ। ପ୍ରଦୀପ କୁମାର ଜେନା, ନାରାୟଣ ଚନ୍ଦ୍ର ଦାସ, ରବିନାରାୟଣ ସାମଲଙ୍କ ସମେତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ପୁସ୍ତକ ମେଳାରେ ପ୍ରଥମ ଦିନରେ ୫୧ଟି ବୁକ ଷ୍ଟଲ ଖୋଲା ଯାଇଥିଲା।

## ଏସ୍‌ଟିଏଫ୍‌ର ୫ଦିନିଆ ରିମାଣ୍ଡ ଶେଷ

# ରଗଡ଼ି ଜେଲ୍‌କୁ ଫେରିଲା ବୁଖାରି

**ଧର୍ମଶାଳା, ୨୩।୧୨ (ସମିସ):** ଧର୍ମଶାଳା ଥାନା ନେଉଳପୁର ପଞ୍ଚାୟତର ମିଲତନଗରରୁ ଗିରଫ ସନ୍ଦିଗ୍ଧ ଯୁବକ ସୟଦ ଇଶାନ ବୁଖାରି ୫ଦିନିଆ ରିମାଣ୍ଡରେ ଯାଇ ଆଜି ରଗଡ଼ି ଜେଲ୍‌କୁ ଫେରିଛି। ସୂଚନା ମୁତାବକ, କାଶ୍ମୀର ଅଞ୍ଚଳର ଯୁବକ ଇଶାନ ବୁଖାରି ନିଜକୁ ଜଣେ ଡାକ୍ତରର ପରିଚୟ ଦେଇ ମାଟ୍ରିମୋନିଆଲରେ ନେଉଳପୁର ଅଞ୍ଚଳର ସ୍ୱାମୀ ପରିତ୍ୟକ୍ତା ମହିଳା ସେହେନାଜ ପରବିନଙ୍କୁ ୨୦୧୭ରେ ବିବାହ କରିଥିଲା। ପରବିନ ସ୍ଥାନୀୟ ଏକ ଘରୋଇ ସ୍କୁଲରେ ଶିକ୍ଷୟିତ୍ରୀ ଭାବେ କାମ କରୁଥିବାବେଳେ ନିଜର ୬ ବର୍ଷର ଝିଅ ସହିତ ମିଲତନଗରରେ ଏକ ଭଡା ଘରେ ରହୁଥିଲେ। ସେଠାକୁ ବୁଖାରୀ ବର୍ଷ ୬ ମାସରେ ଆସି କିଛି ଦିନ ରହି ପୁଣି କେଉଁଆଡେ ପଳାଉଥିଲା। ତେବେ ବୁଖାରି ଦେଶର ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ପରିଚୟ ଦେଇ ଏକାଧିକ ବିବାହ କରିବା ସହିତ ଅନେକ ଜାଲିଆତିରେ ଲିପ୍ତ ରହିଥିଲା। ଏସଟିଏଫ ଗତ ୧୪ ତାରିଖ ରାତିରେ ବୁଖାରିକୁ ମିଲତନଗରସ୍ଥ ଭଡା ଘରୁ ଉଠାଇ ନେଇଥିଲା। ବୁଖାରିକୁ ଏସଟିଏଫ ଟିମ୍ ପଚରାଉଚରା କରିବା ପରେ ତା'ର ଆଇଏସଆଇ ଲିଙ୍କ ଥିବା ସନ୍ଦେହ କରିଥିଲା ଓ ୧୬ ତାରିଖରେ ଚଣ୍ଡିଖୋଲ କୋର୍ଟରେ ତାକୁ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାକୁ ରଗଡ଼ିସ୍ଥ ବିଚାର ବିଭାଗୀୟ ଜେଲକୁ ପଠାଇ ଦିଆଯାଇଥିଲା। ଘଟଣାର ଅଧିକ ଖୋଳତାଡ ପାଇଁ ଏସଟିଏଫ ତାକୁ ରିମାଣ୍ଡରେ ନେବାକୁ ଗତ ୧୮ ତାରିଖରେ ୭ ଦିନିଆ ରିମାଣ୍ଡ ପାଇଁ ଚଣ୍ଡିଖୋଲ କୋର୍ଟରେ ଆବେଦନ କରିଥିଲା। ବୁଖାରିକୁ ୫ଦିନିଆ ରିମାଣ୍ଡ ମଞ୍ଜୁର କରିବା ପରେ ୧୯ ତାରିଖରେ ଏସଟିଏଫ କ୍ରାଇମବ୍ରାଞ୍ଚ ପୁଲିସ ବୁଖାରିକୁ ରଗଡ଼ି ଜେଲରୁ ନେଇ ପଚରାଉଚରା କରିଥିଲା। ଆଜି ରିମାଣ୍ଡ ଅବଧି ଶେଷ ହୋଇଥିବାରୁ ସନ୍ଧ୍ୟାରେ ଚଣ୍ଡିଖୋଲ ଜେଏମଏଫସି କୋର୍ଟରେ ହାଜର କରାଇବା ପରେ ତାକୁ ପୁଣି ରଗଡ଼ିସ୍ଥ ବିଚାର ବିଭାଗୀୟ ଜେଲକୁ ପଠାଇ ଦିଆଯାଇଛି।

# ସମନ୍ୱିତ ଯୁବ ବିକାଶ ଯୋଜନାରେ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ



**ଧର୍ମଶାଳା, ୨୩।୧୨ (ସମିସ):** ଧର୍ମଶାଳା ବ୍ଲକ ପକ୍ଷରୁ ସମନ୍ୱିତ ଯୁବ ବିକାଶ ଯୋଜନାରେ ଗଡ଼ମଧୁପୁର ଓ ବଡ଼କାଏମା ଖେଳ ପଡ଼ିଆରେ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଗଡ଼ମଧୁପୁର ଖେଳ ପଡ଼ିଆରେ ଅନୁଷ୍ଠିତ ମ୍ୟାଚ୍‌କୁ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସେହିପରି ବଡକାଏମା ଖେଳ ପଡ଼ିଆରେ ଅନୁଷ୍ଠିତ ମ୍ୟାଚ୍‌ରେ ଯାଜପୁର ପ୍ରକଳ୍ପ ନିର୍ଦ୍ଦେଶକ ତଥା ଜିଲ୍ଲା ପରିଷଦ ଅଧିକାରୀ ଅଶୋକ କୁମାର ବେହୁରିଆ ଓ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଓ ଜିଲ୍ଲା ପରିଷଦ ସଭ୍ୟ ଜଳଧର ମହାନ୍ତି ଅତିଥି ଭାବେ ଯୋଗଦେଇ ଖେଳକୁ ଉଦଘାଟନ କରିଥିଲେ।

ଗଡ଼ମଧୁପୁର ଖେଳ ପଡ଼ିଆରେ ୧୬ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଆଜି ଖେଳରେ ବରମୁଣ୍ଡୁଳି କ୍ରିକେଟ କ୍ଲବ, ମା'ମଙ୍ଗଳା କ୍ରିକେଟ କ୍ଲବ, ଧବଳ କ୍ରିକେଟ କ୍ଲବ, ରାଧାମୋହନ କ୍ରିକେଟ କ୍ଲବ, ଶୋଲେଇ କ୍ରିକେଟ କ୍ଲବ, ବିସିସି ତରଞ୍ଜିଆ ଓ ମା' ପୋବଳେଇ କ୍ରିକେଟ କ୍ଲବ ବିଜୟୀ ହୋଇଥିଲେ। ଖେଳକୁ ନିକୁଞ୍ଜ ବେହେରା, ମୃତ୍ୟୁଞ୍ଜୟ ବରାଳ, କାର୍ତ୍ତିକ ଗୁରୁ ଓ ତ୍ରିଲୋଚନ ବିଶ୍ୱାଳ ପରିଚାଳନା କରିଥିଲେ। ବଡକାଏମାରେ ଅନୁଷ୍ଠିତ କ୍ରିକେଟ ମ୍ୟାଚ୍‌ରେ ୧୬ଟି ଟିମ ଅଂଶଗ୍ରହଣ କରିଥିବାବେଳେ ରାଖିପାଟଣା ଚ୍ୟାଲେଞ୍ଜ ଇଲେଭେନ, କେଡିଏମ ଉତ୍ତରପ୍ରତାପ, ରାଖିପାଟଣା କ୍ରିକେଟ କ୍ଲବ, ମା'ମଙ୍ଗଳା କ୍ରିକେଟ ଟିମ, ରାୟବାହାଦୂର କ୍ରିକେଟ ଟିମ, ଅରେଇକଣା କ୍ରିକେଟ କ୍ଲବ, ରାଇଜିଂ ଷ୍ଟାର ୟୁଥ କ୍ଲବ, ଉଦୟବ୍ରତ କ୍ରିକେଟ ଟିମ ପ୍ରମୁଖ ବିଜୟୀ ହୋଇଥିଲେ। ଖେଳକୁ ନାରାୟଣ ପାଳ ଓ ଇନ୍ତେକାବ ଆଲମ ପରିଚାଳନା କରିଥିଲେ। ଜେନାପୁର ହାଇସ୍କୁଲ ଖେଳ ପଡ଼ିଆରେ ଉଭୟ ମହିଳା ଓ ପୁରୁଷ ଦଳ ଖୋଖୋ, କବାଡି ଓ ପୁରୁଷ ଫୁଟବଲ ଖେଳ ଅନୁଷ୍ଠିତ ହେବ। ଧର୍ମଶାଳା ମହାବିଦ୍ୟାଳୟ ଖେଳ ପଡ଼ିଆରେ ପୁରୁଷ ବିଭାଗ ଭଲିବଲ ଅନୁଷ୍ଠିତ ହେବ ବୋଲି ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ସୂଚନା ଦେଇଛନ୍ତି।

## ବାଇକ୍ ଧକ୍କାରେ ଶିଶୁପୁତ୍ର ମୃତ

**ସୁକିନ୍ଦା, ୨୩।୧୨(ସମିସ):** ସୁକିନ୍ଦା-ଅଶୋକଝର ରାସ୍ତାରେ ଏକ ବାଇକ୍ ଧକ୍କାରେ ଏକ ୪ ବର୍ଷର ଶିଶୁପୁତ୍ରର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଲେମ୍ବୋ ପଞ୍ଚାୟତର ହରିଡାବାହାଲି ଗ୍ରାମ କର୍ଣ୍ଣ ମହାନ୍ତଙ୍କ ଶିଶୁପୁତ୍ର ପ୍ରଭାକର ମହାନ୍ତ(୪) ଘର ସାମ୍ନା ରାସ୍ତା ପାର ହେଉଥିବାବେଳେ ଏକ ଦ୍ରୁତଗାମୀ ବାଇକ୍ ଦୁର୍ଘଟଣା ଘଟାଇ ଫେରାର ହୋଇଯାଇଥିଲା। ପରିବାର ଲୋକେ ଶିଶୁପୁତ୍ରକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଶିଶୁଟିର ଅବସ୍ଥା ଗୁରୁତର ଥିବାରୁ ଡାକ୍ତର କଟକ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିଲେ।

## ସମିତିସଭ୍ୟଙ୍କ ଅକାଳ ବିୟୋଗ



**ସୁକିନ୍ଦା, ୨୩।୧୨(ସମିସ):** ସୁକିନ୍ଦା ପଞ୍ଚାୟତ ସମିତିସଭ୍ୟ ଦୁଃଶାସନ ମୁଣ୍ଡାଙ୍କ ଶନିବାର ପୂର୍ବାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଦୁଃଶାସନଙ୍କ ମୃତଦେହ ପଥରକଟା ସାହିରେ ପହଞ୍ଚିବା ପରେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ବିଜେଡି ଦଳୀୟ ପତାକା ପକାଇ ସମ୍ମାନ ଦିଆଯାଇଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ସରପଞ୍ଚ, ବ୍ଲକ ଅଧ୍ୟକ୍ଷ, ଜିଲ୍ଲା ପରିଷଦ ସଭ୍ୟଙ୍କ ସମେତ ବହୁ ବିଜେଡି କର୍ମୀ ଶୋକ ପ୍ରକାଶ କରିଛନ୍ତି।

## ବେଆଇନ ବାଲିଘାଟ ବନ୍ଦ କରିବା ନେଇ ମୁହାଁମୁହିଁ

**ଷଠିପୁର, ୨୩।୧୨(ସମିସ):** ବ୍ୟାସନଗର ତହସିଲ ଅନ୍ତର୍ଗତ ମୂଳାପାଳ ପଞ୍ଚାୟତର ଧନତ୍ରୀ ବାଲିଘାଟରୁ ବେଆଇନ ବାଲି ଉଠାଣକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହେବା ସହ ପରିସ୍ଥିତ ଉତ୍ତେଜନାପୂର୍ଣ୍ଣ ରହିଛି। ଫଳରେ ଘଟଣାସ୍ଥଳରେ ପୁଲିସ ମୁତୟନ ହୋଇଛି। ମୂଳାପାଳ ପଞ୍ଚାୟତର ରଣପାଳ ବାଲିଘାଟରୁ ବାଲି ଉଠାଣ ହେଉଥିବାବେଳେ ଧନତ୍ରୀ ବାଲି ଘାଟରୁ ବେଆଇନ ବାଲି ଚାଲାଣ କରାଯାଉଥିବା ଅଭିଯୋଗ ଜିଲ୍ଲା ପ୍ରଶାସନ ପାଖରେ ଲିଙ୍ଗେଶ୍ୱର ଉନ୍ନୟନ କମିଟି ପକ୍ଷରୁ କରାଯାଇଥିଲା। ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଆଜି ଅପରାହ୍ନରେ ଲିଙ୍ଗେଶ୍ୱର ବାଲି ଘାଟ ରାସ୍ତାଦେଇ ଧନତ୍ରୀ ବାଲିଘାଟ ବାଲି ଉଠାଣକୁ ଗ୍ରାମାବସୀ ବିରୋଧ କରିଥିଲେ। ଫଳରେ ଉଭୟ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ।

## ପ୍ଲାଟିନମ୍ କପ୍ କ୍ରିକେଟ୍ ଉଦଘାଟିତ

**ଶଙ୍ଖଚିଲା, ୨୩।୧୨ (ସମିସ):** ଶଙ୍ଖଚିଲା ହିଙ୍ଗୁଳା ହାଇସ୍କୁଲର ପୁରାତନ ଛାତ୍ର ସଂଘ ପକ୍ଷରୁ ଆୟୋଜିତ ଦୁଇଦିନିଆ ଦିବାରାତ୍ର ପ୍ଲାଟିନମ୍ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆଜି ସକାଳ ୮ ଘଟିକା ସମୟରେ ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକାରୀ ସଭାପତି ଶ୍ରୀଧର ଦାସ ଓ ଉପସଭାପତି ଶ୍ରୀ ପତି ପତାକା ହଲାଇ ଉଦ୍‌ଘାଟନ କରିଥିବାବେଳେ କ୍ରିକେଟ ପଡ଼ିଆରେ ସମସ୍ତ ଖେଳାଳିଙ୍କୁ ପଦ୍ମନାଭ ରାୟ ସ୍ୱାଗତ୍ କରିଥିଲେ। ଖେଳକୁ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପୂର୍ବତନ ପ୍ରଧାନ ଶିକ୍ଷକ ତଥା ହିଙ୍ଗୁଳା କମିଟି ସଭାପତି କୃଷ୍ଣଚନ୍ଦ୍ର ସାହୁ ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିବା ସହ ଅବସରପ୍ରାପ୍ତ ଶିକ୍ଷକ ବାଇଧର ପୋଥାଳ ୨୦୨୨ ଓ ୨୦୨୩ ବ୍ୟାଚ୍ ମ୍ୟାଚ୍ ଉଦ୍‌ଘାଟନ କରିଥିଲେ। ଏହି ଭାଇଚାରା ଓ ବନ୍ଧୁତ୍ୱପୂର୍ଣ୍ଣ ଚର୍ଚ୍ଚିତ ପ୍ଲାଟିନମ୍ କପ୍‌ରେ ଗୋଟିଏ ବିଦ୍ୟାଳୟରୁ ୩୬ଟି ପୁରାତନ ଛାତ୍ର କ୍ରିକେଟ୍ ଖେଳୁଥିବାରୁ ଏହା ସାରା ଶଙ୍ଖଚିଲା ପାଇଁ ଗଣପର୍ବ ଭାବେ ବିବେଚନା କରାଯାଉଛି। ଏ ସମସ୍ତ କାର୍ଯ୍ୟକ୍ରମକୁ ସଂଗଠନ ସମ୍ପାଦକ ସୌମ୍ୟବ୍ରତ ସାହୁ, ଯୁଗ୍ମ ସମ୍ପାଦକ ଅକ୍ଷୟ କୁମାର ଜେନା, କୋଷାଧ୍ୟକ୍ଷ ରଘୁନାଥ ସାହୁ, ଡାଃ ଆଦିତ୍ୟ କୁମାର ସାହୁ, ଭଗବାନ ମଲ୍ଲିକ, ସମ୍ପାଦକ ବିନୋଦ ବିହାରୀ ସାହୁ ପ୍ରମୁଖ ପରିଚାଳନା କରିଥିଲେ।



# ୨୫ରୁ ଧର୍ମଶାଳା ମହୋତ୍ସବ




**ଧର୍ମଶାଳା, ୨୩।୧୨ (ସମିସ)**

ରାଜ୍ୟର ପ୍ରମୁଖ ମହୋତ୍ସବ ଭାବେ ପରିଗଣିତ ହେଉଥିବା ଧର୍ମଶାଳା ମହୋତ୍ସବ ପ୍ରତିବର୍ଷ ଭଳି ଚଳିତଥର କଳେବର ବୃଦ୍ଧି ପାଇଛି। ଚଳିତ ମାସ ୨୫ ତାରିଖରୁ ଆରମ୍ଭ ହୋଇ ଆସନ୍ତା ଜାନୁଆରୀ ୫ ତାରିଖରେ ଶେଷ ହେବ। ଏ ନେଇ ଆଜି ଜାରକାଠାରେ ଧର୍ମଶାଳା ମହୋତ୍ସବ ପୂଜା କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ସଭାପତି ଜଳଧର ମହାନ୍ତି ସୂଚନା ଦେଇ କହିଲେ, ଉତ୍ସବକୁ ବିଜ୍ଞାନ ପ୍ରଯୁକ୍ତିବିଦ୍ୟା ଓ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିବେ। ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗ ଦେବେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା, ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ସମ୍ମାନିତ ଅତିଥି ଭାବେ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ, ଧର୍ମଶାଳା ବିଧାୟକ ଓ ବ୍ଲକ ଅଧ୍ୟକ୍ଷ ଯୋଗ ଦେବେ ବୋଲି କହିଥିଲେ। ୧୧ ଦିନ ବ୍ୟାପି ଚାଲିବାକୁ ଥିବା ଏହି ମହୋତ୍ସବର ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଚଳିତ ଥର ସାଂସ୍କୃତିକ ମଞ୍ଚରେ ଇରା ମହାନ୍ତି, ମଣ୍ଟୁ ଛୁରିଆ, ପ୍ରଭୁ ପାଦ, ଅର୍ପିତା ଚୌଧୁରୀ ଓ ସୋମନାଥ ପ୍ରମୁଖ ପ୍ରସିଦ୍ଧ କଣ୍ଠ ଶିଳ୍ପୀ ଯୋଗଦେବେ। ପାଖାପାଖି ୫ଶହ ବିଭିନ୍ନ ଷ୍ଟଲ୍ ଓ ବ୍ୟବସାୟୀ ଯୋଗଦେବେ ବୋଲି ସମ୍ପାଦକ ସତ୍ୟପ୍ରିୟ ମହାନ୍ତି କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ସହସମ୍ପାଦକ ଆନନ୍ଦ ବିହାରୀ ନାୟକ, କୋଷାଧ୍ୟକ୍ଷ ସୁଦୀପ୍ତ ସ୍ୱାଇଁ, ବରିଷ୍ଠ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଶତପଥୀ, କ୍ଷୀରୋଦ ଚନ୍ଦ୍ର ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

## ବିଏମ୍‌ସିସିକୁ ହରାଇ କେଡିଏମ୍ ଫାଇନାଲରେ

**ବ୍ରହ୍ମବରଦା, ୨୩।୧୨(ସମିସ):** ରସୁଲପୁର ବ୍ଲକ ବ୍ରହ୍ମବରଦା ପଞ୍ଚାୟତ ହାଜିରହିମିଆଁ ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ବିଏମସିସି-ଗୋଲକୁଣ୍ଡକୁ ହରାଇ କେଡିଏମ, ଜାରକା ଫାଇନାଲରେ ପ୍ରବେଶ କରିଛି। ୟାଙ୍ଗଷ୍ଟାର କ୍ରିକେଟ କ୍ଲବ ସଭାପତି ରାକେଶ ଦେଓ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ଅନ୍ୟ ଅତିଥି ଭାବେ ସମାଜସେବୀ ପ୍ରଫୁଲ୍ଲ କୁମାର ଗିରି, ଯୁବନେତା ପ୍ରଶାନ୍ତ ରାଉତ, ଅମୂଲ୍ୟ ରାଉତ, ଜୁଲଫୁକାର ଅଲ୍ଲୀ ଖାନ, ଚିତ୍ତରଞ୍ଜନ ରାଉତ ଓ ଶରତ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ। ବିଏମସିସି-ଗୋଲକୁଣ୍ଡ ପ୍ରଥମେ ବ୍ୟାଟିଂ କରି ୬୭ ରନ୍ କରିଥିଲା। ଜବାବରେ କେଡିଏମ ୮ ଓଭରରେ ୧ ୱିକେଟ୍ ହରାଇ ଆବଶ୍ୟକ ୬୮ ରନ୍ କରି ବିଜୟୀ ହୋଇଥିଲା।

## ଗ୍ରୀଲ୍ ତାଡ଼ି କଳାକନା ବୁଲାଇଲେ ଦୁର୍ବୃତ୍ତ

**ବ୍ୟାସନଗର, ୨୩।୧୨(ସମିସ):** ବ୍ୟାସନଗର ନୀଳାଚଳ କଲୋନୀରୁ ଦୁର୍ବୃତ୍ତମାନେ ଘରର ଝରକା ଭାଙ୍ଗି ଘରେ ପସି ଆଲମାରୀ ଭାଙ୍ଗି ଲକ୍ଷାଧିକ ଟଙ୍କା ଓ ପ୍ରାୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଗହଣା ଚୋରି କରିନେଇଛନ୍ତି। ଏ ନେଇ ଘରମାଲିକ ଦୀପକ ଚୌଧୁରୀ ଶୁକ୍ରବାର ଯାଜପୁରରୋଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଯାଜପୁରରୋଡ଼ ପୁଲିସ ଘଟଣାସ୍ଥଳକୁ ଯାଇ ବିଭିନ୍ନ ଦିଗପ୍ରତି ଅନୁଧ୍ୟାନ କରିବା ସହ ପାରିପାର୍ଶ୍ୱିକ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଥାନାଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ ଘଟଣାସ୍ଥଳରେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ଘଟଣାର ତଦନ୍ତ କରୁଥବା କହିଛନ୍ତି।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ କିରଣବାଳା ସାହୁ
ଭୀମସେନ କଲୋନୀ, (ସନ୍ତ୍ରୀଛକ ),
ବୁଢାପଙ୍କ, ବଉଁରପାଳ, ଅନୁଗୋଳ
ଆବିର୍ଭାବ: ୧୩.୦୮.୧୯୬୨
ତିରୋଧାନ: ୧୪.୧୨.୨୦୨୩
ତୁମର ଅମର ପୁଣ୍ୟ ଆତ୍ମାକୁ ଗଭୀର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି, ଜଗତରନାଥ ପ୍ରଭୁ ଶ୍ରୀ ଜଗନ୍ନାଥ ତୁମର ଆତ୍ମାକୁ ଶାନ୍ତି ପ୍ରଦାନ କରିବା ସହିତ ସଦ୍‌ଗତି ପ୍ରଦାନ କରନ୍ତୁ ବୋଲି ଆମର ବିନମ୍ର ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ସ୍ୱାମୀ - ରାମଚନ୍ଦ୍ର ସାହୁ,
ନାତି- ରୁଦ୍ରାଂଶ, ପୁତ୍ର ପୁତ୍ରବଧୂ,
ପରିବାର ଓ ବନ୍ଧୁ ବର୍ଗ

## ସରଗିଫୁଲ ମହୋତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

# ନିଜ ପ୍ରତିଭା ଚିହ୍ନ, ପିତାମାତାଙ୍କ ସ୍ୱପ୍ନ ସାକାର କର




**ଭୁବନେଶ୍ୱର, ୨୩।୧୨(ସମିସ):** ପ୍ରତି ପିଲାଙ୍କ ଭିତରେ ପ୍ରତିଭା ଭରି ରହିଛି। ତେଣୁ ତୁମେମାନେ ଭଲ ପାଠ ପଢ଼ି ପିତାମାତାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ପରିଶ୍ରମ କର। ଦେଖିବ, ତୁମ ପ୍ରତିଭାର ସୁରଭି ସମସ୍ତେ ଅନୁଭବ କରିବେ। ଲୋକସେବା ଭବନର ସମ୍ମିଳନୀ କକ୍ଷରେ ରାଜ୍ୟ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଅଧୀନରେ ଥିବା ବିଦ୍ୟାଳୟ ପିଲାମାନଙ୍କ ପାଇଁ ଆୟୋଜିତ ସରଗିଫୁଲ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଛାତ୍ରଛାତ୍ରୀମାନଙ୍କୁ ଏଭଳି ଆହ୍ୱାନ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପିଲାମାନେ ନିଜ ପ୍ରତିଭାକୁ ଜାଣି ଆଗକୁ ବଢ଼ିବା ପାଇଁ ଉଦ୍ୟମ କରିବା ଆବଶ୍ୟକ। ଏପରି ହେଲେ ପ୍ରତ୍ୟେକ ପିଲା ଜୀବନରେ ଜଣେ ଜଣେ ସଫଳ ମଣିଷ ହୋଇପାରିବେ। ଜ୍ଞାନ ଓ ଅଭିଜ୍ଞତା ବୃଦ୍ଧି ସହ ପ୍ରତିଭାର ପ୍ରଦର୍ଶନ ପାଇଁ ଆୟୋଜିତ ହେଉଥିବା ସରଗିଫୁଲ ବହୁତ ଭଲ କାର୍ଯ୍ୟକ୍ରମ। ପିଲାମାନେ ସରଗିଫୁଲ ପାଇଁ ଭୁବନେଶ୍ୱର ଆସିଛନ୍ତି। ଭୁବନେଶ୍ୱରର ବିଭିନ୍ନ ଐତିହ୍ୟ ସ୍ଥାନ ଓ ଅନ୍ୟ ପର୍ଯ୍ୟଟନ ସ୍ଥଳ ମଧ୍ୟ ବୁଲି ଦେଖୁଛନ୍ତି। ଏହାଦ୍ୱାରା ସେମାନଙ୍କର ଜ୍ଞାନ ଓ ଅଭିଜ୍ଞତା

- **'ଗୁଣାତ୍ମକ ଶିକ୍ଷା ପାଇଁ ସରକାର ସବୁ ବ୍ୟବସ୍ଥା କରିଛନ୍ତି'**
- **'ବିଦ୍ୟାଳୟକୁ ନିଜ ଘର ଓ ସହପାଠୀଙ୍କୁ ପରିବାର ଭଳି ଦେଖ'**

ବଢୁଛି। ସେମାନଙ୍କ ଭବିଷ୍ୟତ ପାଇଁ ଏହା ଖୁବ୍ ଭଲ ଉଦ୍ୟମ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ଆଗକୁ ବଢ଼ିବାର ମୁଖ୍ୟ ରାସ୍ତା ହେଉଛି ଶିକ୍ଷା। ବିଜ୍ଞାନ, ସାହିତ୍ୟ ସହ ଆମେ ଆମ ରାଜ୍ୟ, ଦେଶ, ଆମ ସଂସ୍କୃତି ସମ୍ପର୍କରେ ମଧ୍ୟ ଜାଣିବା ଦରକାର। ନିଜର ପ୍ରତିଭାକୁ ଚିହ୍ନି ଆଗକୁ ବଢ଼ିବା ପାଇଁ କାମ କଲେ ଆମେ ନିଶ୍ଚୟ ସଫଳ ହେବା। ଜନଜାତି ବିଦ୍ୟାଳୟର ପିଲାମାନଙ୍କ ପାଇଁ ରାଜ୍ୟ ସରକାର ଅନେକ ଯୋଜନା କରିଛନ୍ତି। ପିଲାମାନଙ୍କ ପାଇଁ କମ୍ପ୍ୟୁଟର ଶିକ୍ଷା, ସ୍ୱାସ୍ଥ୍ୟ ପରୀକ୍ଷା, ମାତୃଭାଷାରେ ଶିକ୍ଷାଦାନ ଆଦି ଅନେକ ପଦକ୍ଷେପ ନିଆଯାଇଛି।

ବିଦ୍ୟାଳୟକୁ ଘର ସହ ତୁଳନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସ୍କୁଲ ତୁମ ନିଜ ଘର ଭଳି, ସହପାଠୀମାନେ ତୁମ ପରିବାରର ସଦସ୍ୟ ପରି। ସେଥିପାଇଁ ରାଜ୍ୟ ସରକାର ସେମାନଙ୍କ ପିତାମାତାଙ୍କୁ ସ୍କୁଲର ଅଂଶୀଦାର (ପାର୍ଟନର) କରିଛନ୍ତି। ତେଣୁ ପିଲାମାନେ ଖୁସିରେ ପାଠ ପଢ଼ିବା ଉଚିତ।

ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା କହିଥିଲେ ଯେ ପିଲାଙ୍କ ପ୍ରତିଭାର ପ୍ରସ୍ଫୁଟନ ଓ ବିକାଶ ପାଇଁ ସରଗିଫୁଲ ବହୁତ ସୁନ୍ଦର କାର୍ଯ୍ୟକ୍ରମ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଥିଲେ, ଜନଜାତି ପିଲାଙ୍କ ଶିକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ସବୁପ୍ରକାର ବ୍ୟବସ୍ଥା କରିଛନ୍ତି। କମ୍ପ୍ୟୁଟର ସହିତ ଇଂରାଜୀ ଭାଷାରେ ଶିକ୍ଷାଦାନ ବ୍ୟବସ୍ଥା କରିଛନ୍ତି। ଆଦିବାସୀମାନଙ୍କୁ ଜଙ୍ଗଲ ଜମି ଉପରେ ଅଧିକାର ଦେଇଛନ୍ତି। ସଂସ୍କୃତିର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଛନ୍ତି।

ବିଭାଗୀୟ ସଚିବ ରୂପା ରୋଶନ୍ ସାହୁ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ ପିଲାଙ୍କ ବ୍ୟକ୍ତିତ୍ୱରେ ସର୍ବାଙ୍ଗୀନ ବିକାଶ ପାଇଁ ଗତ ୧୪ ବର୍ଷ ଧରି ସରଗିଫୁଲ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏବର୍ଷ ପ୍ରଥମଥର ପାଇଁ ଜୋନାଲ ସ୍ତରରେ କାର୍ଯ୍ୟକ୍ରମ କରାଯାଇ ରାଜ୍ୟ ସ୍ତରରେ ପୁରସ୍କାର ପ୍ରଦାନ କରାଯାଉଛି। ପିଲାମାନଙ୍କ ଆଧୁନିକ ଶିକ୍ଷା ପାଇଁ ୩୦୦ଟି ଆଇସିଟି ଏବଂ ଟିଙ୍କେରିଂ ଲ୍ୟାବ୍ ପ୍ରତିଷ୍ଠା କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସେଥିମଧ୍ୟରୁ ୧୦୦ଟି ଲ୍ୟାବ୍ ପ୍ରସ୍ତୁତ ହୋଇ ସାରିଛି। ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣୀ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ଓଡ଼ିଶାର ପୂର୍ବତନ ରାଜ୍ୟପାଳ ଏମ୍. ଏମ୍ ରାଜେନ୍ଦ୍ରନଙ୍କ ପରଲୋକ

**ଭୁବନେଶ୍ୱର, ୨୩।୧୨(ସମିସ):** ଓଡ଼ିଶାର ପୂର୍ବତନ ରାଜ୍ୟପାଳ ଏମ ଏମ ରାଜେନ୍ଦ୍ରନଙ୍କ ଶନିବାର ପରଲୋକ ହୋଇଛି। ଚେନ୍ନାଇସ୍ଥିତ ଆପୋଲୋ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ରାଜେନ୍ଦ୍ରନ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୮୮ ବର୍ଷ ହୋଇଥିଲା। ରାଜେନ୍ଦ୍ରନ ୧୯୯୯ରୁ ୨୦୦୪ ପର୍ଯ୍ୟନ୍ତ ଓଡ଼ିଶାର ରାଜ୍ୟପାଳ ରହିଥିଲେ। ରାଜ୍ୟପାଳ ଭାବେ ତାଙ୍କ କାର୍ଯ୍ୟାଳୟରେ ସେ



ଓଡ଼ିଶାର ୩ ମୁଖ୍ୟମନ୍ତ୍ରୀଙ୍କ ସହ କାର୍ଯ୍ୟ କରିଥିଲେ ଏବଂ ସମସ୍ତଙ୍କ ସହ ତାଙ୍କର ସୁସମ୍ପର୍କ ରହିଥିଲା । ଏହାବ୍ୟତୀତ ଜନ ସାଧାରଣରେ ମଧ୍ୟ ତାଙ୍କର ଲୋକପ୍ରିୟତା ରହିଥିଲା। ଓଡ଼ିଶା ରାଜ୍ୟପାଳ ଭାବେ ନିଯୁକ୍ତ ହେବା ପୂର୍ବରୁ ରାଜନ୍ଦ୍ରେନ୍ ତାମିଲନାଡୁର ମୁଖ୍ୟ ଶାସନ ସଚିବ ଥିଲେ। ସେ ୧୯୫୭ ଆଇଏଏସ୍ ଟପ୍ପର ମଧ୍ୟ ଥିଲେ । ରାଜେନ୍ଦ୍ରନଙ୍କ ପରଲୋକ ଖବର ପାଇବା ପରେ ଓଡ଼ିଶା ରାଜ୍ୟପାଳ ରଘୁବର ଦାସ ଗଭୀର ଦୁଃଖ ପ୍ରକାଶ କରିବା ସହିତ ତାଙ୍କ ପରିବାରଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

**ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଶୋକ**

ମଧ୍ୟ ରାଜେନ୍ଦ୍ରନଙ୍କ ପରଲୋକରେ ଶୋକବ୍ୟକ୍ତ କରି ତାଙ୍କ ପରିବାର ସଦସ୍ୟଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ତାଙ୍କର ସେବା ଓ ସମର୍ପଣ ଭାବକୁ ଓଡ଼ିଶାବାସୀ ସର୍ବଦା ମନେରଖିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟପାଳ ଭାବେ ରାଜେନ୍ଦ୍ରନ ନବୀନଙ୍କୁ ପ୍ରଥମ ପାଳିରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ପାଠ କରାଇଥିଲେ।

## ■ ପଟାଟାଙ୍ଗର ଛକରେ ଦୁର୍ଘଟଣା

# ମାଇଁର ଶୁଦ୍ଧିକ୍ରିୟାକୁ ଆସିଥିବା ଭଣଜା ମୃତ

**ତେଲକୋଇ,୨୩।୧୨(ସମିସ):** କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୪୯ନମ୍ବର ଜାତୀୟ ରାଜପଥ ଆଜି ପୁଣି ଜଣଙ୍କ ମୁଣ୍ଡ ନେଇଛି। ମୃତକ ହେଲେ, ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ଜେନାପଶି ଗ୍ରାମର ବିଷ୍ଣୁ ବୋଇତା(୩୨)। ମାଇଁଙ୍କ ଶୁଦ୍ଧିକ୍ରିୟାରେ ଯୋଗ ଦେବାକୁ ସେ ତେଲକୋଇ ଥାନା ଜଗମୋହନପୁର ପଞ୍ଚାୟତ ପଟାଟାଙ୍ଗର ଗାଁସ୍ଥିତ ମାମୁଘରକୁ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ଜଗମୋହନପୁର ନିକଟ ପଟାଟାଙ୍ଗର ଛକରେ ଏକ ଟ୍ରକ୍ ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଏହାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ରାଜପଥ ଅବରୋଧ କରିବାରୁ ଟ୍ରାଫିକ୍ ସମସ୍ୟା ଦେଖାଦେଇଥିଲା। ତେଲକୋଇ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବିକ୍ଷୋଭକାରୀଙ୍କୁ ବୁଝାସୁଝା କରିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା ଓ ଯାତାୟାତ ସ୍ୱାଭାବିକ ହୋଇଥିଲା। ପୁଲିସ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରି ତଦନ୍ତ ଚଳାଇଛି। ଟ୍ରକ୍‌ର ଚାଳକ ଫେରାର୍ ହୋଇଯାଇଥିବା ଜଣାଯାଇଛି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମୃତ ବିଷ୍ଣୁଙ୍କ ବାଇକ୍‌ରେ ତାଙ୍କ ଗ୍ରାମର ଅନ୍ୟ ଜଣେ ଯୁବକ ଥିଲେ। କିନ୍ତୁ ଦୁର୍ଘଟଣା ପରଠାରୁ ତାଙ୍କର ପତ୍ତା ମିଳୁନାହିଁ। ସେହିପରି ୪୯ନମ୍ବର ଜାତୀୟ ରାଜପଥ ଶିଙ୍କୁଳା ବାହାଳ ଛକରେ ଆଉ ଏକ ଟ୍ରକ୍ ଧକ୍କାରେ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ସେ ହେଲେ, ସେହି ଗ୍ରାମର ମହେନ୍ଦ୍ର ନାୟକ (୪୫)। ଗୁରୁତର ମହେନ୍ଦ୍ରଙ୍କୁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ପୁଣି ସାଂସଦ ମାନସଙ୍କ ଆହ୍ୱାନ

# ଆପଣ ବୁଝିଲେ, ଅନ୍ୟମାନଙ୍କୁ ବୁଝାନ୍ତୁ

**ଭୁବନେଶ୍ୱର,୨୩।୧୨(ସମିସ):** ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ତଥା ବ୍ଲଗର୍ କାମିଆ ଜାନିଙ୍କୁ ନେଇ ରାଜ୍ୟ ବିଜେପିର ହୀନ ରାଜନୀତି ଜାରି ରହିଛି। ପରିକ୍ରମା ପ୍ରକଳ୍ପର ସଫଳତା ତଥା ବ୍ୟାପକତାକୁ ସହି ନ ପାରି ଉଦ୍ଦେଶ୍ୟମୂଳକ ଭାବେ ବିଜେପି ଅପ୍ରସଙ୍ଗକୁ ପ୍ରସଙ୍ଗ କରି ବିବାଦ ସୃଷ୍ଟି କରିବାକୁ ଉଦ୍ୟମ କରୁଛି। ଏହି ସମୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଣମାଧ୍ୟମରେ ସବୁ ସନାତନୀଙ୍କ ପାଇଁ ମହାପ୍ରଭୁ ଜଗନ୍ନାଥ ଅତ୍ୟନ୍ତ ଶ୍ରଦ୍ଧାର କେନ୍ଦ୍ର ଓ ଜନଭାବନାକୁ ଆଘାତ ଦେବା ଭଳି କାର୍ଯ୍ୟ କେହି ନକରିବା ଉଚିତ୍ ବୋଲି ଟିପ୍ପଣୀ ଦେଇଛନ୍ତି।

### ଓଡ଼ିଆଙ୍କ ଭାବାବେଗ ସହ ଖେଳୁଥିବା ଆପଣଙ୍କ ଲୋକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ



ଶ୍ରୀ ପ୍ରଧାନଙ୍କ ଏହି ଟିପ୍ପଣୀକୁ ତାଙ୍କରି ଆଡ଼କୁ ଠେଲିଛନ୍ତି ବିଜେଡି ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଶ୍ରୀ ମଙ୍ଗରାଜ ଧର୍ମେନ୍ଦ୍ରଙ୍କ ଉଦ୍ଦେଶ୍ୟରେ କହିଛନ୍ତି ଯେ ଆପଣ ଡେରିରେ ହେଉ ପଛେ ଠିକ୍ କଥା କହିଛନ୍ତି। ମହାପ୍ରଭୁ ଶ୍ରୀ ଜଗନ୍ନାଥ ହେଉଛନ୍ତି ଓଡ଼ିଶା ତଥା ଓଡ଼ିଶା ବାହାରେ ରହୁଥିବା ସଭିଙ୍କର ଆଧ୍ୟାତ୍ମିକତାର ପ୍ରାଣକେନ୍ଦ୍ର। ହେଲେ ଆପଣଙ୍କ ଦଳର କିଛି ନେତା ଗତ ଦୁଇ-ତିନି ଦିନ ଧରି ଓଡ଼ିଶାକୁ ଏବଂ ଶ୍ରୀକ୍ଷେତ୍ରକୁ ବଦନାମ କରିବାକୁ ଯେଉଁ ଅପଚେଷ୍ଟା କରିଛନ୍ତି ତାକୁ ସଭିଏଁ ଦେଖିଛନ୍ତି। ଫେକ ନ୍ୟୁଜ୍ ଜରିଆରେ ଲୋକଙ୍କ ଭାବାବେଗ ସହ ଖେଳିଥିବା ରାଜ୍ୟ ବିଜେପିର ଏହି ନେତାଙ୍କ ବିରୋଧରେ ଆପଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ମୁଁ ଆଶା କରୁଛି।

ଏନେଇ ଶ୍ରୀ ମଙ୍ଗରାଜ ଆହୁରି ମଧ୍ୟ କହଛନ୍ତି ଯେ ଯେଉଁ ମହିଳା ସୋସିଆଲ ମିଡିଆ ଇନଫ୍ଲୁଏନ୍ସରଙ୍କୁ କେନ୍ଦ୍ର ସରକାର ଦେଶର ହିନ୍ଦୁ ମନ୍ଦିର ଐତିହ୍ୟ, ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ନିୟୋଜିତ କରିଥିଲେ, ସେ ଯେତେବେଳେ ଜଗନ୍ନାଥ ଧାମ ଆସି ପରିକ୍ରମା ପ୍ରକଳ୍ପର ଭିଡିଓ କଲେ ସଙ୍ଗେ ସଙ୍ଗେ ତାଙ୍କୁ ଫେକ୍ ନ୍ୟୁଜ ଓ ଫେକ୍ ଭିଡିଓ ଜରିଆରେ ବଦନାମ କରିବା ପାଇଁ ଆପଣଙ୍କ ଅନୁଗତ ଗୋଷ୍ଠୀ ଅପଚେଷ୍ଟା କଲେ। କାମିଆ ଜାନି ଯଦି ରାମ ମନ୍ଦିରକୁ ପ୍ରମୋଟ୍ କରିବା ଠିକ୍, ତେବେ ପରିକ୍ରମା ପ୍ରକଳ୍ପକୁ ପ୍ରମୋଟ୍ କଲେ ଅସୁବିଧା କେଉଁଠି ରହିଲା? ଏମିତି କରି ଆପଣଙ୍କ ଦଳର ନେତାମାନେ କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗ ସହ ଖେଳିଛନ୍ତି। ତେଣୁ ଏପରି ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ମଙ୍ଗରାଜ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ଆହ୍ୱାନ ଦେଇଛନ୍ତି।

# ଧର୍ମେନ୍ଦ୍ରଙ୍କୁ ମାନସଙ୍କ ପ୍ରଶ୍ନରେ ସହମତ ଓଡ଼ିଶା

**ଭୁବନେଶ୍ୱର,୨୩।୧୨(ସମିସ):** ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ଦେଶ୍ୟରେ ବିଜେଡି ସାଂସଦ ତଥା ଦଳର ରାଷ୍ଟ୍ରୀୟ ମୁଖପାତ୍ର ମାନସ ମଙ୍ଗରାଜଙ୍କ ପ୍ରଶ୍ନକୁ ସାରା ରାଜ୍ୟରୁ ମିଳିଛି ସହମତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ମାନସଙ୍କ ପ୍ରଶ୍ନକୁ ନେଇ ଓଡ଼ିଶାର ଜନସାଧାରଣ ରାଜ୍ୟ ବିଜେପି ଓ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ନୀତି ଓ

### ୨୪ ଘଣ୍ଟାରେ ଟ୍ୱିଟ୍ ଦେଖିଛନ୍ତି ୨ ଲକ୍ଷ

ନୈତିକତାର କାଠଗଡ଼ାରେ ଠିଆ କରିଛନ୍ତି। ଗୋଟିଏ ପ୍ରସଙ୍ଗ ଓ ଗୋଟିଏ ବ୍ୟକ୍ତିଙ୍କ ପ୍ରତି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଓ ତାଙ୍କ ଦଳର ଅନ୍ୟ ନେତାମାନେ କାହିଁକି ଓ କିପରି ଭିନ୍ନଭିନ୍ନ ଆଭିମୁଖ୍ୟ ପୋଷଣ କରୁଛନ୍ତି, ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ନିଜ ପାଇଁ ଗୋଟିଏ ନୀତି ଓ ଅନ୍ୟ ପାଇଁ ଭିନ୍ନ ନୀତି ଆପଣାଇବା ପଛରେ କେଉଁ ଉଦ୍ଦେଶ୍ୟ ନିହିତ ବୋଲି ମଧ୍ୟ ସାଧାରଣ ଲୋକ ପ୍ରଶ୍ନ କରିଛନ୍ତି।

କାମିୟା ଜାନିଙ୍କ ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପ ପରିଦର୍ଶନକୁ ନେଇ ରାଜ୍ୟ ବିଜେପି ହୀନ ରାଜନୀତି ଆରମ୍ଭ କରିବା ପରେ ବିଜେଡି ସାଂସଦ ଶ୍ରୀ ମଙ୍ଗରାଜ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହା ଓ ଧର୍ମେନ୍ଦ୍ରଙ୍କ କିଛି ସାମାଜିକ ଗଣମାଧ୍ୟମ ସ୍କ୍ରିନ୍ ସଟ୍‌କୁ ଉଦ୍ଧୃତ କରି କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରଶ୍ନର କାଠଗଡ଼ାରେ ଠିଆ କରିଥିଲେ। ହିନ୍ଦୁ ଧର୍ମାନୁଷ୍ଠାନଗୁଡ଼ିକର ପ୍ରଚାରପ୍ରସାର ପାଇଁ କେନ୍ଦ୍ର ସରକାର କାମିଆଙ୍କୁ ନିଯୁକ୍ତି ଦେଇଥିବା ଉଲ୍ଲେଖ କରି ଖୋଦ୍ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ କାମିଆଙ୍କ ବ୍ଲଗ୍, ବୃତ୍ତଚିତ୍ରକୁ ନିଜ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ସେୟାର କରିଥିଲେ ବୋଲି ଉଲ୍ଲେଖ କରି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବ୍ଲଗ୍ ଓ ପୋଷ୍ଟକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର କାହିଁକି କାତର ବୋଲି ପ୍ରଶ୍ନ ଉଠାଇଥିଲେ। ବିଜେପି ନେତାମାନେ ଏହି ପ୍ରସଙ୍ଗରେ କାହିଁକି ଅସହିଷ୍ଣୁ ବୋଲି ଧର୍ମେନ୍ଦ୍ରଙ୍କ ଉଦ୍ଦେଶ୍ୟରେ ନିଜ 'ଏକ୍ସ' ଆକାଉଣ୍ଟରେ ମାନସ ପ୍ରଶ୍ନ କରିଥିଲେ।

ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ମାନସଙ୍କ ଏହି ପୋଷ୍ଟ ଭାଇରାଲ ହୋଇଛି। ୨୪ ଘଣ୍ଟା ଭିତରେ ଏହି ପୋଷ୍ଟକୁ ପାଖାପାଖି ୨ ଲକ୍ଷ ଲୋକ ଦେଖିଛନ୍ତି। ୫ ଶହରୁ ଊର୍ଦ୍ଧ୍ୱ ୟୁଜର ଏହାକୁ ରିପୋଷ୍ଟ କରିଛନ୍ତି ଓ ୧୮ ଶହରୁ ଅଧିକ ନିଜ ମତାମତ ଉଲ୍ଲେଖ କରିଛନ୍ତି। ଅଧିକାଂଶ ଲୋକ ଏହାକୁ ବିଜେପିର ଦୋମୁହାଁ ନୀତି ବୋଲି କହିବା ସହ ରାଜ୍ୟ ଓ କେନ୍ଦ୍ର ବିଜେପି ନେତାଙ୍କ ଭିତରେ ତାଳମେଳ ନ ଥିବା ଟିପ୍ପଣୀ ଦେଇଛନ୍ତି। ପ୍ରଦୀପ ସାମଲ ନାମକ ବ୍ୟକ୍ତି ଅସହିଷ୍ଣୁ ବିଜେପି ଔଷଧ ବିକଳରେ ଡାଟିଆ କାମୁଡୁଛି, ରାଜ୍ୟର ବିକାଶକୁ ସହି ନପାରି ଲୋକଙ୍କୁ ଜାତି, ଧର୍ମ, ଘୃଣା, ବିଦ୍ୱେଷର ମଞ୍ଜି ବୁଣୁଛି ବୋଲି ମତ ରଖିଛନ୍ତି। ସେହିପରି ବିଜୟ ବିହାରୀ ପରିଡ଼ା ଏହାକୁ ବିଜେପିର ହୀନ ରାଜନୀତି ବୋଲି ମତ ରଖିଥିବା ବେଳେ, ନମିତା ଗୋଛାୟତ ନାମ୍ନୀ ମହିଳା ଜଗନ୍ନାଥ ମନ୍ଦିରର ବିକାଶମୂଳକ କାମକୁ ରାଜ୍ୟ ବିଜେପି ସହ୍ୟ କରିପାରୁନଥିବା ଲେଖିଛନ୍ତି।



## ଉପଭୋକ୍ତା ବିବାଦ ସମାଧାନ ଆୟୋଗଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ମୃତକଙ୍କ ପରିବାରକୁ ୭.୨୦ଲକ୍ଷ ଟଙ୍କା କ୍ଷତିପୂରଣ

**ଭଦ୍ରକ,୨୩।୧୨(ସମିସ)**

ଭଦ୍ରକ ଜିଲ୍ଲା ଉପଭୋକ୍ତା ବିବାଦ ସମାଧାନ ଆୟୋଗ ଗ୍ୟାସ୍ ସିଲିଣ୍ଡର ଫାଟି ମୃତ୍ୟୁବରଣ କରିଥିବା ଜଣେ ଉପଭୋକ୍ତାଙ୍କୁ ୭.୨୦ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ତାଙ୍କ ଗୁରୁତ୍ୱପୂର୍ଣ୍ଣ ରାୟରେ ଆଦେଶ କରିଛନ୍ତି।

ବିବରଣୀରୁ ପ୍ରକାଶ ଯେ, ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ଅଧୀନ ବୟବଳପୁର ଅଞ୍ଚଳର ଅଜିତ କୁମାର ଆରଖ ପଶ୍ଚିମବଙ୍ଗ ଆସାନସୋଲ ହୀରାପୁର ଥାନା ଅଧୀନ ସତଡଙ୍ଗ ଠାରେ ବିଦ୍ୟାଧର ବେହେରାଙ୍କ ଘରେ ରହୁଥିଲେ। ଗତ ୨୦୨୦ ନଭେମ୍ବର ୧୩ ତାରିଖରେ ସେଠାରେ ଜାଳେଣି ଗ୍ୟାସ ସିଲିଣ୍ଡରଟି ଫାଟି ଅଜିତ ଓ ବିଦ୍ୟାଧରଙ୍କ ମା' ଜଳିଯାଇ ଗୁରୁତର ଭାବେ ଆହତ ହୋଇଥିଲେ। ତେବେ ଗୁରୁତର ଅଜିତଙ୍କ ସଂକଟାପନ୍ନ ସ୍ୱାସ୍ଥ୍ୟବସ୍ଥା ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। କଟକରେ ଅଜିତଙ୍କ ଚିକିତ୍ସାଧୀନ ଅବସ୍ଥାରେ ଗତ ୨୦୨୧ ଫେବୃଆରୀ ୧ ତାରିଖରେ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣା ନେଇ ମୃତକଙ୍କ ପତ୍ନୀ ମାନାକ୍ଷୀ ଆରଖ ଓ ୨ପୁଅ ସତ୍ୟଜିତ୍ ଆରଖ ଓ ଦେବଜିତ ଆରଖ ଗତ ୨୦୨୧ ଅପ୍ରିଲ ୧୬ ତାରିଖରେ ସମସ୍ତ କାଗଜପତ୍ର ସହ ଆସାନସୋଲ ସ୍ଥିତ ମାରୁତି ଏଲ୍‌ପିଜି ଗ୍ୟାସ୍ ବିତରକଙ୍କ ଠାରେ କ୍ଷତିପୂରଣ ରାଶି ପାଇବାକୁ ଦାବି କରିଥିଲେ। ତେବେ ମାରୁତି ଏଲ୍‌ପିଜି ବିତରକ ଭଦ୍ରକ ଏଚ୍‌ପି ଏଲ୍‌ପିଜି ବିତରକ ଶ୍ରୀଜଗନ୍ନାଥ ଗ୍ୟାସ୍ ଏଜେନ୍ସି ଦ୍ୱାରା କ୍ଷତିପୂରଣ ରାଶି ଦେବ ବୋଲି କହି ତାଙ୍କ ଆବେଦନକୁ ଅଗ୍ରାହ୍ୟ କରିଥିଲେ। ପରେ ଅଭିଯୋଗକାରୀଙ୍କ ତରଫରୁ ଗତ ୨୦୨୨ ନଭେମ୍ବର ୧୪ ତାରିଖରେ ମାରୁତି ଏଲ୍‌ପିଜି ବିତରକ, ଶ୍ରୀଜଗନ୍ନାଥ ଗ୍ୟାସ୍ ଏଜେନ୍ସି, କୋଲକତା ସ୍ଥିତ ଏଚ୍‌ପିସିଏଲ୍‌ର ରିଜ୍ୟୁନାଲ ଅଫିସ ଓ ଏଚ୍‌ପି ଗ୍ୟାସ ମୁମ୍ବାଇର ଚେୟାରମ୍ୟାନ ତଥା ଏମ୍‌ଡିଙ୍କୁ ଗ୍ୟାସ୍ ବିତରକଙ୍କୁ ରେଜେଷ୍ଟ୍ରି ପୋଷ୍ଟରେ ଓକିଲ ନୋଟିସ୍ ପଠାଯାଇଥିଲା। ତେବେ ଉପରୋକ୍ତ ୪ଜଣ ପକ୍ଷ ନୋଟିସ୍ ପାଇଥିଲେ ବି ଏହାର କୌଣସି ଜବାବ ଦାଖଲ କରିନଥିଲେ। ଶେଷରେ କ୍ଷତିପୂରଣ ପାଇବା ଲାଗି ଭଦ୍ରକ ଉପଭୋକ୍ତା ବିବାଦ ସମାଧାନ ଆୟୋଗରେ ଗତ ଫେବୃଆରୀ ୨୭ ତାରିଖରେ ମୃତକଙ୍କ ପତ୍ନୀ ମାନାକ୍ଷୀ ଆରଖ, ୨ପୁଅ ସତ୍ୟଜିତ୍ ଆରଖ ଓ ଦେବଜିତ ଆରଖ ଏକ ମାମଲା (ସିସି ନଂ-୩୮/୨୦୨୩)ରେ ରୁଜୁ କରିଥିଲେ। ତେବେ ଏହି ମାମଲାରେ ପକ୍ଷମାନେ ହାଜର ହୋଇନଥିଲେ କି କୌଣସି ଜବାବ ଦାଖଲ କରିନଥିଲେ। ଫଳରେ ଆୟୋଗ ଏକତରଫା ଭାବେ ଗତ ୧୯ତାରିଖରେ ତାଙ୍କ ରାୟ ପ୍ରକାଶ କରିଥିଲେ। ଭଦ୍ରକ ଜିଲ୍ଲା ଉପଭୋକ୍ତା ବିବାଦ ସମାଧାନ ଆୟୋଗ ସଭାପତି ଶିବପ୍ରସାଦ ମହାନ୍ତି ଓ ସଭ୍ୟା ମଧୁସ୍ମିତା ସ୍ୱାଇଁ ତାଙ୍କ ରାୟରେ ମୃତକ ଦାବି କରିଥିବା ୯.୯୦ଲକ୍ଷ ଟଙ୍କାରୁ ମୃତ୍ୟୁ ବାବଦକୁ ୬ଲକ୍ଷ ଟଙ୍କା, ୧ଲକ୍ଷ ଟଙ୍କା ମାନସିକ ନିର୍ଯାତନା ବାବଦକୁ ଓ ୨୦ହଜାର ଟଙ୍କା ମକଦ୍ଦମା ପରିଚାଳନା ବାବଦକୁ ମୋଟ ୭ଲକ୍ଷ ୨୦ହଜାର ଟଙ୍କା ମୃତକଙ୍କ ପରିବାରକୁ କ୍ଷତିପୂରଣ ବାବଦକୁ ପ୍ରଦାନ କରିବାକୁ ଉପରୋକ୍ତ ୪ଜଣ ପକ୍ଷଙ୍କୁ ଆଦେଶ କରିଛନ୍ତି। ଆଦେଶ ପ୍ରକାଶର ୬୦ଦିନ ପରେ କ୍ଷତିପୂରଣ ବାବଦକୁ ଆଦେଶ ହୋଇଥିବା ଅର୍ଥର ୬ପ୍ରତିଶତ ସୁଧ ସହ ପ୍ରଦାନ କରିବାକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ଆଇନଜୀବୀ ଦେବାଶିଷ ନାୟକ ପରିଚାଳନା କରୁଥିଲେ।

● ସିଲିଣ୍ଡର ଫାଟି ମୃତ୍ୟୁବରଣ କରିଥିଲେ
● ଏଚ୍‌ପି ଗ୍ୟାସ୍ କମ୍ପାନୀକୁ ଦଣ୍ଡ ଗଣିବାକୁ ନିର୍ଦ୍ଦେଶ

## ଶାରଦା ବିଦ୍ୟାମନ୍ଦିର କ୍ରୀଡ଼ା ଉତ୍ସବ

**ଭଣ୍ଡାରିପୋଖରୀ,୨୩।୧୨(ସମିସ):** ଶାରଦା ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡା ଉତ୍ସବ ଆଜି ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବକୁ ଜିଲ୍ଲା ବେସରକାରୀ ବିଦ୍ୟାଳୟ ସଙ୍ଗଠନ ସଭାପତି ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସେନ ଓ ସଦସ୍ୟ ତାରାକାନ୍ତ ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ବର୍ଗରେ ରାଜେନ୍ଦ୍ର ସଏ. ଶ୍ରୁତିସାନ୍ତ୍ୱନା ପ୍ରଧାନ, ଜୟଦେବ ଖଣ୍ଡେଇ, ଓମ ସାହୁ, ଶାସ୍ୱତୀ ଦଳେଇ, ପ୍ରେମପ୍ରକାଶ ନାୟକ, ସାତ୍ୱିକ ଶେଖର ପଣ୍ଡା, ଓମପ୍ରକାଶ ସ୍ୱାଇଁ, ଶ୍ରେୟାମିଳନ ସାହୁଙ୍କ ସମେତ ଅର୍ଚ୍ଚିତା ପ୍ରଧାନ, ଲକ୍ଷ୍ମୀପ୍ରିୟା ପ୍ରଧାନ ଚାମ୍ପିଅନ ହୋଇଥିଲେ। କ୍ରୀଡା ଶିକ୍ଷକ ଚିତ୍ତରଞ୍ଜନ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଶିକ୍ଷବିତ ପବନ ନାୟକ ପ୍ରାତଃ ପ୍ରମୁଖ ସୁସ୍ମିତା ସ୍ୱାଇଁ, ଦିବା ପ୍ରମୁଖ ସୁଶାନ୍ତ ସେନାପତି ଓ ଷୋଳମପୁର ଶିଶୁମନ୍ଦିର ସମ୍ପାଦକ ବିଶ୍ୱମ୍ଭର ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ଓଡ଼ିଶା ସବୁଜ ପତ୍ରିକା ମହାସଂଘ ବୈଠକ



**ଭଣ୍ଡାରିପୋଖରୀ/ମଞ୍ଜୁରୀରୋଡ,୨୩।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକର ଦକ୍ଷିଣବାଡ ପଞ୍ଚାୟତ ସୁନାହର ଗ୍ରାମରେ ଓଡ଼ିଶା ସବୁଜ ପତ୍ରିକା ମହାସଂଘ ଜିଲ୍ଲାସ୍ତରୀୟ ବୈଠକ ଶନିବାର ଜିଲ୍ଲା ସମ୍ପାଦିକ ତପସ୍ୱିନୀ ପରିଡ଼ା ଓ ସଂଯୋଜକ ତାପସ ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇ ବିଧାନସଭା ସମ୍ମୁଖରେ ସଂଘ ପକ୍ଷରୁ ଅନୁଷ୍ଠିତ ଧାରଣାର ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା। ଏଥିରେ ଧାମନଗର, ବାସୁଦେବପୁର, ବନ୍ତ ଓ ଭଣ୍ଡାରିପୋଖରୀ ବ୍ଲକ ସଂଯୋଜିକାମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଅନୁସୂୟା ବଳ, ରଶ୍ମିତା ନାୟକ, ବାସନ୍ତି ଘଡେଇ, ପ୍ରତିଭା ମହାପାତ୍ର, ବାସନ୍ତି ରାଉତ, ଛବିରାଣୀ ବିଶ୍ୱାଳ, ସସ୍ମିତା ସାହୁ, ଲକ୍ଷ୍ମୀ ସାହୁ, ସ୍ନେହଲତା ମିଶ୍ର, ଗୀତାଞ୍ଜଳୀ ଖଣ୍ଡାଇ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

● ମୋବାଇଲ ଦୋକାନରୁ ଚୋରି ଅଭିଯୋଗ

## ବାଇକ୍ ଛାଡ଼ି ପଳାଇଲା ଚୋର

**ଭଣ୍ଡାରିପୋଖରୀ,୨୩।୧୨(ସମିସ):** ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଆଖୁଆପଦା ଛକରେ ଥିବା ନେରଡ଼ା ଗ୍ରାମର ପ୍ରଶାନ୍ତ ନାୟକଙ୍କ ମୋବାଇଲ ଦୋକାନରୁ ଗତ ଗୁରୁବାର ରାତ୍ରରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୋକାନର ଚାବିକୁ ରାତ୍ର ପ୍ରାୟ ୧୨ଟା ବେଳେ ଲୁହାରଡ଼ ସହାୟତାରେ ତାଡ଼ି ମରାମତି ପାଇଁ ଥିବା ଫୋନ, ବ୍ୟାଟେରି ଓ ମରାମତି ଉପକରଣ ଚୋରି କରି ଦୋକାନରୁ ବାହାରୁଥିବା ବେଳେ ପଡୋଶୀ ଦେକାନୀ ସନ୍ତୋଷ କୁମାର ନାୟକ ଶବ୍ଦ ଶୁଣି ବାହାରକୁ ଆସିବାରୁ ଚୋରମାନେ ଚୋରି ସାମଗ୍ରୀ ନେଇ ଦୌଡ଼ି ପଳାଇଥିଲେ। ହେଲେ ଦୋକାନ ସମ୍ମୁଖରେ ଏକ ବାଇକ୍‌କୁ ଛାଡ଼ି ପଳାଇ ଯାଇଥିଲେ। ଦୋକାନରୁ ପ୍ରାୟ ୬୦ରୁ ୭୦ ହଜାର ଟଙ୍କା ମୂଲ୍ୟର ସାମଗ୍ରୀ ଚୋରିଯାଇଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ପ୍ରଶାନ୍ତଙ୍କ ଅଭିଯୋଗ ଆଧାରରେ ଥାନାରେ ୪୫୧/୨୩ନଂ ମାମଲା ରୁଜୁ ହେବା ସହ ବାଇକକୁ ପୁଲିସ ଜବତ କରି ତଦନ୍ତ ଚଳାଇଛି।

## ନିଳୋକରେ ଅନୁକୂଳ ଚନ୍ଦ୍ରଙ୍କ ସତ୍‌ସଙ୍ଗ

**ଭଦ୍ରକ,୨୩।୧୨(ସମିସ):** ବନ୍ତ ବ୍ଲକ ନିଳୋକ ମହାଦେବ ମନ୍ଦିର ପ୍ରାଙ୍ଗଣରେ ପରମ ପ୍ରେମମୟ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପେନ୍ଦ୍ର ମିଶ୍ରଙ୍କ ଦ୍ୱାରା ଆୟୋଜିତ ଏହି ବାର୍ଷିକ ସତ୍‌ସଙ୍ଗକୁ ଋତ୍ୱିକ୍ ଅଭିମନ୍ୟୁ ଖଟୁଆ ପରିଚାଳନା କରିଥିଲେ। ଏଥିରେ ଋତ୍ୱିକ ଧରଣୀଧର ସ୍ୱାଇଁ, ଯାଜକ କର୍ମୀ ଅବିନାଶ ଚନ୍ଦ୍ର ନାୟକ, ଅଧିକାରୀ ନାୟକ ଯୋଗ ଦେଇ ଠାକୁରଙ୍କର ନୀତି ଓ ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ନିରଞ୍ଜନ ପଣ୍ଡା ସତ୍ୟାନୁସରଣ ଓ ଦୀଲିପ କୁମାର ଜେନା ନାରୀର ନୀତି ପାଠ କରିଥିଲେ। ଏହି ଅବସରରେ ଭଜନ, କୀର୍ତ୍ତନ ସହ ସଙ୍ଗୀତାଞ୍ଜଳୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ନିଳୋକ ସମେତ ଆଖପାଖ ପଞ୍ଚାୟତରୁ ବହୁ ସତସଙ୍ଗୀ ଭାଇ ଓ ମାଆ ମାନେ ଯୋଗ ଦେଇଥିଲେ।

## ସାଧନା ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**ଭଦ୍ରକ,୨୩।୧୨(ସମିସ):** ବନ୍ତ ବ୍ଲକ ନିଳୋକସ୍ଥିତ ସାଧନା ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ଏହି କ୍ରୀଡା ଉତ୍ସବକୁ ସରପଞ୍ଚ ରଜନୀ ସେଠୀ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ସଭାପତି ପଦ୍ମଲୋଚନ ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ଶିକ୍ଷାବିତ୍ ଦିଗମ୍ବର ସେଠୀ, ନବକୁମାର ଲେଙ୍କା, ବାବାଜୀ ଚରଣ ଦଳେଇ, ହୃଷୀକେଶ ବାରିକ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ସୁପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ସିଲିରାଣୀ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମ୍ୟୁଜିକ୍ ଚେୟାର, ପୁଚି, ବେଙ୍ଗ ଡିଆଁ, ତର୍କ, ସଂଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ରୀନାବାଳା ରଥ, କାଦମ୍ବିନୀ ସେନାପତି, ବନିତା ଜେନା, ବୀଣାପାଣି ଜେନା, ଶିକ୍ଷକ ଜୟନ୍ତ ମହାପାତ୍ର, ରମେଶ ଚନ୍ଦ୍ର ବାରିକ ସହଯୋଗ କରିଥିଲେ।

### ସପ୍ତାହ ପରେ ଧାନକିଣା

## ଖରାପ ହୋଇ ପଡ଼ିରହିଛି ୱେ-ବ୍ରିଜ୍

**ତିହିଡ଼ି,୨୩।୧୨(ସମିସ):** ତିହିଡ଼ି ବ୍ଲକ ଅଧୀନ ଭାଟପଡ଼ା ସେବା ସମବାୟ ସମିତିରେ ଆନୁଷ୍ଠାନିକ ଭାବେ ଧାନ କ୍ରୟ କରାଯିବ। ତେବେ ସମିତିରେ ରହିଥିବା ବିଶାଳ ୱେ-ବ୍ରିଜଟି ଖରାପ ହୋଇ ପଡ଼ିରହିବା ଘଟଣାକୁ ନେଇ ଚାଷୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ ପ୍ରାୟ ୮ ବର୍ଷ ପୂର୍ବରୁ ଚାଷୀଙ୍କ ଉପକାର ପାଇଁ ଏକ ବିଶାଳ ୱେ-ବ୍ରିଜ ନିର୍ମାଣ କରାଯାଇଥିଲା। ନିର୍ମାଣ ଦିନରୁ ଏହା ମାତ୍ର ଅଳ୍ପ କେତୋଟି ବର୍ଷ ଯାହା କାମରେ ଲାଗିଛି। ଅଧିକାଂଶ ସମୟରେ ଖରାପ ହୋଇ ପଡ଼ିରହୁଛି। ତେବେ ଗତବର୍ଷ ମରାମତି କରାଯାଇ କାମ ଚଳାଇ ଦିଆଯାଇଥିଲା।



ଚଳିତ ବର୍ଷ ପୁଣି ଏହା ଖରାପ ହୋଇ ପଡ଼ିରହିଛି। ସମ୍ପାଦକଙ୍କ ସୂଚନା ଅନୁଯାୟୀ ଏହାକୁ ନିର୍ମାଣ କରିବାକୁ ୮ ଲକ୍ଷ ୨୦ ହଜାର ଟଙ୍କା ବ୍ୟୟଅଟକଳ କରାଯାଇଛି। ଏତେ ଅର୍ଥ କେଉଁଠୁ ଆସିବ ତାହାହିଁ ଚିନ୍ତାର କାରଣ ହୋଇଛି। ନିୟନ୍ତ୍ରିତ ବଜାର କମିଟି ଅର୍ଥ ଦେବାକୁ ନିଜର ଅନିଚ୍ଛା ପ୍ରକାଶ କରିଛି। ସେହିପରି ସମବାୟ ବିଭାଗ ମଧ୍ୟ ଖର୍ଚ୍ଚ କରିବାକୁ ନାରାଜ। ସମ୍ପାଦକ ସମିତି ଅର୍ଥରୁ ଖର୍ଚ୍ଚ କରି କୌଣସି ପ୍ରକାର ରିସ୍କ ନେବାକୁ ମଧ୍ୟ ଚାହୁଁନାହାନ୍ତି। ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ୱେ-ବ୍ରିଜକୁ ଯଦି କାହା ଚୁକ୍ତିନାମା କରି ଦିଆଯାଇପାରିଥା'ନ୍ତା ତେବେ ସମିତିର ରୋଜଗାର ହେବା ସହ ଖରାପ ମଧ୍ୟ ହୋଇନଥା'ନ୍ତା। ଚାଷୀଙ୍କ ଧାନ ଓଜନ ପାଇଁ ତିନି ଗୋଟି ଛୋଟ ଧାନ କଣ୍ଟା ଯୋଗାଇ ଦିଆଯାଇଥିବା ସମ୍ପାଦକ କହିଛନ୍ତି।

## ଜେଜେବାପା ଜେଜେମା' ସମ୍ମିଳନୀ

**ତିହିଡ଼ି,୨୩।୧୨(ସମିସ):** ତିହିଡ଼ି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜେଜେବାପା ଜେଜେମା' ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ଜୀବନ ଗଢ଼ିବାରେ ବାପାମା'ଙ୍କ ଅପେକ୍ଷା ଜେଜେବାପା ଓ ଜେଜେମା'ଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନିଶାକର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ରାମନାରାୟଣ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଶତାଧିକ ଜେଜେବାପା ଓ ଜେଜେମା'ଙ୍କୁ ମାର୍ଗଦର୍ଶନ କରାଇଥିଲେ। ପରିଚାଳନା କମିଟିର ଉପସଭାପତି ମନୋଜ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଗୁରୁଜୀ ରାଧାକୃଷ୍ଣ ସ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଗବାନ ପାଢ଼ୀ, ନାରାୟଣ ଦାଶ, ପିତବାସ ମହାରାଜ, ଅଜୟ ମହାପାତ୍ର, ଶ୍ରୀକାନ୍ତ ପଣ୍ଡା, ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା ପ୍ରମୁଖ ଜେଜେବାବା ଜେଜେମା' ଭାବରେ ସେମାନଙ୍କର ଅଭିଜ୍ଞତା କହିଥିଲେ। କୁନିକୁନି ଛାତ୍ରୀମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ। ଗୁରୁଜୀ ପ୍ରଶାନ୍ତ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ସମ୍ପାଦକ କୃପାସିନ୍ଧୁ ଦାଶ, ସହ ସମ୍ପାଦକ ମନୋଜ ସାହୁ, ଗୁରୁଜୀ ସଞ୍ଜୀବ ପତି, ଭବାନୀ ଗ୍ରହାଚାର୍ଯ୍ୟ ଓ ଦିଲିପ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଶିଶୁ ବିଦ୍ୟାପୀଠ ପ୍ରତିଷ୍ଠାତାଙ୍କ ବିୟୋଗ

**ଧାମନଗର,୨୩।୧୨(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ପାଳସାହି ଏବଂ ରଇପୁର ଗ୍ରାମ ପଞ୍ଚାୟତର ଜଣେ ପ୍ରତିଷ୍ଠିତ ବ୍ୟକ୍ତି ତଥା ପରମେଶ୍ୱର ଶିଶୁ ବିଦ୍ୟାପୀଠର ପ୍ରତିଷ୍ଠାତା ସମ୍ପାଦକ, ପାଳସାହି ସେବା ସମବାୟ ସମିତିର ପୂର୍ବତନ ସଭାପତି ନିରଞ୍ଜନ ଦାସଙ୍କ ୬୫ବୟସରେ ପରଲୋକ ଘଟିଛି। ସେ କିଛିଦିନ ହେବ ପକ୍ଷାଘାତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ତାଙ୍କ ବିୟୋଗରେ ଧାମନଗର ବ୍ଲକ କଂଗ୍ରେସ ସଭାପତି ଆଇନଜୀବୀ ରମେଶ ଚନ୍ଦ୍ର ବେହେରା, ପାଳସାହି ସରପଞ୍ଚ ଅଜୟ କୁମାର ମଳିକ, ପୂର୍ବତନ ସରପଞ୍ଚ ଅନିଲ ଦାସ, ସୁଶାନ୍ତ ନାୟକ, ଅନନ୍ତକିଶୋର ମହାନ୍ତି, ସଞ୍ଜୟ ସ୍ୱାଇଁ, ଶିକ୍ଷାବିତ ମୁରଲୀଧର ବଳ, ନଟବର ନାୟକ, କ୍ଷୀରୋଦ ବଳ, ଅମର ସାହୁ, ନିମାଇଁ ଚରଣ ବାରିକ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମରଶରୀରକୁ ବେତାଳିଗାଁ ବଜାର, ପରମେଶ୍ୱର ଶିଶୁ ବିଦ୍ୟାପୀଠ, ସେବା ସମବାୟ କାର୍ଯ୍ୟାଳୟ ସମେତ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପରିକ୍ରମା କରି ଜନ୍ମମାଟି ରଇପୁର ଗ୍ରାମ ପରିକ୍ରମା କରିବା ପରେ ଏବେକାର ବାସଭବନ ସାନାଳପୁର ଗ୍ରାମକୁ ଆଣି ନିଜର ଭିଟାମାଟିରେ ସବ ସଂସ୍କାର କରାଯାଇଥିଲା। ତାଙ୍କ କନିଷ୍ଠ ପୁତ୍ର ଶ୍ରୀମାନ ନିର୍ବିକାର ଦାସ ମୁଖାଗ୍ନି ଦେଇଥିଲେ।

## ବିଦ୍ୟାବାଣୀ ଭବନର ବାର୍ଷିକ କ୍ରୀଡ଼ା ଉତ୍ସବ

**ତିହିଡ଼ି,୨୩।୧୨(ସମିସ):** ଅରୁଣ ଭାରତୀ ବିଦ୍ୟାବାଣୀ ଭବନର ବାର୍ଷିକ କ୍ରୀଡ଼ା ଉତ୍ସବ ଅଧ୍ୟାପିକା ସଂଯୁକ୍ତା ଭାରତୀଙ୍କ ସଭାପତିତ୍ୱରେ ଉଦ୍‌ଘାଟିତ ହୋଇଯାଇଛି। ପୁରସ୍କୃତ ପ୍ରାଣୀଧନ ନିରୀକ୍ଷକ ବିଶ୍ୱଭୂଷଣ ଦାଶ କ୍ରୀଡ଼ା ପତାକା ଉତ୍ତୋଳନ କରି ଅନୁଷ୍ଠାନିକ ଭାବେ ଏହି ଉତ୍ସବକୁ ଉଦ୍‌ଘାଟିତ କରିଥଠିଲେ। ଘଣ୍ଟେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କ୍ରୀଡ଼ା ଅଧ୍ୟାପକ ରାଜକିଶୋର ଦାଶ ମୁଖ୍ୟଅତିଥି ରୂପେ ଯୋଗ ଦେଇ ଶରୀର ପାଇଁ କ୍ରୀଡ଼ାର ଆବଶ୍ୟକତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ମା' ଧାମରାଇ ଚଳଚ୍ଚିତ୍ରର ପ୍ରଯୋଜକ ଲକ୍ଷ୍ମଣ ସାହୁ ଅନ୍ୟତମ ଅତିଥି ରୂପେ ଯୋଗ ଦେଇ ନିରନ୍ତର ଅଭ୍ୟାସ ହିଁ ସଫଳତା ଆଣି ଦିଏ ବୋଲି ମତ ପୋଷଣ କରିଥିଲେ। ଶିକ୍ଷୟିତ୍ରୀ ସୁଜାତା ଦାଶଙ୍କ ନିର୍ଦ୍ଦେଶନାରେ ବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱାଗତ ନୃତ୍ୟ ଓ ସଂଗୀତ ପରିବେଷଣ କରିଥିଲେ। ପ୍ରବଚକ ସୁଧାକର ଧନୀ ମଞ୍ଚ ପରିଚାଳନା କରିଥିବା ବେଳେ ସୁକାନ୍ତ ମହାରାଜ, ବୀଣାପାଣି ମିଶ୍ର, ପ୍ରମିଳା ସାହୁ, କନକ ଲତା ପଣ୍ଡା, ଗୀତାରାଣୀ ସେଠୀ, ପ୍ରଭୃତି ଶିକ୍ଷକ ଶିକ୍ଷୟତ୍ରୀ ବିଭିନ୍ନ ପ୍ରତିଯୋଗିତା ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ରତିକାନ୍ତ ଭାରତୀ, କାହ୍ନୁକିଶୋର ସାହୁ, ସୁରେଶ ଦାସ, ରାଜକିଶୋର ବଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗାୟକ ଅନିରୁଦ୍ଧ ପାଣିଗ୍ରାହୀଙ୍କ ଜୟନ୍ତୀ



**ଭଣ୍ଡାରିପୋଖରୀ,୨୩।୧୨(ସମିସ):** ଭଣ୍ଡାରପୋଖରୀ ବ୍ଲକ ମାଳଦା ପଞ୍ଚାୟତ ସାରଣା ଗାଁରେ ଗାୟକ କଳାକାର ସ୍ୱର୍ଗତ ଅନିରୁଦ୍ଧ ପାଣିଗ୍ରାହୀଙ୍କ ଜୟନ୍ତୀ ଶନିବାର ପାଳନ କରାଯାଇଛି। ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରୀତିକାନ୍ତ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପ୍ରାକ୍ତନ ପ୍ରଧାନଶିକ୍ଷକ ପିତାମ୍ବର ରାଉତ, ନିଖିଳ ଉତ୍କଳ ପାଲାଗାୟକ ପରିଷଦର ଭଦ୍ରକ-ବାଲେଶ୍ୱର ଜିଲ୍ଲା ସମ୍ପାଦକ ଚନ୍ଦ୍ରଶେଖର ପାଢୀ, ଆଇବିଏମ୍ ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ଗାୟକ ରାଜକିଶୋର ନାୟକ, ଗାୟକ ଜଗବନ୍ଧୁ ଓଝା, ଗାୟକ ନବକିଶୋର ଲେଙ୍କା, ଗାୟିକା ସସ୍ମିତା ରାଉତ, ନିରୂପମା ପଣ୍ଡା, ଅସିତ ରାଉତ, କବି ରମାକାନ୍ତ ପଣ୍ଡା, ଅଭୟ ତ୍ରିପାଠୀ, ସାମ୍ବାଦିକ ରାଜେନ୍ଦ୍ର ଶତପଥି, ହିମାସାରମନା ସାହିତ୍ୟ ପରିଷଦ ସମ୍ପାଦକ ଦାମୋଦର ନାୟକ, ସହସମ୍ପାଦକ ବିଶ୍ୱମ୍ଭର ରାଉତ, ଶରତ ବେଉରିଆ, ଶିକ୍ଷାବିତ ନୃସିଂହ ସାମଲ, ରାମଚନ୍ଦ୍ର ମହାନ୍ତି ଯୋଗଦେଇ ଓଡିଆ ସାହିତ୍ୟ ଓ ପାଲାର ପ୍ରସାର ଦିଗରେ ସ୍ୱର୍ଗତ ଗାୟକଙ୍କ ଅବଦାନ ଓ କୃତୀ ସମ୍ପର୍କରେ ଆଲୋକପାତ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ମୃତି ପରିଷଦ କୋଷାଧ୍ୟକ୍ଷ ନବକିଶୋର ପରିଡା ଅତିଥି ପରିଚୟ ଓ ପୁତ୍ର ହରେକୃଷ୍ଣ କୃତଜ୍ଞତା ଜ୍ଞାପନ କରିଥିଲେ। ଗାୟକ ରଞ୍ଜିତ କୁମାର ମିଶ୍ର ଓ ସାଥି ପାଲା ପରିବେଷଣ କରିଥିଲେ।

## ଯୁବ ଓଡ଼ିଶା ପକ୍ଷରୁ କ୍ରୀଡ଼ା ପ୍ରତିଯୋଗିତା



**ଭଦ୍ରକ,୨୩।୧୨(ସମିସ):** ଭଦ୍ରକ ବ୍ଲକ ବରପଦା ସ୍ଥିତ କମଳା କିଶୋରୀ ରାଉତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ଓଲଙ୍ଗ ସ୍ଥିତ ମିନି ଷ୍ଟାଡିୟମ ଠାରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହା ସହିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସଡ଼କ ସୁରକ୍ଷା ଜୀବନ ରକ୍ଷା ଓ ବୃକ୍ଷ ହିଁ ଜୀବନ, ଗୋଟେ ମଣିଷକୁ ଗୋଟେ ହିଁ ବୃକ୍ଷ ରାଲି ମାଧ୍ୟମରେ ସଚେତନତା କରିଥିଲେ, ଆଜି ମିନି ଷ୍ଟାଡିୟମରେ ଅନୁଷ୍ଠିତ କ୍ରୀଡ଼ାରେ ଏକ ସଚେତନତା ସଭାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ରାଜେନ୍ଦ୍ର କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଗଜେନ୍ଦ୍ର ଭାରତୀ, ରବୀନ୍ଦ୍ର ନାୟକ, ଶଶିକାନ୍ତ ପଣ୍ଡା, ଅମୁଲ୍ୟ ମହାପାତ୍ର, ବିଜୟ ସାମଲ, ସୁପ୍ରଭା ରାଉତ, ଅଶୋକ କୁମାର ରାଉତ ପ୍ରମୁଖ ଯୋଗ ଦେଇ କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିଥିଲେ। ଏହି କ୍ରୀଡ଼ାରେ ଛାତ୍ରୀମାନେ, ଖୋଖୋ, କବାଡ଼ି, ବ୍ୟାଡ଼ମିଣ୍ଟନ, ଦୌଡ଼, ଲଙ୍ଗ ଜମ୍ପ, ହାଇ ଜମ୍ପ, ସମେତ ବିଭିନ୍ନ କ୍ରୀଡ଼ାରେ ଭାଗ ନେଇଥିଲେ। ଉକ୍ତ ଖେଳ ଗୁଡିକ ପୂର୍ବତନ ଖେଳ ଶିକ୍ଷକ ଗଜେନ୍ଦ୍ର ଭାରତୀ, ରବିନ୍ଦ୍ର ନାଥ ନାୟକ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ନୋଡାଲ ଅଫିସର ଭାବରେ ଅଶ୍ୱିନୀ ପୁହାଣ କାର୍ଯ୍ୟ ତୁଲାଇ ଥିବା ବେଳେ, ଘନଶ୍ୟାମ ସାହୁ, ପ୍ରତିଜ୍ଞା ପଣ୍ଡା, ବଙ୍କୀମ ଚନ୍ଦ୍ର ନାୟକ, ରମେଶ ଚନ୍ଦ୍ର ଖୁଣ୍ଟିଆ, ରମେଶ ଚନ୍ଦ୍ର ନାୟକ, ସୁଦର୍ଶନ ପ୍ରଧାନ, ଭରତ ଚନ୍ଦ୍ର ଜେନା, ସବିତା ଘଡ଼େଇ, ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

## ବରିଷ୍ଠ ଯାଦବ ନେତାଙ୍କ ପରଲୋକ

**ଅସୁରାଳି,୨୩।୧୨(ସମିସ):** ଧାମନଗର ବ୍ଲକ ଦଇପୁର ପଞ୍ଚାୟତ ସ୍ୱାମୀପାଟଣା ଗ୍ରାମର ବରିଷ୍ଠ ଯାଦବ ନେତା ସମାଜସେବୀ ରତ୍ନାକର ନାୟକ (୬୨)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ୨ପୁତ୍ର ଚିରଞ୍ଜିବୀ ଓ ସୁମନ ମୃତ୍ୟୁଶଯ୍ୟା ପାଖରେ ଉପସ୍ଥିତ ଥିଲେ। ତାଙ୍କର ମରଶରୀରକୁ ଗ୍ରାମ ପରିକ୍ରମା କରି ଗାଁ ମଶାଣିରେ ଦାହ କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର ଚିରଞ୍ଜିବି ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଉତ୍କଳ ଯାଦବ ମହାସଂଘ ଜିଲ୍ଲା ସଭାପତି ଡାକ୍ତର ସୁଧାଂଶୁ ନାୟକ, ଯୁବ ଯାଦବ ସଭାପତି ତଥା ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାର, ସରପଞ୍ଚ ସୁବାସ ମହାକୁଡ, ସୁବାସ ଚନ୍ଦ୍ର ବାରିକ, କାର୍ଯ୍ୟକାରୀ ସଭାପତି ତଥା ସାମ୍ବାଦିକ ଅନିଲ ବାରିକ, ଯୁବ ଯାଦବ ସଭାପତି ତଥା ସାମ୍ବାଦିକ ସନ୍ତୋଷ ଦାସ, ମାଧବ ଚନ୍ଦ୍ର ଖଟୁଆ, କୁଳମଣି ବେହେରା, ନିଠ୍ୟାନନ୍ଦ ବେହେରା, କୃଷ୍ଣ ଚନ୍ଦ୍ର ବେହେରା, ପ୍ରାଧାପିକା ଭାନୁମତୀ ମାଠିଆ, ବାସନ୍ତୀ ପରିଡା, ପିତାମ୍ବର ପରିଡା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

### ଦଶମ ଭଦ୍ରକ ମହୋତ୍ସବ ଓ ପୁସ୍ତକମେଳାର ଅଷ୍ଟମ ସନ୍ଧ୍ୟା

# 'ରାଷ୍ଟ୍ର ଗଠନରେ ସାମ୍ବାଦିକମାନଙ୍କ ସହଭାଗିତା ଅନସ୍ୱୀକାର୍ଯ୍ୟ'

**ଭଦ୍ରକ,୨୩।୧୨(ସମିସ)**



ଭାରତ ବର୍ଷର ସ୍ୱାଧୀନତା ସଂଗ୍ରାମ ସମୟରେ ନେତୃତ୍ୱ ନେଉଥିବା ବହୁ ସଂଗ୍ରାମୀ ନେତା ସାମ୍ବାଦିକତା କରୁଥିଲେ। ଆନ୍ଦୋଳନର ବହ୍ନି ପ୍ରଜ୍ୱଳିତ କରିବା ସହିତ ସଂଗ୍ରାମର ରୂପରେଖ, ଶୀର୍ଷ ନେତୃତ୍ୱଙ୍କର ମତ ଓ ବକ୍ତବ୍ୟ ସମ୍ବାଦପତ୍ରରେ ପ୍ରକାଶିତ କରୁଥିଲେ। ନିଜେ ଜାତିର ପିତା ମହାତ୍ମା ଗାନ୍ଧୀ 'ଇଣ୍ଡିଆନ୍ ଓପିନିୟନ୍', 'ୟଙ୍ଗ୍ ଇଣ୍ଡିଆ', 'ନବ ଜୀବନ', 'ହରିଜନ' ଭଳି ସମ୍ବାଦପତ୍ରରେ ସାମ୍ବାଦିକତା ଓ ସମ୍ପାଦନା କରୁଥିଲେ। ଆମ ରାଜ୍ୟରେ ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳକେଶରୀ ଡ. ହରେକୃଷ୍ଣ ମହତାବ ପ୍ରମୁଖ ସମ୍ବାଦପତ୍ର ସମ୍ପାଦନା ସହ ସାମ୍ବାଦିକତା କରି ଦେଶବାସୀଙ୍କ ସୁଖଦୁଃଖର ସାଥି ହେବ ସହିତ ସ୍ୱାଧୀନତା ସଂଗ୍ରାମକୁ ଅଗ୍ରଗାମୀ କରିଥିଲେ। ଏଣୁ ରାଷ୍ଟ୍ର ଗଠନରେ ସାମ୍ବାଦିକମାନଙ୍କର ଭୂମିକା ଓ ସହଭାଗିତା ଅନସ୍ୱୀକାର୍ଯ୍ୟ ବୋଲି ଭଦ୍ରକ ସହର ମଠସାହି ସ୍ଥିତ ଗୋପାଳଜୀଉ ମଠ ପଡ଼ିଆଠାରେ ଭଦ୍ରକ ମହୋତ୍ସବ ଓ ପୁସ୍ତକମେଳା ଟ୍ରଷ୍ଟ ଦ୍ୱାରା ଆୟୋଜିତ ତଥା ଅବନ୍ତିକା ଆବାସିକ ମହାବିଦ୍ୟାଳୟ, ଚରମ୍ପା ଦ୍ୱାରା ପ୍ରାୟୋଜିତ ଦଶମ ଭଦ୍ରକ ମହୋତ୍ସବର ଅଷ୍ଟମ ସାରସ୍ୱତ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସଂଗ୍ରାମୀ ହନିଫ୍ ସ୍ମୃତିରେ ସମର୍ପିତ ଏହି ସାରସ୍ୱତ ସନ୍ଧ୍ୟାରେ ଭଦ୍ରକ ମହୋତ୍ସବ ଓ ପୁସ୍ତକମେଳାର ସମ୍ପାଦକ ସାମ୍ବାଦିକ ରବିନାରାୟଣ ଖିଲାର ପୌରୋହିତ୍ୟ କରିଥିଲେ। ଏହି ଅବସରରେ 'ରାଷ୍ଟ୍ର ଗଠନରେ ସାମ୍ବାଦିକଙ୍କ ଭୂମିକା' ଶୀର୍ଷକ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଉକ୍ତ ସନ୍ଧ୍ୟାରେ ସମାଜସେବୀ ଶୁଭେନ୍ଦୁ ରାୟ ମହାପାତ୍ର ମୁଖ୍ୟଅତିଥି, ଦାମୋଦର ସଂସ୍କୃତ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ନିତ୍ୟାନନ୍ଦ ମିଶ୍ର ମୁଖ୍ୟବକ୍ତା, ବରିଷ୍ଠ ସାମ୍ବାଦିକ ପ୍ରତାପ ଦାସ, ସାମ୍ବାଦିକ ତଥା ସଙ୍ଗଠକ ନରେନ୍ଦ୍ର ସାମଲ, ସାମ୍ବାଦିକ ଓ କବି ତପନ କୁମାର ମିଶ୍ର, ସାମ୍ବାଦିକ ଜ୍ଞାନପ୍ରକାଶ ପାଣି, ସାମ୍ବାଦିକ ତପନ କୁମାର ସ୍ୱାଇଁ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମହୋତ୍ସବର ସଭାପତି ଇଂ. ଅଭୟ ସୂତାର ସ୍ୱାଗତ ଭାଷଣ ଦେଇଥିବା ବେଳେ ଆବାହକ ନୀହାର ରଞ୍ଜନ କର ଅତିଥି ପରିଚୟ, ନାରାୟଣ ପ୍ରଧାନ ଧନ୍ୟବାଦ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ପାଢ଼ୀ, ଶିକ୍ଷୟିତ୍ରୀ ମନୋରମା ରାୟ, ସଂଗଠିକା ଅଞ୍ଜନା ମିଶ୍ର ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ସାଂସ୍କୃତିକ ପରିଷଦ ସମ୍ପାଦକ ରାମ ନାରାୟଣ ମହାନ୍ତିଙ୍କ ପରିଚାଳନାରେ 'ସାଇ ନୃତ୍ୟ ଏକାଡେମୀ' ଓ 'ଦର୍ଶନ ନୃତ୍ୟ ଏକାଡେମୀ'ର କଳାକାର ମନୋରଞ୍ଜନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷାବିତ୍ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କ ପରିଚାଳନାରେ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଏଥିରେ ବହୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ତ୍ରିଲୋକବିହାରୀ ରାୟ, ଶାନ୍ତନୁ ନାୟକ, ଶଶିକାନ୍ତ ପରିଡ଼ା ମଞ୍ଚ ପରିଚଳନା କରିଥିଲେ।

# ବାହାଣିଆରେ ଖୋଲିବ ଅସ୍ଥାୟୀ ପୁଲିସ ବିଟ୍ ହାଉସ୍

**ଭଦ୍ରକ,୨୩।୧୨(ସମିସ):** ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ଷୋଳମପୁର ପଞ୍ଚାୟତ ଖୋଳା ମୁହଁ ନିକଟ ବାହାଣିଆ ଛକ ଠାରେ ଅସ୍ଥାୟୀ ପୁଲିସ ବିଟ ହାଉସ ଖୋଲିବ ବୋଲି ଜଣାପଡିଛି। ଏଠାରେ ସୂଚିତ ଥାନା ଠାରୁ ଉକ୍ତ ଅଞ୍ଚଳର ଦୂରତା ପ୍ରାୟ୧୨କିମିରୁ ଅଧିକ ହୋଇଥିବା ବେଳେ ବିଭିନ୍ନ ଗଣ୍ଡଗୋଳ ଓ ହିଂସାକାଣ୍ଡ ବେଳେ ପୁଲିସ ସଠିକ ସମୟରେ ସେଠାରେ ପହଞ୍ଚିବା ବିଳମ୍ବ ହେଉଛି। ବିଶେଷ କରି ଷୋଳମପୁର ପଞ୍ଚାୟତଟି ଉତ୍ତେଜନା ପ୍ରବଣ ଅଞ୍ଚଳ ଭାବେ ପରିଗଣିତ ହୋଇଥିବା ବେଳେ ବର୍ଷର ଅନେକ ସମୟରେ ଏଠାରେ ରାଜନୈତିକ ଗଣ୍ଡଗୋଳ ଘଟିଥାଏ। ଏହାଛଡା ପଞ୍ଚାୟତ ଅଧିନ ପ୍ରତ୍ୟେକ ଗାଁରେ ଗୋଷ୍ଠୀ ବିବାଦ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ଏପରିକି ଗୋଷ୍ଠୀ ବିବାଦରୁ ଗଣ୍ଡଗୋଳ ଘଟି ବରାହନୂଆପଡା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଗତବର୍ଷ ଶୋଚନୀୟ ମୃତ୍ୟୁ ଘଟିଥିଲା। ଯାହାକି ପୁଲିସ ପ୍ରଶାସନ ପାଇଁ ମୁଣ୍ଡ ବ୍ୟାଥାର କାରଣ ପାଲଟିଛି। ନିକଟରେ ବୈତରଣୀ ନଦୀ ବହିଯାଇଥିବା ବେଳେ ବାଲି ଚୋରଙ୍କର ସଂଖ୍ୟା ମଧ କିଛି କମ ନାହିଁ। ରାତି ପାହିଲେ ନଦୀରୁ ଟ୍ରାକ୍ଟର ଯୋଗେ ବେଆଇନ ଭାବେ ବାଲି ପରିବହନ ହେବା ନିତିଦିନିଆ ଘଟଣା ହୋଇଯାଇଛି। ମୋଟାମୋଟି ଭାବେ ଜିଲ୍ଲାର ଏହା ଶେଷ ସୀମା ହୋଇଥିବା ବେଳେ ଯାଜପୁର ଜିଲ୍ଲାକୁ ଏହା ସଂଯୋଗ କରୁଥିବା ଯୋଗୁ ବିଭିନ୍ନ ସମୟରେ ଗଣ୍ଡଗୋଳ କରି ଅଞ୍ଚଳର ଉଶୃଙ୍ଖଳିତ ଯୁବକ ଓ ରାଜନୈତିକ ଗୋଷ୍ଠୀର ଲୋକମାନେ ପୁଲିସ ଆଖିରେ ଧୂଳିଦେଇ ପଡୋଶୀ ଜିଲ୍ଲାକୁ ଖସି ଯାଉଛନ୍ତି। ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ଅଞ୍ଚଳରେ ଶାନ୍ତି ବଜାୟ ରବା ପାଇଁ ପୁଲିସ ପକ୍ଷରୁ ଏକ ଅସ୍ଥାୟୀ ବିଟ ହାଉସ ପ୍ରତିଷ୍ଠା ହେବ ବୋଲି ଜଣାଯାଇଛି। ବାହାଣିଆ ଛକ ଠାରେ ଥିବା ଅବ୍ୟବହୃତ ସ୍କୁଲ ଘରେ ୨୪ଘଣ୍ଟିଆ ପୁଲିସ ବିଟ ହାଉସ କାର୍ଯ୍ୟ କରିବ ବୋଲି ସୂଚନା ମିଳିଛି। ଅସ୍ଥାୟୀ ବିଟ ହାଉସ ପ୍ରତିଷ୍ଠା ହେଲେ କେବଳ ଷୋଳମପୁର ନୁହେଁ ମାଳଦା ଏବଂ ନପଙ୍ଗ ପଞ୍ଚାୟତରେ ପୁଲିସର ତୀକ୍ଷ୍ଣ ନଜର ରହିବ ଏଥିରେ ସନ୍ଦେହ ନାହିଁ।

# ଡକାୟତି ଘଟଣାରେ ୬ ଜଣଙ୍କୁ ଗିରଫ କଲା ପୁଲିସ

**ଭଦ୍ରକ,୨୩।୧୨(ସମିସ)**

ଭଦ୍ରକ ବ୍ଲକ ସାବରଙ୍ଗ ପୁଲିସକୁ ଏକ ଡକାୟତି ଘଟଣାରେ ସଫଳତା ମିଳିଛି। ଗତ ୧୩ତାରିଖ ବିଳମ୍ବିତ ରାତିରେ ସାବରଙ୍ଗ ଥାନା ଅଧୀନ ଚଣ୍ଡିଗାଁ ଅଞ୍ଚଳର କମଳାକାନ୍ତ ନାୟକଙ୍କ ଘରେ ଏକ ଡକାୟତି ହୋଇଥିଲା। ୩ଜଣ ଅଜଣା ଯୁବକ କମଳାକାନ୍ତଙ୍କ ଘର କବାଟ ଭାଙ୍ଗି ଘରେ ପଶି ତାଙ୍କ ପିତାମାତାଙ୍କୁ ଏକ ଲାଠିରେ ଆକ୍ରମଣ କରି ଆହତ କରିଥିଲେ। କମଳାକାନ୍ତଙ୍କ ଘରୁ ଡକାୟତମାନେ ଏକ ସାମସଙ୍ଗ ମୋବାଇଲ ଫୋନ, ହଳେ ସୁନା କାନଫୁଲ ଓ ନଗଦ ୮ହଜାର ଟଙ୍କା ଲୁଟି ନେଇଥିଲେ। ପରେ ପରେ ସେହି ରାତିରେ ଚଣ୍ଡିଗାଁ ନବଘନ ରାଉତଙ୍କ ଘର କବାଟ ଭାଙ୍ଗି ଭୁଜାଲି ଓ ବନ୍ଧୁକ ଦେଖାଇ ଲୁଟେରାମାନେ ଆତଙ୍କିତ କରି ସୁନା ହାର, ସୁନା ମଙ୍ଗଳସୂତ୍ର ସହ ୮ହଜାର ଟଙ୍କା ଲୁଟି ନେଇଥିଲେ। ଏହି ଘଟଣାରେ ସାବରଙ୍ଗ ପୁଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ କରି ୬ଜଣ ଡକାୟତଙ୍କୁ ଗିରଫ୍ କରିବାରେ ସକ୍ଷମ ହୋଇଛି। ଆଜି ସାବରଙ୍ଗ ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସଦର ଏସ୍‌ଡିପିଓ ସୌରଭ ଓତା, ସାବରଙ୍ଗ ଥାନା ଆଇଆଇସି ରିନା ବକ୍ସାଲ ଉପରୋକ୍ତ ସୂଚନା ଦେଇଛନ୍ତି। ଗିରଫ୍ ଡକାୟତମାନେ ହେଲେ ଅଜୁ ଦାସ, ରାଜୁ ଦାସ ଓ ରାମ ଦାସ (ସମସ୍ତେ ସାବରଙ୍ଗ ଥାନା ଆଟୁ ଗାଁର), କେନ୍ଦ୍ରପଡାର ବଳିଆ ଓରଫ୍ ବଳିଆ ଦାସ, ତିହିଡି ଥାନା ଇଟାଗଡି ଗାଁର ଦୁଃଖ ଓରଫ୍ ବାପିନ ଦାସ ଓ ସିମୁଳିଆ ଥାନା ବେଗୁନିଆ ଗାଁର ସୁନା ଦୋକାନୀ ରମାକାନ୍ତ ସାହୁ (ଚୋରା ସୁନା କିଣିଥିବା ଦୋକାନୀ)। ଅନ୍ୟପକ୍ଷରେ ପୁଲିସ ସେମାନଙ୍କ ଠାରୁ ନଗଦ ୧୨ହଜାର ଟଙ୍କା, ୩ଟି ବାଇକ୍, ୨ଟି ଭୁଜାଲି, ୨ଟି ଛୁରି, ମୋବାଇଲ ଫୋନ, ସୁନା ଲକେଟ, ତରଳା ଯାଇଥିବା ସୁନା ଓ ସୁନା ମଙ୍ଗଳସୂତ୍ର ଆଦି ଜବତ କରିଥିବା ସୂଚନା ଦେଇଛି।



# ସ୍ତ୍ରୀକୁ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

**ଦୋବଲ,୨୩।୧୨(ସମିସ):** ଦୋବଲ ନିକଟସ୍ଥ ସୋହଡା ପଞ୍ଚାୟତ କଣ୍ଟାପାରି ଗ୍ରାମର ବିରେନ୍ଦ୍ର ଯେନାଙ୍କ ସ୍ତ୍ରୀ ଅନିତା ଯେନା (୩୨) ବେକରେ ରସି ଲଗାଇ ଆତ୍ମହତ୍ୟା ଘଟଣାର ନୂଆ ମୋଡ଼ ନେଇଛି। ସ୍ୱାମୀ ବୀରେନ୍ଦ୍ର ଯେନା ନିଜ ସ୍ତ୍ରୀକୁ ହତ୍ୟା କରି ପଙ୍ଖାରେ ଟାଙ୍ଗି ଦେଇଥିବା ନେଇ ଧାମନଗର ଥାନାରେ ଅଭିଯୋଗ କରିଛନ୍ତି ଅନିତାଙ୍କ ଭାଇ ସୁରେନ୍ଦ୍ର। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ନମୁନା ସଂଗ୍ରହ ପରେ ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯାଇଛ। ଏ ନେଇ ଥାନାରେ କେଶ ନଂ ୫୫୮/୨୩ରେ ମାମଲା ରୁଜୁକରି ସ୍ୱାମୀ ବିରେନ୍ଦ୍ର ଜେନାକୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

ପ୍ରକାଶ ଥାଉକି ଶୁକ୍ରବାର ସନ୍ଧ୍ୟାରେ ସୋହଡ଼ା ପଞ୍ଚାୟତ କଣ୍ଟାପାରି ଗ୍ରାମର ବିରେନ୍ଦ୍ର ଯେନାଙ୍କ ସ୍ତ୍ରୀ ଅନିତା ଯେନା ନିଜ ଶୋଇବା ଘରଭିତରେ ପଙ୍ଖା ସାହାଯ୍ୟରେ ରସିରେ ଝୁଲିଥିବା ପରିବାର ଲୋକେ ଦେଖିବାକୁ ପାଇଁଥିଲେ ପାରିବାରିକ ସମସ୍ୟା ପାଇଁ ଅନିତା ଆତ୍ମହତ୍ୟା କରିଥାଇପାରନ୍ତି ବୋଲି କୁହାଯାଉଥିଲା। ଯାହାକୁ ନେଇ ଅନିତାର ବାପଘର ଲୋକେ ଏହାକୁ ହତ୍ୟା ବୋଲି ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଯାହାକୁ ନେଇ ପୁଲିସ୍ ସ୍ୱାମୀଙ୍କୁ ଗିରଫ କରିଥିଲା। ଅନିତାର ବାପ ଘର ପଡ଼ୋଶୀ ଯାଜପୁର ଜିଲ୍ଲା ରାମବାଗ ଅଞ୍ଚଳର ହୋଇଥିବା ବେଳେ ସେ ଗତ ୯ ବର୍ଷ ତଳେ ବିରେନ୍ଦ୍ରଙ୍କୁ ବିବାହ କରିଥିଲେ। ତାଙ୍କର ୨ଟି ପୁଅ ଥିବା ଜଣା ପଡ଼ିଛି।

# ‘ବେଷ୍ଟ’ରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

**ଅସୁରାଳି,୨୩।୧୨(ସମିସ):** ଧାମନଗର ବ୍ଲକ ଅସୁରାଳିସ୍ଥିତ ଭଦ୍ରକ ଇଞ୍ଜିନିୟରିଂ ସ୍କୁଲ ଆଣ୍ଡ ଟେକ୍ନୋଲୋଜି (ବେଷ୍ଟ) ପରିସରରେ ପ୍ରଥମ କରି ବୈଷୟିକ କ୍ଷେତ୍ରରେ ଏକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯାଜପୁର-ମଙ୍ଗଳପୁର ସ୍ଥିତ ସେଣ୍ଟ ଜାଭିୟର୍ସ ଇଂରାଜୀ ମିଡ଼ିୟମ ସ୍କୁଲର ୯ମ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ଏଥିରେ ଭାଗ ନେଇ ବିଭିନ୍ନ ବିଭାଗ ଯଥା- ମେକାନିକାଲ, ଇଲେକ୍ଟ୍ରିକାଲ, ଇଲେକ୍ଟ୍ରୋନିକ୍ସ, କମ୍ପ୍ୟୁଟର ସାଇନ୍ସ, ସିଭିଲ, ଭୌତିକ ବିଜ୍ଞାନ, ରାସାୟନିକ ବିଜ୍ଞାନ ଆଦି ବୁଲି ବିଭିନ୍ନ ଯନ୍ତ୍ର ଉପକରଣ ବିଷୟରେ ଜ୍ଞାନ ଆହରଣ କରିଥିଲେ। ବେଷ୍ଟର ଛାତ୍ରଛାତ୍ରୀଙ୍କ ଦ୍ୱାରା କରାଯାଇଥିବା ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିଥିଲେ। ଏଥିରେ ମେକାନିକାଲ ବିଭାଗର ମୁଖ୍ୟ ଶୁଭେନ୍ଦୁ ମହାପାତ୍ର, ସିଭିଲ ବିଭାଗର ମୁଖ୍ୟ ମଳୟ ରଞ୍ଜନ ସାହୁ, ଇଲେକ୍ଟ୍ରିକାଲ ବିଭାଗର ମୁଖ୍ୟ ବିନୟ ସ୍ୱାଇଁ, କମ୍ପ୍ୟୁଟର ସାଇନ୍ସ ବିଭାଗର ମୁଖ୍ୟ ବିଶ୍ୱଜିତ ମହାରଣା ପ୍ରମୁଖ ସହଯୋଗ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଇଂ.ରବିନ୍ଦ୍ର କୁମାର ଜେନା, ଉପାଧ୍ୟକ୍ଷ ଇଂ.କୁଳମଣି ଜେନା ଓ ଏକାଡେମୀ ଇନଚାର୍ଜ ଇଂ.ସୂର୍ଯ୍ୟକାନ୍ତ କର, ଶୁଭ୍ରକାନ୍ତ ଦାସଙ୍କ ଉପସ୍ଥିତିରେ ପିଲା ମାନଙ୍କୁ ବିଭିନ୍ନ ସୂଚନା ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ଚେୟାରମ୍ୟାନ ଡ.ମନ୍ମଥ କୁମାର ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ପୁରୁଷଣ୍ଡ ସେବା ସମବାୟ ସମିତି ନୂତନ ଗୃହର ଶିଳାନ୍ୟାସ

**ଆଗରପଡ଼ା,୨୩।୧୨(ସମିସ):** ଆଗରପଡ଼ା ସ୍ଥିତ ପୁରୁଷଣ୍ଡ ସେବା ସମବାୟ ସମିତି ନୂତନ ଗୃହର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ନୂତନ ଗୃହ ନିମନ୍ତେ ସେବା ସମବାୟ ସମିତିର ନିଜସ୍ୱ ପାଣ୍ଠି ୧୬ ଲକ୍ଷ ୫୭ ହଜାର ଓ ସରକାରୀ ଅନୁଦାନ ୫ଲକ୍ଷ। ଏହିପରି ମୋଟ ୨୧ଲକ୍ଷ ୫୭ ହଜାର ଟଙ୍କାର ବ୍ୟୟ ବରାଦ କରାଯାଇଛି।



ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲ ଉକ୍ତ ଗୃହର ଶିଳାନ୍ୟାସ କରିଥିଲେ। ସମିତି ସଭାପତି ପ୍ରଶାନ୍ତ ଦାଶ, ଜିଲ୍ଲାପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ସାଂସଦ ପ୍ରତିନିଧି ଶ୍ରୀନାଥ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟା ରୁନୀତା ଦାସ, ବ୍ଲକ ଯୁବ ବିଜେଡ଼ି ସଭପତି ସତ୍ୟସାଧନ ବେଜ, ସରପଞ୍ଚ ସୁଭଦ୍ରା ସିଂହ, ବିନୋଦିନୀ ମହାନ୍ତି, ପ୍ରକାଶ ବିଶ୍ୱାଳ, ସମିତିସଭ୍ୟା ଜ୍ୟୋର୍ତିମୟୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସମିତି ଉପସଭାପତି ଫତିମା ବିବି, ସଭ୍ୟ ଜିତେନ୍ଦ୍ର ନାୟକ, ମନୋରଞ୍ଜନ ସାହୁ, ବାବୁରାମ ମଲ୍ଲିକ, ବିଷ୍ଣୁ ପ୍ରସାଦ ସାହୁ, ବୈକୁଣ୍ଠ ଜେନା, ଶ୍ରୀଧର ବଳ, ନୃସିଂହ ଚରଣ ଖୁଣ୍ଟିଆ, ଧୀରେନ୍ଦ୍ର ବଳ, ଉପେନ୍ଦ୍ର ପତି, ସନ୍ତୋଷ ପରିଡ଼ା, ସମିତି ସମ୍ପାଦକ ରାଜେନ୍ଦ୍ର ବେଜ, କର୍ମ.ଚାରୀ ଆଲୋକ ଭୂୟାଁ, ଶୁଭଲକ୍ଷ୍ମୀ ସାହୁ, ସନ୍ତୋଷ ଜେନା ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ଓଡ଼ିଶା କ୍ଷତ୍ରୀୟ ଖଣ୍ଡାୟତ ମହାସଂଘର ଭଦ୍ରକ ଜିଲ୍ଲା ସମ୍ମିଳନୀ

**ଭଦ୍ରକ, ୨୩।୧୨(ସମିସ):** ଭଦ୍ରକର ସହିଦ ସ୍ମୃତି ଭବନରେ ଓଡ଼ିଶା କ୍ଷତ୍ରୀୟ ଖଣ୍ଡାୟତ ମହାସଂଘର ଜିଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟ, କୋଷାଧ୍ୟକ୍ଷ ବାବୁଲା ରାଉତ, ଆବାହକ ଶଶଧର ସାମଲ, ମୁକୁନ୍ଦଦେବ ସାମଲ, ବିକାଶ ସାମଲ, ପ୍ରଫୁଲ୍ଲ ନାୟକ, ପ୍ରସନ୍ନ ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ ଏକ ଖଣ୍ଡା ଶୋଭାଯାତ୍ରା ବାଦ୍ୟ ରୋଷଣି ମଧ୍ୟରେ ସହିଦ ସ୍ମୃତି ଭବନ ନିକଟରୁ ବାହାରି ସହର ପରିକ୍ରମା କରିବା ପରେ ମହାସଂଘର ପୂର୍ବତନ ସଭାପତି ତଥା ବର୍ଷିୟାନ ସାହିତ୍ୟିକ ସଦାଶିବ ନାୟକ ସଂଘୀୟ ପତାକା ଉତ୍ତୋଳନ କରିଥିଲେ। ଏହାପରେ ଶ୍ରୀ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀକୁ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ରାଜ୍ୟ ସଭାପତି ସଦାଶିବ ନାୟକ, ରାଜ୍ୟ ସଭାପତି ଅଶୋକ ଚନ୍ଦ୍ର ଲେଙ୍କା, ସାଧାରଣ ସଂପାଦକ ଦେବଦର୍ଶୀ ସାହୁ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଡାକ୍ତର ପ୍ରଦୀପ ନାୟକ, ଜଗନ୍ନାଥ ସ୍ୱାଇଁ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ‘ବନ୍ଦେ ଉତ୍କଳ ଜନନୀ’ ଗାନ ସହ କ୍ଷତ୍ରୀୟ ଓ ପାଇକ୍‌ମାନଙ୍କ ସଂପର୍କିତ ନୃତ୍ୟ ନାଟିକା କାହ୍ନୁଚରଣ ବେହେରାଙ୍କ ଟିମ୍‌ଙ୍କ ଦ୍ୱାରା ପରିବେଷଣ ହୋଇଥିଲା। ଏହାପରେ ଜିଲା ସଂଘର କୋଷାଧ୍ୟକ୍ଷ ବାବୁଲା ରାଉତଙ୍କ ମଞ୍ଚ ଆମନ୍ତ୍ରଣ ପରେ ନାଟ୍ୟକାର ନିର୍ମଳ ରାଉତ ସ୍ୱାଗତ ଭାଷଣ, ପ୍ରଭାତ ଜେନା ଗୀତାପାଠ କରିଥିଲେ। ଏଥିରେ ପୂର୍ବତନ ଜିଲ୍ଲା ସଭାପତି ସଦାଶିବ ନାୟକ, ରାଜ୍ୟରୁ ଆସିଥିବା ସଭାପତି ଅଶୋକ ଚନ୍ଦ୍ର ଲେଙ୍କା, କାର୍ଯ୍ୟକାରୀ ସଭାପତି ଶିବାଶିଷ ରାଉତ, ପ୍ରତିଷ୍ଠାତା ନିରଞ୍ଜନ ରଣସିଂହ, ସଂଗଠକ ଗଣେଶ କୁମାର ନାୟକ, ଉପଦେଷ୍ଟା ରବିନ୍ଦ୍ରନାଥ ପରିଡା, ଜିମୁତ ବାହନସିଂହ, ସଂଯୋଜକ ରତ୍ନାକର ସାମଲ, ଯୁଗ୍ମ ସଂପାଦକ ଦିଲ୍ଲୀପ ପଡିଆର, ସାଧାରଣ ସଭ୍ୟ ତପନ ବେହୁରା ଏବଂ କେନ୍ଦ୍ରାପଡା ସଭାପତି ଶରତ ବେହୁରା ପ୍ରମୁଖଙ୍କୁ ଜିଲ୍ଲା ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ମିଳନୀକୁ ଭାସ୍କର ନାୟକ, ବଟକୃଷ୍ଣ ଜେନା, ସମୀର ଜେନା, ମୃତ୍ୟୁଞ୍ଜୟ ସାମଲ, ଗଣେଶ ନାୟକ, ହରେକୃଷ୍ଣ ଜେନା, ଚିନ୍ତାମଣି ଦାସ, ସଞ୍ଜୟ ମହାପାତ୍ର, ସୁଧାକର ଜେନା, ବିନୋଦ ନାୟକ, ହିମାଂଶୁ ନାୟକ, ଆଦିତ୍ୟ ପ୍ରସାଦ ଜେନା, ଚିତ୍ତରଞ୍ଜନ ରାଉତ, ଧର୍ନୁଜୟ ଜେନା, ପ୍ରଦୀପ ମହାପାତ୍ର, ମନୋରଞ୍ଜନ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।



# ଚରମ୍ପା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ଭଦ୍ରକ,୨୩।୧୨(ସମିସ):** ଭଦ୍ରକ ଚରମ୍ପା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅଷ୍ଟାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି କୈଳାସ ଚନ୍ଦ୍ର ପଣ୍ଡୁଆଙ୍କ ସଭାପତିତ୍ୱ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅମୃତ ଦର୍ଶନ ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ସ୍ୱଦେଶୀ ଜାଗରଣ ମଞ୍ଚ ପୂର୍ବପ୍ରାନ୍ତ ସହସଂଯୋଜକ ନିର୍ମଳ ଷଡ଼ଙ୍ଗୀ ଯୋଗଦେଇଥିଲେ। ସମ୍ପାଦକ ସମାଜସେବୀ ଅଶୋକ କୁମାର ବିଶ୍ୱାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଣୟ କୁମାର ପଢିଆରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଆଚାର୍ଯ୍ୟ ରମେଶ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନା ସମିତି ସହସମ୍ପାଦକ ଅଜୟ କୁମାର ମିଶ୍ର, କୋଷାଧ୍ୟକ୍ଷ ଅରୁଣ କୁମାର ମଜମଦାର, ସଦସ୍ୟ ପୂର୍ଣ୍ଣଚନ୍ଦ୍ର ସେଠୀ, ଅଞ୍ଜନ କୁମାର ଲେଙ୍କା ପ୍ରମୁଖ ଉକ୍ତ ବାର୍ଷିକ ଉତ୍ସବ ସଫଳ ହେବାରେ ସହଯୋଗ କରିଥିଲେ।

# ଅଟଳ ବିହାରୀ କଲେଜର ଯୁବ ଓଡିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

**ବାସୁଦେବପୁର,୨୩।୧୨(ସମିସ):** ଯୁବ ଓଡିଶା ନବୀନ ଓଡିଶାର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଭାଗତ ଆନୁକୂଲ୍ୟରେ ଅଟଳ ବିହାରୀ କଲେଜ ପରିସର ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଯୁକ୍ତ ଦୁଇ ବିଭାଗର ନୋଡାଲ ଅଫିସର ଅଧାପକ ବିଜୟ କୁମାର ଅଗସ୍ତୀ ସଂଯୋଜନା କରିଥିଲେ। ସମ୍ମାନୀତ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ଅସିତ ଦାଶ, କଲେଜ ପରିଚାଳନା କମିଟିର ସଭାପତି ବନମାଳୀ କୁଅଁର, ଅଧକ୍ଷ ବିଷ୍ଣୁମୋହନ ସ୍ୱାଇଁ, ପ୍ରାକ୍ତନ ଅଧକ୍ଷ ବସନ୍ତ କୁମାର ବଳ, ଯୁକ୍ତ ୩ ବିଭାଗର ନୋଡାଲ ଅଫିସର ଅଧାପକ ଡ. ରାଜେନ୍ଦ୍ର କୁମାର ବେହେରା, ଯୁକ୍ତ ୩ ସାଂସ୍କୃତିକ ପ୍ରମୁଖ ସ୍ୱଣ୍ଣୟପ୍ରଭା ନାୟକ, ଯୁକ୍ତ ୨ ସାଂସ୍କୃତିକ ପ୍ରମୁଖ ଡ. ଗିରିଧାରୀ ପ୍ରସାଦ ଦାସ ଯୋଗ ଦେଇଥିଲେ।




# ପୁଅ ପାଇଁ ଅଲୋଡ଼ା ବୃଦ୍ଧ ପିତାମାତା

**ମଞ୍ଜୁରୀରୋଡ,୨୩।୧୨(ସମିସ):** ଆଜିକାଲି ସମାଜରେ ବୃଦ୍ଧ ପିତାମାତା ମାନଙ୍କୁ ସେମାନଙ୍କ ସନ୍ତାନ ମାନେ ଆଉ ଅନାଉନାହାଁନ୍ତି। ବିଶେଷ କରି ପୁଅ ବୋହୂଙ୍କ ନିର୍ଯାତତନାର ଶିକାର ହେଉଛନ୍ତି ବୃଦ୍ଧ ପିତାମାତା। ପୁଅ ବାହା ହୋଇ ସାରିବା ପରେ ସତେ ଯେମିତି ଅଲୋଡ଼ା ହୋଇଯାଉଛନ୍ତି ବାପା ମା’। ଏପରିକି ବୋହୂ ନିର୍ଯାତନାରେ ବୃଦ୍ଧ ପିତାମାତା ଅସହ୍ୟ ହୋଇ ପଡୁଥିବା ବେଳେ ପୁଅ ଏହାର ପ୍ରତିକାର କରିବା ମଧ ଅସମ୍ଭବ ହୋଇପଡୁଛି। ଫଳରେ ପରିଣତ ବୟସରେ ବୃଦ୍ଧ ପିତାମାତା ଥାନାର ଦ୍ୱାରସ୍ଥ ହେବାକୁ ବାଧ ହେଉଛନ୍ତି। ଏମିତି ଏକ ଅଭାବନୀୟ ଘଟଣା ଆଜି ଦେଖିବାକୁ ମିଳିଛି ଭଣ୍ଡାରିପୋଖରୀ ଥାନା ପରିସରରେ। ନିକଟ ଗାଁର ବୃଦ୍ଧ, ବୃଦ୍ଧା ପୁଲିସ ନିକଟରେ ପହଞ୍ଚି ବୋହୂର ନିର୍ଯାତନାରେ ବାରମ୍ବାର ଶିକାର ହେଉଥିବା ନେଇ ପୁଲିସକୁ ଅଭିଯୋଗ ପତ୍ର ଦେଇଛନ୍ତି। ଗୋଟିଏ ବୋଲି ପୁଅ ବିବାହ ହୋଇଥିଲେ ସୁଦ୍ଧା ପିତାମାତାଙ୍କୁ ଆଉ ଆଖିରେ ଚାହୁଁନାହିଁ। ତେଣୁ ପରିଣତ ବୟସରେ ବୃଦ୍ଧ ଦମ୍ପତି ୫ଶହ ଟଙ୍କା ଭତ୍ତା ଓ ୧୦କେଜି ରାସନ ଚାଉଳରେ ଜୀବନ ଅତିବାହିତ କରୁଛନ୍ତି। ଏହାସତ୍ତ୍ୱେ ବୋହୂ ସମୟେ ସମୟେ କୌଣସି କଥାକୁ ନେଇ ଶାଶୂ ଶ୍ୱଶୂରଙ୍କୁ ଗାଳି ଗୁଲଜ କରିବା ସହ ହାତ ଉଠାଇବାକୁ ପଛାଉ ନାହିଁ। ବାପା ମା’ଙ୍କୁ ଉଚିତ ସେବା କିମ୍ବା ସୁରକ୍ଷା ଦେବା ପୁଅ ପକ୍ଷେ ସତେ ଯେମିତି ଅସମ୍ଭବ ହୋଇପଡୁଛି। ତେଣୁ ବୋହୂର ବ୍ୟବହାରରେ ଅତିଷ୍ଠ ହୋଇ ଶାଶୂ ଶ୍ୱଶୁର ଆଜି ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି।



## ଆଗରପଡ଼ା କଲେଜ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଯାପିତ

# ମୁଖ୍ୟ ଆକର୍ଷକ ସିନେ ଅଭିନେତ୍ରୀ ସୋଫିଆ ଆଲାମ

**ଆଗରପଡ଼ା,୨୩।୧୨(ସମିସ)**

ଆଗରପଡ଼ା କଲେଜରେ ‘ଯୁବ ଓଡ଼ିଶା ନବୀନ ଓଡ଼ିଶା’ ପ୍ରାୟୋଜିତ ଉଦ୍‌ଘାଟିତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ପରିଚାଳନା କମିଟି ସଭାପତି ପ୍ରଶାନ୍ତ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଅଧ୍ୟକ୍ଷ ଡ. ହୃଷୀକେଶ ତ୍ରିପାଠୀ ଯୋଗଦେଇ ଥିବା ବେଳେ ଅନ୍ୟତମ ଅତିଥି ଭାବେ ଜିଲ୍ଲାପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ସାଂସଦ ପ୍ରତିନିଧି ଶ୍ରୀନାଥ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟା ରୁନୀତା ଦାସ, ବ୍ଲକ ଯୁବ ବିଜେଡି ସଭପତି ସତ୍ୟସାଧନ ବେଜ, ସରପଞ୍ଚ ସୁଭଦ୍ରା ସିଂହ, ବିନୋଦିନୀ ମହାନ୍ତି, ପ୍ରକାଶ ବିଶ୍ୱାଳ, ସମିତିସଭ୍ୟା ଜ୍ୟୋତିର୍ମୟୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉତ୍ସବର ମୁଖ୍ୟ ଆକର୍ଷକ ସିନେ ତାରକା ସେଫିଆ ଆଲାମ ବିଭିନ୍ନ ସଂଳାପ ଜରିଆରେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସମବେତ ନୃତ୍ୟ ପରିବେଷଣ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପାତ୍ର ସ୍ୱାଗତ ଭାଷଣ, ଅଧ୍ୟାପକ ନାରାୟଣ ଚନ୍ଦ୍ର ପୁରୀ ଅତିଥି ପରିଚୟ, ଅଧ୍ୟାପିକା ପ୍ରେମଲତା ଦାଶ ସାଂସ୍କୃତିକ ବିବରଣୀ ପାଠ, ମୁଖ୍ୟ ସହାୟକ ବିଜୟ ଦାସ ମଞ୍ଚ ଆମନ୍ତ୍ରଣ ଓ ଅଧ୍ୟାପକ ମହେଶ୍ୱର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଏଥିରେ ସମସ୍ତ ଅଧ୍ୟାପକ/ ଅଧ୍ୟାପିକା ଓ କର୍ମ.ଚାରୀମାନେ ସହଯୋଗ କରିଥିଲେ।




## ● ରାଧାମୋହନ କ୍ଲବ ଟୁର୍ଣ୍ଣାମେଣ୍ଟ

# ଧର୍ମଶାଳାକୁ ହରାଇ ଆଳି କ୍ଲବ୍ ବିଜୟୀ



**ଅସୁରାଳି,୨୩।୧୨(ସମିସ):** ଧାମନଗର ବ୍ଲକ ଗଢିଆଳୀ ପଞ୍ଚାୟତ ଗଢ଼ିଆଳୀ ଠାରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ଫୁଟବଲ ଟୁର୍ଣ୍ଣାମେଣ୍ଟର ୨ୟ ଦିବସରେ ଧର୍ମଶାଳା ଓ ଆଳି ଫୁଟବଲ ଟିମ୍ ମଧ୍ୟରେ ସଙ୍ଘର୍ଷ ପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଶେଷ ସୁଦ୍ଧା ଉଭୟ ଦଳ ପରସ୍ପରଙ୍କୁ ଗୋଟିଏ ଲେଖାଏଁ ଗୋଲ ଦେଇଥିବାରୁ ଶେଷରେ ପେନାଲ୍ଟି ସଟଆଉଟରେ ଆଳି ୫-୪ ଗୋଲରେ ବିଜୟୀ ହୋଇଥିଲା। ମନୋରଞ୍ଜନ ବାରିକ, ଲାଇନ୍ସ ମ୍ୟାନ ଜିତେନ୍ଦ୍ର ବାରିକ, ତାଜିନ ଖାଁ ଖେଳ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଟୁନିବାଳା ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଧୁଷୁରୀ ଜୋନ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ବରିଷ୍ଠ ବିଜେଡି ନେତା ରଘୁନାଥ ଲେଙ୍କା, ଅସୁରାଳି ସରପଞ୍ଚ ପ୍ରତିନିଧି ସୁରଜ ସାହୁ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। କ୍ଲବର କର୍ମକର୍ତ୍ତା ତଥା ରାଧାମୋହନ କ୍ଲବ କ୍ରୀଡ଼ା ସଭାପତି ଅଧ୍ୟାପକ ରବୀନ୍ଦ୍ର ପାଣିଗ୍ରାହୀ, କ୍ରୀଡ଼ା ସମ୍ପାଦକ ତାରାକାନ୍ତ ମିଶ୍ର, ଉପଦେଷ୍ଟା ରାସବିହାରି ମହାନ୍ତି, ସମାଜସେବୀ ଚକ୍ରଧର ପରିଡା, ପ୍ରଧାନ ଶିକ୍ଷକ ବଟକୃଷ୍ଣ ସେଠୀ ପ୍ରମୁଖ ଟୁର୍ଣ୍ଣାମେଣ୍ଟରେ ଖେଳ ପରିଚାଳନା କରିଥିଲେ।


**ଭୂ - ଅର୍ଜନ, ଥଇଥାନ ଏବଂ ପୁର୍ନବସତି ପ୍ରାଧିକାରୀ ଅଦାଲତ, କଟକ** XXXIII-19

**ନୋଟିସ୍**

**ଆଦେଶ -୫ ନିୟମ -୨୦ ଦେୱାନୀ କାର୍ଯ୍ୟ ବିଧି ସଂହିତା.-୧୯୦୮ ଅନୁଯାୟୀ**
**ଏଲ.ଏ. କେସ୍ ନଂ-୮୦/୨୦୧୯**

**ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର ଖୋର୍ଦ୍ଧା........... ଆବେଦନକାରୀ**

**ବନାମ**

**ସବିତା ଦେହୁରୀ ଓ ଅନ୍ୟମାନେ ........... ବିରୋଧୀ ପକ୍ଷ**

୧. ସବିତା ଦେହୁରୀ, ୨. ରଶ୍ମିତା ଦେହୁରୀ, ପିତା-ଭାଗ୍ୟଧର ଦେହୁରୀ, ୩. ଜୟନ୍ତୀ ଦେହୁରୀ, ସ୍ୱାମୀ-ଭାଗ୍ୟଧର ଦେହୁରୀ, ୪. ପ୍ରଭାତୀ ଦେହୁରୀ, ପିତା - ଗୋଲକ ଦେହୁରୀ ୫. ଜଳନ୍ଧର ଦେହୁରୀ ପିତା-ଦିଜ ଦେହୁରୀ, ୬. ସୁଦର୍ଶନ ଦେହୁରୀ ପିତା-କନକ ଦେହୁରୀ ୭. ଜଗନ୍ନାଥ ଦେହୁରୀ ୮. ସୁନନ୍ଦା ଦେହୁରୀ, ପିତା - ବ୍ରଜ ଦେହୁରୀ ୯. ରଂଜିତା ଦେହୁରୀ, ପିତା - ଅରକ୍ଷାତ ଦେହୁରୀ, ୧୦. ରତନୀ ଦେହୁରୀ, ପିତା - ବିଦ୍ୟାଧର ଦେହୁରୀ ୧୧. ଚରଣ ଦେହୁରୀ, ୧୨, ନାରଣ ଦେହୁରୀ, ୧୩. ରଜି ଦେହୁରୀ, ପିତା- କୁମର ଦେହୁରୀ, ଗ୍ରାମ - ପଥର ଗାଡ଼ିଆ, ପୋଷ୍ଟ-ଦାରୁଠେଙ୍ଗ, ଥାନା-ଚନ୍ଦକା, ଜିଲ୍ଲା - ଖୋର୍ଦ୍ଧା, ୧୪.ସ୍ୱଦେଶ କୁମାର ଛୋଟରାୟ, ପିତା-ପୁଷ୍ପକେତୁ ଛୋଟରାୟ, ଗ୍ରାମ/ପୋଷ୍ଟ-ଦାରୁଠେଙ୍ଗ, ଥାନା-ଚନ୍ଦକା, ଜିଲ୍ଲା - ଖୋର୍ଦ୍ଧା ୧୫. ପ୍ରକାଶ ପୂର୍ତ୍ତୀ , ପିତା -ବିପେନ୍ଦ୍ର ପୂର୍ତ୍ତୀ, ଗ୍ରାମ/ପୋଷ୍ଟ - ପଟିଆ ଥାନା- ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା - ଖୋର୍ଦ୍ଧା, ୧୬. ମନମୟ ପାହାଡ଼ ସିଂ, ପିତା - ବିଷ୍ଣୁଚରଣ ପାହାଡ଼ ସିଂ ଗ୍ରାମ -ଜୁଝଗଡ଼, ପୋଷ୍ଟ- ଦାରୁଠେଙ୍ଗ, ଥାନା-ଚନ୍ଦକା, ଜିଲ୍ଲା - ଖୋର୍ଦ୍ଧା ୧୭, ଅଂଜଳୀ ମହାବୀର ହୋମ କ୍ରିଏସନ ପ୍ରା.ଲି, ୧୮.ଏମ.ଡ଼ି. ଅଂଜଳି ମହାବୀର ହୋମ କ୍ରିଏସନ ପ୍ରା.ଲି, ସାନ୍ତନୁ କୁମାର ଜେନା ପିତା - ଗୋବିନ୍ଦ ଚନ୍ଦ୍ର ଜେନା,ସା - ଏଚ.ଆଇ.ଜି.-୧୯୯, ଶୈଳେଶ୍ରୀବିହାର, ଥାନା-ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା - ଖୋର୍ଦ୍ଧା ୧୯. ଜିତନ୍ କୁମାର ସାହୁ, ପିତା-ଭୋବନୀ ସାହୁ, ସା-ଏନ.-୧/୧୬, ଆଇ.ଆର.ସି. ଭିଲେଜ, ପୋଷ୍ଟ/ଥାନା-ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା -ଖୋର୍ଦ୍ଧା, ୨୦. ନବକିଶୋର ନାୟକ, ପିତା-ଦୈତାରୀ ନାୟକ, ଗ୍ରାମ/ପୋଷ୍ଟ-ନହରକଣ୍ଟା, ଥାନା-ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ଭୂମି ଅଧିଗ୍ରହଣର ସ୍ୱିକୃତ କ୍ଷତି ପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ,ଥଇଥାନ ଏବଂ ପୁର୍ନବସତି ପ୍ରାଧିକାରୀ ଅଦାଲତ,ସି.ବି.-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ଼, କଟକଙ୍କ ଇଜିଲାସ/ଅଦାଲତରେ ଏଲ.ଏ. କେସ୍ ନଂ ୮୦/୨୦୧୯ ମକଦ୍ଦମା ରୁଜୁ କରିଅଛନ୍ତି। ଉକ୍ତ ଭୂମିର ବିସ୍ତୃତ ବିବରଣୀ ଯଥା ମୌଜା-ସୁନ୍ଦରପୁର,ଖାତା ନଂ- ୫୮. ପ୍ଲଟ ନଂ- ୫୭୬/୮୩୭,ରକବା ଏ୦.୦୭୭ଡ଼ି, ଅଟେ। ଉକ୍ତ ବିରୋଧି ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସତ୍ୱ ବିଷୟରେ ସଫେଇ/ତଦ୍‌ବିର କରିପାରିବେ। ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଏହି ନୋଟିସ୍ ସମ୍ବାଦ ପତ୍ରରେ ପ୍ରକାଶନ ପରେ ଧାର୍ଯ ତା[illegible]ରିଖ ପୂର୍ବାହ୍ନ ୧୦ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ୱିକୃତ ଆର୍ଥିକରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ। ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ ।

ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସେହି ମୋହର ସହ ଦିନାଙ୍କ ତା.୨୪.୧୧.୨୦୨୩ରିଖ।

ସାକ୍ଷର /- ପ୍ରିଜାଇଡ଼ିଂ ଅଫିସର
ଭୂ-ଅର୍ଜନ ଥଇଥାନ ଏବଂ ପୁର୍ନବସତି ପ୍ରାଧିକାରୀ,
ଅଦାଲତ, କଟକ

OIPR-24351/14/0018/2324

# ମୃତ୍ୟୁ ଏମିତି ଆସେ

ଅମ୍ରିତ ଋତୁରାଜ





ମୃତ୍ୟୁ ଏମିତି ଆସେ
ନରମ ତୁଳା
ଫୁଟନ୍ତା ପାଣିରେ
ଗାଧେଇ ପଡ଼ିଲା ଭଳି ।

ମୃତ୍ୟୁ ଏମିତି ଆସେ
ବାକ୍ୟର ସମାପିକା କ୍ରିୟା
ପୂର୍ଣ୍ଣଚ୍ଛେଦକୁ ଚୁମ୍ବନ ଦେଇ
କଲମକୁ ଦୀର୍ଘଶ୍ୱାସ ପାଇଁ
ଅନୁମତି ଯେମିତି ଦିଏ ।

ମୃତ୍ୟୁ ଏମିତି ଆସେ
ଆଞ୍ଚୁଡ଼ି ହେଇଥିବା ଘା ଯେମିତି
ସାମୟିକ ଯନ୍ତ୍ରଣା ଦେଇକି
ଚମ ରନ୍ଧ୍ରରେ ମିଳେଇ ଯାଏ
ପତ୍ରରେ କାକର ମିଳେଇଲା ପରି ।

ମୃତ୍ୟୁ ଏମିତି ଆସେ
ଅନିଚ୍ଛାକୃତ ଉପବାସରେ ଥିବା
ଛଞ୍ଚାଣର ଭୋକିଲା ଆଖି
ଭୋକର ଶବ ପାଲଟିଥିବା
କୁକୁରର ନିର୍ଜୀବ ଶରୀରକୁ
ସନ୍ଧାନ କରେ ଯେମିତି ।

ମୃତ୍ୟୁ ଏମିତି ଆସେ
ଅନାଥ ବାରମଜା ବିକୁଥିବା
ଶିଶୁର ନୂଆ ସକାଳ ଆସିଲା ପରି
ସେ ସକାଳର ଚମକରେ
ଅଳସ କି ଉଷ୍ଣତା
କିଛି ବି କିଛି ନଥାଏ ଯେମିତି ।

ମୃତ୍ୟୁ ଏମିତି ଆସେ
ପାଦର ବୁଢ଼ା ଆଙ୍ଗୁଳି
ନଖ ପାଖର ଲୋମ
କାକରର ଛୁଞ୍ଚି ବିନ୍ଧାରେ
ଆହତ ହୁଏ ଯେମିତି ।

ମୃତ୍ୟୁ ଏମିତି ଆସେ
ରାତ୍ରିର ନିର୍ଜନ ଖେଳପଡ଼ିଆ
ମଶାଣିର ନିଶୂନପଣ
ଯାଅାଁଳା ଭାଇ ଭଳି
ଘୋଡ଼େଇଛନ୍ତି ଶୂନ୍ୟତାର ରକ୍ତ କପଡ଼ା ।

ମୃତ୍ୟୁ ଏମିତି ଆସେ
ଚାଲିବାକୁ ଉଦ୍ୟତ ଛୁଆଟେ
ଝୁଣ୍ଟିପଡ଼େ ଘରର ଦୁଆରବନ୍ଧ ପାଖେ
ଯେମିତି ତରଙ୍ଗ ବାରମ୍ବାର ଝୁଣ୍ଟେ
ଅସ୍ଥଟିକ ସୁନେଲି ବାଲିକୁଦ ପାଖେ ।

ମୃତ୍ୟୁ ଏମିତି ଆସେ
ଯେମିତି ପୋଲିଓ ଗ୍ରସ୍ତ
ଶୃଙ୍ଖଳା କାଠର ପ୍ରହାରରେ
ନିଆଁ ବିଞ୍ଚିଦିଏ ଅଗ୍ନି ଫୋଟକା
ଦରମଲା କାଠର ପାଉଁଶ
ଧୂଆଁ ବାନ୍ତି କରେ ଆକାଶକୁ
ଚିରିକି ଟିକ୍ ଟିକ୍ କରିଦେବାକୁ
ଅନ୍ଧାରର ସମସ୍ତ ସ୍ଥିତିବାନ ରୟତି ।

କେନ୍ଦ୍ରାପଡ଼ା

# ସ୍ତ୍ରୀଲୋକ

ଡକ୍ଟର ସୁଷମା ମିଶ୍ର





ଫ୍ରକ୍ ପିନ୍ଧା ଝିଅଟିକୁ ଛାଡ଼ିଦେଇ ଆସିଲି ବାଲି ଘରେ
ଶଢ଼େଇରେ ମିଛି ମିଛି ଭାତ ରାନ୍ଧିବାକୁ
ନୂଆ ନୂଆ ଶାଢ଼ି ପିନ୍ଧା ଝିଅଟିକୁ
ଛାଡ଼ି ଦେଇ ଆସିଲି ଦର୍ପଣ ଆଗରେ
ନିଜ ଚେହେରାକୁ ଦେଖି
ପହିଲି ଚମକରେ ଚମକି ଯିବାକୁ ।
ମନ ଲଗାଇ ପଢୁଥିବା ଝିଅଟିକୁ
ଛାଡ଼ିଦେଇ ଆସିଲି ପଢ଼ାଘରେ
କୃତିତ୍ୱର ପାହାଚରେ ପାଦ ଥାପିବାକୁ ।

ନିଜକୁ ଛାଡ଼ିଦେଇ ଆସିଲା ପରେ
ତିନୋଟି ଛକରେ
ଯିଏ ବଳିଗଲା
ସେ ଏକ ସ୍ତ୍ରୀ ଲୋକ ହୋଇଗଲା
ତା'ର ମିଛ ବାଲିଘର
ସତ ହୋଇଗଲା କଂକ୍ରିଟ୍ କାନ୍ଥରେ ।
ତା' ହାତରେ ହାତ ବାନ୍ଧି ହେଲା ପରେ
ସେ ସତ ସତ ରାନ୍ଧିବା ଶିଖିଲା
ଘର କାମ ପାଇଁ
ଏକନିଷ୍ଠ ଶ୍ରମିକ ହୋଇଲା ।

ସେ ଯେବେ ବି
ଦର୍ପଣ ଆଗରେ ଠିଆ ହେଉଥିଲା
ବଦଳି ଯାଉଥିଲା ତା'ର ନିଟୋଳ ଚେହେରା
ସେ ଯେବେ ବି ବହି ଖୋଜିଲା
ସଫଳତାର ଶିଢ଼ି ଚଢ଼ିବା ପାଇଁ
କ୍ଳାନ୍ତିର ଶେଯରେ ଶୋଇ
ଜିଉଁଥିବା ଜୀବନକୁ ହିଁ
ଏକାଗ୍ର ଚିତ୍ତରେ ପଢ଼ିବାକୁ ଲାଗିଲା ।

ମୋତେ ଚୁକ୍ତି କରିବାକୁ ହେଲା
ଆଜୀବନ ସେମାନଙ୍କ ଇଚ୍ଛାର ତୂଳୀ ଧରି
ରଙ୍ଗେଇବାକୁ ଜୀବନ ବହିର ମଲାଟ ।
ସେଇ ଦିନରୁ
ନିଜଠୁ ଅଲଗା କରି ସ୍ତ୍ରୀ ଲୋକଟିକୁ
ମୁଁ ଛାଡ଼ି ଦେଇ ଆସିଛି
ସଖୀକଣ୍ଢେଇ କରି ସେ ଅଗଣାରେ ।
ଏକାନ୍ତରେ ନିଜ କଥା ନିଜକୁ ପଚାରି
କେବେ କେମିତି
ନିଜକୁ ମୁଁ କହି ଦେଉଛି
ସହିବାର ସୀମାନ୍ତରେ
ଅଧିକାଂଶ ନାରୀ
ଠିକ୍ ମୋ' ପରି
ଗୋଟେ ଗୋଟେ କଳଙ୍କିଲଗା ତରବାରି ।

ସ୍ପନ୍ଦନ, ଖଣ୍ଡଗିରି ଏନ୍‌କ୍ଲେଭ୍
ଭୁବନେଶ୍ୱର -୩୦

# ଶ୍ରଦ୍ଧାଞ୍ଜଳି

ପ୍ରଭଞ୍ଜନ ଦାଶ



ଏଇ କିଛିଦିନ ତଳର କଥା । ଉତୁରୁ ଥିବା କ୍ଷୀର ହାଣ୍ଡିକୁ ନ ରୋକିପାରିବା ପରି ମୁଁ ବି ରଖି ପାରୁନି କଥାଟିକୁ ଆଉ ମୋ ମନ ଗୋପନରେ । ସେଦିନ ବି ମୋର ଠିକ୍ ସେଇ ଅବସ୍ଥା ହେଲା, ଯାହା ଲଗାତାର ଆଠ ଦଶଦିନ ହେବ ମୋ ସହ ରୀତିମତ ଭାବେ ଘଟୁଛି । ପ୍ରଥମେ ମନରେ ଉତ୍ସାହ ପରେ ଉଲ୍ଲସିତ କ୍ରମେ ଉତ୍‌ଫୁଲ୍ଲିତ ଆଉ ଶେଷରେ ଉଦାସୀନ । ଡ୍ରଇଂ ରୁମରେ ବସିବା କ୍ଷଣି ଘରଣୀଙ୍କର ସେଇ ସମାନ ପ୍ରଶ୍ନ, "ଆଜି କ'ଣ ହେଇଛି ତମର?" ଉତ୍ତରକୁ ବେଶୀ ନ ଲମ୍ବେଇ ସଂକ୍ଷିପ୍ତରେ ମୁଁ କହିଲି, "କିଛି ନାହିଁ, ମୁଁ ପୂରା ଠିକ୍ ଅଛି" । ଆଉ ବା କ'ଣ କହି ପାରିବି? ପତ୍ନୀଙ୍କ ଆଗରେ ନିଜ ପରକୀୟାପ୍ରୀତି ସମ୍ପର୍କରେ । ହଁ ପରପ୍ରୀତି ନୁହେଁ ତ ଆଉ କ'ଣ?

ଚାକିରି ଜୀବନରେ ଅଫିସରେ ଅବା ଅବସର ପରେ ଏବେ ଘରେ ସବୁଠି ବସିବସି ପେଟ ଟିକେ ବାହାରି ପଡ଼ିଥିଲା । ହ୍ୟାଣ୍ଡସମ୍ ଫିଗରଟା କୋଉଠି ବୁଢ଼ା ଭଳିଆ ଦେଖାଗଲା ମୋ ଘରଣୀଙ୍କୁ । ସେ ଦିନରାତି ଗୋଟିଏ କଥାକୁ ମୋ ଆଗରେ ଘୋଷି ହେଲେ, "ତମେ ୱାକିଙ୍ଗ୍ କର, ବ୍ୟାୟାମ କର" । ପ୍ରଥମ ଦିନର କଥା, ପାର୍କରେ ଘେରାଏ ବୁଲିସାରି ଥକ୍କା ମାରିବା ପାଇଁ ମୁଁ ବସି ପଡ଼ିଥିଲି ସେ କ'ଣରେ ଥିବା ବରଗଛ ପିଣ୍ଡି ଉପରେ । ସେଠି ନଜରଟା ପ୍ରାୟ କାହାର ପଡ଼େନି । ଯାଉଁଳି ଯୋଡ଼ିକୁ ଛାଡ଼ିଦେଲେ ବାକି କେହି ସେଠିକୁ ସେମିତି ଯାଆନ୍ତିନି । ଝାପ୍‌ସା ଆଲୁଅର ଶୂନ୍‌ଶାନ୍ ପରିବେଶ ମୋର ଭାରି ପ୍ରିୟ, ସେଥିପାଇଁ ସେ ଜାଗାଟା ମୋର ଟିକେ ବେଶୀ ନିଜର । କିଛି ସମୟର ବିଶ୍ରାମ ପରେ ଟିକେ ଆଶ୍ୱସ୍ତ ଅନୁଭବ କଲି । ଘରକୁ ଯିବା ପାଇଁ ବାହାରୁ ଥାଏ ହଠାତ୍ କାହାର ଚୁପ୍‌ଚାପ୍ କଥା ମନକୁ ଟିକେ ଚଳଚଞ୍ଚଳ କରିଦେଲା । ଆଖି ବୁଲେଇ ଦେଖେ ତ ଦୁଇ ଜଣ ଯୁବତୀ କିଛି ଗପସପ କରି ମୋରି ପଟକୁ ଚାଲି ଆସୁଛନ୍ତି । ମୁଁ ବସିଥିବା ଜାଗାର ଠିକ୍ କଣକୁ ଗୋଟେ ଛୋଟ ପଡ଼ିଆଟେ ଅଛି । ମୋ ପ୍ରିୟ ଜାଗାରୁ ପଡ଼ିଆଟିକୁ ସମ୍ପୂର୍ଣ୍ଣ ଭାବରେ ଦେଖିହୁଏ, ସେ ବି ପୁଣି ଅନ୍ୟ କାହାର ଦୃଷ୍ଟି ଆଢୁଆଳରେ । ଦୁହେଁ ହସିହସି ସେ ପଡ଼ିଆ ଆଡ଼କୁ ଚାଲିଗଲେ । ପଡ଼ିଆରେ ନିଜ ୱାଟର୍ ବଟଲ୍‌କୁ ରଖିଦେଇ ଯୋଗ ବ୍ୟାୟାମରେ ଲାଗିପଡ଼ିଲେ ଦୁହେଁ । ଟାଇଟ୍ ଲେଗିନ୍ସ ଆଉ ସର୍ଟ ଟପ୍‌ସରେ ତାଙ୍କର ସେ ବ୍ୟାୟମର ଦୃଶ୍ୟ ମୋ ପାଇଁ ଅତ୍ୟନ୍ତ ମନୋରଞ୍ଜନଧର୍ମୀ ଥିଲା । ଖାଲି ମୁଁ କାହିଁକି, ସେ ଦୃଶ୍ୟକୁ ଯେ କେହିବି ଦେଖିବ ସେ ବିମୋହିତ ହବା ସ୍ୱାଭାବିକ । ବିଶେଷକରି ସେ ଦୁହିଁଙ୍କ ଭିତରୁ ଗୋଲାପି ଟପ୍‌ସ ପିନ୍ଧା ପତଳା ଝିଅଟିର ବ୍ୟାୟାମ, ତା' ଚୁଲ୍‌ବୁଲି ଚାଲି ମତେ ବାରମ୍ବାର ସେମାନଙ୍କ ଆଡ଼କୁ ଆକର୍ଷିତ କରୁଥିଲା । ସେ ହିଁ ଥିଲା ମୋ ଆକର୍ଷଣର ଏକମାତ୍ର କେନ୍ଦ୍ରବିନ୍ଦୁ । ସେଦିନ ସେ ଦୃଶ୍ୟକୁ ଦେଖିବା ପରେ ଦେହର ବ୍ୟଥା ମୋର କ୍ଷଣକରେ କୁଆଡ଼େ ଉଭେଇ ଯାଇଥିଲା ।



ପରନ୍ତୁ ଏ ଘଟଣା କେବଳ ସେଦିନରେ ହିଁ ସୀମିତ ନଥିଲା । ଲଗାତାର ଭାବେ ସେ ଦୁହେଁ ସେଠାକୁ ସେମିତି ବ୍ୟାୟାମ କରିବା ପାଇଁ ଆସୁଥିଲେ । ନିଜର ପ୍ରାତଃ ଚାଲିବା ଅପେକ୍ଷା ସେମାନଙ୍କର ସେ ଦୃଶ୍ୟକୁ ଦୂରରୁ ଦେଖି ଉପଭୋଗ କରିବା ମୋ ପାଇଁ ପାର୍କ ଯିବାର ଏକ ପ୍ରମୁଖ ଉଦ୍ଦେଶ୍ୟ ଥିଲା । ହଁ ଏସବୁ କହିବା ଏକ ଲଜ୍ଜାର ବିଷୟ ଯେ ମୋ ପରି ଜଣେ ପ୍ରାପ୍ତ ବୟସର ମଣିଷ ମନରେ ସୁନ୍ଦରୀ ତରୁଣୀ ପ୍ରତି ଏମିତି ଏକ ଭାବନା ହୁଏତ ଘୃଣ୍ୟର ବିଷୟ ହୋଇପାରେ, ପରନ୍ତୁ ଏସବୁ ସତ । ଗୋଲାପି ଟପ୍‌ସ ପିନ୍ଧା ସେ ତନୁ ପାତଳୀ ଜଣକୁ ସେଠାରେ ସେମିତି ଦେଖିବାର ଅଭିପ୍ରାୟ ମୋର ଦିନକୁ ଦିନ ବଢୁଥାଏ ସତ, କିନ୍ତୁ ଆଦୌ କମିବାର ନଥାଏ । ବିଳମ୍ବରେ ହେଲେ ବି ସେ ସବୁଦିନ ଆସେ କେବେ ସାଙ୍ଗ ସହ ତ ପୁଣି କେବେ ଖୁବ୍ ଏକା । ମୁଁ ବି ଚାତକ ପରି ଏକ ଉତ୍ସାହପୂର୍ଣ୍ଣ ଅପଲୋକ ନୟନରେ ଚାହିଁ ବସିଥାଏ ତା'ରି ଆସିବା ବାଟକୁ । ତାକୁ ଦେଖିବା କ୍ଷଣି କାହିଁକି କେଜାଣି ମୋର ଯନ୍ତ୍ରଣା ଜର୍ଜରିତ କ୍ଳାନ୍ତ ଶରୀରର ସମସ୍ତ ବ୍ୟଥା ଲାଘବ ହୋଇଯାଏ । ବେଳେ ବେଳେ ତା' ପାଇଁ ଘରେ ପହଞ୍ଚିବାରେ ମୋର ବିଳମ୍ବ ହୁଏ । ପତ୍ନୀଙ୍କର ପ୍ରଶ୍ନକୁ ମିଛ ଉତ୍ତର ଦେଇ ପାରିହେବା ଛଡ଼ା ଅନ୍ୟ କିଛି ଉପାୟ ନଥାଏ ମୋର । ପ୍ରାୟ ପନ୍ଦର ଦିନ ବିତି ସାରିଥାଏ ହେଲେ ଗୋଲାପି ଟପ୍‌ସ ପିନ୍ଧା ସେ ଚୁଲ୍‌ବୁଲି ଝିଅର ଚେହେରା ମୋ ପାଇଁ ସବୁବେଳେ ନୂଆ ଓ ଦେଖିବା ଉତ୍ସାହପୂର୍ଣ୍ଣ । ସେଦିନ ବ୍ୟାୟାମ ପରେ ସେ ତା' ସାଙ୍ଗକୁ କହୁଥିଲା, "ତୁ ତ କାଲି ଆସିବୁନି, ହେଲେ ମୁଁ କାଲି ଟିକେ ଶୀଘ୍ର ଆସିବି" । ଦୂରରେ ଥାଇବି ମୁଁ ସ୍ପଷ୍ଟ ଭାବରେ ଶୁଣି ପାରୁଥିଲି ସେ ସ୍ୱରକୁ । ମନେମନେ ସ୍ଥିର କଲି, "କାଲି ଏକାକୀ ଦେଖିଲେ ତାକୁ ନିଶ୍ଚୟ ପଚାରିବି, ତା' ନାଁ, ତା' ପରିଚୟ, ତା' ଠିକଣା ସବୁକିଛି" । ବୟସ ବଢ଼ିଛି ବୋଲି ଯେ ପ୍ରେମ ମରିଯାଇଛି ତା' ନୁହଁ ବରଂ ପ୍ରେମ ମରିଗଲେ ମଣିଷ ବୟସ୍କ ହେଇଯାଏ ତାହା ଠିକ୍ । ସେ ଘଟଣାକୁ ଆଜିକି ପ୍ରାୟ ଦଶ ଦିନ ହୋଇଯିବ କେବଳ ଅପେକ୍ଷା ଓ ଯନ୍ତ୍ରଣାରେ ହିଁ ମୋର ସବୁଦିନ ସେଇଠି ବିତି ଯାଉଛି । ସମୟ ଗୁଡ଼ାକ ଝରଣାର ପାଣି ପରି ବହିଯାଉଛି, ହେଲେ ତା'ର ଦେଖା ନାହିଁ । ସେଦିନ ସେ ଆସିବ କହିକି ଯାଇଛି ଯେ ଯାଇଛି, ସେ କି ତା' ସାଙ୍ଗ କାହାରବି ଖୋଜ୍ ଖବର ନାହିଁ । ଦିନକୁ ଦିନ ମୋର ଅଧୈର୍ଯ୍ୟ, ଅସ୍ଥିରପଣ ଓ ବ୍ୟାକୁଳତା ବଢ଼ିବାରେ ଲାଗିଛି । "କାହିଁକି ସେ ଆସୁନି? , କ'ଣ ହେଇଛି ତା'ର?, ସେ ନିଶ୍ଚୟ ଆସିବ, ପୁଣି ସେମିତି ବ୍ୟାୟାମ କରିବ, ହଁ ସେ ଆସୁଛି, ଏବେ ଆସିବ, ଆଜି ଆସିବ, କାଲି ଆସିବ..." ଏମିତି ନିଜ ମନକୁ ନିଜେ ସାନ୍ତ୍ୱନା ଦେବା ଛଡ଼ା ଅନ୍ୟ କିଛି ଉପାୟ ନଥାଏ ମୋର । ସେଦିନ ବି ସେମିତି ଉତ୍ସାହ, ଉଲ୍ଲସିତ ମନରେ ତା' ଆସିବା ବାଟକୁ ଚାହିଁ ଶେଷରେ ଉଦାସୀନ ହେବାକୁ ପଡ଼ିଲା । ଏଇ କିଛିଦିନ ହେବ ମୋର ମାନସିକ ସ୍ଥିତି ଯେ ଠିକ୍ ରହୁନି ସେ କଥା ବୋଧହୁଏ ମୋ ଘରଣୀ ଅନୁମାନ କରିପାରୁଥିଲେ । ମୁଁ କିନ୍ତୁ ନିର୍ଦ୍ୱନ୍ଦରେ କହିପାରିବି ଯେ ତା'ର ଅନୁପସ୍ଥିତି ହିଁ ମୋ ମାନସିକ ଦୁଃଚିନ୍ତାର ଏକମାତ୍ର କାରଣ ଥିଲା । ପତ୍ନୀଙ୍କର କିଛି ନିୟମିତ ପ୍ରଶ୍ନକୁ ବାରେଇ ଦେବା ପରେ ସେ ବ୍ୟସ୍ତ ହୋଇ କହୁଥିଲେ, "ତମେ ରିଟାର୍ଡ ପରେ ଭାଙ୍ଗି ପଡ଼ିଛ, ଟିକେ ଡାକ୍ତରଙ୍କୁ ଦେଖାଅ" । କିନ୍ତୁ ମୁଁ ଜାଣେ ମୋ ରୋଗକୁ କୌଣସି ଡାକ୍ତର ନୁହେଁ, କେବଳ ସେ ଗୋଲାପି ଟପ୍‌ସ ପିନ୍ଧା ଝିଅ ହିଁ ଅକ୍ଳେଶରେ ଭଲ କରିଦେଇ ପାରିବ । ଗରମ ଚା' କପଟିକୁ ଟେବୁଲ୍ ଉପରେ ଥୋଇଦେଇ ସେ କହିଲେ, "ଚା ରହିଲା, ଶୀଘ୍ର ପିଇ ନିଅ । ଥଣ୍ଡା ହେଇଯିବ" ।

ଠିକ୍ ଏତିକିବେଳେ ହକର୍‌ର ପେପର୍ ଫିଙ୍ଗା ଶବ୍ଦ ଶୁଣି ବାଲ୍‌କୋନୀରୁ ଗୋଟାଇ ଆଣିଲି ରବିବାରର ପେପରଟିକୁ । ଅନ୍ୟମନସ୍କତାରେ ଗୋଟିଏ ହାତରେ ଗରମ ଚା' କପଟିକୁ ଧରି ଅନ୍ୟହାତରେ ବିଚଳିତ ଭାବେ ପେପରଟିକୁ ଓଲଟେଇବାରେ ଲାଗିଲି । ଖବର ପଢ଼ିବାରେ କୌଣସି ଆଗ୍ରହ ନଥିଲା ମୋର କେବଳ ଯାହାଥିଲା ଟିକେ ନଜର ବୁଲେଇ ଆଣିବାରେ । ଖବରକାଗଜର ଶେଷରେ ଥିବା ଶ୍ରଦ୍ଧାଞ୍ଜଳି ପୃଷ୍ଠା ଉପରେ ନଜର ପଡ଼ିବା କ୍ଷଣି ମୁଁ, ଚମକି ଉଠିଲି । ଅଜାଣତରେ ଏକ ଚିତ୍କାର ବାହାରି ଆସିଲା, "ନା!" ଦୁମ୍ କି ଶବ୍ଦ କରି ଗରମ ଚା କପଟି ହାତରୁ ଖସିପଡ଼ିଲା । ଏକ ନିରବ ବାତାବରଣ ଭିତରେ ଖେଳିଗଲା ଅସୁମାରି ଝଡ଼ର ଭୟାବହ । ରୋଷେଇ ଘରୁ ଘରଣୀ ଦୌଡ଼ି ଆସି ବ୍ୟସ୍ତତାରେ, "କଣ ହେଲା? ଏ ହେ ଏତେ ଦାମୀ ଗ୍ଲାସ୍‌ଟା ଭାଙ୍ଗି ଗଲା" । ପରନ୍ତୁ ମୋ ଆଖି ଆଗରେ ନାଚିଉଠୁଥିଲା ତା'ର ହସହସ ସେ ସୁନ୍ଦର ମୁହଁ, ତା'ର ଚୁଲବୁଲି ଦେହ ଆଉ କାନରେ ଗୁଞ୍ଜରିତ ହେଉଥିଲା ହସଭରା ମୁହଁରେ ତା'ର ସେ ଗୋଟିଏ ସ୍ୱର, "ମୁଁ କାଲି ଟିକେ ଶୀଘ୍ର ଆସିବି..." ।

ପ୍ଲଟ୍ ନମ୍ବର - ୪୫୧୦/୫୬୯୫
ଗଳି - ୫, ମେଘେଶ୍ୱର କଲୋନୀ
ଟଙ୍କପାଣି ରୋଡ୍, ଭୁବନେଶ୍ୱର – ୭୫୧୦୧୮
ମୋ: ୭୩୨୬୯୫୯୯୯୫

# ବଳରାମ ଦାସଙ୍କ 'ଲକ୍ଷ୍ମୀ ପୁରାଣ'ରେ ସାମାଜିକ ପ୍ରତିବଦ୍ଧତା

ସତ୍ୟବ୍ରତ ପାଣିଗ୍ରାହୀ



ସାହିତ୍ୟକୁ ସମାଜର ଦର୍ପଣ କୁହାଯାଏ । ସମାଜର ନିତିଦିନିଆ ଘଟଣା, ଲୋକଙ୍କ ଜୀବନ ଜୀବିକା, ଆଚାର ବ୍ୟବହାର, ଚାଲିଚଳଣିର ପୃଷ୍ଠଭୂମିରେ କିଛି ଚରିତ୍ରକୁ ଖଞ୍ଜି ଦେଇ ଶବ୍ଦଶିଳ୍ପୀ ସାହିତ୍ୟ ରଚନା କରେ । ନିଜ ରଚନାକୁ ଜୀବନ୍ତ କରିବା ପାଇଁ ସେଥିରେ ଭରିଦିଏ ମଣିଷର ଭାବାବେଗ । ଆଉ କେତେବେଳେ ସାହିତ୍ୟକୁ କରିଦିଏ ରସସିକ୍ତ । ସେ କାହାଣୀ ହେଉ କି କାବ୍ୟ କବିତା, ପ୍ରତ୍ୟେକ ସାହିତ୍ୟରେ କିନ୍ତୁ ସାମାଜିକ ସନ୍ଦେଶ ନିହିତ ଥାଏ । ଅନେକ ସମୟରେ ସାହିତ୍ୟ ମାଧ୍ୟମରେ ବିପ୍ଳବର ସ୍ୱର ଗୁଞ୍ଜରିତ ହୁଏ ଏବଂ ସାମାଜିକ ସ୍ତରରେ ଗୋଟିଏ ଜାତି ନନ୍ଦିଘୋଷକୁ ଆଗକୁ ବଢ଼ିବା ପାଇଁ ଇନ୍ଧନ ଯୋଗାଇଥାଏ । ସେହିଭଳି ସମାଜରେ ରହିଥିବା କୁସଂସ୍କାର, ଅନ୍ଧବିଶ୍ୱାସ, ଅତ୍ୟାଚାର ଦୂର କରିବା ପାଇଁ ଅନେକାଂଶରେ ଜନମାନସକୁ ପ୍ରଭାବିତ କରେ ସାହିତ୍ୟ । ଓଡ଼ିଶାରେ ମଧ୍ୟ ଏହାର ଅନେକ ଦୃଷ୍ଟାନ୍ତ ରହିଛି । ତେବେ ଓଡ଼ିଆ ଜାତିକୁ ବିପୁଳ ମାତ୍ରାରେ ପ୍ରଭାବିତ କରିଥିଲା ପଞ୍ଚଦଶ ଶତାବ୍ଦୀର ପଞ୍ଚସଖା ସାହିତ୍ୟ । ଉତ୍କଳର ସାଂସ୍କୃତିକ ଓ ସାମାଜିକ ବିଭବକୁ ପରିପୁଷ୍ଟ କରିବାରେ ପଞ୍ଚସଖାଙ୍କ ଅବଦାନ ଅବିସ୍ମରଣୀୟ । ଶ୍ରୀଚୈତନ୍ୟଙ୍କ ସମସାମୟିକ ଏହି ପଞ୍ଚସଖାଙ୍କ ମଧ୍ୟରେ ସନ୍ଥ ବଳରାମ ଦାସ ଥିଲେ ଅନ୍ୟତମ କବି । ପୁରୀ ଜିଲ୍ଲାରେ ସେ ଜନ୍ମ ହୋଇଥିଲେ ଏବଂ ଭକ୍ତି-ମିଶ୍ର ଜ୍ଞାନ ଯୋଗର ପ୍ରଚାର କରିଥିଲେ । ତାଙ୍କ ଦ୍ୱାରା ରଚିତ 'ଓଡ଼ିଆ ରାମାୟଣ' ବା 'ଜଗମୋହନ ରାମାୟଣ', 'ବିରାଟ ଗୀତା', 'ବ୍ରହ୍ମାଣ୍ଡ ଭୂଗୋଳ', 'ମୃଗୁଣୀ ସ୍ତୁତି', 'ବେଢ଼ା ପରିକ୍ରମା', 'କାନ୍ତ କୋଇଲି', 'ବେଦାନ୍ତସାର ଗୁପ୍ତଗୀତା', 'ଭାବ ସମୁଦ୍ର', 'ବଟ ଅବକାଶ' ଆଦି ଗ୍ରନ୍ଥ ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ଋଦ୍ଧିମନ୍ତ କରିଛି । ତେବେ ଓଡ଼ିଶାର ପୁରପଲ୍ଲୀରେ ଘରେ ଘରେ ତାଙ୍କର ଯେଉଁ କୃତିଟି ପରିଚିତ, ତାହା ହେଉଛି 'ଲକ୍ଷ୍ମୀ ପୁରାଣ' । ଏଥିରେ ରହିଛି ତତ୍କାଳୀନ ସାମାଜିକ ବ୍ୟବସ୍ଥାର ଚିତ୍ର ଏବଂ ତହିଁରେ ମହାଲକ୍ଷ୍ମୀଙ୍କ ଲୀଳା ମାଧ୍ୟମରେ ସାମାଜିକ ସଂସ୍କାର ଆଣିବାର ଏକ ସାହସିକ ପ୍ରଚେଷ୍ଟା । ପୂଜାପାଠରେ ଆଭିଜାତ୍ୟ ଶ୍ରେଣୀର ଅଧିକାର ତଥା ତତ୍କାଳୀନ ସମାଜରେ ପ୍ରଚଳିତ ଜାତିପ୍ରଥା ଓ ଅସ୍ପୃଶ୍ୟତା ଉପରେ କବିଙ୍କ ଲେଖନୀର ଏକ ପ୍ରଚଣ୍ଡ ପ୍ରହାର ।

ବିଶ୍ୱ ଇତିହାସର ପୃଷ୍ଠା ଅବଲୋକନ କଲେ ଜଣାଯାଏ ଯେ, ସମାନତା, ସ୍ୱତନ୍ତ୍ରତା ଓ ଭ୍ରାତୃଭାବକୁ ଭିତ୍ତି କରି ଅଷ୍ଟଦଶ ଶତାବ୍ଦୀରେ ଯେଉଁ ଫରାସୀ ବିପ୍ଳବର ସୂତ୍ରପାତ ହୋଇଥିଲା, ସେଥିରେ ତତ୍କାଳୀନ ସାହିତ୍ୟିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ଇଉରୋପୀୟ ଜ୍ଞାନୋଦୟ ଯୁଗରେ ରେନେ ଦେକାର୍ତେ, ଜନ୍ ଲକି, ସ୍ପିନୋଜା, ଇମାନ୍ୟୁଏଲ୍ କାଣ୍ଟ, ଡେଭିଡ୍ ହ୍ୟୁମ୍, ଭୋଲଟାୟାର୍ ପ୍ରଭୃତି ଦାର୍ଶନିକ ସାହିତ୍ୟିକ ସେମାନଙ୍କ ରଚନା ମାଧ୍ୟମରେ ସମାଜକୁ ପ୍ରଭାବିତ କରିଥିଲେ । ଫରାସୀ ବିପ୍ଳବ ଏବଂ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଆଦର୍ଶ ସମୂହକୁ ଆଧାର କରି ଅନେକ ରାଷ୍ଟ୍ରରେ ଆରମ୍ଭ ହୋଇଥିଲା ଗଣତନ୍ତ୍ରର ମହାନ ପର୍ବ ଏବଂ ରାଷ୍ଟ୍ରଗ୍ରନ୍ଥ ସମ୍ବିଧାନର ରଚନା ପ୍ରକ୍ରିୟା । ଭାରତ ଭଳି ବିବିଧତାପୂର୍ଣ୍ଣ ଦେଶରେ ଜାତି, ଧର୍ମ, ବର୍ଣ୍ଣ ମଧ୍ୟରେ ଏକତାର ଅଭାବ ଯୋଗୁଁ ବ୍ରିଟିଶ୍ ସରକାରଙ୍କ 'ବିଭାଜନ ଓ ଶାସନ' ନୀତିର ଶିକାର ହୋଇଥିଲା ଭାରତ । ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ସ୍ୱାମୀ ବିବେକାନନ୍ଦ, ମହାତ୍ମା ଗାନ୍ଧୀ, ଜ୍ୟୋତିବା ଫୁଲେ ପ୍ରମୁଖ ବ୍ୟକ୍ତିତ୍ୱ ନିଜ ବକ୍ତୃତା ଓ ରଚନା ମାଧ୍ୟମରେ ଅସ୍ପୃଶ୍ୟତା ନିବାରଣ ପାଇଁ ଅନେକ ପ୍ରଚେଷ୍ଟା କରିଛନ୍ତି ।

ସେପଟେ ଏହାର ବହୁକାଳ ପୂର୍ବରୁ ପଞ୍ଚଦଶ ଶତାବ୍ଦୀରେ ୟୁରୋପୀୟ ନବ ଜାଗରଣର ସମକାଳୀନ ଭାରତବର୍ଷର ଉତ୍କଳ ପ୍ରାନ୍ତରେ ଏହି ସାମ୍ୟ ଭାବନାକୁ ଉଦ୍ରେକ କରିବା ସହ ଅସ୍ପୃଶ୍ୟତା ନିବାରଣ ନିମନ୍ତେ ଏକ ଅଭିନବ ପ୍ରଚେଷ୍ଟାର ଆରମ୍ଭ ହୋଇଥିଲା । ତାହା ଥିଲା ପଞ୍ଚସଖା ଯୁଗର ସନ୍ଥ କବି ବଳରାମ ଦାସଙ୍କ ରଚିତ 'ଲକ୍ଷ୍ମୀ ପୁରାଣ' । ଭାବରୁ ଶବ୍ଦ, ଶବ୍ଦରୁ ଗ୍ରନ୍ଥ, ଗ୍ରନ୍ଥରୁ ଗଣପର୍ବ, ଗଣପର୍ବରୁ ସାମାଜିକ ଆଚାର ବ୍ୟବହାରରେ ପରିବର୍ତ୍ତନ । ଏହି ସୋପାନରେ ଜାତିପ୍ରଥାକୁ ଦୂର କରିବା ବଳରାମ ଦାସଙ୍କ ଉଦ୍ଦେଶ୍ୟ ଥିଲା । ସେଥିପାଇଁ ସେ ରଚନା କଲେ 'ଲକ୍ଷ୍ମୀ ପୁରାଣ' । ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶ୍ରୀୟା ଚାଣ୍ଡାଳୁଣୀଙ୍କୁ ନେଇ 'ଲକ୍ଷ୍ମୀ ପୁରାଣ'ର ବିଷୟବସ୍ତୁ ରଚିତ । ଦିନେ ଲକ୍ଷ୍ମୀ ଠାକୁରାଣୀ ନିଜ ଭକ୍ତଙ୍କ ମଧ୍ୟରେ ପାତରଅନ୍ତର ନ କରି ଶ୍ରୀୟା ଚଣ୍ଡାଳୁଣୀ ଘରେ ପ୍ରବେଶ କଲେ । ମା' ଲକ୍ଷ୍ମୀଙ୍କ ନିକଟରେ ନଥିଲା ଉଚ୍ଚନୀଚର ଭେଦଭାବ । ଶ୍ରୀୟା ତତ୍କାଳୀନ ସମାଜର ଚାଣ୍ଡାଳ ଜାତିରେ ଜନ୍ମଗ୍ରହଣ କରିଥିଲେ । ଚାଣ୍ଡାଳ ଜାତିର ଜୀବିକା ଥିଲା ଅଳିଆ ସଫା କରିବା, ଗାଁ ଦାଣ୍ଡ ଝାଡୁ କରିବା ଇତ୍ୟାଦି । ସେଇଥିରେ ସେମାନେ ଯାହା ଦି ପଇସା ପାଇ ଗୁଜୁରାଣ ମେଣ୍ଟାଉଥିଲେ ସତ, କିନ୍ତୁ ସମାଜରେ ସମ୍ମାନର ସହ ଜୀବନ ଜିଇଁବାର ଅଧିକାର ପାଇନଥିଲେ । ବରଂ ପାଇଥିଲେ ଘୃଣା ଆଉ ଟାହିଟାପରା । ଅଳିଆ ସଫା କରି ଗାଁ ଦାଣ୍ଡ ସଫା ସୁତୁରା ରଖୁଥିବା ଲୋକଟିଏ ସମାଜରେ ଅସ୍ପୃଶ୍ୟ ବୋଲାଯାଉଥିଲା । ଏଭଳି ବିଚିତ୍ର ଧରଣର ବିଚାର ପ୍ରଚଳିତ ଥିଲା, ଯାହା ସର୍ବଦା ନିନ୍ଦନୀୟ । ଜଣେ ଚାଣ୍ଡାଳ ଘରେ ପ୍ରବେଶ କରି ମା' ଲକ୍ଷ୍ମୀ ଅଛୁଆଁ ହୋଇଛନ୍ତି ବୋଲି ବିଚାର କରି ବଡ଼ଭାଇ ବଳଭଦ୍ର ଶ୍ରୀମନ୍ଦିରରେ ଲକ୍ଷ୍ମୀଙ୍କ ପ୍ରବେଶ ନିଷେଧ କଲେ । ଶ୍ରୀଜଗନ୍ନାଥ ମଧ୍ୟ ଏହି ନିଷ୍ପତ୍ତିରେ ମୌନ ରହିଲେ । ଲକ୍ଷ୍ମୀ ହେଉଛନ୍ତି ଧନଐଶ୍ୱର୍ଯ୍ୟର ଦେବୀ । ବଡ଼ ଭାଇଙ୍କ ଆଦେଶରେ ସେ ମନ୍ଦିର ଛାଡ଼ି ଚାଲିଯିବା ଫଳରେ ଶ୍ରୀମନ୍ଦିର ଧନଶୂନ୍ୟ ହୋଇଗଲା । ଶ୍ରୀଜଗନ୍ନାଥ ଓ ବଳଭଦ୍ର ଦୁଇଭାଇଙ୍କଠାରେ ଧନସମ୍ପଦ, ଖାଦ୍ୟପାନୀୟର ଘୋର ଅଭାବ ଘଟିଥିଲା । ଏମିତିକି ଗୋଟିଏ ଓଳି ଖାଇବାକୁ ମଧ୍ୟ ପାଇଲେନି ଦୁଇଭାଇ । ଶେଷରେ ନିଜ ଭୁଲ ବୁଝିପାରି ବଳଭଦ୍ର ପୁନର୍ବାର ଲକ୍ଷ୍ମୀଙ୍କୁ ନିମନ୍ତ୍ରଣ କଲେ ଏବଂ କଥା ଦେଲେ ଯେ, ଶ୍ରୀମନ୍ଦିରରେ ଜାତିପ୍ରଥା କିମ୍ବା ଉଚ୍ଚନୀଚ ଭେଦଭାବ ରହିବ ନାହିଁ । ସେହି ଦିନଠାରୁ ଓଡ଼ିଶାର ପ୍ରତ୍ୟେକ ଘରେ ଗୁରୁବାର ଲକ୍ଷ୍ମୀପୂଜା ପାଳିତ ହୋଇଆସୁଛି । ସାମାଜିକ ସଂସ୍କାର ବାର୍ତ୍ତା ଦେଉଥିବା 'ଲକ୍ଷ୍ମୀ ପୁରାଣ'ର ସାହିତ୍ୟିକ ଆବେଦନ ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ ।

ମଣିଷ ମନରେ ରହିଥିବା ଏହି ଜାତିପ୍ରଥାକୁ ହଟାଇ ଶ୍ରେଷ୍ଠ ମାନବ ଧର୍ମର ପ୍ରତିଷ୍ଠା କରିବାରେ ମାଧ୍ୟମ ସାଜିଥିଲା ବଳରାମ ଦାସଙ୍କ 'ଲକ୍ଷ୍ମୀ ପୁରାଣ' । ବର୍ତ୍ତମାନ ସମାଜରେ ଅସ୍ପୃଶ୍ୟତା, କ୍ରୀତଦାସ ପ୍ରଥା ଆଦି ବହୁ ପରିମାଣରେ ହ୍ରାସ ପାଇଛି । ତଥାପି ଏବେ ମଧ୍ୟ କିଛି କ୍ଷେତ୍ରରେ ଏସବୁ ଦୃଷ୍ଟାନ୍ତ ପରିଲକ୍ଷିତ ହେଉଅଛି । ଏହାକୁ ଦୂର କରିବା ପାଇଁ ଆମ ଦୃଷ୍ଟିକୋଣରେ ସଂଶୋଧନ ଜରୁରି । ଯଦି ଶ୍ରୀଜଗନ୍ନାଥଙ୍କ ଦରବାରରେ ବାଛବିଚାର ନାହିଁ, ଭେଦଭାବ ନାହିଁ, ତେବେ ଏହି ମାନବ ସମାଜରେ ଜାତିପ୍ରଥା ତିଷ୍ଠି ରହିବା ଯଥାର୍ଥ ମନେ ହେଉ ନାହିଁ । ଏହି ଭାବନା ହିଁ କବି ବଳରାମ ଦାସଙ୍କ ମନକୁ ଆନ୍ଦୋଳିତ କରିଥିଲା, ଯାହାର ଫଳସ୍ୱରୂପ ଜନ୍ମ ନେଇଥିଲା ଓଡ଼ିଆ ସାହିତ୍ୟର ଏକ ଅନବଦ୍ୟ କୃତି 'ଲକ୍ଷ୍ମୀ ପୁରାଣ' । ପିଢ଼ି ପରେ ପିଢ଼ି ଏହି ଗ୍ରନ୍ଥର ମୂଳ ବାର୍ତ୍ତା ଦ୍ୱାରା ପ୍ରେରିତ ହୋଇ ଆସୁଛନ୍ତି । ଆଗକୁ ମଧ୍ୟ ଏହା ମାନବ ଚେତନାକୁ ଆଲୋକିତ କରିବାରେ ସହାୟକ ହେବ, ଏଥିରେ ସନ୍ଦେହ ନାହିଁ ।

ଗୁଣପୁର, ରାୟଗଡ଼ା
ମୋ: ୬୩୭୧୬୮୪୬୯୯

## ପୁସ୍ତକ ପରିଚୟ

### ଦେହ ବିଦେହ

ସୁଶାନ୍ତ କୁମାର ନାୟକ

ନିକଟରେ ପ୍ରକାଶ ପାଇଛି କବି ସୁଶାନ୍ତ କୁମାର ନାୟକଙ୍କ କବିତା ପୁସ୍ତକ 'ଦେହ ବିଦେହ' । ଏହି ପୁସ୍ତକରେ ୬୯ଟି କବିତା ସଂକଳିତ ହୋଇଛି । ନିବିଡ଼ ଅନୁଭବ, ନିଆରା ଅନୁଭୂତି, ଅଭୁଲା ସ୍ମୃତି, ଛଳଛଳ ଆବେଗ, ଜୀବନକୁ ପ୍ରାଣ ଦେଇ ଭଲ ପାଇବାର ନିଚ୍ଛକ ପ୍ରତିଛବି ପ୍ରତିଫଳିତ ହୋଇଛି 'ଦେହ ବିଦେହ' ପୁସ୍ତକର କବିତାଗୁଡ଼ିକରେ । କବି କେତେବେଳେ ଭାବପ୍ରବଣ ହୋଇ କହୁଛନ୍ତି ଅତୀତର କଥା । ପୁଣି କେତେବେଳେ ଆତ୍ମମଗ୍ନ ହୋଇଉଠୁଛନ୍ତି ଆତ୍ମା ଓ ପରମାତ୍ମାର ଗୂଢ଼ ରହସ୍ୟକୁ ଭେଦ କରିବା ପାଇଁ । ଜୀବନର ଜଳଛବିରେ କବି ଖୋଜୁଛନ୍ତୁ ଈଶ୍ୱରଙ୍କ ପଦଚିହ୍ନ । 'ପାଦଚିହ୍ନ', 'ସ୍ମୃତିର ସକାଳ', 'ମାଟିର ଆୟୁଷ', 'ଲୁହର ନଈ', 'ସ୍ୱପ୍ନ', 'ଈଶ୍ୱରଙ୍କ ପାଦଚିହ୍ନ', 'ଅଧାଗଢ଼ା ଦିଅଁ', 'ଦେହ ବିଦେହ', 'ଅନୁଭବ', 'ମଲାନଈର ସ୍ୱପ୍ନ', 'ଜୀବନର ଚିତ୍ର', 'ନୀରବତାର ଛାଇ', 'ପିଲାଦିନର ହାତ', 'ମୃତ୍ୟୁର ଛବି', 'ରାତିର ଆୟୁଷ', 'ସଂପର୍କ', 'ନିର୍ବାଣ', 'ନିଜ ଭିତରେ ନିଜେ' ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । ପ୍ରତି କବିତା ଭିତରେ ନିବିଡ଼ ଜୀବନାଭୂତିକୁ ଉପଲବ୍ଧି କରି ହୁଏ ମର୍ମେ ମର୍ମେ । ଜୀବନବାଦୀ ଓ ରୋମାଣ୍ଟିକ୍ ସ୍ୱର ପ୍ରତିଫଳିତ ହୋଇଛି ସୁଶାନ୍ତଙ୍କ କବିତାଗୁଡ଼ିକରେ । 'ଦେହ ବିଦେହ' କବିତାଗୁଡ଼ିକର ଭାବ, ଭାଷା, ଶୈଳୀ ଓ ପ୍ରାଣସ୍ପର୍ଶୀ ହୋଇଛି । ଏହି ପୁସ୍ତକରେ ସଂକଳିତ କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁପାରିବ ବୋଲି ଆଶା କରାଯାଏ ।




ଅପୂର୍ବା
ଖାରବେଳ ନଗର, ଭୁବନେଶ୍ୱର-୧
ପ୍ରଥମ ସଂସ୍କରଣ: ୨୦୨୩
ମୂଲ୍ୟ : ୨୦୦ ଟଙ୍କା

### କବିତା ଅର୍ଦ୍ଧଶତକ

ଦେବକାନ୍ତଗଙ୍ଗାବରଣଦାସ

ପାଞ୍ଚଜଣ କବିଙ୍କ ସ୍ୱନିର୍ବାଚିତ ଦଶଟି ଲେଖାଏଁ କବିତାକୁ ନେଇ ପ୍ରକାଶ ପାଇଛି 'କବିତା ଅର୍ଦ୍ଧଶତକ' । ଅଶୀ ଦଶକରୁ ସାରସ୍ୱତ ସାଧନାରେ ବ୍ରତୀ ଏହି ପାଞ୍ଚ ସ୍ରଷ୍ଟା ହେଉଛନ୍ତି ଶ୍ରୀଦେବ, ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଗଂଗାଧର ବିଶ୍ୱାଳ, ନିବାରଣ ଜେନା, ପ୍ରଶାନ୍ତ ଦାସ । ସମସ୍ତ କବିଙ୍କ ନାମକୁ ଯୋଡ଼ି ଦେବକାନ୍ତଗଂଗାବରଣଦାସ ନାମରେ ଏହି କବିତା ଗ୍ରନ୍ଥଟି ପ୍ରକାଶ ପାଇଛି । ଏହି ପାଞ୍ଚଜଣ ସାହିତ୍ୟିକ ବାଲେଶ୍ୱରର ପଞ୍ଚସଖା ନାମରେ ପରିଚିତ । ୫୦ଟି କବିତା ଏହି ପୁସ୍ତକରେ ସଂକଳିତ ହୋଇଥିବାରୁ ଏହାର ନାମକରଣ 'କବିତା ଅର୍ଦ୍ଧଦଶକ' ରଖାଯାଇଛି । ପ୍ରତ୍ୟେକ କବିଙ୍କ କବିତାର ଭାବ ଓ ଭାଷା ଭିନ୍ନ ଭିନ୍ନ ହୋଇପାରେ, କିନ୍ତୁ ସବୁ କବିତାର ନିର୍ଯ୍ୟାସ ଏକ ଓ ଅଭିନ୍ନ । ଶ୍ରୀଦେବଙ୍କ କବିତାରେ ମଣିଷର ଅସହାୟତା, ସାମାଜିକ ବାସ୍ତବତା ପ୍ରତୀକାତ୍ମ ଭାବେ ପ୍ରସ୍ଫୁଟିତ ହୋଇଛି । ସେହିପରି ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ କବିତାରେ ଲୁହ, ଲହୁ ଓ କାରୁଣ୍ୟର ସ୍ୱର ପାଠକ ପ୍ରାଣକୁ ବିଗଳିତ କରିଦିଏ । ସେପଟେ ଗଂଗାଧର ବିଶ୍ୱାଳ ଶୂନ୍ୟତା ଭିତରେ ଖୋଜନ୍ତି ପୂର୍ଣ୍ଣତାର ଅନୁଭବ । କବି ନିବାରଣ ଜେନା ନକହିବା ଭିତରେ ମଧ୍ୟ ଅନେକ କଥା କହିଯାଆନ୍ତି କବିତାରେ । ସେହିପରି ସବୁ ନିରାଶା ଓ ଅସାରତା ଭିତରେ କବି ପ୍ରଶାନ୍ତ ଦାସ ଦେଖନ୍ତୁ ଆଶାର ସ୍ୱପ୍ନ । 'କବିତା ଅର୍ଦ୍ଧଶତକ'ର କବିତାଗୁଡ଼ିକ ପାଠକଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ ।




ସ୍ୱାବଲମ୍ବନ, କଟକ
ପ୍ରଥମ ସଂସ୍କରଣ: ୨୦୨୩
ମୂଲ୍ୟ : ୧୬୦ ଟଙ୍କା



କୁହାଯାଏ ଅଭାବ ହିଁ ଆବିଷ୍କାରର ଜନନୀ । ପ୍ରକୃତିର ପରିବର୍ତ୍ତନ ଧାରାରେ ଲଜ୍ଜାକୁ ହୃଦବୋଧ କରି ନିଜକୁ ସଭ୍ୟ ଭାବରେ ପରିଣତ କରିବା ପାଇଁ ମଣିଷ ଯେଉଁ ସବୁ ତତ୍ତ୍ୱ ଉପରେ ନିର୍ଭରଶୀଳ ହୋଇଥିଲା, ଧୀରେ ଧୀରେ ସେହି ତତ୍ତ୍ୱର ବିକାଶ ହୋଇ ବସ୍ତ୍ରର ସୃଷ୍ଟି ହୋଇଛି । ବସ୍ତ୍ରକୁ ଆହୁରି ସୁନ୍ଦର କରିବାକୁ ଯାଇ ସେ ବିଭିନ୍ନ ଧରଣର ସୂତା, ରଙ୍ଗ ବ୍ୟବହାର ସେଗୁଡ଼ିକୁ ଆହୁରି ରଙ୍ଗୀନ ଓ ଆକର୍ଷଣୀୟ କରିଛି । ଆଉ ଦେଇଛି କେତେ ଭାବ, ଭାବନାର ଛବି । ଏହି କ୍ରମରେ ବିଶ୍ୱ ଦରବାରରେ ସମ୍ବଲପୁରୀ ବସ୍ତ୍ର ସ୍ୱତନ୍ତ୍ର ପରିଚୟ ମଧ୍ୟ ସୃଷ୍ଟି କରିପାରିଛି । ବିଶ୍ୱ ପ୍ରସିଦ୍ଧ ସମ୍ବଲପୁରୀ ବସ୍ତ୍ରକୁ ନେଇ ବରଗଡ଼ ବେହେରାର ବିଶ୍ୱପ୍ରସିଦ୍ଧ ସମ୍ବଲପୁରୀ ଖୋଲା ବଜାରକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...

**ବୃତ୍ତି-ପରମ୍ପରାର ସମନ୍ୱୟ**

# ଭିନ୍ନ ଏକ ଶାଢ଼ି ବଜାର





ବରଗଡ଼ରୁ ୨୬ ନମ୍ବର ଜାତୀୟ ରାଜପଥର ବଲାଙ୍ଗୀର ରାସ୍ତାର ୧୨ କିଲୋମିଟର ଦୂରଗଲେ ରାସ୍ତାକଡ଼ରେ ପଡ଼ିବ ବେହେରା ସାପ୍ତାହିକୀ ବଜାର । ନିୟନ୍ତ୍ରିତ ବଜାର କମିଟିର ଏହି ବଜାରରେ ଆଗରୁ ଚିରାଚରିତ ଭାବେ ପନିପରିବା ସହିତ ଅଳ୍ପ କିଛି ଅନ୍ୟ ଦୋକାନଗୁଡ଼ିକ ଆସି ଜିନିଷପତ୍ର ବିକ୍ରି ହେଉଥିଲା । ମାତ୍ର ଗତ କିଛିବର୍ଷ ହେଲା ଏହି ସାପ୍ତାହିକୀ ବଜାରର ଚାହିଦା ବୃଦ୍ଧିପାଇବା ସହିତ ବଦଳିଯାଇଛି ତା'ର ରଙ୍ଗ ଓ ପରିପାଟୀ । ବରଗଡ଼ଠାରେ ବସୁଥିବା ସମ୍ବଲପୁର କପଡ଼ା ପସରା ଏଠାକୁ ସ୍ଥାନାନ୍ତର ହୋଇଯିବା ପରେ ଏହି ବଜାରର ଗୁରୁତ୍ୱ ବଢ଼ିଯାଇଛି । ବର୍ତ୍ତମାନ ପ୍ରାୟ ୯୦ ପ୍ରତିଶତ ଏଠାରେ ପାରମ୍ପରିକ ସମ୍ବଲପୁରୀ ଶାଢ଼ି ବିକ୍ରି ହେଉଥିବା ବେଳେ ୧୦ ପ୍ରତିଶତ ପନିପରିବା ମଧ୍ୟ ବିକ୍ରି ହୋଇଥାଏ । ଏଠାରେ ବିଭିନ୍ନ ପ୍ରକାର ସମ୍ବଲପୁରୀ ଶାଢ଼ି ତଥା ପାଟ ବିକ୍ରି ହେବା ସହ ସୂତା, ରଙ୍ଗ ଓ ବୁଣାକାରମାନେ ବ୍ୟବହାର କରୁଥିବା ମାଞ୍ଜା ସମେତ ଶାଢ଼ି ବୁଣିବା ସାମଗ୍ରୀ ମଧ୍ୟ ବିକ୍ରୟ ହୋଇଥାଏ । ବିଶେଷ ଭାବରେ ବରଗଡ଼ ତଥା ଆଖପାଖ ଜିଲ୍ଲାର ଗାଁ ମାନଙ୍କରେ ଥିବା ବୁଣାକାର ଏଠାକୁ ନିଜେ ତିଆରି କରିଥିବା ସମ୍ବଲପୁରୀ ଶାଢ଼ି ବିକ୍ରି କରିବାକୁ ଆଣିଥାନ୍ତି । ଏପରିକି ବରଗଡ଼ ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବୁଣାକାରମାନେ ସମ୍ବଲପୁରୀ ବସ୍ତ୍ର ଆଣିଥାନ୍ତି । ସେହିପରି ଓଡ଼ିଶାର କଟକ, ପୁରୀ, ଭୁବନେଶ୍ୱର, ରାଉରକେଲା, ବାଲେଶ୍ୱର ଠାରୁ ଆରମ୍ଭ କରି ସମସ୍ତ ଜିଲ୍ଲାର ଦୋକାନୀ/କପଡ଼ା ବ୍ୟବସାୟୀ ତଥା ନିକଟସ୍ଥ ଛତିଶଗଡ଼ ସହ କୋଲକାତାରୁ ମଧ୍ୟ ବହୁ ବ୍ୟବସାୟୀ ଏଠାକୁ ଆସି କପଡ଼ା ସଂଗ୍ରହ କରିଥାନ୍ତି ।



## 'ଭୁଲିଆ'ଙ୍କ କୌଳିକ ବୃତ୍ତି

ପଶ୍ଚିମ ଓଡ଼ିଶାର ସଂସ୍କୃତି ସହିତ ବାନ୍ଧ ଶାଢ଼ିର ପରମ୍ପରା ବହୁ ପୁରାତନ । ପାରମ୍ପରିକ ରଙ୍ଗ ଓ ବାନ୍ଧକୁ ମିଶାଇ କିପରି ବିଭିନ୍ନ ଡିଜାଇନ ପ୍ରସ୍ତୁତ କରାଯାଏ ତାହା ପଶ୍ଚିମ ଓଡ଼ିଶାର ଏକ ପୁରାତନ ପରମ୍ପରା । ଏହି ଅଞ୍ଚଳରେ ବସବାସ କରୁଥିବା 'ଭୁଲିଆ' ନାମକ ଏକ ନିର୍ଦ୍ଦିଷ୍ଟ ଜାତି ଏହାକୁ ନିଜର କୌଳିକ ବୃତ୍ତି ଓ ଜୀବିକା ଭାବରେ ଶହ ଶହ ବର୍ଷ ଏହା କରିଆସୁଛନ୍ତି । ସେମାନେ ପିଢ଼ି ପରେ ପିଢ଼ି ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି । ବିବାହ, ପର୍ବପର୍ବାଣିରେ ସମ୍ବଲପୁରୀ ଶାଢ଼ିର ବେଶ ଚାହିଦା ରହିଥିବା ବେଳେ ପଶ୍ଚିମ ଓଡ଼ିଶାର ଘରେ ଘରେ ଏହାର ବେଶ ଆଦୃତି ରହିଛି ।



## ବଢ଼ିଭୋର୍‌ରୁ ଚଳଚଞ୍ଚଳ

ସପ୍ତାହର ବୁଧବାର ଦିନ ବଢ଼ିଭୋରରୁ ଏହି ବଜାର ଆରମ୍ଭ ହୋଇଥାଏ । ଏଣୁ ଦୂରଦୂରାନ୍ତରୁ ମଙ୍ଗଳବାରରୁ ବହୁ ବ୍ୟବସାୟୀ ପହଞ୍ଚି ବରଗଡ଼, ବରପାଲି ତଥା ଆଖପାଖ ଅଞ୍ଚଳରେ ରାତ୍ରୀଯାପନ କରିଥାନ୍ତି ଏବଂ କପଡ଼ା କିଣି ବୁଧବାର ସନ୍ଧ୍ୟାରେ ଫେରିଥାନ୍ତି । ବେହେରା ବୁଣାକାର ବଜାରରେ କେବଳ ବୁଣାକାରମାନଙ୍କ ହସ୍ତତନ୍ତ ନିର୍ମିତ ହେଉଥିବା ଅତି ଉଚ୍ଚମାନର ସମ୍ବଲପୁରୀ କପଡ଼ା ବିକ୍ରି ହେଉଥିବାରୁ ବର୍ତ୍ତମାନ ଏହି ବଜାରର ସ୍ୱତନ୍ତ୍ରତା ବଢ଼ିଯାଇଛି । ବିବାହ ତଥା ପାର୍ବଣ ଋତୁ ସମୟରେ ଏହି ବଜାରରେ ପ୍ରତି ବୁଧବାର ୧୫ କୋଟିରୁ ଅଧିକ ଟଙ୍କାର କାରବାର ହୋଇଥାଏ । ଅନ୍ୟ ପକ୍ଷରେ ଖାଲି ସମୟ କିମ୍ବା ବର୍ଷା ଋତୁଗୁଡ଼ିକରେ ଏହା କମିଯାଇ ୭ ରୁ ୮ କୋଟି କାରବାର ହୋଇଥାଏ । ପ୍ରାରମ୍ଭରେ ବରଗଡ଼ ଉମା ଟକିଜ ରୋଡରେ ସମ୍ବଲପୁରୀ କପଡ଼ା ପ୍ରତି ଶୁକ୍ରବାର ବିକ୍ରି ହେଉଥିବା ବେଳେ ପର୍ଯ୍ୟାୟକ୍ରମେ ଜେଲ ରୋଡ ଏବଂ ପରେ ବେହେରାକୁ ଏହି ସମ୍ବଲପୁରୀ କପଡା ବଜାର ଉଠି ଆସିଥିଲା । ପ୍ରତି ଶୁକ୍ରବାର ବେହେରା ବୁଣାକାର ବଜାର ଚାଲି ଆସୁଥିବା ବେଳେ ବିଗତ ଦିନରେ କୋଭିଡ ସମୟରେ ପ୍ରତି ସୋମବାର ଏହା ଚାଲିଥିଲା ।

ବର୍ତ୍ତମାନ ସପ୍ତାହର ବୁଧବାର ଏହି ବୁଣାକାର ବଜାର ଚାଲୁଥିବା ବେଳେ ଆଖପାଖ ଅଞ୍ଚଳରେ ଏହାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇପାରିଛି । ଖୋଲା ବଜାରରେ କୋଟି କୋଟି ଟଙ୍କାର ସମ୍ବଲପୁରୀ ବସ୍ତ୍ରର ପସରା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରି ଦେଇଥାଏ । ବେହେରା ବଜାରରେ ମା' ସମଲେଇ କପଡ଼ା ବଜାର ବୁଣାକାର ସଂଘ ଦ୍ୱାରା ପାଖାପାଖି ୫ ହଜାର ବୁଣାକାର ସଦସ୍ୟ ରହିଥିବା ବେଳେ ଦିନକୁ ଦିନ ବୁଣାକାର ତଥା ବ୍ୟବସାୟୀ, ଗ୍ରାହକଙ୍କ ସଂଖ୍ୟା ବୃଦ୍ଧି ସହ ସ୍ଥାନାଭାବ ସମସ୍ୟା ଦେଖାଦେଇଛି । ଯାହାକୁ ନେଇ ସଂଘ ତରଫରୁ ଖୋଲା ବଜାର ପାଇଁ ୨୦ ଏକର ଜମି ଯୋଗାଇଦେବା ସହ ପିଣ୍ଡି ତିଆରି ତଥା ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ଯୋଗାଇବା ଦାବି କରାଯାଇଛି । ଏସବୁ ଭିତରେ ଦିନକୁ ଦିନ ଶାଢ଼ି ବିକ୍ରି କମି କମି ଆସୁଥିବାରୁ ଏହାର ଭବିଷ୍ୟତ ଓ ବୁଣାକାର ଶ୍ରେଣୀର ସ୍ଥିତିକୁ ନେଇ ଏକ ପ୍ରକାର ଆଶଙ୍କା ସୃଷ୍ଟି ହେଉଛି । ପ୍ରଥମତଃ ସମ୍ବଲପୁରୀ କପଡ଼ାର ଅବିକଳ ନକଲ ଛାପା ଶାଢ଼ି ବର୍ତ୍ତମାନ ବଜାରକୁ ଆସୁଥିବାରୁ ଏହି ସମ୍ବଲପୁରୀ ବସ୍ତ୍ରର ବିକ୍ରି ବହୁତ କମିଯାଉଥିବା ବୁଣାକାରମାନେ ଅଭିଯୋଗ କରୁଛନ୍ତି । ଇତିମଧ୍ୟରେ ସମ୍ବଲପୁରୀ ଶାଢ଼ି ତିଆରିରେ ବ୍ୟବହୃତ ସୂତାଗୁଡ଼ିକର ମୂଲ୍ୟବୃଦ୍ଧିର ପ୍ରଭାବ ସିଧାସଳଖ ବୁଣାକାରଙ୍କ ଉପରେ ପଡୁଛି । ପ୍ରତି ବୁଣାକାର ପରିବାରର ସମସ୍ତ ୮ ରୁ ୧୦ ଜଣ ସଦସ୍ୟ ମିଶି ଏକ ସପ୍ତାହ ପର୍ଯ୍ୟନ୍ତ ପରିଶ୍ରମ କଲେ ମାତ୍ର ୨ ଟି ଶାଢ଼ି ତିଆରି କରିପାରନ୍ତି । ମାତ୍ର ସେହି ଶାଢ଼ି ୨ ଖଣ୍ଡରୁ ଯେତିକି ଲାଭ ମିଳିବା କଥା ସୂତା ଓ ରଙ୍ଗର ଅହେତୁକ ଦରବୃଦ୍ଧି ଯୋଗୁଁ ତାହା ମଧ୍ୟ ମିଳୁ ନ ଥିବାରୁ ବୁଣାକାର ପରିବାର ବହୁ ଆର୍ଥିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯାହାର ସିଧାସଳଖ ପ୍ରଭାବ ମଧ୍ୟ ବେହେରା କପଡ଼ା ବଜାରରେ ଦେଖିବାକୁ ମିଳୁଛି । ବୁଣାକାରମାନଙ୍କ ଲାଗି ରହିଥିବା ବିଭିନ୍ନ ସମସ୍ୟା ଉପରେ ଗୁରୁତ୍ୱ ଦେଇ ବିହିତ ପଦକ୍ଷେପ ନିଆଯିବା ସହ ସମ୍ବଲପୁରୀ ଶାଢ଼ିର ସୁବ୍ୟବସ୍ଥିତ ବକ୍ରି ବ୍ୟବସ୍ଥା, ସୂତାର ମୂଲ୍ୟବୃଦ୍ଧିକୁ ରୋକାଯିବା ସହ ବେହେରା ଖୋଲା ସମ୍ବଲପୁରୀ ହସ୍ତତନ୍ତ ବଜାରର ଭିତ୍ତିଭୂମିର ବିକାଶ କରାଯିବା ଜରୁରୀ ହୋଇପଡ଼ିଛି ।

## ବେପାର; କେବେ କେଉଁଠି

ବରଗଡ଼ର ଏହି ଶାଢ଼ି ବଜାରର ଅତୀତକୁ ଅନୁଧ୍ୟାନ କଲେ ବହୁ ପୂର୍ବରୁ କେବଳ ଶୁକ୍ରବାର ସାପ୍ତାହିକୀ ବଜାର ବସି ଆସୁଛି । ଯେଉଁଠାରେ ଜଣେ ଦୁଇ ଜଣ ବୁଣାକାର ସମ୍ବଲପୁରୀ ଶାଢ଼ି ବିକ୍ରି କରୁଥିଲେ । ପରେ କିଛି ବୁଣାକାର ସଂଗଠିତ ହୋଇ ଉମାଟକିଜ ସମ୍ମୁଖରେ ବିଶେଷକରି ଶାଢ଼ି ବିକ୍ରି କଲେ । ଏହି ସ୍ଥାନରେ ଭିଡ଼ ହେବା ପରେ ତାହା ଜେଲ ରୋଡ୍‌କୁ ସ୍ଥାନାନ୍ତର ହୋଇଥିଲା । ତେବେ ବ୍ୟବସାୟ ବୃଦ୍ଧି ସହ ଏଠାରେ କିଛି ସମସ୍ୟା ସୃଷ୍ଟି ହେବାରୁ ଏହା ଏବେ ବେହେରା ଆରଏମ୍‌ସି ୟାର୍ଡରେ ଚାଲୁଛି । ବେହେରା ବୁଣାକାର ବଜାର ବରଗଡ଼-ବୋରିଗୁମ୍ମା ୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ଅବସ୍ଥିତ ଥିବାରୁ ସୋନପୁର, ବୌଦ୍ଧ, ବଲାଙ୍ଗୀର, ବରଗଡ଼ ଏପରିକି ଛତିଶଗଡ଼ ଅଞ୍ଚଳର ବୁଣାକାର ତଥା ବ୍ୟବସାୟୀଙ୍କ ଭିଡ଼ ହେଉଛି । ସେହିପରି ବରପାଲି ଓ ବରଗଡ଼ ରେଳ ଷ୍ଟେସନରୁ ଓହ୍ଲାଇ ଏହି ବଜାରକୁ ସହଜରେ ପହଞ୍ଚି ପାରୁଛନ୍ତି ଉଭୟ ବ୍ୟବସାୟୀ ଓ ଗ୍ରାହକ ।

## ବଜାର କାଲିର ଓ ଆଜିର

'ହଜାରେ ଟଙ୍କାରୁ ୨୫ ହଜାର ମୂଲ୍ୟର ସମ୍ବଲପୁରୀ ଶାଢ଼ି ଏହି ବଜାରରେ ମିଳୁଥିବା ବେଳେ କଟକ, ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁର, ବାଲେଶ୍ୱର ସମେତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ବ୍ୟବସାୟୀମାନେ ଏଠାରୁ ଶାଢ଼ି ନେଇଥାନ୍ତି । ସେହିପରି ପଡ଼ୋଶୀ ଛତିଶଗଡ଼, କୋଲକାତାକୁ ଏଠାରୁ ସମ୍ବଲପୁରୀ ଶାଢ଼ି ବିକ୍ରି ପାଇଁ ଯାଉଛି । 'ଅନ୍‌ଲାଇନ ବ୍ୟବସାୟ ଯୋଗୁଁ ଶାଢ଼ିବିକ୍ରି ବୃଦ୍ଧି ଘଟିଥିଲେ ମଧ୍ୟ ବେହେରା ବୁଣାକାର ବଜାରରେ ଏହାର କୌଣସି ପ୍ରଭାବ ପଡ଼ିନାହିଁ । ବହୁ ବୁଣାକାର ବର୍ତ୍ତମାନ ଆମାଜନ ତଥା ଅନ୍ୟ ଅନ୍‌ଲାଇନ୍ ପ୍ଲାଟଫର୍ମ ନିଜର ଉତ୍ପାଦିତ ଶାଢ଼ି ପ୍ରଦର୍ଶିତ କରି ରାଜ୍ୟ ବାହାର ଗ୍ରାହକଙ୍କୁ ମଧ୍ୟ ଆକୃଷ୍ଟ କରିବାରେ ସଫଳ ହୋଇଛନ୍ତି । ଅପରପକ୍ଷେ ଖୋଲା ବଜାର ଭାବରେ ପରିଚିତ ବେହେରା ବୁଣାକାର ବଜାରର ଲୋକପ୍ରିୟତା ବଢ଼ିବା ସହ ଦିନକୁ ଦିନ ସମ୍ବଲପୁରୀ ଶାଢ଼ି ବିକ୍ରି ମଧ୍ୟ ବୃଦ୍ଧି ପାଇଛି । ଯାହା ଉଭୟ ବୁଣାକାର ଓ ବ୍ୟବସାୟୀଙ୍କ ପାଇଁ ଅନୁକୂଳ ଲକ୍ଷଣ ଭାବେ ପରିଲକ୍ଷିତ ହୋଇଛି ।



# ଗ୍ରାଉଣ୍ଡ ଜିରୋ ରିପୋର୍ଟର

ଗଞ୍ଜାମ ଜିଲ୍ଲା ଧରାକୋଟ ସତୀମଠରେ ଜଳୁଥିବା ଚିତା ଅନ୍ୟମାନଙ୍କ ପାଇଁ ସାଧାରଣ ହୋଇପାରେ କିନ୍ତୁ ଏହା ଦିନେ ନୁହେଁ ବର୍ଷେ ନୁହେଁ ଦୀର୍ଘ ୨୬୫ବର୍ଷ ଧରି ସମସ୍ତ ବାଧା ବିଘ୍ନ ଓ ପ୍ରତିବନ୍ଧକ ସତ୍ତ୍ୱେ ଏହି ଚିତା ଜଳି ଆସୁଛି । ଏହି ଚିତା ପ୍ରାକ ଇତିହାସ ଓ ଏହା ସହ ଜଡ଼ିତ କିମ୍ବଦନ୍ତୀକୁ ଆଜି ବି ଜନମାନସରେ ଉଜ୍ଜୀବିତ କରି ରଖିଛି ।

## ଚିତା ଜଳୁଛି ୨୬୫ ବର୍ଷ

ଗଞ୍ଜାମ ଜିଲ୍ଲାର ଗଡ଼ଜାତ ମଧ୍ୟରେ ଧରାକୋଟ ଗଡର ରହିଛି ସ୍ୱତନ୍ତ୍ରତା । ଶିକ୍ଷା, ସାହିତ୍ୟ, ସଂସ୍କୃତିରେ ବେଶ ଋଦ୍ଧିମନ୍ତ ଧରାକୋଟ ଗଡ । ରାଜା ହାଡୁ ସିଂହ ୧୪୭୭ ମସିହାରେ ଧରାକୋଟ ଗଡ ପ୍ରତିଷ୍ଠା କରିଥିଲେ । ବର୍ତ୍ତମାନ ଏହି ଗଡର ଅଠର ପିଢ଼ିର ରାଜା ହେଉଛନ୍ତି ରାଜା ସୁଲକ୍ଷଣା ଗୀତାଞ୍ଜଳି ଦେବୀ । ରାଜା ଘରର ଶ୍ମଶାନ ସତୀ ମଠ ଦେଇଛି ଧରାକୋଟକୁ ସ୍ୱତନ୍ତ୍ର ପରିଚୟ । ରାଜା ହାଡୁ ସିଂହ ମୃଗୟାରୁ ଫେରୁଥିବା ବେଳେ ଲଟା ବୃକ୍ଷ ପରିବେଷ୍ଟିତ ଏକ ସ୍ଥାନରୁ ଅଗ୍ନି ଶିଖା ନିର୍ବାପିତ ହେଉଥିବା ଦେଖି ସେହି ସ୍ଥାନକୁ ଯାଇ ଦେଖିବା ବେଳେ ତାଳପତ୍ର ପରିଧାନ କରି ଜଣେ କଉପନି ଅବଧୂତ ବାବା ସେଠାରେ ରହୁଥିବା ଦେଖି ତାଙ୍କ ସହ ସାକ୍ଷାତ କରିଥିଲେ । ସଂପୃକ୍ତ ସ୍ଥାନ ସମ୍ପର୍କରେ ରାଜା ପଚାରି ବୁଝିବା ବେଳେ ଏହା ଋଷିକୁଲ୍ୟା ନଦୀର ଉତ୍ତର ବାଙ୍କ ଓ ଏଠାରେ ଶବଦାହ କଲେ ସ୍ୱର୍ଗପ୍ରାପ୍ତି ହୁଏ ବୋଲି ବାବା ପ୍ରକାଶ କରିବା ପରେ ରାଜା ସେହି ସ୍ଥାନକୁ ରାଜଶ୍ମଶାନ ଭାବରେ ବାଛିଥିଲେ । ଏହା ପରଠାରୁ ଧରାକୋଟ ରାଜ ପରିବାରର ସଦସ୍ୟଙ୍କ ମୃତଦେହ ପ୍ରଭୁ ଜଗନ୍ନାଥଙ୍କ ରୋଷଶାଳାରୁ ଅଗ୍ନି ଆସିବା ପରେ ଏହି ଶ୍ମଶାନରେ ଦାହ କରାଯାଏ । ଆସିକାଠାରୁ ୧୨ କିମି ଜାତୀୟ ରାଜପଥ ୫୯ରେ ସୋରଡା ରାସ୍ତାରେ ଗଲେ ହନୁମାନ ଦ୍ୱାର ସନ୍ନିକଟରେ ଏବଂ ଧରାକୋଟ ରାଜ୍ୟର ପ୍ରଥମ ରାଜବାଟି ତାଳପୁଟ ନିକଟସ୍ଥ ଜଗମୋହନ ଗ୍ରାମରେ ବାର ଏକର ପରିମିତ ଅଞ୍ଚଳରେ ଆମ୍ର, ତାଳ, ପଣସ, ନାରିକେଳ ଭଳି ନାନାଦି ବୃକ୍ଷ ପରିବେଷ୍ଟିତ ଅଞ୍ଚଳରେ ରହିଛି ସତୀ ମଠ । ଧରାକୋଟ ରାଜବଂଶର ଷଷ୍ଠ ପିଢ଼ିର ରାଜା ଜୟ ସିଂହ ୧୭୫୮ ମସିହାରେ ମୃତ୍ୟୁବରଣ କରିବା ପରେ ତାଙ୍କ ମରଶରୀରକୁ ଏଠାରେ ଦାହ କରାଯାଉଥିବା ବେଳେ ତାଙ୍କର ପାଟରାଣୀ ପଦ୍ମମାଳା ଦେବୀ ରାଜାଙ୍କ ଚିତାଗ୍ନିରେ ଝାସ ଦେଇଥିଲେ । ଏହା











ହୃଦାନନ୍ଦ ଜେନା

ପରେ ସେହିଦିନ ପରଠାରୁ ମଠାଧୀଶ ବାବା ନିରାକାର ଦାସ ସତୀ ଚିତାକୁ ସ୍ୱତନ୍ତ୍ର ଭାବେ ପୂଜା କରିବା ଆରମ୍ଭ କରିଥିଲେ । ସେହି ସମୟରେ ପରବର୍ତ୍ତୀ ରାଜା ରାଜେନ୍ଦ୍ର ସିଂହ ଦିନେ ଶିକାରରୁ ଫେରୁଥିବା ସମୟରେ ପ୍ରବଳ ବର୍ଷା ହେବାରୁ ଆଶ୍ରୟ ଖୋଜିବା ବେଳେ ରାତ୍ର ସମୟରେ ଅନ୍ଧକାର ମଧ୍ୟରୁ ଅଗ୍ନି ଶିଖାର ଆଲୋକ ଆସୁଥିବା ଦେଖି ସେହି ସ୍ଥାନକୁ ଯାଇଥିଲେ । ଚାରିପଟେ ବର୍ଷା ହେଉଥିବା ବେଳେ ଆଶ୍ରମ ଅବସ୍ଥିତ ଅଞ୍ଚଳ ଶୁଖିଲା ରହିଥିବା ଦେଖି ବାବାଙ୍କୁ ଏହାର କାରଣ ପଚାରିବା ପରେ ପ୍ରଜ୍ୱଳିତ ଅଗ୍ନି ଶିଖାକୁ ଦେଖାଇ ଏହାର ପ୍ରଭାବରେ ଏଠାରେ ବର୍ଷା ହେଉ ନ ଥିବା ପ୍ରକାଶ କରିଥିଲେ । ଏହାର ତାତ୍ପର୍ଯ୍ୟ ଉପଲବ୍ଧ କରି ରାଜା ରାଜେନ୍ଦ୍ର ସିଂହ ତୁରନ୍ତ ମଠ ପାଇଁ ଗୃହ ଓ ଜମିର ବନ୍ଦୋବସ୍ତ କରିଥିଲେ । ମଠର ଧୂନି ଗୃହରେ ଜଳୁଥିବା ଚିତାକୁ ସୁରକ୍ଷିତ ଭାବରେ ଅହରହ ଜାଳିବା ପାଇଁ ରାଜାଙ୍କ ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଗଲା । ଦୀର୍ଘ ୨୬୫ ବର୍ଷ ବିତିଥିଲେ ମଧ୍ୟ ଏବେ ବି ବହୁ ଘାତ ପ୍ରତିଘାତ ମଧ୍ୟରେ ମଠର ବାବାମାନେ ଏହି ଚିତାକୁ ଜଳାଇ ରଖିଛନ୍ତି । ଯାହାକି ଇତିହାସର ଗାଥାକୁ ସ୍ମରଣୀୟ କରି ରଖିଛି । ମଠ ପରିସରରେ ରାଜ ପରିବାରର ପ୍ରାୟ କୋଡିଏ ଗୋଟି ରାଜା ରାଣୀଙ୍କ ସମାଧି ରହିଥିବା ବେଳେ ମହନ୍ତ ମାନଙ୍କ ସମାଧି ମଧ୍ୟ ରହିଛି । ସତୀ ସମାଧିକୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଉଛି । ରାଜ ପରିବାରର ସଦସ୍ୟମାନଙ୍କ ସହ ମଠାଧୀଶ ବାବା କୃପାସିନ୍ଧୁ ଦାସ ବାବାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏବେ ବି ସତୀ ଚିତା ଜଳୁଛି ଧୂନି ଗୃହରେ ।

**ପ୍ରଥମେ ମାଟିହାଣ୍ଡି କିଣି ପରୀକ୍ଷାମୂଳକ ଭାବେ ମହୁଚାଷ ଆରମ୍ଭ କରିଥିଲେ । ସମୟକ୍ରମେ ମାଟି ହାଣ୍ଡିରୁ ମହୁ ଉତ୍ପାଦନ କରିଥିଲେ ଓ ପରେ ଗବେଷଣା କରି ଫେଣା ମହୁଚାଷ କରି ପ୍ରାୟ ୫୦ ବର୍ଷ ହେଲା ବଜାରର ଅପମିଶ୍ରିତ ମହୁ ବଦଳରେ ଲୋକଙ୍କୁ ବର୍ଷ ବର୍ଷ ଧରି ଶୁଦ୍ଧ ମହୁ ଯୋଗାଇବା ସହିତ ଲୋକଙ୍କ ଆବଶ୍ୟକତା ପୂରଣ କରିବାରେ ସଫଳ ହୋଇଛନ୍ତି ଜଗତସିଂହପୁରର ଅଶୋକ ଷଡ଼ଙ୍ଗୀ ।**

## ମାଟିହାଣ୍ଡିରୁ 'ମହୁ' ଗବେଷଣା



ରଶ୍ମୀରଞ୍ଜନ ମହାପାତ୍ର

ଜଗତସିଂହପୁର ଜିଲ୍ଲା, ଏରସମା ବ୍ଲକ ବଇଦା ପଞ୍ଚାୟତ ଅନ୍ତର୍ଗତ ବାଲିଆକଣି ଗ୍ରାମର ଅଶୋକ କୁମାର ଷଡଙ୍ଗୀ । ପ୍ରାୟ ୫୦ ବର୍ଷ ହେଲା ମହୁମାଛି ଦଳ ସଂଗ୍ରହ, ମହୁପାଳନ, ଆଗ୍ରହୀ ଚାଷୀଙ୍କୁ ତାଲିମ ସହ ମହୁଚାଷ ପାଇଁ ବ୍ୟବହୃତ ସାମଗ୍ରୀ ତିଆରି କରି ଆସୁଛନ୍ତି । ମହୁ ଚାଷ ପ୍ରତି ଅଶୋକଙ୍କ ୧୯୭୫ ମସିହାରେ ଆଗ୍ରହ ସୃଷ୍ଟି ହୋଇଥିଲା । ପ୍ରଥମେ ମାଟି ହାଣ୍ଡି କିଣି ପରୀକ୍ଷାମୂଳକ ମହୁ ଚାଷ ଆରମ୍ଭ କରିଥିଲେ । ଏଥିରୁ ସଫଳତା ପାଇବା ସହିତ ସେ ମାଟି ହାଣ୍ଡିରୁ ମହୁ ଉତ୍ପାଦନ କରିଥିଲେ । ଏହା ତାଙ୍କୁ ଆଗକୁ ପ୍ରେରଣା ଯୋଗାଇଥିଲା । ୧୯୯୯ ମସିହାର ମହାବାତ୍ୟା ପୂର୍ବରୁ ସେ ୧୦୦ଟା ମହୁ ବାକ୍ସ ରଖି ବର୍ଷକୁ ପ୍ରାୟ ୩ରୁ ୪କ୍ୱିଣ୍ଟାଲ ମହୁ ଉତ୍ପାଦନ କରୁଥିଲେ । ମାତ୍ର ମହାବାତ୍ୟାରେ ବହୁ ଗଛ ନଷ୍ଟ ହୋଇଥିବାରୁ ଏବେ ବାକ୍ସ ସଂଖ୍ୟା ହ୍ରାସପାଇ ଏବେ ୪୩ଟି ବାକ୍ସରୁ ବର୍ଷକୁ ପ୍ରାୟ ଦେଢ କ୍ୱିଣ୍ଟାଲ ମହୁ ଉତ୍ପାଦନ ହେଉଛି । ବର୍ଷକୁ ସେ ଲକ୍ଷେରୁ ଦେଢଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରୁଥିବା କହିଛନ୍ତି । ସେହିପରି ତାଙ୍କଠାରୁ ତାଲିମ ଗ୍ରହଣ କରି ପ୍ରାୟ ୮୦ ଜଣ ସଫଳତାର ସହିତ ମହୁଚାଷ କରୁଛନ୍ତି । ସେହିପରି ସେ ମହୁଚାଷ ପାଇଁ ବ୍ୟବହୃତ ଯନ୍ତ୍ର ବା କଞ୍ଚାମାଲ ନିଜେ ଉତ୍ପାଦନ କରି ବିକ୍ରି କରୁଛନ୍ତି । ଜଣେ ଟ୍ରେନର ଭାବରେ ସରକାରୀ ଓ ବେସରକାରୀ କ୍ଷେତ୍ରରେ ସେ ବହୁ ସମ୍ମାନ ପାଇଛନ୍ତି । ଏପରିକି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମହୁ ଚାଷ ସଂପର୍କରେ ପ୍ରଶିକ୍ଷଣ ଦେଉଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ କୃଷି ଭବନରେ ସେ ସଫଳ ମହୁଚାଷୀ ଭାବରେ ପୁରସ୍କୃତ ହୋଇଛନ୍ତି । ନିକଟରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଫେଣା ମହୁ ଉତ୍ପାଦନ ଉତ୍ସବରେ ସଫଳ ଫେଣା ମହୁ ଉତ୍ପାଦନ କରି ମଧ୍ୟ ପୁରସ୍କୃତ ହୋଇଛନ୍ତି । ସ୍ଥାନୀୟ ଅଞ୍ଚଳରେ ତାଙ୍କୁ 'ମହୁ ମଣିଷ' ଭାବରେ ପରିଚୟ ମିଳିବା ସହିତ ଲୋକପ୍ରିୟତା ଅର୍ଜନ କରିଛନ୍ତି ।







ଦିବ୍ୟ ରଞ୍ଜନ ପଟ୍ଟନାୟକ

## ବୁଣାକାରଙ୍କ ହାଟ



ହସ୍ତତନ୍ତ ତଥା ସମ୍ବଲପୁରୀ ପୋଷାକ ବଜାର ଖୋଲିବା ପୂର୍ବରୁ ଏହାକୁ ବାସ୍ତବ ରୂପ ଦେବା ପାଇଁ ବରଗଡ ବାଲିଝୁରୀ ବୁଣାକାର ହାଟକୁ ଜିଲ୍ଲା ପ୍ରଶାସନର ଏକ ପ୍ରତିନିଧି ଦଳ ପରିଦର୍ଶନ କରିଥିଲେ । ସେଠାରେ ପ୍ରତ୍ୟକ୍ଷ ଅନୁଧ୍ୟାନ କରିବା ସହିତ ସ୍ଥାନୀୟ ବ୍ୟବସାୟୀଙ୍କ ସହିତ ଆଲୋଚନା କରାଯାଇ ଏହି ବଜାରର ରୂପରେଖ ଚୂଡାନ୍ତ କରାଯାଇଥିଲା । ପ୍ରାୟ ୪ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ବିଜୁ ଆଦର୍ଶ କୃଷକ ବଜାର ପ୍ରାଙ୍ଗଣରେ ଗତ ୨୦୨୨ ମସିହା ନଭେମ୍ବର ମାସରେ ଏହି ବୁଣାକାର ହାଟ ଉଦଘାଟିତ ହୋଇଥିବା ବେଳେ ବରଗଡ଼ ବାଲିଝୁରି ହାଟ ପରେ ଏହା ଓଡ଼ିଶାର ଦ୍ୱିତୀୟ ବୃହତ୍ତମ 'ବୁଣାକାରହାଟ'ଭାବେ ପରିଗଣିତ ହେଉଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବୁଣାକାରଙ୍କୁ ଉକ୍ତ ବଜାରରେ ମାଗଣାରେ ପିଣ୍ଡି ଯୋଗାଇଦିଆଯାଇଛି । ସେହିପରି ଉକ୍ତ ବଜାରରେ ଉଭୟ କ୍ରେତା ବିକ୍ରେତାଙ୍କ ପାଇଁ ବିସ୍ତୃତ ପାର୍କିଂ ସ୍ଥାନ, ଭୋଜନାଳୟ, ଶୌଚାଳୟ, ବିଦ୍ୟୁତ ସଂଯୋଗ, ଆକ୍ୱାଗାର୍ଡ ପାଣି ଇତ୍ୟାଦି ବ୍ୟବସ୍ଥା କରାଯାଇଛି । ବୌଦ୍ଧ ବୁଣାକାର ବଜାରକୁ ସଫଳ କରିବା ପାଇଁ ବରଗଡ, ସୁବର୍ଣ୍ଣପୁର, ବୌଦ୍ଧର ବୁଣାକାରମାନଙ୍କ ସହିତ ସାଗରପାଲି, ବୀରମହାରାଜପୁର, ଗବଜୋର, ମନମୁଣ୍ଡା, ବୁଟୁପାଲି, ନାରାୟଣନଗର, ବାଉଁଶୁଣୀ ଇତ୍ୟାଦି ସ୍ଥାନରୁ ବ୍ୟବସାୟୀମାନେ ଯୋଗଦେଇ ଆସୁଥିବା ବେଳେ ରାଜ୍ୟର ବିଭିନ୍ନ ପ୍ରାନ୍ତର କ୍ରେତାମାନେ ଏଠାରୁ ହସ୍ତତନ୍ତ ବସ୍ତ୍ର କ୍ରୟ କରନ୍ତି । ଏହି ବୁଣାକାର ବଜାର ପ୍ରତ୍ୟେକ ରବିବାର ସକାଳ ୬ ଘଣ୍ଟାଠାରୁ ୨ ଘଣ୍ଟା ପର୍ଯ୍ୟନ୍ତ ଖୋଲା ରହୁଥିବା ବେଳେ ଏଠାରେ ହାତବୁଣା ପାଟ ଶାଢ଼ୀ, ବମକେଇ ଶାଢ଼ୀ, କଟନ ଶାଢ଼ୀ, ବାନ୍ଧ ଶାଢ଼ୀ, ଧୋତି, ଲୁଙ୍ଗି, ଗାମୁଛା, ବେଡ଼ସିଟ, ଥାନ କପଡା, ସାର୍ଟ, ପଞ୍ଜାବୀ, ରୁମାଲ, ସ୍କାର୍ଫ, ରେଡିମେଡ ଡ୍ରେସ ଇତ୍ୟାଦି ଉପଲବ୍ଧ ହେଉଛି । ଜିଲ୍ଲା ବୟନଶିଳ୍ପ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ ଏହି ବଜାରରେ ହାରାହାରି ୨୨ ଲକ୍ଷ ଟଙ୍କାର ବ୍ୟବସାୟ ହେଉଥିବା ବେଳେ ପର୍ବପର୍ବାଣୀରେ ବ୍ୟବସାୟ ୫୦ ଲକ୍ଷ ଟଙ୍କା ଅତିକ୍ରମ କରିଯାଏ । ଏହି ବଜାର ଉତ୍କୃଷ୍ଟ ଭିତ୍ତିଭୂମି ଏବଂ ପରିଚାଳନା ଆଧାରରେ ଚଳିତବର୍ଷ ସମ୍ମାନଜନକ ଜାତୀୟସ୍ତରୀୟ ସ୍କଚ ଆୱାର୍ଡ ପାଇବାରେ ସମର୍ଥ ହୋଇଛି ।




**ବୌଦ୍ଧ ଜିଲ୍ଲାର ବୁଣାକାରମାନଙ୍କ ନିରନ୍ତର ବିକାଶ ଓ ସାମଗ୍ରିକ ଅଭିବୃଦ୍ଧି ନିମନ୍ତେ ତଥା ହସ୍ତତନ୍ତ ବସ୍ତ୍ରକୁ ଭଲ ପାଉଥିବା କ୍ରେତାମାନଙ୍କୁ ସୁଲଭ ମୂଲ୍ୟରେ ପୋଷାକ ଯୋଗାଇ ଦେବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଥମ ଥର ବୌଦ୍ଧ ବୁଣାକାର ବଜାର ନାମରେ ଏକ ସାପ୍ତାହିକ ହାଟ ଖୋଲାଯାଇଛି । ଯାହା ଏବେ ବି ବସ୍ତ୍ରପ୍ରେମୀଙ୍କ ମନ କିଣୁଛି ।**



# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ...

## ଜନସେବାରେ ଅବିଶ୍ରାନ୍ତ...

ମସିହାରେ ମୁଖ୍ୟମନ୍ତ୍ରୀ ଦାବି ଉପସ୍ଥାପନ କରିଥିଲେ। ଏହାପରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସ୍ଥାପନ ହେଲା। ଏବେ ବିକ୍ରମ ଦେବ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିଛି। କିନ୍ତୁ କୋରାପୁଟକୁ ମିଳିଥିବା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ସ୍ଥାନାନ୍ତର କରିବା ପାଇଁ କିଛି ଲୋକ ଅସଫଳ ଉଦ୍ୟମ କରିଥିଲେ। ହେଲେ ମୁଖ୍ୟମନ୍ତ୍ରୀ ସେମାନଙ୍କର ସବୁ ଉଦ୍ୟମକୁ ପଣ୍ଡ କରି ଦେଇଛନ୍ତି ବୋଲି କହିଛନ୍ତି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

ଜୟପୁର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ଟଙ୍କିକିଆ ଚାଉଳ ଠାରୁ ଆରମ୍ଭ କରି ଲକ୍ଷ୍ମୀ ବସ୍, ବିଏସ୍‌କେୱାଇ ଆଦି ଉଲ୍ଲେଖନୀୟ ଯୋଜନା ମୁଖ୍ୟମନ୍ତ୍ରୀ କୋରାପୁଟରୁ ହିଁ ଆରମ୍ଭ କରିଛନ୍ତି। ୨୫ଟି ଜିଲ୍ଲା ଏବେ ଲକ୍ଷ୍ମୀ ବସ୍‌କୁ ଅପେକ୍ଷା କରିଛନ୍ତି, କିନ୍ତୁ କୋରାପୁଟ ଜିଲ୍ଲାରେ ବସ୍ ଚଳାଚଳ ଆରମ୍ଭ ହୋଇସାରିଛି। ପ୍ରତି ଯୋଜନାରେ ମୁଖ୍ୟମନ୍ତ୍ରୀ କୋରାପୁଟକୁ ଯୋଡିଥିବା ବେଳେ ଏହି ଧାରା ଆଗକୁ ମଧ୍ୟ ଜାରି ରହିବ ବୋଲି ସେ ଘୋଷଣା କରିଛନ୍ତି।

ଜୟପୁରରେ ଆୟୋଜିତ ସାଧାରଣ ସଭାରେ ଯୋଗ ଦେଇ ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ଜିଲ୍ଲାରେ ଥିବା ମନ୍ଦିର, ମସଜିଦ୍, ଚର୍ଚ୍ଚ ଆଦିର ରୂପାନ୍ତରଣ ପାଇଁ କୋରାପୁଟବାସୀ ଦରଖାସ୍ତ ଦେଇଛନ୍ତି। ଆସନ୍ତାସାତ ଦିନ ମଧ୍ୟରେ ଏ ନେଇ ମୁଖ୍ୟମନ୍ତ୍ରୀ ଖୁସି ଖବର ଦେବେ। ମୁଖ୍ୟମନ୍ତ୍ରୀ ଯେଉଁ ଟଙ୍କା ମଞ୍ଜୁର କରିବେ ତାହା ଲୋକମାନଙ୍କର ଟଙ୍କା। ପ୍ରତ୍ୟେକ ଟଙ୍କାକୁ ନିଜର ଭାବି ସ୍ୱଚ୍ଛତା ସହକାରେ କାମ କରିବାକୁ ସେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଭଲ କାମ କଲେ ଦ୍ୱିତୀୟ ପର୍ଯ୍ୟାୟରେ ଟଙ୍କା ମିଳିବ ବୋଲି ମଧ୍ୟ ଶ୍ରୀ ପାଣ୍ଡିଆନ୍ ଘୋଷଣା କରିଛନ୍ତି। '୫-ଟି' ଅଧ୍ୟକ୍ଷଙ୍କ ଏହି ସମାବେଶରେ ବହୁସଂଖ୍ୟାରେ ଜନସାଧାରଣ ଯୋଗ ଦେଇଥିଲେ। ଲୋକଭିଡ଼ ଏତେ ହୋଇଥିଲା ଯେ ଶ୍ରୀ ପାଣ୍ଡିଆନଙ୍କୁ ଭିଡ଼ କାଟି ମଞ୍ଚ ପର୍ଯ୍ୟନ୍ତ ପହଞ୍ଚିବା ଲାଗି ଶ୍ରୀ ଅଧଘଣ୍ଟା ସମୟ ଲାଗିଥିଲା। ଉପସ୍ଥିତ ଜନସାଧାରଣଙ୍କୁ ଶ୍ରୀ ପାଣ୍ଡିଆନ କହିଥିଲେ ଯେ ଉଚ୍ଚଶିକ୍ଷା ପାଇଁ କୋରାପୁଟର ପିଲାମାନଙ୍କୁ ବ୍ରହ୍ମପୁର ଯିବାକୁ ପଡୁଥିଲା। ଛାତ୍ରଛାତ୍ରୀମାନେ ବହୁତ ଖର୍ଚ୍ଚାନ୍ତ ହେଉଥିଲେ। ଏବେ କିନ୍ତୁ ବିକ୍ରମ ଦେବ କଲେଜ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଛି। ଜିଲ୍ଲାକୁ ଲକ୍ଷ୍ମୀ ବସ୍, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସମେତ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଯୋଜନା ଓ କାର୍ଯ୍ୟକ୍ରମରେ ଯୋଡ଼ାଯାଇଛି। ମାତ୍ର ୫ ଟଙ୍କାରେ ମହିଳାମାନେ ଲକ୍ଷ୍ମୀ ବସ୍‌ରେ ଯାତ୍ରା କରୁଛନ୍ତି। ଆଗକୁ ପ୍ରତି ପଞ୍ଚାୟତରେ ବ୍ୟାଙ୍କ ସେବା ଆରମ୍ଭ ହେବ। ଆମର ମିଶନ୍ ଶକ୍ତି ମା'ମାନେ ଏହା ଦ୍ୱାରା ବହୁତ ଉପକୃତ ହେବେ। ଏହା ସହିତ କୋରାପୁଟର ଶ୍ରୀ ଜଗନ୍ନାଥ ମନ୍ଦିର, କାଳୀ ମନ୍ଦିର, ମସଜିଦ, ଚର୍ଚ୍ଚ ପାଇଁ ଅର୍ଥ ମଞ୍ଜୁର ହୋଇଛି। ଏ ନେଇ କାମ ଜାରି ରହିଛି। ଜଗନ୍ନାଥ ସାଗର ପାଇଁ ମୁଖ୍ୟମନ୍ତ୍ରୀ ୨୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି ଆଉ ଭଲ କାମ କଲେ ପୁଣି ଅର୍ଥ ମଞ୍ଜୁର କରାଯିବ ବୋଲି ସେ ଘୋଷଣା କରିଛନ୍ତି।

କୋରାପୁଟ ଗସ୍ତ ଅବସରରେ ଶ୍ରୀ ପାଣ୍ଡିଆନ୍ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ୨୦ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟରେ ଆରମ୍ଭ ହୋଇଥିବା ବୈପାରୀଗୁଡା ଗୁପ୍ତେଶ୍ୱର ମନ୍ଦିର ଉନ୍ନୟନ ପ୍ରକଳ୍ପ, ୧୦୦ କୋଟି ଟଙ୍କା ବ୍ୟୟରେ ଝଞ୍ଜାବତୀ ନଦୀ ବ୍ୟାରେଜ , ୨୬୬ କୋଟି ଟଙ୍କାରେ ଲକ୍ଷ୍ମଣ ନାଏକ ମେଡିକାଲ କଲେଜରେ କ୍ୟାନସର୍ ସେଣ୍ଟର ଏବଂ ୬୫୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା କୋଠା, ଜୟପୁର ଠାରେ ୧୦୦ କୋଟି ଟଙ୍କା ଖର୍ଚ୍ଚରେ ନିର୍ମାଣ ହେଉଥିବା ୩୦୦ ଶଯ୍ୟା ବିଶିଷ୍ଟ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଅଗ୍ରଗତି ସମୀକ୍ଷା କରି ଧାର୍ଯ୍ୟ ସମୟ ଭିତରେ କାମ ଶେଷ କରିବା ପାଁ ଶ୍ରୀ ପାଣ୍ଡିଆନ୍ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ୧୭୨.୪୦ କୋଟି ଟଙ୍କା ବ୍ୟୟରେ ପ୍ରମୁଖ ରାସ୍ତାର ଉନ୍ନୟନ ପ୍ରକଳ୍ପ, ୨୧୦ କୋଟି ଟଙ୍କା ବ୍ୟୟରେ ପ୍ରମୁଖ ସେତୁ ପ୍ରକଳ୍ପ ଆଦିର ଅଗ୍ରଗତି ପଚାରି ବୁଝିଛନ୍ତି। ଚଳିତ ବର୍ଷ ଶ୍ରୀ ପାଣ୍ଡିଆନଙ୍କ କୋରାପୁଟ ଗସ୍ତ ସମୟରେ ଲୋକଙ୍କ ଠାରୁ ମିଳିଥିବା ଅଧିକାଂଶ ଦାବି ଓ ଅଭିଯୋଗ ଉପରେ କାମ ଆରମ୍ଭ ହୋଇଥିବା ଜଣାଯାଇଛି।

ଜୟପୁର ଠାରେ ଆୟୋଜିତ ଜନସଭାରେ ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଧାୟକ ପ୍ରଣବ ବଳବନ୍ତରାୟ, କୋରାପୁଟ ଜିଲ୍ଲା ବିଜେଡି ସଭାପତି ଝୀନ ହିକକା, କୋରାପୁଟ ବିଧାୟକ ରଘୁରାମ ପୋଡାଲ, ପଟାଙ୍ଗୀ ବିଧାୟକ ପ୍ରିତମ ପାଢୀ, କୋଟପାଡ ବିଧାୟିକା ପଦ୍ମିନୀ ଦିଆନ୍, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ, ସାଂସଦ ରମେଶ ମାଝୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପଦେଷ୍ଟା ପ୍ରଦୀପ ମାଝୀ, ନବରଙ୍ଗପୁର ବିଧାୟକ ସଦାଶିବ ପଧାନୀ, ଝରିଗାଁ ବିଧାୟକ ପ୍ରକାଶ ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ବରିଷ୍ଠ ବିଜେଡି ନେତା ରବି ନନ୍ଦ, ପୂର୍ବତନ ବିଧାୟକ ଚନ୍ଦ୍ର ଶେଖର ମାଝୀ, ପ୍ରଫୁଲ୍ଲ ପାଙ୍ଗି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, କୋରାପୁଟ ଜିଲ୍ଲା ବିଜେଡି ମହିଳା ପର୍ଯ୍ୟବେକ୍ଷକ ମୀରା ପରିଡ଼ା, ଜୟପୁର ପୌର ପରିଷଦ ଉପାଧ୍ୟକ୍ଷା ବି ସୁନୀତା, ବରିଷ୍ଠ ବିଜେଡି ନେତା ଇଶ୍ୱର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟର ଡିଜିଟାଲ...

ବିଭିନ୍ନ ସ୍କିମ୍‌ରେ ଅଧିକ ଲାଭର ପ୍ରଲୋଭନ ଦେଖାଇ ସେ ଜାମାକାରୀଙ୍କଠାରୁ ଅର୍ଥ ହଡ଼ପ କରିଥିଲା। ଖାଲି ଓଡ଼ିଶା ନୁହେଁ, ଏହି ସଂସ୍ଥା ମହାରାଷ୍ଟ୍ର, ବିହାର, ୟୁପି, ଦିଲ୍ଲୀ, ପଶ୍ଚିମବଙ୍ଗ, ଓଡ଼ିଶା, ଛତିଶଗଡ଼ ଜମାକାରୀଙ୍କୁ ଚୂନ ଲଗାଇଥିବା ଅଭିଯୋଗ ହୋଇଛି। ଲୋକଙ୍କୁ ଠକିବା ପାଇଁ ସଂସ୍ଥା ଡିଜିଟାଲ ମାଧ୍ୟମରେ କାରବାର ଚଳାଇଥିଲା। ଏହି ଠକ ସଂସ୍ଥାରେ ଟଙ୍କା ଜମା କରିବା ପାଇଁ ପ୍ରିନ୍ସ ସୋସିଆଲ ମିଡିଆର ସାହାରା ନେଇଥିଲା। ହ୍ୱାଟ୍ସଆପ୍‌ରେ ଗ୍ରୁପ୍ କରିବା ସହ ୟୁ-ଟ୍ୟୁବ୍, ଆମାଜନ୍, ଇମେଲ୍, ଅନ୍‌ଲାଇ୍ ଡିଜିଟାଲ ଗେମିଂ, ଡିଜିଟାଲ ମେମେଣ୍ଟ ଆଦିର ସାହାରା ନେଇଥିଲା। ୨୦୨୦ ମସିହା ମାର୍ଚ୍ଚ ମାସରେ ବାଲେଶ୍ୱର ଏବଂ ଭଦ୍ରକରେ ପ୍ରିନ୍ସ ଏକ ବୈଠକ ମଧ୍ୟ କରିଥିଲା। ଘରେ ବସି ଇଣ୍ଟରନେଟ୍ ମାଧ୍ୟମରେ କିଭଳି ଭଲ ରୋଜଗାର କରିହେବ, ସେ ସଂପର୍କରେ ଲୋକଙ୍କୁ ବୁଝାଇଥିଲା। କୋଭିଡ୍ ସମୟରେ କିଛି ରୋଜଗାର ନଥିବାରୁ ଲୋକେ ଏହାକୁ ଏକ ସୁଯୋଗ ଭାବି ପ୍ରିନ୍ସର ମାୟା ଜାଲରେ ପଡ଼ି ଯାଇଥିଲେ। ଲୋକେ ତା' କଥାରେ ବିଶ୍ୱାସ କରି ଟଙ୍କା ଲଗାଇଥିଲେ। କିନ୍ତୁ ଦୁଇଗୁଣା ତ ଦୂରର କଥା, ମୂଳଧନ ବି ମିଳିଲାନି। ପାଖାପାଖି ଦେଢ଼ କୋଟି ଟଙ୍କା ଠକିବା ପରେ ପ୍ରିନ୍ସ ୱେବ୍‌ସାଇଟ୍ ବନ୍ଦ କରି ଫେରାର୍ ହୋଇଯାଇଥିଲା। ୨୦୨୦ ମାର୍ଚ୍ଚରେ ଠକେଇର ଶିକାର ହୋଇଥିବା ଜମାକାରୀ ପ୍ରଥମେ ଏ ସଂପର୍କରେ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ।


**PUBLIC NOTICE**

I Ramesh Prasad Gupta, R/o- Near Baker's Hut, In line of Babua hotel, BARBIL, ODISHA declare that in 10th pass certificate No-EQ 90042356 of my son Rahul Gupta my name is wrongly written as Ramesh kumar Gupta. My correct name is Ramesh Prasad Gupta & henceforth my son will be known and called as RAHUL GUPTA S/O Ramesh Prasad Gupta for all purposes.

Ramesh Prasad Gupta.

**AFFIDAVIT**

I, Radhasyam Panda, S/o- Arjuna Panda, resident of Plot No.1251, Lane No-15, Sriram Nagar, Samantarapur, PS-Lingaraj, Bhubaneswar, Dist-Khurda, Pin-751002, Odisha declared by this affidavit No. 2233, dtd- 22/12/2023, that now onwards I shall be known as **RADHASHYAM PANDA** for all future purposes.

**AFFIDAVIT**

By an affidavit (CF No.72, dtd.-16/08/2023) before the Executive Magistrate, Bhubaneswar do hereby declare that my actual & correct name is **Pravat Kumar Sahoo**, S/o Late Mukunda Sahoo, resident of AT-Balianta Talagarh, PO/PS- Balianta, Dist- Khurda, Pin- 752101, Odisha which is mentioned in ROR & Electricity bill, but in my Aadhar Card (No. 9215 9755 8777) Son & daughter's educational certificate/school records my name has been mentioned as Pravat Kumar Mohapatra. That both the name Pravat Kumar Sahoo & Pravat Kumar Mohapatra is one same person who is myself.


## 'ପ୍ରବଞ୍ଚକଙ୍କୁ ଦୃଢ଼...

କରୁଛନ୍ତି; କିନ୍ତୁ କିଛି ଲୋକ ବିଧିବଦ୍ଧ ଷଡ଼ଯନ୍ତ୍ର କ୍ରମେ ଓଡ଼ିଶାକୁ ବଦନାମ କରିବା ପାଇଁ ହୀନ ଷଡ଼ଯନ୍ତ୍ର ଚଳାଇଛନ୍ତି। ଏଥିପ୍ରତି ଆମକୁ ସଜାଗ ଓ ସତର୍କ ରହିବାକୁ ପଡିବ। ଏଥିସହ ସରକାରୀ ଯୋଜନାକୁ ଘରେ ଘରେ ପହଞ୍ଚାଇବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ କେଉଁ ସରକାର ଲୋକଙ୍କ ଦାବିକୁ ସାତ ଦିନ ମଧ୍ୟରେ ପୂରଣ କରୁଛି? କେଉଁ ସରକାର ଚଟାପଟ ଲୋକଙ୍କ ସମସ୍ୟାର ସମାଧାନ କରୁଛି? କେବଳ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଅସମ୍ଭବକୁ ସମ୍ଭବ କରି ଦେଖାଇଛନ୍ତି। ମୁଖ୍ୟମନ୍ତ୍ରୀ କାମରେ ବିଶ୍ୱାସ କରୁଥିବା ବେଳେ କିଛି ଲୋକ ଅପପ୍ରଚାରକୁ ଅସ୍ତ୍ର କରି ବିକାଶ ରଥକୁ ଅଟକାଇବାକୁ ଚେଷ୍ଟା କରୁଛନ୍ତି। ସେମାନଙ୍କୁ ଜବାବ୍ ଦେବାର ଅଛି ବୋଲି ଶ୍ରୀ ପାଣ୍ଡିଆନ୍ ଆହ୍ୱାନ ଦେଇଛନ୍ତି । ଶ୍ରୀ ପାଣ୍ଡିଆନଙ୍କ ସମାବେଶଗୁଡ଼ିକରେ ଆଜି ଅଭୂତପୂର୍ବ ଭିଡ଼ ଦେଖିବାକୁ ମିଳିଥିଲା। ତାଙ୍କ ସହ ହାତ ମିଳାଇବା ଓ ସେଲ୍ଫି ନେବା ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ସେହିପରି ବିଭିନ୍ନ ସ୍ଥାନରେ ତାଙ୍କୁ ସାଧାରଣ ଲୋକ ବିପୁଳ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

## ଓଡ଼ିଶାରେ କରୋନା...

କରାଯାଇନାହିଁ। ହସ୍ତଗତ ସୂଚନାନୁସାରେ, ସମ୍ପୃକ୍ତ ସଂକ୍ରମିତ ବ୍ୟକ୍ତି ଏବେ ଚିକିତ୍ସାଧୀନ ଅଛନ୍ତି ଏବଂ ତାଙ୍କ ପଜିଟିଭ୍ ନମୁନା ଜିନୋମ ସିକ୍ୱେନ୍ସିଂ ପାଇଁ ପଠାଯାଇଛି। ଦେଶରେ ଏବେ ସକ୍ରିୟ ମାମଲା ୩ ହଜାର ଅତିକ୍ରମ କରିଯାଇଛି। ଶେଷଥର ପାଇଁ ଗତବର୍ଷ ଡିସେମ୍ବର ୩ରେ ଓଡ଼ିଶାରେ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଥିଲେ। ଦେଶର ବିଭିନ୍ନ ରାଜ୍ୟରେ ଜେଏନ୍.୧ ଭୂତାଣୁ ଥିବା ସଂକ୍ରମିତ ଚିହ୍ନଟ ହେବା ସହ ରୋଗୀଙ୍କ ମୃତ୍ୟୁ ହେଉଛି। ନୂଆ ଭୂତାଣୁରେ ସଂକ୍ରମିତ ହେଉଥିବା ଅଧିକାଂଶ ବ୍ୟକ୍ତି ବୟସ୍କ ଏବଂ ବିଭିନ୍ନ ରୋଗରେ ଆକ୍ରାନ୍ତ। ଏହି ବର୍ଗର ଲୋକଙ୍କ ପ୍ରତି ଅଧିକ ବିପଦ ଥିବାରୁ ସେମାନେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ଆବଶ୍ୟକ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ କହିବାନୁସାରେ, ବରିଷ୍ଠ ନାଗରିକ ଏବଂ ବିଭିନ୍ନ ରୋଗରେ ପୀଡ଼ିତ ଲୋକଙ୍କ ପ୍ରତି ବିପଦ ଅଧିକ। ତେଣୁ ସେମାନେ ମାସ୍କ ବ୍ୟବହାର କରନ୍ତୁ ଏବଂ ଭିଡ଼ ଜାଗାରୁ ଦୂରେଇ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି। କେରଳ, କର୍ଣ୍ଣାଟକ, ରାଜସ୍ଥାନ, ମହାରାଷ୍ଟ୍ରରେ ନୂଆ ଭାରିଆଣ୍ଟ ଆତଙ୍କ ଖେଳାଇଥିବା ବେଳେ ଅନ୍ୟ ରାଜ୍ୟ ପାଇଁ ଏହା ସତର୍କ ଘଣ୍ଟି ସଦୃଶ ହୋଇଛି। କିନ୍ତୁ ଗତବର୍ଷଠାରୁ ସରକାର କୋଭିଡ୍ ଗାଇଡ୍‌ଲାଇନ୍ ପ୍ରତ୍ୟାହାର କରିବା ପରଠାରୁ ମାସ୍କ ବ୍ୟବହାର, ସାମାଜିକ ଦୂରତା ରକ୍ଷା, ବ୍ୟକ୍ତିଗତ ପରିମଳ ସବୁ ଲୋକେ ଭୁଲି ଗଲେଣି। ମାସ୍କ ସହ ଲୋକଙ୍କ ସମ୍ପର୍କ ତୁଟିଗଲାଣି। କିନ୍ତୁ ଘାତକ ଜେଏନ୍.୧ ଭାରିଆଣ୍ଟ ଦାଉରୁ ରକ୍ଷା ପାଇବାକୁ ହେଲେ କୋଭିଡ୍ ନିୟମ ପାଳନ କରିବା ଜରୁରୀ ବୋଲି କୁହାଯାଇଛି।

## ଦେଶରେ ଦିନକରେ...

ଏହାର ଦିନକ ପରେ ଏହି ସଂଖ୍ୟା ଦ୍ୱିଗୁଣିତ ହେବା ଚିନ୍ତାଜନକ ହୋଇପଡ଼ିଛି। ଗତ ୭ ମାସ ମଧ୍ୟରେ ପ୍ରଥମଥର ପାଇଁ ଏହି ସଂଖ୍ୟକ ନୂଆ ମାମଲା ସାମ୍ନାକୁ ଆସିଛି। ସଂକ୍ରମଣ ବଢିବା ସହିତ ଇତିମଧ୍ୟରେ ୪ ଜଣଙ୍କ ମୃତ୍ୟୁ ହେବା ଘଟଣା ମଧ୍ୟ ଆହୁରି ଉଦବେଗ ସୃଷ୍ଟି କରିଛି। ବିଶେଷକରି ଜେଏନ.୧ ସବ୍ ଭାରିଆଣ୍ଟ ଚିନ୍ତା ବଢାଇ ଥିବାବେଳେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ନୂଆ ସଂକ୍ରମିତଙ୍କୁ ମିଶାଇ ବର୍ତ୍ତମାନ କରୋନା ସକ୍ରିୟ ମାମଲା ୩,୪୨୦ରେ ପହଞ୍ଚିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ, ବର୍ତ୍ତମାନ ୧୭ ଟି ରାଜ୍ୟରେ କରୋନା ସକ୍ରିୟ ମାମଲା ରହିଛି। ନୂଆ ସଂକ୍ରମିତଙ୍କ ମଧ୍ୟରୁ କେରଳରେ ସର୍ବାଧିକ ୨୬୬ ଜଣ ଥିବାବେଳେ କର୍ଣ୍ଣାଟକରେ (୭୦), ମହାରାଷ୍ଟ୍ର (୧୫), ତାମିଲନାଡୁ (୧୩) ଏବଂ ଗୁଜୁରାଟରେ ୧୨ ସଂକ୍ରମିତ ରହିଛନ୍ତି। ବର୍ତ୍ତମାନ ସୁଦ୍ଧା କରୋନାଜନିତ ମୃତ୍ୟୁସଂଖ୍ୟା ୫,୩୩,୩୩୨ରେ ପହଞ୍ଚିଛି। ସେହିପରି ବିଶ୍ୱସ୍ତରରେ ମଧ୍ୟ କରୋନା ସଂକ୍ରମଣ ବଢୁଥିବାର ବିଶ୍ୱସ୍ୱାସ୍ଥ୍ୟ ସଂଗଠନ(ହୁ) ପକ୍ଷରୁ ଚିନ୍ତାପ୍ରକଟ କରାଯାଇଛି। ମାସକ ମଧ୍ୟରେ ବିଶ୍ୱର ବିଭିନ୍ନ ଭାଗରେ ସକ୍ରିୟ ମାମଲା ହାର ୫୨ ପ୍ରତିଶତ ବୃଦ୍ଧିପାଇବା ସହିତ ପ୍ରାୟ ୮ ଲକ୍ଷ ୫୦ ହଜାର ନୂଆ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିବା 'ହୁ' କହିଛି।

## କଳିଙ୍ଗ ଇନ୍‌ଡୋର...

ପ୍ରତିଯୋଗିତା ଓ ପ୍ରଶିକ୍ଷଣର ଏକ କେନ୍ଦ୍ର ଭାବେ ପ୍ରତିପାଦନ କରିପାରିବ। ଏହି ମାନ୍ୟତା କ୍ରୀଡ଼ାବିତ୍‌ମାନଙ୍କୁ ଉନ୍ନତ ପ୍ରଶିକ୍ଷଣ ନିମନ୍ତେ ବିଶ୍ୱସ୍ତରୀୟ ଭିତ୍ତିଭୂମି ଯୋଗାଇବା ପାଇଁ ଓଡ଼ିଶାର ପ୍ରତିବଦ୍ଧତାକୁ ସୂଚାଉଛି ବୋଲି ରାଜ୍ୟ କ୍ରୀଡ଼ା ଓ ଯୁବସେବା ସଚିବ ଆର୍ ଭିନିଲ କ୍ରିଷ୍ଣା କହିଛନ୍ତି। ଏରିନାର ଭିତ୍ତିଭୂମି, ସୁବିଧା ସୁଯୋଗ ଓ ବୈଷୟିକ ଦକ୍ଷତା ବିଶ୍ୱସ୍ତରୀୟ ବୋଲି ବିଶ୍ୱ ଆଥ୍‌ଲେଟିକ୍ସର ଏହି ମାନ୍ୟତାରୁ ପ୍ରମାଣିତ ହେଉଛି।

XXIV-45

### ଓଡିଶା ସରକାର
### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର

**ଅଧିସୂଚନା**

File No.COL/JAJ/VIIL-25/2022/12956/LA/(Civil) dated.09.11.2023

ଯେହେତୁ ଓଡିଶା ସରକାରଙ୍କ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଯାଜପୁର ଜିଲ୍ଲାରେ ଶିବଦାସ ଛକ ଠାରୁ ମହାଲକ୍ଷ୍ମୀ କ୍ଲବ ଛକ ଭାୟା ପ୍ରହରାଜପୁର ତାରିଣୀ ଛକ ରାସ୍ତାର ପ୍ରଶସ୍ତିକରଣ ଓ ଦୃଢୀକରଣ ତତସହିତ ଲାଖବିନ୍ଧା ପଡିଆ ଠାରେ ମା' ବିରଜାଙ୍କ ଦର୍ଶନ ପାଇଁ ଆସୁଥିବା ତୀର୍ଥ ଯାତ୍ରୀ ଙ୍କ ନିମନ୍ତେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା ୟୁନିଟ ନଂ -୧୫ ନାଭିଗୟା ଥାନା ନଂ- ୨୧୪,,ତହସିଲ- ଯାଜପୁର, ଜିଲ୍ଲା- ଯାଜପୁର ରେ ନିମ୍ନ ତଫସିଲ ମତେ ପ୍ରାୟ ଏ୧.୦୧୮ ଡି. ଭୂମି ଅର୍ଜନ ଆବଶ୍ୟକ ହେଉଅଛି;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act,2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚିରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଇଅଛି

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଶିବଦାସ ଛକ ଠାରୁ ମହାଲକ୍ଷ୍ମୀ କ୍ଲବ ଛକ ଭାୟା ପ୍ରହରାଜପୁର ତାରିଣୀ ଛକ ରାସ୍ତାର ପ୍ରଶସ୍ତିକରଣ ଓ ଦୃଢୀକରଣ ତତସହିତ ଲାଖବିନ୍ଧା ପଡିଆ ଠାରେ ମା' ବିରଜାଙ୍କ ଦର୍ଶନ ପାଇଁ ଆସୁଥିବା ତୀର୍ଥ ଯାତ୍ରୀ ଙ୍କ ନିମନ୍ତେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧିକ୍ଷଣ ଯନ୍ତ୍ରୀ, ପାଣିକୋଇଲି (ରାସ୍ତା ଓ କୋଠାବାଡି) ବିଭାଜନ, ପାଣିକୋଇଲି।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ଶିବଦାସ ଛକ ଠାରୁ ମହାଲକ୍ଷ୍ମୀ କ୍ଲବ ଛକ ଭାୟା ପ୍ରହରାଜପୁର ତାରିଣୀ ଛକ ରାସ୍ତାର ପ୍ରଶସ୍ତିକରଣ ଓ ଦୃଢୀକରଣ ତତସହିତ ଲାଖବିନ୍ଧା ପଡିଆ ଠାରେ ମା' ବିରଜାଙ୍କ ଦର୍ଶନ ପାଇଁ ଆସୁଥିବା ତୀର୍ଥ ଯାତ୍ରୀ ଙ୍କ ନିମନ୍ତେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ ନିମନ୍ତେ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଓଡିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣା ନାମା ଚିଠି ସଂଖ୍ୟା ୩୬୬୯୮/୧୭.୧୦.୨୦୨୩ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରା ରେ ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ-ଜିଲ୍ଲାପାଳ, ଯାଜପୁର।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଯାଜପୁର | ଯାଜପୁର | ୟୁନିଟ ନଂ- ୧୫ ନାଭିଗୟା | ସହରାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ୪.୧୬୬ ଡି | ଏ୧.୦୧୮ଡି | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ(ସିଭିଲ) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁରରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ଜିଲ୍ଲାପାଳ, ଯାଜପୁର

**ଭୂମି ଅନୁସୂଚୀ**

ପ୍ରକଳ୍ପ-ଶିବଦାସ ଛକ ଠାରୁ ମହାଲକ୍ଷ୍ମୀ କ୍ଲବ ଛକ ଭାୟା ପ୍ରହରାଜପୁର ତାରିଣୀ ଛକ ରାସ୍ତାର ପ୍ରଶସ୍ତିକରଣ ଓ ଦୃଢୀକରଣ ତତସହିତ ଲାଖବିନ୍ଧା ପଡିଆ ଠାରେ ମା' ବିରଜାଙ୍କ ଦର୍ଶନ ପାଇଁ ଆସୁଥିବା ତୀର୍ଥ ଯାତ୍ରୀଙ୍କ ନିମନ୍ତେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ

ମୌଜା-ୟୁନିଟ ନଂ ୧୫ ନାଭିଗୟା ଥାନା ନଂ-୨୧୪, ଥାନା/ତହସିଲ/ଜିଲ୍ଲା-ଯାଜପୁର

| କ୍ରମିକ ନଂ | ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୫ | ୫୭ | ୦.୩୪୦ | ୦.୦୬୫ | ହାଟସ୍ଥଳି | ଅଜୟ କୁମାର ଦାସ, ଶାନ୍ତିଲତା ଦାସ ପି: ରାମ ବଲ୍ଲଭ ଦାସ, ପ୍ରମୋଦ କୁମାରୀ ଦାସ ସ୍ୱା: ରାମ ବଲ୍ଲଭ ଦାସ, ଉଷାରାଣୀ ଦାସ ସ୍ୱା: ଅମିୟ କୁମାର ଦାସ, ଅମୃତାଙ୍କ ଦାସ ପି: ଅମିୟ କୁମାର ଦାସ ଜା: କରଣ ବା: ଦେବୀଦ୍ୱାର |
| ୨ | ୨୮୦ | ୮୪ | ୦.୪୮୦ | ୦.୨୨୦ | ଦେବସ୍ଥଳି | ଶ୍ରୀ ବସନ୍ତେଇ ଠାକୁରାଣୀ ବିଜେ ନିଜଗାଁ ମାର୍ଫତ କମିଶନର ଏଣ୍ଡାମେଣ୍ଟ ଓଡିଶା, ଭୁବନେଶ୍ୱର |
| ୩ | ୨୮୦ | ୮୫ | ୦.୦୧୦ | ୦.୦୧୦ | ବିଜେସ୍ଥଳି | ଶ୍ରୀ ବସନ୍ତେଇ ଠାକୁରାଣୀ ବିଜେ ନିଜଗାଁ ମାର୍ଫତ କମିଶନର ଏଣ୍ଡାମେଣ୍ଟ ଓଡିଶା, ଭୁବନେଶ୍ୱର |
| ୪ | ୨୮୦ | ୮୬ | ୦.୦୭୦ | ୦.୦୪୨ | ଦେବସ୍ଥଳି | ଶ୍ରୀ ବସନ୍ତେଇ ଠାକୁରାଣୀ ବିଜେ ନିଜଗାଁ ମାର୍ଫତ କମିଶନର ଏଣ୍ଡାମେଣ୍ଟ ଓଡିଶା, ଭୁବନେଶ୍ୱର |
| ୫ | ୨୮୦ | ୮୭ | ୦.୦୨୪ | ୦.୦୨୪ | ଘରବାରି-୧ | ଶ୍ରୀ ବସନ୍ତେଇ ଠାକୁରାଣୀ ବିଜେ ନିଜଗାଁ ମାର୍ଫତ କମିଶନର ଏଣ୍ଡାମେଣ୍ଟ ଓଡିଶା, ଭୁବନେଶ୍ୱର |
| ୬ | ୫ | ୮୮ | ୦.୪୧୫ | ୦.୦୭୫ | ଘରବାରି-୧ | ଅଜୟ କୁମାର ଦାସ, ଶାନ୍ତିଲତା ଦାସ ପି: ରାମ ବଲ୍ଲଭ ଦାସ, ପ୍ରମୋଦ କୁମାରୀ ଦାସ ସ୍ୱା: ରାମ ବଲ୍ଲଭ ଦାସ, ଉଷାରାଣୀ ଦାସ ସ୍ୱା: ଅମିୟ କୁମାର ଦାସ, ଅମୃତାଙ୍କ ଦାସ ପି: ଅମିୟ କୁମାର ଦାସ ଜା: କରଣ ବା: ଦେବୀଦ୍ୱାର |
| ୭ | ୫ | ୮୯ | ୦.୦୯ | ୦.୦୧୫ | ରାସ୍ତା | ଅଜୟ କୁମାର ଦାସ, ଶାନ୍ତିଲତା ଦାସ ପି: ରାମ ବଲ୍ଲଭ ଦାସ, ପ୍ରମୋଦ କୁମାରୀ ଦାସ ସ୍ୱା: ରାମ ବଲ୍ଲଭ ଦାସ, ଉଷାରାଣୀ ଦାସ ସ୍ୱା: ଅମିୟ କୁମାର ଦାସ, ଅମୃତାଙ୍କ ଦାସ ପି: ଅମିୟ କୁମାର ଦାସ ଜା: କରଣ ବା: ଦେବୀଦ୍ୱାର |
| ୮ | ୫ | ୯୩ | ୦.୯୦୦ | ୦.୧୯୦ | ଘରବାରି-୧ | ଅଜୟ କୁମାର ଦାସ, ଶାନ୍ତିଲତା ଦାସ ପି: ରାମ ବଲ୍ଲଭ ଦାସ, ପ୍ରମୋଦ କୁମାରୀ ଦାସ ସ୍ୱା: ରାମ ବଲ୍ଲଭ ଦାସ, ଉଷାରାଣୀ ଦାସ ସ୍ୱା: ଅମିୟ କୁମାର ଦାସ, ଅମୃତାଙ୍କ ଦାସ ପି: ଅମିୟ କୁମାର ଦାସ ଜା: କରଣ ବା: ଦେବୀଦ୍ୱାର |
| ୯ | ୫ | ୯୨ | ୦.୦୦୩ | ୦.୦୦୩ | ଦେବସ୍ଥଳୀ | ଅଜୟ କୁମାର ଦାସ, ଶାନ୍ତିଲତା ଦାସ ପି: ରାମ ବଲ୍ଲଭ ଦାସ, ପ୍ରମୋଦ କୁମାରୀ ଦାସ ସ୍ୱା: ରାମ ବଲ୍ଲଭ ଦାସ, ଉଷାରାଣୀ ଦାସ ସ୍ୱା: ଅମିୟ କୁମାର ଦାସ, ଅମୃତାଙ୍କ ଦାସ ପି: ଅମିୟ କୁମାର ଦାସ ଜା: କରଣ ବା: ଦେବୀଦ୍ୱାର |
| ୧୦ | ୫ | ୯୪ | ୦.୮୦୦ | ୦.୨୦୦ | ଘରବାରି-୨ | ଅଜୟ କୁମାର ଦାସ, ଶାନ୍ତିଲତା ଦାସ ପି: ରାମ ବଲ୍ଲଭ ଦାସ, ପ୍ରମୋଦ କୁମାରୀ ଦାସ ସ୍ୱା: ରାମ ବଲ୍ଲଭ ଦାସ, ଉଷାରାଣୀ ଦାସ ସ୍ୱା: ଅମିୟ କୁମାର ଦାସ, ଅମୃତାଙ୍କ ଦାସ ପି: ଅମିୟ କୁମାର ଦାସ ଜା: କରଣ ବା: ଦେବୀଦ୍ୱାର |
| ୧୧ | ୫ | ୯୬ | ୦.୦୦୮ | ୦.୦୦୮ | ଘରବାରି-୧ | ଅଜୟ କୁମାର ଦାସ, ଶାନ୍ତିଲତା ଦାସ ପି: ରାମ ବଲ୍ଲଭ ଦାସ, ପ୍ରମୋଦ କୁମାରୀ ଦାସ ସ୍ୱା: ରାମ ବଲ୍ଲଭ ଦାସ, ଉଷାରାଣୀ ଦାସ ସ୍ୱା: ଅମିୟ କୁମାର ଦାସ, ଅମୃତାଙ୍କ ଦାସ ପି: ଅମିୟ କୁମାର ଦାସ ଜା: କରଣ ବା: ଦେବୀଦ୍ୱାର |
| ୧୨ | ୩୩ | ୧୩୦ | ୦.୩୯୦ | ୦.୦୦୨ | ଘରବାରି-୧ | କୃପାସିନ୍ଧୁ ପାଣି, ଆଦିକନ୍ଦ ପାଣି, ମୁରଲିଧର ପାଣି ପି: ଶ୍ୟାମସୁନ୍ଦର ପାଣି, ମୁକ୍ତି ପାଣି ସ୍ୱା: ଶ୍ୟାମସୁନ୍ଦର ପାଣି, ନବ ପାଣି, କୃଷ୍ଣ ପାଣି, କେଶବ ପାଣି, ସୁବାସ ପାଣି ପି: ରାମଚନ୍ଦ୍ର ପାଣି, ତାରା ପାଣି ସ୍ୱା: ରାମଚନ୍ଦ୍ର ପାଣି, ବିଦ୍ୟାଧର ପାଣି ପି: ସୁନ୍ଦର ପାଣି ଜା: ବ୍ରାହ୍ମଣ ବା: ନିଜଗାଁ |
| ୧୩ | ୨୩୪/୬ | ୧୩୦/୯୭୮ | ୦.୦୩୯ | ୦.୦୦୫ | ଘରବାରି-୧ | କେଶବ ଚନ୍ଦ୍ର ପାଣି ପି:ରାମଚନ୍ଦ୍ର ପାଣି ଜା: ବ୍ରାହ୍ମଣ ବା: ଦେବୀଦ୍ୱାର |
| ୧୪ | ୨୧୭ | ୧୩୧ | ୦.୧୬୩ | ୦.୦୬୫ | ଘରବାରି-୧ | ଶ୍ରୀ ନିବାସ ମିଶ୍ର, ଶ୍ରୀକାନ୍ତ ମିଶ୍ର, ଶ୍ରୀବନ୍ତ ମିଶ୍ର, ରତିକାନ୍ତ ମିଶ୍ର, ସୁଶାନ୍ତ ମିଶ୍ର, ଦୁର୍ଗେଶ ନନ୍ଦିନୀ ମିଶ୍ର ପି: ଭାଗବତ ମିଶ୍ର, ରୁକ୍ମଣୀ ମିଶ୍ର ସ୍ୱା: ଭାଗବତ ମିଶ୍ର ଜା: ଯୋଗି ବା: ସାମିଲ ଦେବିଦ୍ୱାର |
| ୧୫ | ୨୩୪/୭୭୩ | ୧୩୨ | ୦.୧୮୦ | ୦.୦୨୫ | ଘରବାରି-୧ | ଗୋପବନ୍ଧୁ ମିଶ୍ର ପି:ରମାକାନ୍ତ ମିଶ୍ର ଜା: ଯୋଗି ବା: ନିଜଗାଁ |
| ୧୬ | ୫ | ୨୬୦ | ୦.୨୨୦ | ୦.୦୩୫ | ଶାରଦ-୧ | ଅଜୟ କୁମାର ଦାସ, ଶାନ୍ତିଲତା ଦାସ ପି: ରାମ ବଲ୍ଲଭ ଦାସ, ପ୍ରମୋଦ କୁମାରୀ ଦାସ ସ୍ୱା: ରାମ ବଲ୍ଲଭ ଦାସ, ଉଷାରାଣୀ ଦାସ ସ୍ୱା: ଅମିୟ କୁମାର ଦାସ, ଅମୃତାଙ୍କ ଦାସ ପି: ଅମିୟ କୁମାର ଦାସ ଜା: କରଣ ବା: ଦେବୀଦ୍ୱାର |
| ୧୭ | ୫ | ୨୬୩ | ୦.୦୩୪ | ୦.୦୩୪ | ଘରବାରି-୨ | ଅଜୟ କୁମାର ଦାସ, ଶାନ୍ତିଲତା ଦାସ ପି: ରାମ ବଲ୍ଲଭ ଦାସ, ପ୍ରମୋଦ କୁମାରୀ ଦାସ ସ୍ୱା: ରାମ ବଲ୍ଲଭ ଦାସ, ଉଷାରାଣୀ ଦାସ ସ୍ୱା: ଅମିୟ କୁମାର ଦାସ, ଅମୃତାଙ୍କ ଦାସ ପି: ଅମିୟ କୁମାର ଦାସ ଜା: କରଣ ବା: ଦେବୀଦ୍ୱାର |
| | | ମୋଟ | ୪.୧୬୬ | ୧.୦୧୮ | | |

ସ୍ୱା/- ଭୂ-ଅର୍ଜନ ଅଧିକାରୀ(ସିଭିଲ), ଯାଜପୁର

OIPR-24163/14/0051/2324

ସକାଳ THE SAKALA



ବାପୁଜୀ ମହାବିଦ୍ୟାଳୟ ବନ୍ଦ

# ଅନ୍ୟ କାମରେ ଲାଗୁନି; ପୁନଃ କାର୍ଯ୍ୟକ୍ଷମ ଦାବି



ରକ୍ଷଣାବେକ୍ଷଣ ଅଭାବରୁ ପାଳଟିଛି ଭୂତକୋଠି

କୋରେଇ,୨୩।୧୨(ସମିସ)

'୫-ଟି' ଦ୍ୱାରା ରାଜ୍ୟରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ରୂପାନ୍ତୀକରଣ ହେବା ସହିତ ଶିକ୍ଷାକ୍ଷେତ୍ରରେ ଅନେକ ପରିବର୍ତ୍ତନ ଆସିପାରିଛି। ସମସ୍ତ ଛାତ୍ରଛାତ୍ରୀ କୌଣସି ଅସୁବିଧାରୁ ଯେମିତି ଶିକ୍ଷାରୁ ବଞ୍ଚିତ ନ ହେବେ, ସୁବିଧାରେ ଉଚ୍ଚଶିକ୍ଷା ଲାଭ କରିବେ; ସରକାର ଯୋଜନା ପ୍ରଣୟନ କରିଛନ୍ତି। ଏଥିପାଇଁ ଉଚ୍ଚବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ଥାପନ କରାଯିବା ସହିତ ନୂତନ କୋଠା ଓ ବିଦ୍ୟାଳୟ ଘର ମରାମତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ପରିତାପର ବିଷୟ କୋରେଇ ବ୍ଲକ ଅନ୍ତର୍ଗତ ଅନ୍ଧାରୀ ପଞ୍ଚାୟତର ରଗଡିଠାରେ ଥିବା ବାପୁଜୀ ମହାବିଦ୍ୟାଳୟ କୌଣସି କାରଣରୁ ବନ୍ଦ ହୋଇଯାଇଛି। ଏହା ଅନ୍ୟକୌଣସି କାମରେ ଲାଗୁନି। ଏହା ରକ୍ଷଣାବେକ୍ଷଣ ଅଭାବରୁ ଭୂତକୋଠି ପାଲଟିଛି। ଉକ୍ତ କଲେଜ କୋଠାକୁ ଅନ୍ୟ କାମରେ ଲଗାଯିବା କିମ୍ବା କଲେଜକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

ସୂଚନା ମୁତାବକ, ୧୯୯୫-୯୬ରେ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ବାପୁଜୀ ମହାବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ଏଥିନିମନ୍ତେ ସରକାରୀ ସ୍ତରରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଏକ ବିରାଟ କୋଠା ମଧ୍ୟ ନିର୍ମାଣ କରାଯାଇଥିଲା। ବିଡମ୍ବନାର ବିଷୟ ୨୨ ବର୍ଷ ପୂର୍ବେ ନିର୍ମାଣ ହୋଇଥିବା ଏହି କଲେଜଟି ଏବେ ବନ୍ଦ ହୋଇଯାଇଛି। ଫଳରେ କଲେଜ କୋଠାଟି ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ହେବା ସହିତ ଭୂତକୋଠି ପାଲଟିଲାଣି। ଏହି କଲେଜର ଦୁଇଟି ବ୍ୟାଚ୍ ପରୀକ୍ଷା ଦେବା ପରେ ଆର୍ଥିକ ଅଭାବ ଯୋଗୁ କଲେଜ ବନ୍ଦ ହୋଇଯାଇଥିଲା। ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ସ୍ଥାପନ ହୋଇଥିବା ଏହି କଲେଜ ପ୍ରତି କେହି ଗୁରୁତ୍ୱ ଦେଇ ନ ଥିବାରୁ ୨୦ ବର୍ଷ ହେଲା ତାହା ବନ୍ଦ ହୋଇପଡିଛି। ଯେତେ ଅଭିଯୋଗ କଲେ ମଧ୍ୟ କେହି ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ କଲେଜକୁ କାର୍ଯ୍ୟକ୍ଷମ କରାଇବା ସହିତ କୋଠାର ମରାମତି କରିବାକୁ ଏ ଅଞ୍ଚଳର ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

ଏ ଅଞ୍ଚଳର ଛାତ୍ରଛାତ୍ରୀ +୨ ପଢିବା ପାଇଁ ଏଠାରୁ ୧୦/୧୨ କିମି ଦୂରରେ ଥିବା କଲେଜ ଉପରେ ନିର୍ଭର କରୁଥିଲେ। ରଗଡି ଅଞ୍ଚଳରେ ଥିବା ପଛିକୋଟ ଉଚ୍ଚବିଦ୍ୟାଳୟ, କନ୍ତୋର ଗ୍ରାମର ଅଶୋକ ଦାସ ବିଦ୍ୟାପୀଠ, ପୂର୍ବକୋଟର କଜାଳାଇ ବିଦ୍ୟାପୀଠ, କିଆପଦାର ସଞ୍ଜୁଦେବୀ ଉଚ୍ଚବିଦ୍ୟାଳୟ ଓ କେନ୍ଦୁଝର ଜିଲ୍ଲାର ଗହମପୁରର ଓଁ ମା' ସରସ୍ୱତୀ ବିଦ୍ୟାପୀଠରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଦଶମ ଶ୍ରେଣୀରେ ପଢନ୍ତି। ଏହି ଛାତ୍ରଛାତ୍ରୀ ଦଶମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପରେ ଯେଉଁମାନେ +୨ ପଢିବାକୁ ଇଚ୍ଛା କରୁଛନ୍ତି, ସେମାନେ ଏଠାରୁ କଲେଜ ଦୂର ହେଉଥିବାରୁ କିଛି ପିଲା ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଥିଲେ। ବର୍ତ୍ତମାନ ପରିପ୍ରେକ୍ଷୀରେ ରଗଡିରେ ସରକାରୀ ବୈଷୟିକ ଶିକ୍ଷାନୁଷ୍ଠାନ ସ୍ଥାପନ ହୋଇଥିଲେ ମଧ୍ୟ ଅଧିକାଂଶ ପିଲା +୨ ପଢିବାକୁ ଆଗ୍ରହ ପ୍ରକାଶ କରୁଥିଲେ। ତେଣୁ ୧୦ରୁ ଅଧିକ କିଲୋମିଟର ଦୂରରେ ଥିବା କଲେଜରେ ପିଲାମାନେ ବାଧ୍ୟ ହୋଇ ନାମ ଲେଖାଉଥିଲେ। ଫଳରେ କଲେଜକୁ ଯାତାୟାତ କରିବା ପାଇଁ ସେମାନେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଥିଲେ। ଏସବୁ ସମସ୍ୟାକୁ ଲକ୍ଷ୍ୟ ରଖି ରଗଡି ଅଞ୍ଚଳର ଜନସାଧାରଣଙ୍କ ଦ୍ୱାରା ସ୍ଥାପନ କରାଯାଇଥିବା ବାପୁଜୀ ମହାବିଦ୍ୟାଳୟକୁ ସରକାରଙ୍କ ପକ୍ଷରୁ ୨୦୦୦ ମେ' ମାସ ୧୫ ତାରିଖ ପତ୍ର ସଂଖ୍ୟା-୨୭୧୬୬ରେ କଲେଜ ଖୋଲିବାକୁ ଅନୁମତି ପ୍ରଦାନ କରାଯାଇଥିଲା। ଏହି ପତ୍ରରେ ଇଂରାଜୀ, ମାତୃଭାଷା, ଇତିହାସ, ରାଜନୀତି ବିଜ୍ଞାନ, ଅର୍ଥନୀତି, ତର୍କଶାସ୍ତ୍ର ଆଦି ବିଷୟରେ ୬୪ଜଣ ଲେଖାଏଁ ଛାତ୍ରଛାତ୍ରୀ ପଢିବେ ବୋଲି ଉଲ୍ଲେଖ ଥିଲା। ତେଣୁ ଏ ଅଞ୍ଚଳର ବାଦାନ୍ୟ ବ୍ୟକ୍ତିଙ୍କ ସହଯୋଗ ଓ ପଞ୍ଚାୟତ ପାଣ୍ଠି ଅନୁଦାନରେ ୩୫ ଶହ ବର୍ଗ ଫୁଟର ଏକ ବିଶାଳ କୋଠା ନିର୍ମାଣ କରାଯାଇଥିଲା। ତେବେ ଦୁଇଟି ବ୍ୟାଚ୍ ପରୀକ୍ଷା ଦେବା ପରେ ଆର୍ଥିକ ଅଭାବ ଯୋଗୁ କଲେଜ ବନ୍ଦ ହୋଇଯାଇଥିଲା। ଏବେ ଉକ୍ତ କଲେଜ କୋଠାଟି ଅବ୍ୟବହୃତ ଭାବେ ପଡ଼ିରହିଛି। ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ କଲେଜକୁ ପୁନଃ କାର୍ଯ୍ୟକ୍ଷମ କରାଇବା କିମ୍ବା ଏଠାରେ ଅନ୍ୟକୌଣସି ଶିକ୍ଷାନୁଷ୍ଠାନ ଖୋଲାଗଲେ ସରକାରୀ ଅର୍ଥରେ ନିର୍ମିତ ଘର ବ୍ୟବହାର ହୋଇପାରନ୍ତା। ବିଶେଷକରି ସ୍ଥାନୀୟ ଅଞ୍ଚଳବାସୀ ଏହାର ଲାଭ ଉଠାଇପାରନ୍ତେ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

## ୬୬ ଜଣ ଦିବ୍ୟାଙ୍ଗଙ୍କୁ ଶୀତବସ୍ତ୍ର ବଣ୍ଟନ



**କୁଆଖିଆ, ୨୩।୧୨(ସମିସ):** ରସୁଲପୁର ବ୍ଲକ ଗନ୍ଧଣ ପଞ୍ଚାୟତ ଓ ଗାଁ କଲ୍ୟାଣ ସମିତିର ମିଳିତ ସହଯୋଗରେ ୬୬ ଜଣ ଦିବ୍ୟାଙ୍ଗଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ପଞ୍ଚାୟତ ଗୃହରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ଅଶୋକ କୁମାର ବଳ ଯୋଗଦେଇ ପଞ୍ଚାୟତର ୬୬ ଜଣ ଦିବ୍ୟାଙ୍ଗଙ୍କୁ ଶୀତବସ୍ତ୍ର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସମିତି ସଭ୍ୟ ଅନନ୍ତ ଚରଣ ପୁହାଣ, ସରପଞ୍ଚ ରୁଦ୍ରନାରାୟଣ ମହାନ୍ତି, ସମବାୟ ସଭାପତି ପ୍ରଦୀପ କୁମାର ପତି ଯୋଗ ଦେଇଥିଲେ। ସମିତି ସଭ୍ୟ ଅଜୟ କୁମାର ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ସମାରୋହରେ ପଞ୍ଚାୟତର ସମସ୍ତ ଅଙ୍ଗନବାଡି କର୍ମୀ, ଗ୍ରାମବାସୀ ଉପସ୍ଥିତ ଥିଲେ।

## ପରିବହନ କାର୍ଯ୍ୟାଳୟ ପକ୍ଷରୁ ଗାଡ଼ି ଚାଳକଙ୍କୁ ଚା' ଯୋଗାଣ



**ପାଣିକୋଇଲି, ୨୩।୧୨(ସମିସ):** ରାଜ୍ୟରେ ସଡ଼କ ଦୁର୍ଘଟଣାକୁ ରୋକିବାକୁ ପରିବହନ ବିଭାଗ ପକ୍ଷରୁ ବହୁଗୁଡ଼ିଏ ପଦକ୍ଷେପ ନିଆଯାଇଛି। ରାଜପଥରେ ମାଲ୍ ପରିବହନ କରୁଥିବା ଟ୍ରକ୍‌ଗୁଡ଼ିକ ରାତ୍ର ସମୟରେ ନିଦ ଲାଗିଯିବା ଯୋଗୁଁ ଅନେକ ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥା'ନ୍ତି। ଏହାକୁ ଦୃଷ୍ଟିରେ ରଖି ପରିବହନ ମନ୍ତ୍ରୀ ଟୁକୁନୀ ସାହୁ ରାଜପଥରେ ରାତ୍ରୀ ସମୟରେ ଯାଉଥିବା ଟ୍ରକ୍ ଚାଳକଙ୍କୁ ମାଗଣାରେ ଚା' ଯୋଗାଇବା ଲାଗି ପରିବହନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଯାଜପୁର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସ୍ୱେଚ୍ଛାସେବୀ ସଂଗଠନ ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପ ସହାୟତାରେ ବିଳମ୍ବିତ ରାତି ଯାଏ ୧୬ ନମ୍ବର ଜାତୀୟ ରାଜପଥର ମସୁଦପୁରଠାରେ ଥିବା ଟ୍ରକ ଟର୍ମିନାଲ ସମେତ ଶର୍ମା ପେଟ୍ରୋଲ ପମ୍ପ, ଷଠିପୁରସ୍ଥ ପାନ୍ଥ ନିବାସ ନିକଟ ଓ ୨୦ ନମ୍ବର ଜାତୀୟ ରାଜପଥର ଧନେଶ୍ୱର ଛକ ନିକଟରେ ଟ୍ରକ ଚାଳକଙ୍କୁ ମାଗଣାରେ ଚା' ଯୋଗାଇ ଦିଆଯାଇଥିଲା। ବିଭାଗୀୟ ଅଧିକାରୀ ନୀଳକଣ୍ଠ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଜୁନିୟର ଏମଭିଆଇ ପ୍ରଦୀପ ବେହେରା, ଅତିରିକ୍ତ ଟ୍ରାଫିକ ସବଇନ୍ସପେକ୍ଟର ରାଜେଶ ମଙ୍ଗରାଜ, କନେଷ୍ଟବଳ ଟି. କିଶୋର କୁମାର, ବିଜନ ସେଠୀ, ପରମେଶ୍ୱର ଜେନା, ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳଙ୍କ ସମେତ ହେଲପିଂ ଗ୍ରୁପର ମେଘନାଦ ବେହେରା ଓ ବିନାୟକ ବେହେରା ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସାଂସଦଙ୍କୁ ନିଲମ୍ବନ ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ

**ଯାଜପୁର ଟାଉନ, ୨୩।୧୨ (ସମିସ):** କେନ୍ଦ୍ରରେ ବିଜେପି ସରକାର ୧୪୨ ଜଣ ବିରୋଧୀ ଦଳର ସାଂସଦଙ୍କୁ ଅଗଣତାନ୍ତ୍ରିକ ଭାବେ ସଂସଦରୁ ନିଲମ୍ବନ କରିଥିବା ପ୍ରତିବାଦରେ ଶୁକ୍ରବାର ଦିନ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏଆଇସିସି ସଭାପତି ମଲ୍ଲିକାର୍ଜ୍ଜୁନ ଖଡ଼ଗେଙ୍କ ଆହ୍ୱାନକ୍ରମେ ସମଗ୍ର ଦେଶରେ ଏହି ଘଟଣାକୁ ପ୍ରତିବାଦ କରାଯାଇଥିବାବେଳେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଯାଜପୁର ବିଧାନସଭା ମଣ୍ଡଳୀ ନେତା ସନ୍ତୋଷ ନନ୍ଦ, ଅଞ୍ଚଳ ଦାସ, ନାରାୟଣ ସାମନ୍ତ, ଭାସ୍କର ମହାନ୍ତି, ଆରତୀ ଦେଓ, ଦିଲ୍ଲୀପ ଦାସ, ଗଦାଧର ଦାସ, ସୁଦୀପ୍ତ କର, ପୂର୍ଣ୍ଣଚନ୍ଦ୍ର ଯେନା, ଭରତ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

## ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ଜିଲ୍ଲାପାଳଙ୍କୁ ଦାବିପତ୍ର

**ଯାଜପୁର,୨୩।୧୨(ସମିସ):** ଅଲ୍ ଓଡ଼ିଶା ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘ ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ଆଜି ବିଭିନ୍ନ ସମସ୍ୟା ନେଇ ଏକ ଦାବିପତ୍ର ଜିଲ୍ଲାପାଳ ଓ ସିଡିଏମ୍‌ଓଙ୍କୁ ପ୍ରଦାନ କରାଯାଇଛି। ଆମ୍ବୁଲାନ୍ସ କର୍ମଚାରୀଙ୍କୁ ନିୟମିତ କରିବା, ଦରମା ବୃଦ୍ଧି କରିବା, କର୍ମଚାରୀଙ୍କୁ ଆକ୍ରମଣ କଲେ ସ୍ୱତନ୍ତ୍ର ଦଣ୍ଡ ବିଧାନ ସହ କାର୍ଯ୍ୟାନୁଷ୍ଠାନ, ରହିବା ଓ ଶୌଚାଳୟ ବ୍ୟବସ୍ଥା, ମୃତକ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ଅନୁକମ୍ପା ରାଶି ୨୦ ଲକ୍ଷ ଓ ଅକର୍ମଣ୍ୟ ହେଲେ ୧୦ ଲକ୍ଷ ପ୍ରଦାନ କରିବା ଦାବିରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି।

## ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ



**ଟମକା, ୨୩।୧୨(ସମିସ):** ଟମକା ବିଦ୍ୟାଳୟ ପରିସରରେ ୧୯୯୯ ମାଟ୍ରିକ ବ୍ୟାଚ୍ ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିର୍ମଳ ଚନ୍ଦ୍ର ରାଉତ, ତୀର୍ଥମୋହନ ଖଣ୍ଡାଇ, ରାମଚନ୍ଦ୍ର ରଥ, ଅକ୍ଷୟ କୁମାର ମୁଦୁଲି, ବ୍ରଜକିଶୋର ରାଉତ ଓ ମୃତ୍ୟୁଞ୍ଜୟ ଷଡଙ୍ଗୀ ପ୍ରମୁଖ ଗୁରୁଙ୍କ ପାଦ ପୂଜନ କରାଯାଇ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଶ୍ରୀକୁମାର ପାଢୀ ଆଜି ସଭାର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସମସ୍ତ ଶିକ୍ଷକ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବହୁ ମୂଲ୍ୟବାନ ମନ୍ତବ୍ୟ ପ୍ରଦାନ କରି ଆଶୀର୍ବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ରଶ୍ମିତା ପାଲ, କୁମୁନୀ ବାରିକ, ତିଳୋତ୍ତମା ପାଣିଗ୍ରାହୀ, ସସ୍ମିତା ମୁଣ୍ଡୁରୀ, କବିତା ମହାନ୍ତ, ଲକ୍ଷ୍ମୀପ୍ରିୟା ମହାନ୍ତ, ରୀତାରାଣୀ ଯେନା, ବିପିନ ପାତ୍ର, ଉଦୟ ବେସ୍ରା ପ୍ରମୁଖ ପରିଚାଳନା କରିଥିଲେ। ବିଦ୍ୟାସାଗର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଧନତ୍ରୀ ବେଆଇନ ବାଲିଘାଟ ବନ୍ଦ ଦାବି

**ଷଠିପୁର, ୨୩।୧୨(ସମିସ):** ବ୍ୟାସନଗର ତହସିଲ ଅନ୍ତର୍ଗତ ମୂଳାପାଳ ପଞ୍ଚାୟତରେ ବେଆଇନ ଭାବେ ଚାଲୁଥିବା ଧନତ୍ରୀ ବାଲିଘାଟକୁ ବନ୍ଦ କରିବାକୁ ଲିଙ୍ଗେଶ୍ୱର ଉନ୍ନୟନ କମିଟି ପକ୍ଷରୁ ସମ୍ପାଦକ ଗୋଲକ ଚନ୍ଦ୍ର ମାଝୀ ବ୍ୟାସନଗର ତହସିଲଦାର, ଯାଜପୁର ଜିଲ୍ଲାପାଳ, ପାଣିକୋଇଲି ଥାନା ନିକଟରେ ଦାବି କରିଛନ୍ତି। ଧନତ୍ରୀ ବାଲିଘାଟର କୌଣସି ବୈଧ କାଗଜପତ୍ର ନ ଥାଇ ଜୋର୍ ଜବରଦସ୍ତ ବାଲି ଉଠାଯାଉଛି। ଏହି ବାଲି ଖାଦାନ ଉପରୁ ଜରିମାନା ଆଦାୟ ପାଇଁ ଏନଜିଟି ନିର୍ଦ୍ଦେଶ ଦେଇଛି। ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକୁ ବେଖାତିରି କରି ବେଆଇନ ଭାବେ ୧୦ରୁ ଉର୍ଦ୍ଧ୍ୱ ପ୍ରୋକଲିନ ମେସିନ ସାହାଯ୍ୟରେ ଭାରୀଯାନରେ ବାଲି ଚାଲାଣ କରାଯାଉଥିବାବେଳେ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ଫଳରେ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନୀ ହେଉଛି। ତେଣୁ ଏହାର ତଦନ୍ତ କରିବାକୁ ଶ୍ରୀ ମାଝି ଦାବି କରିଛନ୍ତି।

## ମାଗଣା ସ୍ୱାସ୍ଥ୍ୟ ଶିବିର




**ଶଙ୍ଖଚିଲା, ୨୩।୧୨(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ଖମଣ ପଞ୍ଚାୟତର ଜିଲ୍ଲା ସମ୍ପର୍କ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଶଙ୍ଖଚିଲାସ୍ଥ ମା' ହିଙ୍ଗୁଳାଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ପ୍ରମୁଖ ହସ୍ପିଟାଲ ସହଯୋଗରେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଡାଇବେଟିସ, ଥାଇରଏଡ ଭଳି ବିଭିନ୍ନ ରୋଗର ନିରାକରଣ ସହ ରକ୍ତ ପରୀକ୍ଷା, ଇସିଜି ମେସିନ ଦ୍ୱାରା ସ୍ୱାସ୍ଥ୍ୟ ଚେକଅପ କରାଯାଇଥିଲା। ଏଥିରେ ପ୍ରାୟ ୨୦୦ରୁ ଅଧିକ ଲୋକ ଉପକୃତ ହୋଇଥିଲେ। ଭେଷଜ ବିଭାଗ ଡାକ୍ତର ପ୍ରେମାନନ୍ଦ ପଟ୍ଟନାୟକ ଓ ମ୍ୟାନେଜର ନରସିଂହ ମହାପାତ୍ର ଦ୍ୱାରା ରୋଗୀ ଚିକିତ୍ସିତ ହୋଇଥିଲେ। ମଞ୍ଚର ସଭାପତି ଚକ୍ରଧର ସାହୁ, ସମ୍ପାଦକ ଶ୍ରୀଧର ଦାସ, କୀର୍ତ୍ତନ ବିହାରୀ ସାହୁ, ଗୋପାଳ ଚନ୍ଦ୍ର ସାହୁ, ଭରତ ଚନ୍ଦ୍ର ମଲିକ, ନିରଞ୍ଜନ ସାହୁ, ଗଜେନ୍ଦ୍ର କୁମାର ମହାକୁଡ଼, ବିମ୍ବାଧର ସାହୁ, ଲକ୍ଷ୍ମୀଧର ଦାଶ, ଜଗନ୍ନାଥ ଦାସ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବାବା କାହ୍ନୁ ଗୋସ୍ୱାମୀଙ୍କ ବାର୍ଷିକ ମହୋତ୍ସବ



**ଶଙ୍ଖଚିଲା,୨୩।୧୨ (ସମିସ):** କୋରେଇ ବ୍ଲକ ଖମଣ ପଞ୍ଚାୟତ ଶଙ୍ଖଚିଲାର ନାଉଡପୁରଠାରେ କାହ୍ନୁ ଗୋସ୍ୱାମୀ କମିଟି ଆନୁକୂଲ୍ୟରେ ଶ୍ରୀଶ୍ରୀ ସିଦ୍ଧ ମହାପୁରୁଷ ବାବା କାହ୍ନୁ ଗୋସ୍ୱାମୀଙ୍କ ୯୪ତମ ବାର୍ଷିକ ମହୋତ୍ସବ ଓ ମହାନିର୍ବାଣ ଦିବସ ସମାଧି ପୀଠରେ ପାଳିତ ହୋଇଯାଇଛି। ପ୍ରଥମଦିନ ଅର୍ଥାତ ୧୭ ତାରିଖ ଦିନ ନାମଯଜ୍ଞ ଶୁଭାଧିବାସ ଓ ନାମଯଜ୍ଞ ବିଳାସ କୀର୍ତ୍ତନ, ୧୮ ତାରିଖରେ ନାମଯଜ୍ଞ ପରିଚାଳକ କର୍ମକର୍ତ୍ତାଙ୍କ ଦ୍ୱାରା ଆୟୋଜିତ ହେବା ସହ ୪୦ ଜଣ ଅଲେଖ ମହିମା ଧର୍ମୀ ସାଧୁ ଏକତ୍ର ହୋଇ ବାବା କାହ୍ନୁ ଗୋସେଇଁଙ୍କ ଉଦ୍ଦେଶ୍ୟରେ ଉକ୍ତ ପୀଠରେ ଦିନରାତି ଧୁନି ଯଜ୍ଞ କରି ମାଟିକୁ ପବିତ୍ରମୟ କରିବା ସହିତ ଭକ୍ତଙ୍କୁ ଆଶୀର୍ବାଦ କରିଥିଲେ। ଏହି ଧର୍ମସଭାରେ କମିଟିର ସଭାପତି ମଦନମୋହନ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବୃନ୍ଦାବନର ପଞ୍ଚାୟତ ମହାନିର୍ବାଣୀ ଆଖଡାର ମହାମଣ୍ଡଳେଶ୍ୱର ଡଃ ସତ୍ୟାନନ୍ଦ ସରସ୍ୱତୀ ଅଧିକାରୀ ଗୁରୁଜୀ, ମୁଖ୍ୟବକ୍ତା ଭାବେ ଶାନ୍ତିକୁଞ୍ଜ ସେବାଶ୍ରମର ସନ୍ଥ ଶ୍ରୀମଦ୍ ସ୍ୱାମୀ ଦୀନଦୟାଲ ସରସ୍ୱତୀ, ସମ୍ମାନିତ ଅତିଥି ଭାବେ କୋରେଇ ବିଧାୟକ ଅଶୋକ କୁମାର ବଳ ଓ ପୂର୍ବତନ ଅର୍ଥ ମନ୍ତ୍ରୀ ଡଃ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, କୋରେଇ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳେଇ ଓ ଖମଣ ସରପଞ୍ଚ ଜୟନ୍ତୀ ରାଉତ ପ୍ରମୁଖ ଯୋଗଦେଇ ସାଧୁ ମହିମା ଗାନ କରିଥିଲେ। ଏହି ଧର୍ମସଭାକୁ ପ୍ରଥମେ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯିବା ସହ ପଣ୍ଡିତ ଲକ୍ଷ୍ମୀଧର ଅଧିକାରୀଙ୍କ ଦ୍ୱାରା ବେଦ ପାଠ କରାଯାଇ ଉଦ୍‌ଘାଟନ କରାଯାଇଥିଲା। ବରିଷ୍ଠ ସଭ୍ୟ ଅକ୍ଷୟ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କମିଟିର ସମ୍ପାଦକ ରଘୁନାଥ ବେହେରା ସ୍ୱାଗତ ଭାଷଣ ଓ ସମ୍ପାଦକୀୟ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ଅନନ୍ତ ଚରଣ ମଲିକ, ସହସମ୍ପାଦକ ବିମଳେନ୍ଦୁ ସାହୁ, ରବୀନ୍ଦ୍ର କୁମାର ସାହୁ, ଭୀମସେନ ସାହୁ, ଉପେନ୍ଦ୍ର ସାହୁ, ଗୋପୀନାଥ ନାୟକ, ରାଧାକାନ୍ତ ସାହୁ, ଶତ୍ରୁଘ୍ନ ସାହୁ, ଦଶରଥ ସାହୁ, ନାମଯଜ୍ଞ ପରିଚାଳକ ଧନେଶ୍ୱର ନାଥ, ଗୌରାଙ୍ଗ ଚରଣ ସାହୁ, ଜଗବନ୍ଧୁ ବିନ୍ଧାଣି, ବିଦ୍ୟାଧର ସାହୁ ଗୋପାଳ ମଲିକ ପ୍ରମୁଖ ଯୋଗ ଦେଇଥିଲେ। କମିଟିର ଉପସଭାପତି ଚକ୍ରଧର ସାହୁ ଶାନ୍ତିପାଠ ସହ ଧନ୍ୟବାଦ ଦେଇଥିଲେ।

## ଧର୍ମପ୍ରାଣାଙ୍କ ପରଲୋକ

**ସୁକିନ୍ଦା,୨୩।୧୨(ସମିସ):** ସୁକିନ୍ଦା ସଦର ମହକୁମାସ୍ଥ ବେହୁରାସାହିର ଇନ୍ଦ୍ରମଣି ବେହୁରାଙ୍କ ପତ୍ନୀ ଖୋଲଣା ମଞ୍ଜରୀ ବେହୁରାଙ୍କ ୮୨ ବର୍ଷ ବୟସରେ ପରଲୋକ ଘଟିଛି। ଖୋଲଣା ମଞ୍ଜରୀ ଜଣେ ଧର୍ମପରାୟଣ, ପରୋପକାରୀ ଓ ସ୍ନେହୀ ମହିଳା ଭାବେ ସ୍ଥାନୀୟ ଅଞ୍ଚଳରେ ଜଣାଶୁଣା ଥିଲେ। ତାଙ୍କ ଶେଷ ଦର୍ଶନ ପାଇଁ ସ୍ଥାନୀୟ ଅଞ୍ଚଳର ଅନେକ ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା। ଖୋଲଣାଙ୍କ ଅନ୍ତିମ ସତ୍କାର ପୁରୀ ସ୍ୱର୍ଗଦ୍ୱାରରେ ସମାପନ କରାଯାଇଛି।

## କଲାଣ୍ଡରେ ଲକ୍ଷ୍ମୀନାରାୟଣ ପୂଜା

**କବାଟବନ୍ଧ,୨୩।୧୨ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଏଣ୍ଡଲବା ପଞ୍ଚାୟତ ଅଧୀନ କଲାଣ୍ଡ ଗ୍ରାମରେ ଶ୍ରୀଶ୍ରୀ ଲକ୍ଷ୍ମୀନାରାୟଣ ଗଜ ଉଦ୍ଧାରଣ ପୂଜା ଅନୁଷ୍ଠିତ ହୋଇଯାଇଛି। ପାଞ୍ଚ ଦିନ ବ୍ୟାପି ଏହି ପୂଜା ଖୁବ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହିତ ପ୍ରତ୍ୟେକ ଦିନ ଭଜନ, କୀର୍ତ୍ତନ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ଆକର୍ଷଣୀୟ ଥିଲା। ପଣ୍ଡିତ ଲକ୍ଷ୍ମୀଧର ପଣ୍ଡା ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ।

## ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱଚ୍ଛତା ଅଭିଯାନ

**ଯାଜପୁର, ୨୩।୧୨(ସମିସ):** ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆୟୁଷ୍ମାନ ଭବ କାର୍ଯ୍ୟକ୍ରମ ଅଧୀନରେ ସ୍ୱଚ୍ଛତା ହିଁ ସେବା ଅଭିଯାନ ପାଳିତ ହୋଇଛି। ଜନ ଭାଗିଦାରୀ ଦ୍ୱାରା ଶ୍ରମଦାନ ମାଧ୍ୟମରେ ସ୍ୱଚ୍ଛତାକୁ ଆପଣାଇବାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଓ ବାହାରେ ଏକ ରାଲି, ସାମୂହିକ ସଫେଇ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ସାଧାରଣ ଜନତା, ମହିଳା ଆରୋଗ୍ୟ ସମିତି ସଦସ୍ୟା, ଜନଆରୋଗ୍ୟ ସମିତି ସଦସ୍ୟ, ଆଶା କର୍ମୀ, ମହିଳା ସ୍ୱାସ୍ଥ୍ୟ କର୍ମୀ ଓ ସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀ ଯୋଗ ଦେଇଥିଲେ। ସଫେଇ ପରେ ମିଳିତ ଭାବେ ସମସ୍ତେ ସ୍ୱଚ୍ଛତା ଆପଣାଇବାକୁ ଶପଥ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଧାଂଶୁ ଶେଖର ବଳ ଯୋଗଦାନ କରି ସମସ୍ତଙ୍କ ସହଯୋଗ କାମନା କରିଥିଲେ।




## ନେମ୍ ଏଣ୍ଡ ଫେମ୍ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା




**ପାଣିକୋଇଲି, ୨୩।୧୨(ସମିସ):** ପାଣିକୋଇଲିସ୍ଥ ନେମ୍ ଏଣ୍ଡ ଫେମ୍ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମମତା ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ଉକ୍ତ କ୍ରୀଡ଼ା ପ୍ରତିଯୋଗିତାରେ ବାଳକ ଓ ବାଳିକା ବିଭାଗରେ ୧୨ଟି ବିଭାଗରେ ଖେଳ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଶ୍ରୀମତୀ ପଣ୍ଡା ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିବାବେଳେ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ସୁଶାନ୍ତ ଶେଖର ରାଉତ, ଲିପନ ବେହେରା, ସତ୍ୟବ୍ରତ ପରିଡା, ରଂଜନ କୁମାର ଦାସ, ତରୁଣ ପଣ୍ଡା, ଚିନ୍ମୟୀ ବାରିକ, ସୁପ୍ରଭା ମିଶ୍ର, ଜ୍ୟୋସ୍ନାରାଣୀ ଦାସ, ରଶ୍ମିରାଣୀ ସାହୁ, ଆୟୁଷା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜାନୁଆରୀ ୨୦ରୁ ବ୍ୟାସ ଧୂନ ମ୍ୟୁଜିକାଲ ନାଇଟ୍



ବ୍ୟାସନଗର,୨୩।୧୨(ସମିସ)

ବ୍ୟାସନଗରର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଏନସି ହାଇସ୍କୁଲର ପୁରାତନ ଛାତ୍ର ସ୍କୁଲର ଉନ୍ନତି ପାଇଁ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏହି କ୍ରମରେ ପୁରାତନ ଛାତ୍ରଙ୍କ ଦ୍ୱାରା ଆଗାମୀ ଜାନୁଆରୀ ୨୦ ଓ ୨୧ ତାରିଖ ଦୁଇଦିନ ଧରି ହାଇସ୍କୁଲ ପଡ଼ିଆରେ ବ୍ୟାସ ଧୂନ୍ ମ୍ୟୁଜିକାଲ ନାଇଟ୍ ଆୟୋଜିତ ହେବ। ଏହି ମ୍ୟୁଜିକାଲ ନାଇଟ୍‌ରେ ଇଣ୍ଡିଆନ ଆଇଡଲର ଖ୍ୟାତନାମା କଳାକାର ଯୋଗ ଦେବେ। ପ୍ରଥମ ଦିନ ୨୦ ତାରିଖ ସନ୍ଧ୍ୟାରେ ମହମ୍ମଦ ଦାନିସ ଓ ଚେତନା ଭରଦ୍ୱାଜ ଯୋଗ ଦେଉଥିବାବେଳେ ଦ୍ୱିତୀୟ ସନ୍ଧ୍ୟାରେ ସଲମାନ ଅଲ୍ଲୀ ଓ ସମ୍ମୁଖ ପ୍ରିୟା ଯୋଗ ଦେବେ। ପ୍ରତ୍ୟେକ ନାଇଟ୍‌ରେ ୧୦ ହଜାର ଦର୍ଶକ ବସିବାର ବ୍ୟବସ୍ଥା କରାଯାଇଥିବାବେଳେ ଦୁଇ ସନ୍ଧ୍ୟା ପାଇଁ ପ୍ରତ୍ୟେକ ଦର୍ଶକ ୫ ଶହ ଟଙ୍କା ଦେଇ ଟିକଟ ସଂଗ୍ରହ କରିବେ। ମ୍ୟୁଜିକାଲ ନାଇଟ୍‌ର ଲାଭାଂଶ ଏନସି ହାଇସ୍କୁଲର ବିକାଶ ଦିଗରେ ବିନିଯୋଗ କରାଯିବ। ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ପୁରାତନ ଛାତ୍ର ଯିଏକି ଦେଶ, ରାଜ୍ୟ ଓ ବିଦେଶରେ ବିଭିନ୍ନ ପଦପଦବୀରେ ଅଛନ୍ତି ସେମାନଙ୍କୁ ନିମନ୍ତ୍ରଣ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ କମିଟିର ଆବାହକ ବିଶ୍ୱମ୍ବର ରାଉତ, ଅର୍ଜୁନ ରାଉତ, ଶାରଦାପ୍ରସାଦ ଦାସ, ଅଶୋକ କୁମାର ରାଉତ, ପାର୍ଥସାରଥୀ ନାୟକ, ଭରତ ଓଝା, ଅଯୋଧ୍ୟା ଜେନା, ସୌମେନ୍ଦ୍ର ରାଉତ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମର ନେତୃତ୍ୱ ସ୍କୁଲର ପୁରାତନ ଛାତ୍ର ରଣଜିତ ରାଉତ ନେଇଛନ୍ତି।

# ବିଭିନ୍ନ କଲେଜରେ 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ଧର୍ମଶାଳା, ୨୩।୧୨(ସମିସ)**

'ନୂଆ-ଓ' ଯୁବ ଓଡ଼ିଶା, ନବୀନ ଓଡ଼ିଶା ଅନ୍ତର୍ଗତ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଧର୍ମଶାଳା ମହାବିଦ୍ୟାଳୟ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଆୟୋଜିତ ହୋଇଛି। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଓ ଧର୍ମଶାଳା ବିଡିଓ ଦେବେନ୍ଦ୍ର




କୁମାର ବଳ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରତିଯୋଗିତା ପାଇଁ ଉତ୍ସାହିତ କରିଥିଲେ। ପରେ ବିଧାୟକ ଛାତ୍ରଛାତ୍ରୀଙ୍କ ସହିତ ନୂଆ-ଓ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିବା ସହ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ବିଭିନ୍ନ କ୍ରୀଡ଼ା ସାମଗ୍ରୀ ଅର୍ପଣ କରିଥିଲେ। ପରେ ମହାବିଦ୍ୟାଳୟ ପରିସରରେ ନୂଆ-ଓ ଅନ୍ତର୍ଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଏକକ ନୃତ୍ୟ ଓ ଦଳଗତ ନୃତ୍ୟ ସାଂସ୍କୃତିକ ଅଧିକାରୀ ଅଧ୍ୟାପିକା ଲୀନା ରାୟ, ସସ୍ମିତା ପଣ୍ଡା, ଅଧ୍ୟାପକ ସନ୍ତୋଷ କୁମାର ପଣ୍ଡା, ଶରତ ଚନ୍ଦ୍ର ରଣା ଓ ବିଶ୍ୱଜିତ ନାୟକ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଚାରକ ଭାବେ ସନ୍ତୋଷ ସାମଲ ଓ ପ୍ରିସୀତା ପ୍ରିୟଦର୍ଶିନୀ ଯୋଗ ଦେଇଥିଲେ। ଅଧ୍ୟକ୍ଷ ଜୟନ୍ତ କୁମାର ସାହୁ, ମହାବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଡ. ପ୍ରିୟନାଥ ମହାପାତ୍ର, +୩ ନୋଡ଼ାଲ ଅଧିକାରୀ ପ୍ରାଧ୍ୟାପକ ଅରବିନ୍ଦ ମହାନ୍ତି ଓ +୨ ନୋଡ଼ାଲ ଅଧିକାରୀ ଡ. ବସନ୍ତ କୁମାର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ।

**ସୁକିନ୍ଦା:** ସୁକିନ୍ଦା ମହାବିଦ୍ୟାଳୟ ପକ୍ଷରୁ ନଗଡାରେ ନୂଆ ଓଡ଼ିଶା କାର୍ଯ୍ୟକ୍ରମ ପାଳନ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟର ସମସ୍ତ ମହାବିଦ୍ୟାଳୟରେ ନୂଆ ଓଡ଼ିଶା, ଯୁବ ଓଡ଼ିଶା କାର୍ଯ୍ୟକ୍ରମ ଜାରି ରହିଛି। ଯୁବପିଢ଼ି ମଧ୍ୟରେ ଥିବା




ପ୍ରତିଭାକୁ ବିକଶିତ କରି ଲୋକଲୋଚନକୁ ଆଣିବା ଓ ଯୁବକ/ଯୁବତୀଙ୍କୁ ସମାଜର ବିଭିନ୍ନ କୁସଂସ୍କାର, ଅନ୍ଧବିଶ୍ୱାସଠାରୁ ଦୂରେଇ ରହିବା ଭଳି ଶିକ୍ଷା ଦେବା ଭଳି କାର୍ଯ୍ୟକ୍ରମ କରିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଏହି କ୍ରମରେ ସୁକିନ୍ଦା ମହାବିଦ୍ୟାଳୟ ପକ୍ଷରୁ ବହୁଚର୍ଚ୍ଚିତ ନଗଡା ଗସ୍ତ କରାଯାଇଛି। ସେଠାରେ ରହୁଥିବା ଅଧିବାସୀଙ୍କ ସହ ମିଶିବା ଓ ସେମାନଙ୍କୁ ପଠନ ସାମଗ୍ରୀ, ଶୁଖିଲା ଖାଦ୍ୟ ଓ କମ୍ବଳ ବଣ୍ଟନ କରାଯାଇଛି। ତଳ, ମଝି ଓ ଉପର ନଗଡାରେ ରହୁଥିବା ୬୪ ପରିବାରକୁ ଭେଟି ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ଏସବୁ ସାମଗ୍ରୀ ବଣ୍ଟନ କରିବା ସହ ମଶାରୀ ବ୍ୟବହାର କରିବା ଓ ନିଜେ ପରିଷ୍କାର ପରିଚ୍ଛନ୍ନ ରହିବା ପାଇଁ ପରାମର୍ଶ ଦେଇଥିଲେ।

**ବାଲିକୁଦା:** ନବୀନ ଓଡିଶା, ଯୁବ ଓଡିଶା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବଡଚଣା ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକସ୍ତରୀୟ ଦୁଇଦିନିଆ କ୍ରୀଡା ଉତ୍ସବ ବଡଚଣାର ମାଣ୍ଡୁକା, ରଇପୁର,



ଭୁଷଣ୍ଡପୁର ଓ ଖଇରା ଆଦି ୪ଟି ଜୋନରେ ଆରମ୍ଭ ହୋଇଛି। ମାଣ୍ଡୁକା ଖେଳ ପଡିଆରେ ଆୟୋଜିତ କ୍ରୀଡ଼ା ଉତ୍ସବକୁ ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ ଉଦ୍‌ଘାଟନ କରି ନବୀନ ସରକାରଙ୍କ ଏଭଳି ଏକ ଉଦ୍ୟମ ଗ୍ରାମାଞ୍ଚଳର ଯୁବକ/ଯୁବତୀଙ୍କୁ କ୍ରୀଡା କ୍ଷେତ୍ରରେ ବେଶ ଉତ୍ସାହିତ କରିଛି ବୋଲି କହିଥିଲେ। ଯୁବ ସମାଜସେବୀ ଅମୂଲ୍ୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଆମ୍ବା ଅଧ୍ୟକ୍ଷ ନିରଞ୍ଜନ ସେନାପତି, ସମିତିସଭ୍ୟା ମିନତୀ ଦଳେଇ, ପୂର୍ବତନ ସରପଞ୍ଚ କାର୍ତ୍ତିକ ମହାନ୍ତି, ଚାରିନଙ୍ଗଳ କୃଷି ସମବାୟ ସମିତି ସଭାପତି ପ୍ରତାପ ନାୟକ,ଯୁବ ସମାଜସେବୀ ଶ୍ରୀବତ୍ସ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

**ବାଲିଚନ୍ଦ୍ରପୁର:** ବଡଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁରସ୍ଥ କଳିଙ୍ଗ ଭାରତୀ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସାହାସପୁର କଲେଜ ପରିଚାଳନା କମିଟି ସଭାପତି ପ୍ରଫେସର ମହେଶ୍ୱର ଜେନା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀ ଓ ଯୁବକ ଯୁବତୀଙ୍କ ମଧ୍ୟରେ ଥିବା ପ୍ରତିଭାର ବିକାଶ ପାଇଁ ନବୀନ ସରକାରଙ୍କ ଏଭଳି ମହନୀୟ କାର୍ଯ୍ୟ ସମସ୍ତଙ୍କୁ ବେଶ ଉତ୍ସାହ ଦେଉଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ମାହାଙ୍ଗା-ବଡଚଣା ସାହିତ୍ୟ ଓ ସଂସ୍କୃତି ପରିଷଦର ସଭାପତି ସାମ୍ବାଦିକ ଭକ୍ତଚରଣ ସାହୁ ଯୋଗଦେଇ ପାଠପଢା ସହିତ ନିଜ ଭିତରେ ଥିବା ପ୍ରତିଭାକୁ ବିକଶିତ କରିବାକୁ ସେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ।




ସମ୍ମାନିତ ଅତିଥି ଭାବେ କଲେଜର ପ୍ରତିଷ୍ଠାତା ମନୋଜ କୁମାର ପରିଡା, ପୂର୍ବତନ ସରପଞ୍ଚ ଫନୀନ୍ଦ୍ରନାଥ ପଣ୍ଡା, ସମିତିସଭ୍ୟା ବନ୍ଦିତା ମହାରଣା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ସଂଗ୍ରାମ କେଶରୀ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ଦିଲ୍ଲୀପ ଦେବତା ଧନ୍ୟବାଦ ଅର୍ପଣ କରିଥିଲେ।

**ସିଂହପୁର:** ବିଂଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଖରସ୍ରୋତା ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଯୁବଶକ୍ତିର ବିକାଶ ପାଇଁ ଓଡିଶା ସରକାରଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଉଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅଧ୍ୟକ୍ଷ ଘନଶ୍ୟାମ ଜେନା ସଭାପତିତ୍ୱ କରିଥିବାବେଳେ ସାଂସ୍କୃତିକ କ୍ଲବ ଉପସଭାପତି ପ୍ରାଧ୍ୟାପକ ଶ୍ରୀକାନ୍ତ ନାୟକ, ସଂଯୋଜକ ଅଧ୍ୟାପକ ମିହିର କୁମାର ରାଉତ, ସହସଂଯୋଜକ ଗଗନ ବିହାରୀ ବେହେରା, ସୁବାସ ଚନ୍ଦ୍ର ସାହୁ, ଅରୁଣ କୁମାର ସାମଲ ପ୍ରମୁଖ ଯୋଗ ଦେଇଥିଲେ।

ସେହିପରି ଅଙ୍ଗାଳ ଲଛମନ ବାଲାଜୀଉ ସ୍ନାତକ ମହାବିଦ୍ୟାଳୟରେ ସାମାଜିକ କାର୍ଯ୍ୟ ଓ କ୍ରିୟାକଳାପ କାର୍ଯ୍ୟକ୍ରମ ଉଦଯାପିତ ହୋଇଛି। କଲେଜ ଅଧ୍ୟକ୍ଷ ଜୟଦେବ ଥାଟୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୁବ ଓଡିଶା ନବୀନ ଓଡିଶାର ଜିଲ୍ଲା ନୋଡାଲ ଅଫିସର ସୁରେଶ କୁମାର ସାହୁ, ମୁଖ୍ୟବକ୍ତା ପ୍ରାକ୍ତନ ଅଧ୍ୟକ୍ଷ ଦେବପ୍ରସାଦ ସାମଲ, ସମ୍ମାନିତ ଅତିଥି ଟ୍ରେନର ବିକାଶ କୁମାର ପ୍ରସାଦ, ଅଧ୍ୟକ୍ଷ ଆଶିଷ କୁମାର ରାୟ ପ୍ରମୁଖ ଯୋଗ ଦେଇଥିଲେ।

**ପାଣିକୋଇଲି:** ପାଣିକୋଇଲିସ୍ଥ ମା' ତାରିଣୀ ମହାବିଦ୍ୟାଳୟରେ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ




ଉଦ୍‌ଯାପିତ ହୋଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ଅଶୋକ କୁମାର ବଳ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏ ଅବସରରେ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତି ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଶ୍ରୀ ବଳ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏହି ଅଭିବନ ପ୍ରୟାସକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ +୨ ଅଧ୍ୟକ୍ଷ ପାର୍ଥସାରଥି ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡକ୍ଟର ପ୍ରତାପ ଚନ୍ଦ୍ର ତ୍ରିପାଠୀ ଯୋଗଦେଇ ଆଲୋଚନା କରିଥିଲେ। ଅଧ୍ୟାପକ ମଦନମୋହନ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅଧ୍ୟାପକ ସମରେନ୍ଦ୍ର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ।

**ବିଞ୍ଝାରପୁର:** କପିଳା-ବରପଦାସ୍ଥ ସତ୍ୟଭାମା ଗଣେଶଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଜଗନ୍ନାଥ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ବିଂଝାରପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ରଂଜିତା ଦାସ ମୁଖ୍ୟଅତିଥି ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୋଳଗୋବିନ୍ଦ ମିଶ୍ର ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ କପିଳା ପଞ୍ଚାୟତର ସରପଞ୍ଚ ଦେବଦତ୍ତ ସେଠୀ, ସମିତି ସଭ୍ୟ ମନୋଜ କୁମାର ସାମଲ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ଅଭୟ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମରେନ୍ଦ୍ର ମାଝୀ ମଞ୍ଚ ପରିଚାଳନା ଓ ଶ୍ରୀମତୀ ଲୋପାମୁଦ୍ରା କର ଧନ୍ୟବାଦ ଅର୍ପଣ କରିଥିଲେ।

**ବଡ଼ଚଣା/ଚଢ଼େଇଧରା:** ସରକାରୀ ଉଚ୍ଚ ବିଦ୍ୟାଳୟ ଚଣ୍ଡିଖୋଲରେ ଜିଲ୍ଲାସ୍ତରୀୟ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡ଼ା ଉତ୍ସବକୁ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୁକାନ୍ତ ମାଧବ ରାଉତ ଉଦ୍‌ଘାଟନ କରିବା ସହ ବଡ଼ଚଣା ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କୀର୍ତ୍ତି କୁମାର ପାତ୍ର ଆନୁଷ୍ଠାନିକ ଭାବେ କ୍ରୀଡା ପତାକା ଦେଖାଇ କ୍ରୀଡା ପ୍ରତିଯୋଗିତା ଆରମ୍ଭ କରିଥିଲେ। ଏଥିରେ ଜିଲ୍ଲାର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅଧୀନରେ ଥିବା ବିଦ୍ୟାଳୟ ମଧ୍ୟରୁ ୨୬ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାକୁ ବିଦ୍ୟାଳୟର କ୍ରୀଡା ଶିକ୍ଷକ ରାମଚନ୍ଦ୍ର ମଲ୍ଲିକ ଓ ଅନ୍ୟ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଉପସ୍ଥିତ ରହି କୃତି ପ୍ରତିଯୋଗୀଙ୍କୁ ଚିହ୍ନଟ କରିଥିଲେ। ପ୍ରଧାନ



ଶିକ୍ଷକ ଚନ୍ଦନ କୁମାର ସାହୁ ସଭାପତିତ୍ୱ କରିଥିବାବେଳେ ଶିକ୍ଷକ ଆଶୁତୋଷ ଦେବୀପ୍ରସାଦ ରାଉତ କ୍ରୀଡ଼ା ଉତ୍ସବରେ ଖାଦ୍ୟ ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ। ଶିକ୍ଷକ ଆଶୁତୋଷ ଦେବୀପ୍ରସାଦ ଧନ୍ୟବାଦ ପ୍ରଦାନ କରିଥିଲେ।

**ବ୍ରହ୍ମବରଦା:** ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟରେ ଚାଲିଥିବା ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ଚତୁର୍ଥ ଦିବସରେ ସାଂସ୍କୃତିକ କାର୍ଯ୍ୟ ଧାରାର ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ବିପିନ ବିହାରୀ ଦେଓ ଓ ପୂର୍ବତନ ସଭାପତି ଆଲାଉଦ୍ଦିନ ଖାଙ୍କ ଦ୍ୱାରା ଉଦଘାଟିତ ଉକ୍ତ କାର୍ଯ୍ୟକ୍ରମକୁ ଅଧ୍ୟାପକ ସଞ୍ଜୟ କୁମାର ପ୍ରଧାନ ପରିଚାଳନା କରିଥିଲେ। ଅତିଥି ରୂପେ ମହାବିଦ୍ୟାଳୟ ଅଧ୍ୟକ୍ଷ ମହେଶ୍ୱର ପାଢୀଙ୍କ ସମେତ ଅଧ୍ୟାପକ ଅମୂଲ୍ୟ ପତି, ଶିବ ପ୍ରସାଦ ସାହୁ, ସୂର୍ଯ୍ୟକାନ୍ତ ରାଉତ, ସୌଭାଗ୍ୟ କୁମାର ସାହୁ, ଡକ୍ଟର ରଶ୍ମୀକାନ୍ତ ଦାଶ ପ୍ରମୁଖ ଯୋଗ ଦେଇଥିଲେ।

## ମଧୁସୂଦନ ଶତପଥୀ କୋରେଇ ବ୍ଲକ୍ ବିଜେଡି ସଭାପତି

**କୋରେଇ,୨୩।୧୨(ସମିସ):** ତୃଣମୂଳ ସ୍ତରରେ ସଂଗଠନକୁ ସୁଦୃଢ଼ କରିବ ବିଜୁ ଛାତ୍ର ଜନତା ଦଳ। ଏ ପରିପ୍ରେକ୍ଷୀରେ ତୃଣମୂଳ ସ୍ତରରେ ବିଜୁ ଛାତ୍ର ସଂଗଠନକୁ ସଂଗଠିତ କରିବାକୁ ଯାଜପୁର ଜିଲ୍ଲା କୋରେଇ ନିର୍ବାଚନ ମଣ୍ଡଳୀର ନୂତନ ଭାବେ ମଧୁସୂଦନ ଶତପଥୀଙ୍କୁ ବିଜୁ ଛାତ୍ର ସଭାପତି ଭାବେ ଚୟନ କରାଯାଇଛି। ସେ ଜଣେ ଦକ୍ଷ ସୁସଂଗଠକ ଅଟନ୍ତି। କୋରେଇ ବିଧାୟକ ଅଶୋକ କୁମାର ବଳଙ୍କ ପରାମର୍ଶ କ୍ରମେ ଯାଜପୁର ଜିଲ୍ଲା ବିଜୁ ଛାତ୍ର ସଭାପତି ସୌମ୍ୟ ପ୍ରକାଶ ବିଶ୍ୱାଳ ତାଙ୍କୁ ଚୟନ କରିଛନ୍ତି। ଏ ନେଇ ମଧୁସୂଦନ ରାଜ୍ୟ ସାଂଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, କୋରେଇ ବିଧାୟକ ଅଶୋକ କୁମାର ବଳ, ଜିଲ୍ଲା ଯୁବ ସଭାପତି ପ୍ରତାପ ମହାନ୍ତି, ବ୍ଲକ ସଭାପତି ଭକ୍ତବତ୍ସଳ ସ୍ୱାଇଁ, ବିଧାୟକଙ୍କ ପ୍ରତିନିଧି ତାରକେଶ୍ୱର ମହାନ୍ତିଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଲିଙ୍ଗେଶ୍ୱର ସରସ୍ୱତୀ ବିଦ୍ୟାମନ୍ଦିରରେ ଜାତୀୟ ଗଣିତ ଦିବସ

**ଷଠିପୁର, ୨୩।୧୨(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ଲିଙ୍ଗେଶ୍ୱର ସରସ୍ୱତୀ ବିଦ୍ୟାମନ୍ଦିରରେ ଜାତୀୟ ଗଣିତ ଦିବସ ପାଳିତ ହୋଇଛି। ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୨୫୦ ଜଣ ଛାତ୍ରଛାତ୍ରୀ ଗାଣିତିକ ଚିତ୍ର ପ୍ରଦର୍ଶନୀ, ଗାଣିତିକ କୁଇଜ୍ ଓ ପଣକିଆ କୁଇଜ୍‌ରେ ଭାଗ ନେଇଥିଲେ। ସେଥିରୁ ୯୦ଜଣ କୃତିତ୍ୱ ଅର୍ଜନ କରିଥିଲେ। ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ କଟକର ଟ୍ରେଟାହେଡ୍ରନ +୨ କଲେଜ ଚେୟାରମ୍ୟାନ ତ୍ରିବେଦ ବେହେରା, ସମ୍ମାନିତ ଅତିଥି ଭାବେ ସଙ୍କୁଳ ପ୍ରମୁଖ ଅଶୋକ କୁମାର ଶତପଥି ଓ ଲିଙ୍ଗେଶ୍ୱର ଉନ୍ନୟନ କମିଟି ସମ୍ପାଦକ ଗୋଲକ ଚନ୍ଦ୍ର ମାଝୀ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଭାସ୍କର ଗୁରୁଜୀ, ଅଳକା ଗୁରୁମା, ମାଧବୀ ଗୁରୁମା, ଅପରାଜିତା ଗୁରୁମା, ଜ୍ୟୋତି ଗୁରୁମା, ପଦ୍ମଲୋଚନ ଗୁରୁଜୀ, ଦେବବ୍ରତ ଗୁରୁଜୀ ତଥା ଅନ୍ୟାନ ଗୁରୁଜୀ/ଗୁରୁମା ପରିଚାଳନା କରିଥିଲେ। ସହପ୍ରଧାନ ଆଚାର୍ଯ୍ୟ ଜଗନ୍ନାଥ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଭତ୍ତାରୁ ବଞ୍ଚିତ ବୃଦ୍ଧା

**ବାଲିଚନ୍ଦ୍ରପୁର, ୨୩।୧୨(ସମିସ):** ସରକାର ଗରିବ, ନିରାଶ୍ରୟଙ୍କୁ ଥଇଥାନ କରି ତୃଣମୂଳ ସ୍ତରରେ ଥିବା ଲୋକେ କିପରି ଅଧିକରୁ ଅଧିକ ସାମିଲ ହୋଇପାରିବେ, ସେଥିପାଇଁ ପଞ୍ଚାୟତରୁ ଆରମ୍ଭ କରି ବ୍ଲକ ଓ ଜିଲ୍ଲା ପ୍ରଶାସନ ତୀକ୍ଷ୍ଣ ଦୃଷ୍ଟି ଦେବା ପାଇଁ ତାଗିଦ କରିଥିବାବେଳେ ତୃଣମୂଳ ସ୍ତରରେ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି। ବଡ଼ଚଣା ବ୍ଲକ ପତରାଜପୁର ପଞ୍ଚାୟତର ୱାର୍ଡ ନଂ୫ର ସୀତା ଘଡ଼ାଇ(୬୮)ଙ୍କ ସ୍ୱାମୀ ରୂପ ଘଡ଼ାଇଙ୍କ ମୃତ୍ୟୁକୁ ୧୦ ବର୍ଷ ପୂରିଲାଣି। ସ୍ୱାମୀଙ୍କ ମୃତ୍ୟୁ ପରେ ବିଧବା ସୀତା ଘଡ଼ାଇ ଭତ୍ତା ପାଇଁ ସରକାରୀ ବାବୁଙ୍କ ପାଖକୁ ଦୌଡ଼ି ଦୌଡ଼ି ୨ ବର୍ଷ ପରେ ଭତ୍ତା ହୋଇଥିଲା। ତେବେ ଗତ ୮ ମାସରୁ ଉର୍ଦ୍ଧ୍ୱ ହେବ ତାଙ୍କୁ ଭତ୍ତା ଟଙ୍କା ମିଳୁନି। ପଞ୍ଚାୟତର ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବ୍ଲକ ଉନ୍ନୟନ ଅଧିକାରୀଙ୍କ ପାଖକୁ ଯେତେ ନେହୁରା ହେଲେ ମଧ କିଛି ସୁଫଳ ମିଳିପାରିନାହିଁ। ପଚାରିଲେ ତୁମର ବ୍ୟାଙ୍କ ଏକାଉଣ୍ଟକୁ ଆସିବ କହି ଏଡ଼ାଇ ଦେଉଛନ୍ତି। ସେହିପରି ଉକ୍ତ ୱାର୍ଡର ଭାବ ଘଡ଼ାଇ(୭୦)ଙ୍କ ସ୍ୱାମୀ ନନ୍ଦ ଘଡ଼ାଇଙ୍କ ସମାନ ଅବସ୍ଥା। ଦୀର୍ଘ ୮ ମାସରୁ ଉର୍ଦ୍ଧ୍ୱ ଦିନ ଧରି ତାଙ୍କର ମଧ ଭତ୍ତା ମିଳିପାରିନାହିଁ। ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସୀତା ଓ ଭାବ ଘଡ଼ାଇଙ୍କୁ ଯଥାଶୀଘ୍ର ତାଙ୍କର ୮ ମାସର ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଠିକା ସଂସ୍ଥାକୁ ପ୍ରଶାସନର ଅନୁକମ୍ପା

## ଗୋଚର ଜମି ଦେବାକୁ ସୁପାରିସ, ସ୍ଥାନୀୟ ଲୋକଙ୍କ ବିରୋଧ

**ଯାଜପୁର,୨୩।୧୨(ସମିସ)**

ଗ୍ରାମାଞ୍ଚଳରେ ଥିବା ସରକାରୀ ଜମି ଅନାବାଦୀ, ଗୋଚର, ରକ୍ଷିତ ଓ ଚାରଣ ଜମିର ସୁରକ୍ଷା ପାଇଁ ସ୍ୱତନ୍ତ୍ର ନିୟମ ରହିଛି। ଏହି ଜମିର ସୁରକ୍ଷା ଦାୟିତ୍ୱ ଖୋଦ ରାଜସ୍ୱ ବିଭାଗର। କିନ୍ତୁ କେତେକ ସ୍ଥଳେ ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀଙ୍କ ଦ୍ୱାରା ଠିକାସଂସ୍ଥାକୁ ଏହି ଗୋଚର ଜମି ଟେକି ଦେଉଥିବାରୁ ଏହାକୁ ନେଇ ବିବାଦ ଦେଖାଦେଉଛି। ଯାଜପୁର ଜିଲ୍ଲା ଦଶରଥପୁର ତହସିଲ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମରେ ଥିବା ଗୋଚର ଜମିକୁ ଏକ ଠିକା ସଂସ୍ଥାକୁ ଦେବାକୁ ସୁପାରିଶ କରାଯାଇଛି। ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି।



ସୂଚନା ମୁତାବକ, ଦଶରଥପୁର ବ୍ଲକ ଅଧୀନସ୍ଥ ବୈତରଣୀ ନଦୀର ଡୋଭାବିଲ ଓ କୋଚିଳା ନଦୀରେ ଦୁଇଟି ବ୍ୟାରେଜ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ସ୍ଥିର ହୋଇଛି। ଉଭୟ ବ୍ୟାରେଜ କାର୍ଯ୍ୟ ଗୁଜୁରାଟର ରଂଜିତ ବିଲ୍ଡର୍ସ ଦ୍ୱାରା କରାଯିବା ପାଇଁ ସ୍ଥିର ହୋଇଛି। ତେବେ ଏହି ଠିକାସଂସ୍ଥା ଏହି ପ୍ରକଳ୍ପ କାମ କରିବା ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ସରକାରୀ ଯାଗା ଯୋଗାଇ ଦେବା ପାଇଁ ଆବେଦନ କରିଥିଲା। ଉକ୍ତ ସରକାରୀ ଜାଗାରେ ସାଇଟ ଅଫିସ ଓ କର୍ମଚାରୀଙ୍କ ପାଇଁ ଅସ୍ଥାୟୀ କ୍ୟାମ୍ପ କରିବା ପାଇଁ ଆବେଦନ କରିଥିଲା। କିନ୍ତୁ ତହସିଲ କର୍ତ୍ତୃପକ୍ଷ ଉକ୍ତ ପ୍ରକଳ୍ପ ସ୍ଥାନରୁ ୩ କିଲୋମିଟର ଦୂର ଶ୍ୟାମସୁନ୍ଦରପୁର ଗାଁରେ ରହିଥିବା ଗୋଚର ଜମିକୁ ଦେବା ପାଇଁ ସ୍ଥିର କରିଛି। ଯାହାକୁ ବିରୋଧ କରିଛନ୍ତି ସ୍ଥାନୀୟ ଗ୍ରାମବାସୀ। ନିୟମ ମୁତାବକ କୌଣସି ସରକାରୀ କିସମ ଜମିକୁ ଲିଜ ଦେବା ପାଇଁ ସ୍ଥାନୀୟ ଲୋକଙ୍କ ମତାମତ ଆବଶ୍ୟକ। ଏପରିକି ଗ୍ରାମସଭା କିମ୍ବା ପଲ୍ଲୀସଭାର ଆବଶ୍ୟକତା ରହିଥାଏ। କିନ୍ତୁ ଏଠାରେ ସେଭଳି କିଛି କରା ନ ଯାଇ ୪ ଏକର ଗୋଚର ଜମିକୁ ଠିକାସଂସ୍ଥାକୁ ଅସ୍ଥାୟୀ ଲିଜ ସୂତ୍ରରେ ଦେବାକୁ ତହସିଲ କର୍ତ୍ତୃପକ୍ଷ ସୁପାରିଶ କରିଛି। ତହସିଲ କର୍ତ୍ତୃପକ୍ଷ ଜିଲ୍ଲାପାଳଙ୍କୁ ସୁପାରିଶ କରିବା ପରେ ଜିଲ୍ଲାପାଳ ଚୂଡାନ୍ତ ମଂଜୁରି ପାଇଁ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କୁ ସୁପାରିଶ କରିଥିବା ଜଣାପଡିଛି। ଏ ପର୍ଯ୍ୟନ୍ତ ଜମି ହସ୍ତାନ୍ତର ନେଇ କୌଣସି ନିଷ୍ପତ୍ତି ନିଆଯାଇ ନ ଥିବାବେଳେ ଠିକା ସଂସ୍ଥା ଉକ୍ତ ସ୍ଥାନରେ ୫/୬ ଏକର ଗୋଚର ଜମିକୁ ଅକ୍ତିଆର କରିସାରିଛି। ପୂରା ଅଂଚଳକୁ ତାରବାଡ ଘେରାଇଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଅଞ୍ଚଳରେ ରହୁଥିବା ଶତାଧିକ ଗୋପାଳକ ପରିବାର ଏହାର ବିରୋଧ କରି ତୁରନ୍ତ ଉକ୍ତ ଜମି ହସ୍ତାନ୍ତର ପ୍ରକ୍ରିୟାକୁ ବାତିଲ କରିବାକୁ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ଆରଡିସିଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ତୁରନ୍ତ ଗୋଚର ଜମିକୁ ଠିକାସଂସ୍ଥା କବଳରୁ ଜବରଦଖଲ ମୁକ୍ତ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

DADLS-63



## ଜାତୀୟ ଉପଭୋକ୍ତା ଦିବସ-୨୦୨୩

## ବାର୍ତ୍ତା

ଡିସେମ୍ବର ୨୪ ତାରିଖ ଜାତୀୟ ଖାଉଟି ଦିବସ । ଉପଭୋକ୍ତାମାନଙ୍କର ସ୍ୱାର୍ଥକୁ ସମ୍ମାନ ଓ ସୁରକ୍ଷା ଯୋଗାଇ ଦେବା ଓ ସେମାନଙ୍କୁ ଶୋଷଣ କରୁଥିବା ଗୋଷ୍ଠୀ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ନିମନ୍ତେ ସଚେତନତା ସୃଷ୍ଟି କରିବା ସହିତ ଉପଭୋକ୍ତାମାନଙ୍କ କର୍ତ୍ତବ୍ୟ ଓ ଅଧିକାର ସମ୍ପର୍କରେ ଅବଗତ କରାଇବା ଏହି ଦିବସର ପ୍ରକୃତ ଉଦ୍ଦେଶ୍ୟ ।

ଉପଭୋକ୍ତା ଅଧିକାରକୁ ଅଧିକ ସୁଦୃଢ଼ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ଉପଭୋକ୍ତା ସୁରକ୍ଷା ଆଇନ, ୨୦୧୯ର ପ୍ରବର୍ତ୍ତନ କରାଯାଇଅଛି । ଉପଭୋକ୍ତା ସୁରକ୍ଷା ଆଇନ ଅନୁଯାୟୀ ରାଜ୍ୟର ଉପଭୋକ୍ତାମାନଙ୍କୁ ସମୟୋଚିତ ନ୍ୟାୟ ପ୍ରଦାନ ନିମନ୍ତେ ଜିଲ୍ଲାସ୍ତରରେ ଜିଲ୍ଲା ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ଏବଂ ରାଜ୍ୟରେ ରାଜ୍ୟସ୍ତରୀୟ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ସ୍ଥାପନ କରାଯାଇ ତ୍ୱରିତ ଓ ସ୍ୱଳ୍ପ ଖର୍ଚ୍ଚରେ ଖାଉଟିମାନଙ୍କୁ ସୁରକ୍ଷା ପ୍ରଦାନ କରାଯାଉଅଛି ।

ଉପଭୋକ୍ତାମାନଙ୍କର ଦୈନନ୍ଦିନ ଜୀବନରେ ଘଟୁଥିବା ଖାଉଟି ସମ୍ବନ୍ଧୀୟ ଅସୁବିଧାକୁ ଦୂର କରିବା ପାଇଁ ନିଃଶୁଳ୍କ ରାଜ୍ୟ ଉପଭୋକ୍ତା ପରାମର୍ଶ କେନ୍ଦ୍ର ନମ୍ବର: ୧୮୦୦-୩୪୫୬-୭୬୦ ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥା ସହାୟତା ନମ୍ବର: ୧୯୬୭ ସମସ୍ତ ସରକାରୀ କାର୍ଯ୍ୟ ଦିବସମାନଙ୍କରେ କାର୍ଯ୍ୟ କରୁଅଛି । ଜିଲ୍ଲାସ୍ତରରେ ଉପଭୋକ୍ତାମାନଙ୍କୁ ସହାୟତା ଯୋଗାଇ ଦେବା ନିମନ୍ତେ ଗୋଟିଏ ଲେଖାଏଁ ଖାଉଟି ପରାମର୍ଶ କେନ୍ଦ୍ର କାର୍ଯ୍ୟ କରୁଅଛି । ଚଳିତ ବର୍ଷ ପାଳିତ ହେବାକୁ ଥିବା 'ଜାତୀୟ ଉପଭୋକ୍ତା ଦିବସ ୨୦୨୩' ର ବାର୍ତ୍ତା ହେଉଛି - 'ଇ-ବାଣିଜ୍ୟ ଓ ଡିଜିଟାଲ ବ୍ୟବସାୟ ଯୁଗରେ ଖାଉଟି ସୁରକ୍ଷା' ।

ବିଭିନ୍ନ ଉପଭୋକ୍ତା ସଂଗଠନ, ଉପଭୋକ୍ତା ଆନ୍ଦୋଳନ ସହ ସଂଶ୍ଳିଷ୍ଟ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡ଼ିକ ଖାଉଟିମାନଙ୍କ ସ୍ୱାର୍ଥସୁରକ୍ଷା ଅଭିଯାନରେ ସାମିଲ ହେବା ଏକାନ୍ତ ଆବଶ୍ୟକ । ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଏହି ଅଭିଯାନକୁ ଅଧିକ ଗତିଶୀଳ, ସକ୍ରିୟ ଓ ଲୋକାଭିମୁଖୀ କରି ଏହାର ସୁଫଳ ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ ଆସନ୍ତୁ, ଆମେ ସମସ୍ତେ ମିଳିମିଶି ସଂକଳ୍ପବଦ୍ଧ ହେବା ।

(ଅତନୁ ସବ୍ୟସାଚୀ ନାୟକ)
ମନ୍ତ୍ରୀ
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ

OIPR-07001/13/0010/2324



# ବିଶ୍ୱ କ୍ରୀଡ଼ାଙ୍ଗନ

# '୨୩ର ଶ୍ରେଷ୍ଠ

ବିଶ୍ୱରେ କ୍ରୀଡ଼ା ପ୍ରତିଯୋଗିତା ହେଉଛି ଯୁବପିଢ଼ିଙ୍କ ଲାଗି ଶ୍ରେଷ୍ଠ ମାଧ୍ୟମ । କେବଳ ପୁରସ୍କାର ନୁହେଁ; ଭ୍ରାତୃତ୍ୱଭାବ ଓ ଶାନ୍ତିପ୍ରତିଷ୍ଠାରେ କ୍ରୀଡ଼ା ହେଉଛି ସବୁଠାରୁ ବଳିଷ୍ଠ ମାଧ୍ୟମ । ବିଶ୍ୱର ସମସ୍ତ ଶ୍ରେଷ୍ଠ ପ୍ରତିଯୋଗିତାରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା, ବୈଷୟିକ ଜ୍ଞାନକୌଶଳର ଉନ୍ନତି ଓ ପ୍ରତିଦ୍ୱନ୍ଦ୍ୱିତା ମନୋଭାବ କ୍ରୀଡ଼ାକୁ ଅଧିକ ଆକର୍ଷଣୀୟ କରିବାରେ ସମର୍ଥ ହୋଇଛି । ୨୦୨୩ରେ ବିଶ୍ୱର ବିଭିନ୍ନ ଖେଳରେ ଶାରୀରିକ ଦକ୍ଷତା ଓ ବିଜ୍ଞାନର ସହାୟତାରେ ଯୁବ ପିଢ଼ି ନୂଆ ଶିଖରକୁ ଛୁଇଁବାରେ ପ୍ରଚେଷ୍ଟା କରିଛନ୍ତି । ଏହି ଶ୍ରେଷ୍ଠ କ୍ରୀଡ଼ା ବ୍ୟକ୍ତିତ୍ୱଙ୍କ ସମ୍ପର୍କରେ ସମ୍ୟକ ସ୍ମୃତିଚାରଣ ।



## ବିଶ୍ୱରେ ବିରାଟ

୨୦୨୩ରେ ଭାରତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲିଙ୍କ ପ୍ରଦର୍ଶନ ଦୃଷ୍ଟାନ୍ତମୂଳକ ଥିଲା । ଏହି ବର୍ଷ ସେ ଏକାଧିକ ରେକର୍ଡ ଭଙ୍ଗ କରିବା ସହ ନୂଆ କୀର୍ତ୍ତିମାନ ହାସଲ କରିଛନ୍ତି । ଦିନିକିଆ ବିଶ୍ୱକପ୍‌ରେ ସେ ସର୍ବାଧିକ ରନ ସଂଗ୍ରହ କରି ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ସେ ବିଶ୍ୱକପ୍‌ରେ ୫୦ଟି ଶତକ ହାସଲ କରି ନିଜର ଆଦର୍ଶ ତଥା ଗୁରୁ ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇଥିଲେ । ବିଶ୍ୱକପ୍‌ରେ ୧୧ ଇନିଂସ ଖେଳି ସେ ୭୬୫ ରନ ସଂଗ୍ରହ କରିଥିଲେ । ଆଇପିଏଲ୍‌ରେ ମଧ୍ୟ ସେ ୫୦ଥର ୫୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି ।



## ହକିରେ ହାର୍ଦ୍ଦିକଙ୍କ ବାଜିମାତ୍

ଭାରତର ମଧ୍ୟଭାଗ ଖେଳାଳି ହାର୍ଦ୍ଦିକ ସିଂହ ଚଳିତ ବର୍ଷ ବିଶ୍ୱର ଶ୍ରେଷ୍ଠ ପୁରୁଷ ହକି ଖେଳାଳି ବିବେଚିତ ହୋଇଛନ୍ତି । ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍ଆଇଏଚ୍) ଦ୍ୱାରା ଏହି ପୁରସ୍କାର ପ୍ରଦାନ କରାଯାଇଛି । ତାଙ୍କର ସଫଳତା ଯୋଗୁ ଏସୀୟ କ୍ରୀଡ଼ାରେ ଭାରତ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି । ଫଳରେ ଭାରତ ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ଲାଗି ସିଧାସଳଖ ଯୋଗ୍ୟତା ଅର୍ଜନ କରିଥିଲା । ହାର୍ଦ୍ଦିକ ମଧ୍ୟ ଚଳିତ ବର୍ଷ ଭାରତୀୟ ଦଳର ଉପ-ଅଧିନାୟକ ଦାୟିତ୍ୱ ସମ୍ଭାଳିଥିଲେ । ସେହିଭଳି ତାଙ୍କୁ ହକି ଇଣ୍ଡିଆ ପକ୍ଷରୁ ମଧ୍ୟ ବର୍ଷର ଶ୍ରେଷ୍ଠ ପୁରୁଷ ଖେଳାଳି ଭାବେ ବଲବୀର ସିଂହ ପୁରସ୍କାର ପ୍ରଦାନ କରାଯାଇଥିଲା । ଉଲ୍ଲେଖଯୋଗ୍ୟ, ୨୦୨୦ରେ ଟୋକିଓ ଅଲିମ୍ପିକ୍ସରେ ଜିତିଥିବା ଐତିହାସିକ କାଂସ୍ୟ ପଦକ ବିଜୟୀ ଭାରତୀୟ ଦଳର ସେ ପ୍ରମୁଖ ସଦସ୍ୟ ରହିଥିଲେ ।



## ଫୁଟବଲରେ ମେସି ନଂ ୧

୨୦୨୨ରେ କତାର ଫୁଟବଲ ବିଶ୍ୱକପ୍ ବିଜୟ ପରେ ଆର୍ଜେଣ୍ଟିନା ଫୁଟବଲ ସୁପରଷ୍ଟାର ଲିଓନେଲ ମେସି ଚଳିତ ବର୍ଷ ମଧ୍ୟ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି । ୩୬ ବର୍ଷୀୟ ମେସି ଏହି ବର୍ଷ ରେକର୍ଡ ଅଷ୍ଟମଥର ପାଇଁ ସମ୍ମାନଜନକ ବାଲନ ଡି'ଅର ପୁରସ୍କାର ହାସଲ କରିଛନ୍ତି । ୧୪ ବର୍ଷ ତଳେ ମେସି ପ୍ରଥମଥର ପାଇଁ ଏହି ସମ୍ମାନଜନକ ପୁରସ୍କାର ହାସଲ କରିଥିଲେ । ଚଳିତ ବର୍ଷ ମେସି ନିଜ କ୍ଲବ ଓ ଦେଶ ଆର୍ଜେଣ୍ଟିନା ପାଇଁ ୪୪ଟି ମ୍ୟାଚ୍ ଖେଳି ୨୮ଟି ଗୋଲ ସ୍କୋର କରିବା ସହ ୧୨ଟି ଆସିଷ୍ଟ କରିଛନ୍ତି । ଆର୍ଜେଣ୍ଟିନା ପାଇଁ ସେ ୮ଟି ମ୍ୟାଚ୍ ଖେଳି ୮ଟି ଗୋଲ ସ୍କୋର କରିବା ସହ ଗୋଟିଏ ଆସିଷ୍ଟ କରିଛନ୍ତି । ସେହିପରି କ୍ଲବ ପାଇଁ ସେ ୩୬ଟି ମ୍ୟାଚ୍ ଖେଳି ୨୦ଟି ଗୋଲ ସ୍କୋର କରିବା ସହ ୧୧ଟି ଆସିଷ୍ଟ କରିଛନ୍ତି । ମୋଟ୍ ଉପରେ ମେସି ଏପର୍ଯ୍ୟନ୍ତ ଆର୍ଜେଣ୍ଟିନା ପାଇଁ ୧୮୦ ମ୍ୟାଚ୍ ଖେଳି ମୋଟ୍ ଉପରେ ୧୦୬ଟି ଗୋଲ ସ୍କୋର କରିଛନ୍ତି । ଗତ ଫିଫା ବିଶ୍ୱକପ୍‌ରେ ତାଙ୍କ ନେତୃତ୍ୱରେ ଆର୍ଜେଣ୍ଟିନା ୧୯୮୬ ପରେ ପ୍ରଥମ ଓ ମୋଟ ଉପରେ ତୃତୀୟ ବିଶ୍ୱକପ୍ ହାସଲ କରିଥିଲା । ୨୦୨୧ରେ ସେ କୋପା ଆମେରିକା ଟୁର୍ଣ୍ଣାମେଣ୍ଟରେ ଆର୍ଜେଣ୍ଟିନାକୁ ଚାମ୍ପିଅନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।



## ପାରାରେ ପ୍ରମୋଦ

ଓଡ଼ିଆ ପାରା ବ୍ୟାଡମିଣ୍ଟନ ଖେଳାଳି ତଥା ପାରା ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ପ୍ରମୋଦ ଭଗତ ଚଳିତବର୍ଷ ମଧ୍ୟ ବେଶ୍ ସଫଳ ପ୍ରଦର୍ଶନ କରିଛନ୍ତି । ଏସୀୟ ପାରା କ୍ରୀଡ଼ାରେ ସେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଥିଲେ । ଏଥିସହ ସେ ପୁରୁଷ ଓ ମିଶ୍ରିତ ଯୁଗଳ ପ୍ରତିଯୋଗିତାରେ ମଧ୍ୟ କାଂସ୍ୟ ପଦକ ହାସଲ କରିଥିଲେ । ଏହି ସଫଳତା ପାଇଁ ପ୍ରମୋଦଙ୍କୁ ମୁଖ୍ୟମନ୍ତ୍ରୀ ନୀବନ ପଟ୍ଟନାୟକ ୨ କୋଟି ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ । ସେ ମଧ୍ୟ ଅନ୍ୟ କେତୋଟି ଅନ୍ତର୍ଜାତୀୟ ଇଭେଣ୍ଟରେ ଏକାଧିକ ପଦକ ଜିତିଥିଲେ ।



## ଓଡ଼ିଶାର ଗର୍ବ କିଶୋର

ଓଡ଼ିଆ ଜାଭେଲିନ ଫିଙ୍ଗାଳି କିଶୋର ଜେନା ନିଜ ପ୍ରଦର୍ଶନ ମାଧ୍ୟମରେ ଦେଶ ତଥା ବିଶ୍ୱ ଆଥଲେଟିକ୍ସରେ ଓଡ଼ିଶା ପାଇଁ ନୂଆ ପରିଚୟ ଆଣିଦେଇଛନ୍ତି । ଏହି ବର୍ଷ କିଶୋର ହାଙ୍ଗଝୋଉ ଏସୀୟ କ୍ରୀଡ଼ାରେ ୮୭.୫୪ମି ଥ୍ରୋ କରିବା ସହ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରି ନୀରଜଙ୍କ ପଛରେ ରହି ରୌପ୍ୟ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ । ଭୁବନେଶ୍ୱରରେ ଅନୁଷ୍ଠିତ ଜାତୀୟଚାମ୍ପିଅନସିପ୍‌ରେସେରୌପ୍ୟ ଜିତିଥିଲେ ।



## ଗୋଲ୍ଡେନ୍ ବୟ ନୀରଜ

୨୦୨୦ ଟୋକିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ତଥା ଆଥଲେଟିକ ସୁପରଷ୍ଟାର ନୀରଜ ଚୋପ୍ରା ଏହି ବର୍ଷ ଜାଭେଲିନ ଥ୍ରୋ'ରେ ଆଉ କେତୋଟି ବିଶ୍ୱସ୍ତରୀୟ ସଫଳତା ଅର୍ଜନ କରିଥିଲେ । ବୁଦାପେଷ୍ଟରେ ଅନୁଷ୍ଠିତ ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପ୍‌ରେ ସେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଥିଲେ । ଗତ ୨୦୨୨ ସଂସ୍କରଣରେ ରୌପ୍ୟ ପଦକ ହାସଲ କରିଥିଲେ । ଏକମାତ୍ର ତଥା ପ୍ରଥମ ଭାରତୀୟ ଭାବେ ୨୫ ବର୍ଷୀୟ ନୀରଜ ବିଶ୍ୱ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ସୃଷ୍ଟି କରିଥିଲେ । ସେ ହାଙ୍ଗଝୋଉ ଏସୀୟ କ୍ରୀଡ଼ାରେ ୮୮.୮୮ ମିଟର ଥ୍ରୋ ସହ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ଡାଇମଣ୍ଡ ଲିଗ୍ ଟାଇଟଲ ମଧ୍ୟ ଜିତିଥିଲେ ।





## ନୋଆ ଓ ଫେଥ୍ ଶ୍ରେଷ୍ଠ ଆଥ୍‌ଲେଟ୍

ବିଶ୍ୱ ଦୌଡ଼କୁଦରେ ଆମେରିକାର ନୋଆ ଲାଇଲ୍ସ ଓ କେନିଆର ଫେଥ୍ କିପ୍‌ୟେଗନଙ୍କୁ ଶ୍ରେଷ୍ଠ ଆଥ୍‌ଲେଟ୍ ବିବେଚିତ କରାଯାଇଛି । ଉଭୟ ଖେଳାଳି ବିଶ୍ୱରେ ଅନେକ ଉତ୍କର୍ଷପୂର୍ଣ୍ଣ ପ୍ରଦର୍ଶନ କରିଥିବାବେଳେ ୨୦୨୩ରେ ୨୩ଟି ବିଶ୍ୱରେକର୍ଡ ପ୍ରତିଷ୍ଠା କରିଥିଲେ । ଏହି ଦୁଇ ଖେଳାଳିଙ୍କୁ ସର୍ବାଧିକ ଭୋଟ୍ ମିଳିଥିଲା । ପ୍ରତି ବିଭାଗରେ ୬ଜଣ ଲେଖାଏ ଶ୍ରେଷ୍ଠ ଖେଳାଳି ଚୂଡ଼ାନ୍ତ ପର୍ଯ୍ୟାୟକୁ ଆସିଥିଲେ । ଆସେଫା, ଡୁ ପ୍ଲାଣ୍ଟିସ, କିପଟମ୍ ଓ ଫେଥ୍ ରେକର୍ଡ ଭାଙ୍ଗିବା ଅଭ୍ୟାସ କରିଦେଇଥିଲେ । ଏମାନେ ବିଶ୍ୱର ସର୍ବାଧିକ ଟାଇଟଲ୍ କିମ୍ବା ମାରାଥନ ଦୌଡ଼ରେ ବିଜୟୀ ହୋଇଥିଲେ ।

ପୁରୁଷ ବିଭାଗରେ ଆମେରିକାର ନୋଆ ଲାଇଲ୍ସ ବୁଦାପେଷ୍ଟ ବିଶ୍ୱ ଚାମ୍ପିଅନସିପ୍‌ରେ ୧୦୦ ଓ ୨୦୦ ମିଟର ଦୌଡ଼ରେ ଟାଇଟଲ୍ ଜିତିଥିଲେ । ଏହାବ୍ୟତୀତ ପୁରୁଷ ୪୦୦ ମିଟର ରିଲେ ଦୌଡ଼ରେ ମଧ୍ୟ ନିଜ ଦେଶକୁ ବିଜେତା କରାଇଥିଲେ । ଲଣ୍ଡନ ଡାଇମଣ୍ଡ ଲିଗ୍ ହେଉ କିମ୍ବା ଅନ୍ୟ ଟୁର୍ଣ୍ଣାମେଣ୍ଟରେ ସେ ୨୦୦ ମିଟରରରେ ୬ଥର ବିଶ୍ୱ ଟାଇଟଲ୍ କବ୍‌ଜା କରିଛନ୍ତି । ସେହିଭଳି ୧୦୦ ମିଟର ଦୂରତାକୁ ୯.୮୩ ଓ ୨୦୦ ମିଟର ଦୂରତାକୁ ୧୯.୫୨ ସେକେଣ୍ଡରେ ଅତିକ୍ରମ କରି ବର୍ଷର ଦ୍ରୁତତମ ଧାବକ ବିବେଚିତ ହୋଇଥିଲେ ।



## ଚେସ୍ ବୋର୍ଡରେ ଚମକିଲେ ଗ୍ରାଣ୍ଡମାଷ୍ଟର ପ୍ରଜ୍ଞାନନ୍ଦ

୧୮ ବର୍ଷୀୟ ଭାରତୀୟ ଚେସ୍ ଗ୍ରାଣ୍ଡମାଷ୍ଟର ରମେଶବାବୁ ପ୍ରଜ୍ଞାନନ୍ଦ ଚଳିତ ବର୍ଷ ଐତିହାସିକ ପ୍ରଦର୍ଶନ କରିଛନ୍ତି । ସର୍ବକନିଷ୍ଠ ଚେସ୍ ଖେଳାଳିଭାବେ ସେ ଅଗଷ୍ଟରେ ଫିଡେ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଥିଲେ । ସେ ବିଶ୍ୱର ୨ ନଂ ଖେଳାଳି ହିକାରୁ ନାକାମୁରା ଓ ୩ ନଂ ଖେଳାଳି ଫାବିଆନୋ କାରୁଆନାଙ୍କୁ ହରାଇ ବିଶ୍ୱନାଥନ ଆନନ୍ଦଙ୍କ ପରେ ସେ ଦ୍ୱିତୀୟ ଭାରତୀୟ ଭାବେ ଫାଇନାଲକୁ ଉଠି ଇତିହାସ ସୃଷ୍ଟି କରିଥିଲେ । ତେବେ ନରୱେର ମାଗ୍ନସ କାର୍ଲସେନଙ୍କଠାରୁ ପରାସ୍ତ ହୋଇ ରନର୍ସଅପ୍ ହୋଇଥିଲେ ।

# ‘ରକ୍ତଦାନଠୁ ଆଉ କୌଣସି ଦାନ ବଡ଼ ନୁହେଁ’

ରଘୁନାଥପୁର,୨୩।୧୨(ସମିସ)



ଓଡପଡାସ୍ଥିତ ସଙ୍କେତ ଆଇଟିଆଇରେ ବିଜେଡି ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦୪ ୟୁନିଟ୍ ସଂଗ୍ରହ ହୋଇଛି। ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରକ୍ତଦାନ ମହତ ଦାନ। ରକ୍ତଦାନଠୁ ଆଉ କୌଣସି ଦାନ ବଡ଼ ନୁହେଁ ବୋଲି କହିଛନ୍ତି। ସେହିଭଳି ଜିଲ୍ଲା ବିଜେଡି ସଭାପତି ରବିନାରାୟଣ ଜେନା କହିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ରକ୍ତଦାନକୁ ଗୁରୁତ୍ୱ ଦିଆଯାଉଛି। କୌଣସି ଡାକ୍ତରଖାନାରେ ରକ୍ତର ଅଭାବ ରହିବ ନାହିଁ। ରକ୍ତ ପାଇଁ କୌଣସି ବ୍ୟକ୍ତିଙ୍କ ଜୀବନ ଯିବ ନାହିଁ। ଏହି ଲକ୍ଷ୍ୟ ନେଇ ଓଡ଼ିଶା ମୋ ପରିବାର ଓ ଜୀବନ ବିନ୍ଦୁ ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ ହେଉଛି ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ଜିଲ୍ଲା ପରିଷଦ ସଦସ୍ୟା ରିନାରାଣୀ ମଲ୍ଲିକ, ଇତିଶ୍ରୀ ମଲ୍ଲିକ, ସରପଞ୍ଚ ବଟକୃଷ୍ଣ ନାୟକ, ପ୍ରଭାସିନୀ ପ୍ରଧାନ, ଯୁବନେତା ପ୍ରକାଶ ମଲ୍ଲିକ, ମହିଳା ସଭାନେତ୍ରୀ ଶାନ୍ତିଲତା ଦ୍ୱିବେଦୀ, ଜିଲ୍ଲା ବିଜେଡି ଯୁବ ସଭାପତି ସୌମ୍ୟଜିତ୍ ମହାପାତ୍ର, ଯୁବ ବିଜେଡି ନେତା ପ୍ରଦୀପ୍ତ ଭୂୟାଁ, ବ୍ଲକ ଯୁବ ସଭାପତି ଯୋଶେଫ୍ ସ୍ୱାଇଁ, ଛାତ୍ରନେତା ରାଜେଶ ମିଶ୍ର, ସମିତି ସଭ୍ୟ ବିଶ୍ୱଜିତ୍ ଦାସ, ମାନସ ଦାସ, ଅର୍ନ୍ତଯାମୀ ସାମଲ, ସମିତିସଭ୍ୟ ସ୍ୱଦେଶ ଦାଶ, ଶିବରାମ ସାହୁ, ନଳିନୀପ୍ରଭା ମୁଦୁଲି, କମଳାକାନ୍ତ ପରିଡା, ରାଜା ପଣ୍ଡା, ସୁମିତ୍ ଦାସ, ବିମୋଦ ଜେନା, ଯୁବନେତା ଦିଲ୍ଲୀପ ବେହେରା, କୁଞ୍ଜ ବିହାରୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଡା. ଅଶ୍ୱିନୀ ରଞ୍ଜନ ସ୍ୱାଇଁ, ନର୍ସିଂ ଅଫିସର ନିର୍ମଳଚନ୍ଦ୍ର ବସ୍ତିଆଙ୍କ ନେତୃତ୍ୱରେ ଜଗତସିଂହପୁର ମେଡିକାଲ ଟିମ୍ ଦ୍ୱାରା ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ରଘୁନାଥପୁର ବ୍ଲକ୍ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲାବେଳେ ରଘୁନାଥପୁର ବ୍ଲକ୍ ବିଜୁ ଛାତ୍ର ଜନତା ଦଳର ସଦସ୍ୟ ସହଯୋଗ କରିଥିଲେ।

## ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଚାରା ବଣ୍ଟନ

**ଏରସମା,୨୩।୧୨(ସମିସ):** ଜଗତସିଂହପୁର ଜିଲ୍ଲାର ପୁରାତନ ସାହିତ୍ୟ ଓ ସାମାଜିକ ଅନୁଷ୍ଠାନ ବାଲିଘର ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ ଓ ବାଲିଘର ଫାଉଣ୍ଡେସନ ପକ୍ଷରୁ ଏରସମା ବ୍ଲକ୍ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତର ନିମୋଳ ଗ୍ରାମର ବାବା ଯୋଗେଶ୍ୱର ସ୍ୱୟଂ ସହାୟିକା ଗୋଷ୍ଠୀର ୪୪ ଜଣ ମହିଳା ସଦସ୍ୟାଙ୍କୁ ବିନା ମୂଲ୍ୟରେ ଚାରା ବଣ୍ଟନ କରାଯିବା ସହ ଏକ ପରିବେଶ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି। ଫାଉଣ୍ଡେସନର ଅଧ୍ୟକ୍ଷ କୈଳାସଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଓ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ତଥା ବିଶିଷ୍ଟ ଶିକ୍ଷାବିତ୍ ବୈଷ୍ଣବ ଚରଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆସରରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ପଣ୍ଡିତ ନାଗମଣି କର, ଅନ୍ୟତମ ଅତିଥି ଭାବେ ସଚ୍ଚିରଞ୍ଜନ ପଣ୍ଡା ଓ ନିତ୍ୟାନନ୍ଦ ମଲ୍ଲିକ, ସ୍ୱୟଂ ସହାୟିକା ଗୋଷ୍ଠୀର ସଭପତି ସବିତା ମଲ୍ଲିକ, ସଂପାଦିକା ପୂର୍ଣ୍ଣିମା ସେଠି ଯୋଗ ଦେଇଥିଲେ। ମିଲି ରାଣୀ ମଲ୍ଲିକ, ରାଜଶ୍ରୀ ମଲ୍ଲିକ, ସାବିତ୍ରୀ ମଲ୍ଲିକ, ସ୍ୱର୍ଣ୍ଣଲତା ମଳିକ, ଲକ୍ଷ୍ମୀପ୍ରିୟା ମଳିକ, ସନ୍ଧ୍ୟାରାଣୀ ମଳିକ, ନୟନା ମଳିକ, ରଶ୍ମିତା ମଳିକ, ଟୁନିଲତା ମଳିକ, ସସ୍ମିତା ମଳିକ, ବନିତା ମଳିକ, ଆରତୀ ମଳିକ ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରେନ୍ ଧକ୍କାରେ ବୃଦ୍ଧ ଗୁରୁତର

**ମାର୍ଶାଘାଇ,୨୩।୧୨(ସମିସ):** ମାର୍ଶାଘାଇ ଥାନା ଅଧୀନ ମଙ୍ଗଳା ଛକ ନିକଟରେ ମାଲବାହୀ ଟ୍ରେନ୍ ଧକ୍କାରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସେ ହେଲେ ପାଟକୁରା ଥାନା ଅଧୀନ ବେରାଡ଼ି ସୋଲପାଟ ଅଞ୍ଚଳର ରବୀନ୍ଦ୍ର ସାହୁ (୬୦)। ଟ୍ରେନ୍ ଧକ୍କାରେ ସେ ଛିଟିକି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ବ୍ଲେଜିଙ୍ଗ ମାଇଣ୍ଡ ସ୍କୁଲରେ ମେରୀ ଖ୍ରୀଷ୍ଟମାସ

ବାଲିକୁଦା,୨୩।୧୨(ସମିସ)



ଇଚ୍ଛାପୁର ପଞ୍ଚାୟତ ଗୋପାଳପୁର ୫୫ ନମ୍ବର ଜାତୀୟ ରାଜପଥ କଡରେ ଥିବା ବ୍ଲେଜିଙ୍ଗ ମାଇଣ୍ଡ ସ୍କୁଲରେ ମେରୀ ଖ୍ରୀଷ୍ଟମାସ ପାଳନ କରାଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସଂଜୀବ ବରାଳଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବାଲିକୁଦା-ଏରସମା ଯୁବ ବିଜେପି ନେତା ସତ୍ୟ ସାରଥୀ ମହାନ୍ତି ଯୋଗ ଦେଇଥିଲେ। ବିଦ୍ୟାଳୟ ପକ୍ଷରୁ ଆୟୋଜନ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ସରିତା ବେହେରା, ମାତୃପ୍ରସାଦ ମହାନ୍ତି, ରୁଦ୍ର ନାରାୟଣ ସାହୁ ପୁରସ୍କୃତ ହୋଇଥିଲେ। ଶିକ୍ଷୟିତ୍ରୀ ବିଶ୍ୱଜିତା ପାଢୀ, ବିଶ୍ୱକଲ୍ୟାଣୀ ସେନାପତି, ଗାୟତ୍ରୀ ବେହେରା, ମିନତୀ ସାହୁ, ସ୍ୱର୍ଣ୍ଣପ୍ରଭା ଭୋଳ, ଉର୍ମିଳା ପୃଷ୍ଟି, ବିଭୁତି ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ୩ରେ ପାରାଦୀପ ମାରାଥାନ

**ପାରାଦୀପ,୨୩।୧୨(ସମିସ):** ପାରାଦୀପ ବନ୍ଦରର ପ୍ରତିଷ୍ଠା ଦିବସ ଅବସରରେ ଜାନୁଆରୀ ୩ରେ ପାରାଦୀପ ମାରାଥାନ ଅନୁଷ୍ଠିତ ହେବ। ପ୍ରତିବର୍ଷ ଭଳି ଚଳିତ ବର୍ଷ ହେବାକୁ ଥିବା ଏହି ମାରାଥାନ ପାରାଦୀପ ବନ୍ଦରର ୫ ନମ୍ବର ଫାଟକ ନିକଟରୁ ଆରମ୍ଭ ହେବ। ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ ପତାକା ଦେଖାଇ ପ୍ରତିଯୋଗିତାର ଶୁଭାରମ୍ଭ କରିବେ। ପ୍ରତିଯୋଗୀମାନେ ୧୪ କି.ମି. ରାସ୍ତା ଅତିକ୍ରମ କରି ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମରେ ପହଞ୍ଚିବେ। ଅଧ୍ୟକ୍ଷ ଶ୍ରୀ ହାରନାଦ କୃତି ପୁରୁଷ ଓ ମହିଳା ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବେ। ପ୍ରତିଯୋଗୀଙ୍କ ବୟସ ସୀମା ଡିସେମ୍ବର ୩୧ ତାରିଖ ସୁଦ୍ଧା ୧୮ ବର୍ଷରୁ ୪୦ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ଏଥି ନିମନ୍ତେ ପଂଜୀକରଣ ଲାଗି ୧ ତାରିଖ ଓ ୨ ତାରିଖ ନିର୍ଦ୍ଧାରଣ କରାଯାଇଛି। ବାହାରୁ ଆସୁଥିବା ପ୍ରତିଯୋଗୀମାନଙ୍କ ନିମନ୍ତେ ୨ ତାରିଖ ଦିନ ରହିବା ଓ ରାତ୍ରୀ ଭୋଜନର ବ୍ୟବସ୍ଥା କରାଯାଇଛି। ଉଭୟ ପୁରୁଷ ଓ ମହିଳା ପ୍ରତିଯୋଗୀମାନଙ୍କୁ ପ୍ରତିଯୋଗିତା ଶେଷ ହେବା ପରେ ଅର୍ଥରାଶି ପୁରସ୍କାର ଆକାରରେ ପ୍ରଦାନ କରାଯିବ ବୋଲି ବନ୍ଦର ପକ୍ଷରୁ ପ୍ରେସ୍ ଇସ୍ତାହାର ମାଧ୍ୟମରେ ସୂଚନା ଦିଆଯାଇଛି।

## ହରିହରାନନ୍ଦ ବାଳାଶ୍ରମର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା,୨୩।୧୨(ସମିସ)

ହରିହରାନନ୍ଦ ବାଳାଶ୍ରମର ୧୯ତମ ବାର୍ଷିକ ଉତ୍ସବ କେନ୍ଦ୍ରାପଡା ବ୍ଲକ୍ ଅରୁଆ କଦଳୀବଣଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶିକା ଯାମିନୀ ଷଡଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ରମାଦେବୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ସୁଚେତା ପ୍ରିୟଦର୍ଶିନୀ, ଶିବାନନ୍ଦ ସେଣ୍ଟେନାରୀ ବାଳକ ଉଚ୍ଚବିଦ୍ୟାଳୟର ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ ମହାରାଜ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ସବରେ ପ୍ରଜ୍ଞାନ ମିଶନର ବରିଷ୍ଠ ସନ୍ୟାସୀ ସ୍ୱାମୀ ସମର୍ପଣାନନ୍ଦ ଗିରି ଓ ସଭାପତି ସ୍ୱାମୀ ଗୁରୁକୃପାନନ୍ଦ ଗିରି, ମହାନ କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଡ. ବୀଣାପାଣି ଦାଶ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଉତ୍ସବରେ ସ୍ୱାମୀ ସୁଗୀତାନନ୍ଦ ଗିରି, ବ୍ରହ୍ମଚାରୀ ବୋଧାନନ୍ଦ, ସ୍ୱାମୀ ଅନିର୍ବାଣାନନ୍ଦ ଗିରି, ସ୍ୱାମୀ ଆନନ୍ଦାନନ୍ଦ ଗିରି, ଡ. ଶ୍ରୁତି ମହାପାତ୍ର, ପ୍ରଶାନ୍ତ ବାସୁଦେବନ, ପ୍ରଜ୍ଞାନ ମିଶନର ସନ୍ୟାସୀଗଣ ଯୋଗ ଦେଇଥିଲେ।

## ମାର୍ଶାଘାଇ କଲେଜରେ ‘ନୂଆ-ଓ’ କାର୍ଯ୍ୟକ୍ରମ




**ମାର୍ଶାଘାଇ,୨୩।୧୨(ସମିସ):** ମାର୍ଶାଘାଇ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ‘ନୂଆ-ଓ’ କାର୍ଯ୍ୟକ୍ରମ ଉଦଘାଟିତ ହୋଇଛି। ଅଧ୍ୟକ୍ଷା ଜ୍ୟୋତ୍ସ୍ନାମୟୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ୨୫ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ଦୁର୍ଗାବତୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ମାର୍ଶାଘାଇ ସରପଞ୍ଚ ଭାଗବତ ବେହେରା, ସମିତିସଭ୍ୟ ପ୍ରସନ୍ନ ସାହୁ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିପରି ନୂଆ-ଓ ମାଧ୍ୟମରେ ସ୍କୁଲ କଲେଜରେ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ କରିବା ସହିତ ଯୁବପିଢ଼ିଙ୍କ ଆଦର୍ଶ ସାଜିଛନ୍ତି ଅତିଥିମାନେ ଉପସ୍ଥିତ ଛାତ୍ରୀ ଓ ଜନସାଧାରଣଙ୍କୁ କହିଥିଲେ। ଏହି ଅବସରରେ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାକୁ ଶ୍ରୀମତୀ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଧବାନନ୍ଦ ପାତ୍ର, ବିଦ୍ୟାଳୟର ଅଧ୍ୟାପକ ଦୀପକ ସ୍ୱାଇଁ, ଡ. ଦୀପକ ଦଳାଇ, ହାଡିବନ୍ଧୁ ଦାସ, ନୂଆ-ଓର ନୋଡାଲ ଅଫିସର ଅଧ୍ୟାପିକା ସରୋଜିନୀ କର ପ୍ରମୁଖ ଯୋଗ ଦେଇଥିଲେ।

## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଏରସମା,୨୩।୧୨(ସମିସ):** ଏରସମା ବ୍ଲକ୍ କୁଞ୍ଜକୋଠି ପଞ୍ଚାୟତ ନୀଳକଣ୍ଠେଶ୍ୱର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ ପାଇଁ ରାଜ୍ୟ ସରକାରଙ୍କ ଏହା ଏକ ଯୁଗାନ୍ତକାରୀ କାର୍ଯ୍ୟକ୍ରମ ବୋଲି କହିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ସନ୍ତୋଷ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ରାଜ୍ୟ କାଳିଆ ଯୋଜନା ଉପଦେଷ୍ଟା ତଥା ବିଜେଡି ରାଜ୍ୟ ସମ୍ପାଦକ ସାରଦା ପ୍ରସନ୍ନ ଜେନା ମୁଖ୍ୟବକ୍ତା ଓ ଏରସମା ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଉପାଧ୍ୟକ୍ଷ ବିକାଶ ପରିଡା, ପୂର୍ବତନ ଅଧ୍ୟକ୍ଷ ମାନସ ରଞ୍ଜନ ସେଠି, ପୂର୍ବତନ ଉପାଧ୍ୟକ୍ଷା ପୁଷ୍ପାଞ୍ଜଳି ବେଉରା, ଡ. ଶରତଚନ୍ଦ୍ର ପରିଡା ଓ ପିତାମ୍ବର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଉପାଧ୍ୟକ୍ଷ ଡ. ସୌମ୍ୟରଞ୍ଜନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପିକା ବର୍ଷା ମେଘମାଳା ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ବିନୟ ପାତ୍ର, ଅଧ୍ୟାପିକା ଅର୍ଚ୍ଚନା ମହାପାତ୍ର, ଅଧ୍ୟାପିକା ପୂଜାଲିନୀ ବିଶ୍ୱାଳ ଓ ଅଧ୍ୟାପିକା ମିନାକ୍ଷୀ ସାହୁ ଉତ୍ସବ ପରିଚାଳନା କରିଥିଲେ।




## କେନ୍ଦ୍ରାପଡ଼ା ପଲିଟେକ୍‌ନିକ୍ କଲେଜରେ ‘ନୂଆ-ଓ’ କାର୍ଯ୍ୟକ୍ରମ



ଡେରାବିଶ,୨୩।୧୨(ସମିସ)

ଚାଟରାଚକଡ଼ା ପଞ୍ଚାୟତ ଛତାଠାରେ ଥିବା କେନ୍ଦ୍ରାପଡ଼ା ପଲିଟେକ୍‌ନିକ୍ କଲେଜରେ ଯୁବ ଓଡ଼ିଶା, ନବୀନ ଓଡ଼ିଶା ଯୋଜନାରେ କଲେଜ ପରିସରରେ ଦୀର୍ଘ ୧ ମାସ ଧରି ଚାଲିଥିବା କ୍ରୀଡ଼ା, ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ କଲେଜ ଅଧ୍ୟକ୍ଷ ଗୁଣନିଧି ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ସଂଜୟ ଅଗ୍ରୱାଲ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବୈଷୟିକ ଶିକ୍ଷାରେ ନିଜର ପ୍ରତିଭାକୁ ବିକଶିତ କରିବା, ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ଓଡ଼ିଶାର ପ୍ରତ୍ୟେକ ଯୁବ ଛାତ୍ର ନିଜକୁ ଜଣେ ପ୍ରତିଭାବାନ ବ୍ୟକ୍ତିତ୍ୱ ଭାବେ ପ୍ରତିଷ୍ଠିତ କରିବା ଓ ଜଣେ ଭଲ ମଣିଷ ଭାବେ ନିଜକୁ ତିଆରି କରିବେ, ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୁବ ଓଡ଼ିଶା, ନବୀନ ଓଡ଼ିଶା ଯୋଜନା ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରୁଥିବା କହିଥିଲେ। ମୁଖ୍ୟବକ୍ତା ଭାବେ ଡେରାବିଶ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ, ଜିଲ୍ଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ଚାଟରାଚକଡ଼ା ସରପଞ୍ଚ ମମତ ରାଉତ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଛାତ୍ରୀ ପ୍ରତୀକ୍ଷା ପ୍ରିୟଦର୍ଶିନୀ ଅତିଥି ପରିଚୟ ଓ ପଲିଟେକ୍‌ନିକ୍ କଲେଜ ଉପାଧ୍ୟକ୍ଷ ବିଭୂତି ଭୂଷଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଗ୍ରାମାଞ୍ଚଳ କ୍ରୀଡ଼ା ଖବର

● ମହାବୀର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ଚାନ୍ଦପୁରକୁ ହରାଇ ଗାଲାକ୍ସି କଇଜଙ୍ଗା ବିଜୟୀ

ରଘୁନାଥପୁର,୨୩।୧୨(ସମିସ)

ରଘୁନାଥପୁର ଦଶହରା ପଡିଆରେ ଚାଲିଥିବା ମହାବୀର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍‌ରେ ଗ୍ୟାଲାକ୍ସି କଇଜଙ୍ଗା କ୍ରିକେଟ୍ ଟିମ୍ ଓ ଜଗତସିଂହପୁର ଚାନ୍ଦପୁର କ୍ରିକେଟ୍ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚାନ୍ଦପୁର ଟିମ୍ ୮ ଓଭରରେ ୧୧୦ ରନ୍ କରିଥିବା ବେଳେ ଗାଲାକ୍ସିଟିମ୍ ୫ଓ୍ୱିକେଟ୍ ହରାଇ ୧୧୧ ରନ୍ କରି ବିଜୟୀ ହୋଇଛି। ଏଥିରେ ମ୍ୟାନ୍ ଅଫଦି ମ୍ୟାଚ୍ ଭାବେ ଜିତେନ୍ଦ୍ର ବାରିକ ଓ ମ୍ୟାନ୍ ଅଫ ଦି ଟୁର୍ଣ୍ଣାମେଣ୍ଟ ଭାବେ ରାମହରି ନାୟକଙ୍କୁ ବିବେଚନା କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶା କ୍ରିକେଟ ଆସୋସିଏସନର ସିଇଓ ସୁବ୍ରତ ବେହେରା ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଚନ୍ଦନ ସାହୁ, ଅରୁଣ ବସ୍ତିଆ, ଜଗନ୍ନାଥ ରାଉତ, ରୁଦ୍ର ଗିରିଧାରୀ ସାମଲ, ବିକାଶ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ମହାବୀର କ୍ରିକେଟ ଟିମ୍‌ର ମୁଖ୍ୟ ଯୁବନେତା ଚନ୍ଦ୍ରକାନ୍ତ ପଣ୍ଡାଙ୍କ ନେତୃତ୍ୱରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ବିଜୟୀ ଦଳକୁ ମୁଖ୍ୟଅତିଥି ୧୪ହଜାର ଟଙ୍କାର ଚେକ୍ ଓ ଏକ ସିଲ୍ ପ୍ରଦାନ କରିଥିବା ବେଳେ ରନର୍ସ ଦଳକୁ ୧୦ହଜାର ଟଙ୍କା ରନର୍ସ କପ୍ ପ୍ରଦାନ କରିଥିଲେ। ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ବିଜୟ ସ୍ୱାଇଁ ଉଦ୍‌ଘାଟନ କରିଥିଲେ।

● ରାପିଡ ଆକ୍ସନ ଫୋର୍ସ ଓ ରିଜର୍ଭ ପୁଲିସ କ୍ରିକେଟ୍ ମ୍ୟାଚ୍

## ୧ ରନ୍‌ରେ ଜିତିଲା ରିଜର୍ଭ ପୁଲିସ



କେନ୍ଦ୍ରାପଡ଼ା,୨୩।୧୨(ସମିସ)

କେନ୍ଦ୍ରାପଡ଼ା ଜିଲ୍ଲା ପୁଲିସ ମୁଖ୍ୟାଳୟ ରିଜର୍ଭ ପୁଲିସ ପଡିଆରେ ୧୦୬ ବାଟାଲିଅନ ରାପିଡ ଆକ୍ସନ ଫୋର୍ସ ଓ କେନ୍ଦ୍ରାପଡା ରିଜର୍ଭ ପୁଲିସ ମଧ୍ୟରେ ଏକ ଦିନିକିଆ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ୧୦୬ ବାଟାଲିଅନ ରାପିଡ ଆକ୍ସନ ଫୋର୍ସର କ୍ୟାପଟେନ ଭାବେ ସହକାରୀ କମାଣ୍ଡାଣ୍ଟ ପ୍ରବୀଣ କୁମାର ଦାୟିତ୍ୱ ନିର୍ବାହ କରିଥିଲେ। ଟସ୍ ଜିତି ୧୦୬ ବାଟାଲିଅନ ରାପିଡ ଆକ୍ସନ ଫୋର୍ସ ବ୍ୟାଟିଂ କରି ୧୨ ଓଭରରେ ୮ ୱିକେଟ ହରାଇ ୮୯ ରନ କରିଥିଲା। ଜବାବରେ କେନ୍ଦ୍ରାପଡା ରିଜର୍ଭ ପୁଲିସ ୧୦ ଓଭରରେ ୨ ୱିକେଟ ହରାଇ ୯୦ ରନ କରି ବିଜୟୀ ହୋଇଥିଲା। ରିଜର୍ଭ ପୁଲିସର ସର୍ଜେଣ୍ଟ ଅଭିରାମ ଖଟୁଆ କ୍ୟାପଟେନ ଭାବେ ୪୫ ରନ କରି ଅପରାଜିତ ଥିବାବେଳେ ୩ ଓଭର ବୋଲିଂ କରି ୧୬ ରନ ବିନିମୟରେ ୨ଟି ୱିକେଟ ନେଇଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ ଓ ଡିଏସପି(ଡିଆଇବି) ଲକ୍ଷ୍ମୀନାରାୟଣ ତିୱାରୀ ଅତିଥି ଭାବେ ଯୋଗଦେଇ ଉଭୟ ବିଜୟୀ ଓ ରନର୍ସଅପ ଦଳକୁ ଟ୍ରଫି ଓ କପ୍ ପ୍ରଦାନ କରିବା ସହିତ କ୍ୟାପଟେନ ଅଭିରାମ ଖଟୁଆଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

## ଶଶୀଭୂଷଣ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ରାଜନଗର, ୨୩।୧୨(ସମିସ)




ରାଜନଗର ବ୍ଲକ କୃଷ୍ଣନଗରସ୍ଥ ଶଶୀଭୂଷଣ ଉଚ୍ଚ ବିଦ୍ୟାଳୟ, ଉଚ୍ଚପ୍ରାଥମିକ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ କନକଲତା ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କୃଷ୍ଣନଗର ସରପଞ୍ଚ ନନ୍ଦ ଦୁଲାଲ ପରିଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ନାଗାନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମାନସ ରଂଜନ ମିଶ୍ର, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ଅରବିନ୍ଦ ପ୍ରଧାନ, ଶିକ୍ଷାବିତ୍ ରକ୍ଷାକର ସାହୁ, ବ୍ରହ୍ମାନନ୍ଦ ବେହେରା, ଶିକ୍ଷକ ସୁଶୀଳ କୁମାର ମଣ୍ଡଳ, ଓମ ପ୍ରକାଶ ବାରିକ, ପ୍ରତାପ ଚନ୍ଦ୍ର ଧଳ, ବିନୟ ଖମାରୀ, ସୁକୁମାର ମଣ୍ଡଳ, ପଂଚାନନ ଦାସ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ କ୍ଷେତ୍ରରେ କ୍ରୀଡ଼ାର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଜୁନିୟର ବାଳିକା ବିଭାଗରୁ କବିତା ଦାସ, ବାଳକ ବିଭାଗରୁ ହରିପଦ ମଣ୍ଡଳ ଓ ସିନିୟର ବିଭାଗରେ ସୁନୀତା ମଣ୍ଡଳ, ଗୁରୁକୃଷ୍ଣ ଦାସ ଚାମ୍ପିଅନ୍ ହୋଇଥିଲେ। ଶିକ୍ଷକ ଚନ୍ଦନ କୁମାର ମଣ୍ଡଳ, ବୀରେନ କୁମାର ସ୍ୱାଇଁ, ନିରୋଜ ଦାସ, ମାନସ ଜେନା, ଗୋପୀନାଥ ସେଠୀ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ହରିଅଙ୍କ ବିଦ୍ୟାଳୟର କ୍ରୀଡ଼ା ପ୍ରତିଯୋଗିତା

ଡେରାବିଶ, ୨୩।୧୨(ସମିସ)



ନୂଆ-ଓ କାର୍ଯ୍ୟକ୍ରମର ଯୁବ ଓଡ଼ିଶା, ନବୀନ ଓଡ଼ିଶା ପକ୍ଷରୁ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଡେରାବିଶ ବ୍ଲକ ହରିଅଙ୍କ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ଡେରାବିଶ ବିଡିଓ ଦାସରଥୀ ଜେନା ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସରପଞ୍ଚ କନକଲତା ପ୍ରଧାନ ସଭାପତିତ୍ୱ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବିଡିଓ ଭଞ୍ଜକିଶୋର ନାୟକ, ବ୍ଲକସ୍ତରୀୟ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ନୋଡ଼ାଲ ଅଧିକାରୀ ଦୀପକ ଚୌଧୁରୀ, ପ୍ରକଳ୍ପ ସଂଯୋଜକ ଦେବେଶ ବେହେରା, ବ୍ଲକ କ୍ରୀଡ଼ା ନୋଡାଲ୍ ଅଧିକାରୀ ଗିରିଶଚନ୍ଦ୍ର ସ୍ୱାଇଁ, ବ୍ଲକ କ୍ରୀଡ଼ା ପ୍ରଶିକ୍ଷକ ବାନାମ୍ବର ଜେନା ଓ ହରିଅଙ୍କ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଶାନ୍ତ ସ୍ୱାଇଁ ଯୋଗ ଦେଇଥିଲେ। ଫାଇନାଲ୍ ମ୍ୟାଚ୍ ଡେରାବିଶ ଫୁଟବଲ୍ ଟିମ୍ ଓ ଖମୋଳ ଫୁଟବ୍‌ଲ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖମୋଳ ଟିମ୍ ୨-୦ଗୋଲରେ ବିଜୟ ଲାଭ କରିଥିଲା। ସୁଖଦାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଗୋଲଖ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ବିଜେତା ଓ ରନର୍ସଅପ୍ ଦଳକୁ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। ଖେଳକୁ ଅରୁଣ ମୋହନ ଜେନା, ନାରାୟଣ କାଣ୍ଡି ଓ ସୁଶାନ୍ତ ସାହୁ ପରିଚାଳନା କରିଥିଲେ।

# CBSE BOARD EXAMINATION 2023-24
# PROBABLE QUESTION PAPER

## SUB: SCIENCE

1. Two resistors are shown in the figure when it connected to a battery will have




(a) same current flowing through them when connected in parallel
(b) same current flowing through them when connected in series
(c) same potential difference across them when connected in series
(d) different potential difference across them when connected in parallel

2. For a current in a long straight solenoid *N* and *S*-poles are created at the two ends. Among the following statements, the incorrect statement is
(a)The field lines inside the solenoid are in the form of straight lines which indicates that the magnetic field is the same at all points inside the solenoid.
(b) The strong magnetic field produced inside the solenoid can be used to magnetise a piece of magnetic material likes of tiron, when placed inside the coil.
(c) The pattern of the magnetic field associated with the solenoid is different from the pattern of the magnetic field around a bar magnet.
(d) The *N* and *S*-poles exchange position when the direction of current through the solenoid is reversed.

3. A cylindrical conductor of length *l* and uniform area of cross-section *A* has resistance *R*. Another conductor of length 2l and resistance *R* of the same material has area of cross section



(a) A/2 (b) 3A/2 (c) 2A (d) 3A

4. A positively charged alpha particle projected towards west is deflected towards north by a magnetic field. The direction of magnetic field
(a) an electromagnet to rotate the armature towards south
(b) towards east (c) downwards (d) upward

5. Which of the following is not a base?
(a) NaOH(b) KOH (c) $NH_4OH$ (d) $CH_3COOH$

6. $CuSO_4 + Fe \rightarrow FeSO_4 + Cu$
The above reaction is an example of
(a) Combination (b) Double displacement
(c) Decomposition (d) Displacement

7. $Zn + H_2SO_4 \rightarrow ZnSO_4 + H_2$
(a) Combination (b) Double displacement
(c) Decomposition (d) Displacement

8. Butane has the molecular formula $C_4H_{10}$. It has ________.
(a) 5 covalent bonds (b) 13 covalent bonds
(c) 16 covalent bonds (d) 17 covalent bonds

9. Aqua regia is able to dissolve in which of the following
(a) Mg (b) Al (c) Cu (d) Au

10. Which of the following is not an ionic compound?
(a) LiCl (b) NaCl (c) $CCl_4$ (d) KCl

11. Which among the following are unsaturated hydrocarbons?
(i) $H_3C-CH_2-CH_2-CH_3$
(ii) $H_3C-C\equiv C-CH_3$
(iii) $H_3C-CH-CH_3$
$CH_3$
(iv) $H_3C-C=CH_2$
$CH_3$
(a) (i) and(iii) (b) (ii)and(iii) (c) (ii)and(iv) (d) (iii)and(iv)

12. The respiratory route of air in the respiratory tract of human is:



(a) Nostrils → pharynx → larynx → trachea → alveoli
(b) alveoli → pharynx → larynx → trachea → nostrils
(c) alveoli → larynx → trachea → pharynx → nostril
(d) nostrils → trachea → pharynx → larynx → alveoli

13. Disposable plastic plates should not be used because-
(a) they are made up of materials
(b) they are made up of toxic materials
(c) they are made up of biodegradable materials
(d) they are made up of non-biodegradable materials

14. From the list given below, choose the dominant character.
(a) Wrinkle seed (b) Short height (c) Green seed (d) Violet flower

15. Which of the following statements is correct about receptors?
(a) Gustatory receptors detect taste while olfactory receptors detect smell.
(b) Both gustatory and olfactory receptors detect smell.
(c) Auditory receptors detect smell and olfactory receptors detect taste.
(d) Olfactory receptors detect taste and gustatory receptors detect smell.

16. Which of the following statements are true for flowers?
i. Flowers are always bisexual
ii. They are the sexual reproductive organs
iii. They are produced in all groups of plants
iv. After fertilisation they give rise to fruits
(a) (i)and(iv) (b) (ii)and(iii) (c) (i)and(iii) (d) (ii)and(iv)

**Two statements are given- one labeled Assertion (A) and the other labeled Reason (R). Select the correct answer to these questions from the codes (a), (b), (c) and (d) as given below:**
(a) Both the assertion and reason are true and reason is the correct explanation of the assertion.
(b) Both the assertion and reason are true but reason is not the correct explanation of the assertion.
(c) Assertion is true but reason is false.
(d) Assertion is false but reason is true

17. **Assertion(A):**The magnetic field is stronger at a point which is nearer to the conductor and goes on decreasing on moving away from the conductor.
**Reason(R):** The magnetic field *B* produced by a straight current carrying wire is inversely proportional to the distance from the wire.

18. **Assertion:** A chemical equation should be balanced.
**Reason:** Number of atoms of each element should be same on reactants as well as products side.

19. **Assertion:** Mendel chose a number of varieties of garden pea as plant material for his experiments.
**Reason:** Garden pea has well defined characters and was bisexual.

20. **Assertion:** The thickest muscle is present in left atrium.
**Reason:** Left atrium receives oxygenated blood from lungs.

### SECTION – B (2 Marks)

21. What would the sky look if the earth had no atmosphere? Why?
22. (i) What is delayed sunset? (ii) How does it occur?
23. Why do herbivores have longer small intestine than carnivores?
24. How are the breathing movements controlled by ribs and diaphragms?
25. What is translocation? Why is it essential for plants?

### SECTION – C (3 Marks)

26. Define optical centre of a spherical lens.
(i) A divergent lens has a focal length of 20 cm. At what distance should an object of height 4 cm from the optical centre of the lens be placed so that its image is formed 10 cm away from the lens. Find the size of the image also.
(ii) Draw a ray diagram to show the formation of image in above situation.

27. (i) Draw the magnetic field lines of the field produced due to a current carrying circular loop.
(ii) State the law used to find the direction of magnetic field around a straight current carrying conductor.

28. Draw the structure of the following compound.
(i) Hexane (ii) Butane (iii)Ethanoic acid

### SECTION – D (5 Marks)

29. Find out the following in the electric circuit given in figure:
(i)Effective resistance of two 8Ω resistors in the combination.
(ii) Current flowing through 4Ω resistor.
(iii)Potential difference across 4Ω resistance.
(iv) Power dissipated in 4Ω resistor.
(v) Difference in ammeter readings, if any.




30. (i) Draw a neat labeled diagram to show budding in hydra.
(ii) Name two bacterial and two viral infections each that can get sexually transmitted.
(iii) List two advantages of using condom during sexual act.

### SECTION – E (4 Marks)

31. **Read the following and answer the questions:**
The communication between the central nervous system and the other parts of the body is facilitated by the peripheral nervous system consisting of cranial nerves arising from the brain and spinal nerves arising from the spinal cord. The brain thus allows us to think and take actions based on that thinking. The brain has three such major parts or regions, namely the fore-brain, mid-brain and hind-brain. The fore-brain is the main thinking part of the brain. It has regions which receive sensory impulses from various receptors. Separate areas of the fore-brain are specialised for hearing, smell, sight and so on. There are separate areas of association where this sensory information is interpreted by putting it together with information from other receptors as well as with information that is already stored in the brain. Based on all this, a decision is made about how to respond and the information is passed on to the motor areas which control the movement of voluntary muscles.



(i) Which system facilitates the communication between the central nervous system and the other parts of the body?
(ii) What are the three major parts of the human brain?
(iii) How a decision is made in brain?

32. **Read the following and answer the questions:**
Is there a relationship between the radius of curvature *R*, and focal length *f*, of a spherical mirror? For spherical mirrors of small apertures, the radius of curvature is found to be equal to twice the focal length. We put this as *R=2f*. This implies that the principal focus of a spherical mirror lies midway between the pole and centre of curvature.




(i)Write relation between radius of curvature and focal length.
(ii) For which type of mirrors above relation is verified?
(iii) What should be size of the aperture?

*****

*All the Best...*

**ANSWER KEY**

| | | | | | | | | |
|---|---|---|---|---|---|---|---|---|
| 1.B | 2.A | 3.C | 4.D | 5.D | 6 .D | 7.D | 8.B | 9 .D |
| 10. C | 11.C | 12.A | 13.D | 14. C | 15. A | 16. D | 17. A | 18.A |
| 19.A | 20.C | | | | | | | |



Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaaschool.in

## ଭାରତ ବିପକ୍ଷ ଏକମାତ୍ର ଟେଷ୍ଟ

# ଅଷ୍ଟ୍ରେଲିଆର ଲଢୁଆ ପ୍ରଦର୍ଶନ

ମୁମ୍ବଇ, ୨୩।୧୨(ଏଜେନ୍ସି)

ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଚାଲିଥିବା ଭାରତ ବିପକ୍ଷ ଏକମାତ୍ର ମହିଳା ଟେଷ୍ଟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଲଢୁଆ ଖେଳ ପ୍ରଦର୍ଶନ କରି ମ୍ୟାଚ୍‌ରେ ତିଷ୍ଠି ରହିଛି। ଏହା ଫଳରେ ରବିବାର ଟେଷ୍ଟର ଚତୁର୍ଥ ତଥା ଶେଷ ଦିନରେ ଏହି ମୁକାବିଲା ରୋମାଞ୍ଚକର ହେବ ବୋଲି ସ୍ପଷ୍ଟ ହୋଇଛି। ଏହି ମ୍ୟାଚ୍‌ରେ ଶନିବାର ଭାରତର ପ୍ରଥମ ପାଳି ୪୦୬ ରନ୍‌ରେ ଶେଷ ହୋଇଥିଲା। ଫଳରେ ଭାରତକୁ ପ୍ରଥମ ପାଳିରେ ୧୮୭ ରନ୍‌ର ଅଗ୍ରଣୀ ମିଳିଥିଲା। ଶନିବାର ତୃତୀୟ ଦିନ ଖେଳ ଶେଷ ବେଳକୁ ଅଷ୍ଟ୍ରେଲିଆ ଦ୍ୱିତୀୟ ପାଳିରେ ୫ ୱିକେଟ ହରାଇ ୨୩୩ ରନ୍ ସଂଗ୍ରହ କରିବାକୁ ସମର୍ଥ ହୋଇଛି। ଫଳରେ ଏହି ମ୍ୟାଚ୍‌ର ଗୋଟିଏ ଦିନ ଖେଳ ଓ ଦ୍ୱିତୀୟ ପାଳିର ୫ଟି ୱିକେଟ ବାକିଥାଇ ଅଷ୍ଟ୍ରେଲିଆ ୪୪ ରନ୍‌ରେ ଆଗୁଆ ରହିଛି। ଏହି ପିଚ୍ ମନ୍ଥର ହୋଇଯାଇଥିଲାବେଳେ ରବିବାର ଅଷ୍ଟ୍ରେଲିଆର ଅପରାଜିତ ବ୍ୟାଟରଙ୍କ ପ୍ରଦର୍ଶନ ଉପରେ ମ୍ୟାଚ୍‌ର ଫଳାଫଳ ନିର୍ଭର କରୁଛି।

ଅଷ୍ଟ୍ରେଲିଆର ଦ୍ୱିତୀୟ ପାଳିରେ ତାହିଲା ମ୍ୟାକ୍‌ଗ୍ରାଥଙ୍କ ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ ଭାରତୀୟ ଦଳକୁ ନିରାଶ କରିଥିଲା। ତାହିଲା ୧୭୭ ବଲ୍ ଖେଳି ୧୦ ଚୌକା ସହ ୭୩ ରନ୍ କରିଥିଲେ। ତାଙ୍କ ସହ ଉପଯୁକ୍ତ ତାଳ ଦେଇ ବ୍ୟାଟିଂ କରିଥିଲେ ଏଲିସେ ପେରୀ ଓ ଆଲିସା ହିଲୀ। ଉପରୋକ୍ତ ଖେଳାଳି ମନ୍ଥର ପିଚ୍‌ରେ ଭାରତୀୟ ସ୍ପିନରଙ୍କୁ ଉଚିତ ମୁକାବିଲା କରି ଅଷ୍ଟ୍ରେଲିଆକୁ ଲଢ଼େଇ କରିବାକୁ ସୁଯୋଗ ଦେଇଛନ୍ତି। ତାହିଲା ଓ ଏଲିସେ ତୃତୀୟ ୱିକେଟରୁ ୮୪ ଏବଂ



ତାହିଲା ଓ ଅଧିନାୟିକା ଆଲିସା ଚତୁର୍ଥ ୱିକେଟରୁ ୬୬ ରନ୍ ଉଠାଇଥିଲେ। ଏଲିସେ ୯୧ ବଲ୍‌ରୁ ୪୫ ଓ ଆଲିସା ୧୦୧ ବଲ୍‌ରୁ ୩୨ ରନ୍ ଉଠାଇଥିଲେ। ତୃତୀୟ ଦିନ ଷ୍ଟମ୍ପ ଅପସାରଣ ବେଳକୁ ଆନ୍ନାବେଲ ସଥରଲାଣ୍ଡ ୧୨ ଓ ଆଶ୍‌ଲେ ଗାର୍ଡନର ୭ ରନ୍‌ରେ ବ୍ୟାଟିଂ କରୁଥିଲେ। ଭାରତ ପକ୍ଷରୁ ସ୍ନେହ ରାଣା ଓ ହରମନପ୍ରୀତ କୌର ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ଭାରତ ତାହାର ଅସମାପ୍ତ ପ୍ରଥମ ଇନିଂସ ୭ ୱିକେଟରେ ୩୭୬ ରନ୍‌ରୁ ଖେଳ ଆରମ୍ଭ କରି ୩୦ ରନ୍ ମଧ୍ୟରେ ଅବଶିଷ୍ଟ ୪ଟି ୱିକେଟ ହରାଇଥିଲା। ଶନିବାର ସକାଳେ ପୂଜା ଭସ୍ତ୍ରାକାରଙ୍କୁ ୪୭ ରନ୍‌ରେ ଆଉଟ କରି ଆନ୍ନାବେଲ ସଥରଲାଣ୍ଡ ୮ମ ୱିକେଟରେ ୧୨୨ ରନ୍‌ର ଭାଗୀଦାରିକୁ ଭାଙ୍ଗିଦେଇଥିଲେ। ଏହା ପରେ ଗାର୍ଥ ମଧ୍ୟ ୭୮ ରନ୍ କରିଥିବା ଦୀପ୍ତି ଶର୍ମାଙ୍କୁ ପାଭିଲିୟନ ଫେରାଇଦେଇଥିଲେ। ଏମାନଙ୍କ ସହ ରେଣୁକା ସିଂ ମଧ୍ୟ ସର୍ଟ୍‌ବଲ୍‌ରେ ଆଉଟ ହୋଇଯାଇଥିଲେ। ଏମାନେ ଆଉଟ ହେବାରୁ ଭାରତ ୭.୩ ଓଭର ଖେଳରେ ଅଲ୍‌ଆଉଟ ହୋଇଯାଇଥିଲା।

ଅଷ୍ଟ୍ରେଲିଆ ପକ୍ଷରୁ ଆସ୍‌ଲେ ଗାର୍ଡନର ସର୍ବାଧିକ ୪ଟି, କିମ୍ ଗାର୍ଥ ଓ ଆନ୍ନାବେଲ ସଥରଲାଣ୍ଡ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ପାଳି : ୨୧୯/୧୦।

ଭାରତ ପ୍ରଥମ ପାଳି : ୪୦୬/୧୦, ୧୨୬.୩ ଓଭର (ଦୀପ୍ତି ଶର୍ମା-୭୮, ସ୍ମୃତି ମନ୍ଧାନା-୭୪, ଜେମିମା ରୋଡ୍ରିଗ୍ସେଜ୍-୭୩, ରିଚା ଘୋଷ-୫୨, ଆଶ୍‌ଲେ ଗାର୍ଡନର-୪/୧୦୦)।

ଅଷ୍ଟ୍ରେଲିଆ ଦ୍ୱିତୀୟ ପାଳି : ୨୩୩/୫, ୯୦ ଓଭର (ତାହିଲା ମ୍ୟାକ୍‌ଗ୍ରାଥ୍- ୭୩, ଏଲିସେ ପେରୀ- ୪୫, ହରମନପ୍ରୀତ କୌର-୨/୨୩, ସ୍ନେହ ରାଣା-୨/୫୪)।

## ବଜରଙ୍ଗଙ୍କ ପରେ ପଦ୍ମଶ୍ରୀ ଫେରାଇଲେ ଗୁଙ୍ଗା ପହେଲବାନ

ନୂଆଦିଲ୍ଲୀ,୨୩।୧୨(ଏଜେନ୍ସି): ଅଲମ୍ପିକ୍ ପଦକ ବିଜେତା ବଜରଙ୍ଗ ପୁନିଆଙ୍କ ପରେ ଆଉ ଜଣେ କୁସ୍ତିଯୋଦ୍ଧା ତାଙ୍କର ପଦ୍ମଶ୍ରୀ ପୁରସ୍କାର ଫେରାଇଛନ୍ତି। ଗୁଙ୍ଗା ପହେଲବାନଙ୍କ ନାମରେ ଜଣାଶୁଣା ଥିବା ବୀରେନ୍ଦ୍ର ସିଂ ଶନିବାର ଏହି ସମ୍ମାନ ଫେରାଇବାକୁ ଘୋଷଣା କରିଛନ୍ତି। ୨୦୨୧ରେ ବିରେନ୍ଦ୍ରଙ୍କୁ ପଦ୍ମଶ୍ରୀ ସମ୍ମାନ ମିଳିଥିଲା। ଭାରତୀୟ କୁସ୍ତି ସଂଘ (ଡବ୍ଲ୍ୟୁଏଫ୍‌ଆଇ) ଅଧ୍ୟକ୍ଷ ଭାବେ ବ୍ରିଜଭୂଷଣ ସିଂଙ୍କ ଅନୁଗତ ସଞ୍ଜୟ ସିଂ ନିର୍ବାଚିତ ହେବା ପରେ ଆସନ୍ତୋଷ ଜାହିର କରିବା ସହ ଏହାକୁ ବିରୋଧ କରି ବଜରଙ୍ଗ ଓ ବୀରେନ୍ଦ୍ର ସିଂ ଏହି ସମ୍ମାନ ଫେରାଇବାକୁ ନିଷ୍ପତ୍ତି ନେଇଛନ୍ତି। ସେହିପରି ଏହାକୁ ବିରୋଧ କରି ଅଲିମ୍ପିକ୍ସ ପଦକ ବିଜୟିନୀ ସାକ୍ଷୀ ମଲିକ ମଧ୍ୟ କୁସ୍ତିରୁ ସନ୍ୟାସ ନେବାକୁ ଘୋଷଣା କରିଥିଲେ।



ମୋ ଭଉଣୀ ଓ ଦେଶର କନ୍ୟାଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପଦ୍ମଶ୍ରୀ ଫେରାଇବି ବୋଲି ସେ ସାମାଜିକ ଗଣମାଧ୍ୟମ ଏକ୍ସରେ ଉଲ୍ଲେଖ କରି ଘୋଷଣା କରିଛନ୍ତି। ଭଉଣୀ ସାକ୍ଷୀ ମଲିକଙ୍କୁ ନେଇ ଗର୍ବ କରେ ବୋଲି ସେ କହିଛନ୍ତି। କ୍ରିକେଟ ଆଇକନ ସଚିନ ତେନ୍ଦୁଲକର ଓ ନୀରଜ ଚୋପ୍ରାଙ୍କୁ ଟ୍ୟାଗ କରି ସେ ଏ ନେଇ ନିଷ୍ପତ୍ତି ନେବାକୁ ଅନୁରୋଧ କରିଛନ୍ତି। ଶୁକ୍ରବାର ପଦ୍ମଶ୍ରୀ ଫେରାଇବା ପରେ ବଜରଙ୍ଗ ଦିଲ୍ଲୀରେ କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧୀଙ୍କୁ ସାକ୍ଷାତ କରିଥିଲେ। କୁସ୍ତିରୁ ସନ୍ୟାସ ନେବାକୁ ଘୋଷଣା କରିସାରିଥିବା ସାକ୍ଷୀ ମଧ୍ୟ ପ୍ରିୟଙ୍କାଙ୍କୁ ଭେଟିଥିଲେ। ଏହି ଲଢେଇରେ କୁସ୍ତିଯୋଦ୍ଧାମାନଙ୍କ ସହ ସାଥିହୋଇ ଛିଡା ହେବାକୁ ପ୍ରିୟଙ୍କା ପ୍ରତିଶ୍ରୁତି ଦେଇଛନ୍ତି। ଏ ସଂକ୍ରାନ୍ତରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର କିଛି କହିବାକୁ ମନା କରିଛନ୍ତି। ପୂର୍ବରୁ ଏହି ମାମଲାରେ ବହୁତ କିଛି କହିସାରିଛି ବୋଲି ସେ କହିଛନ୍ତି। ବୀରେନ୍ଦ୍ର ଡିଫ୍ ଅଲିମ୍ପିକ୍ସରେ ୩ଟି ସ୍ୱର୍ଣ୍ଣ, ଗୋଟିଏ କାଂସ୍ୟ ପଦକ ଜିତିଥିଲେ। ୧୦ ବର୍ଷ ବୟସରୁ ସେ କୁସ୍ତି ଶିଖିବା ଆରମ୍ଭ କରିଥିଲେ।

## ବିଶ୍ୱବିଦ୍ୟାଳୟ ଯୋଗାସନ, ସନ୍ତରଣ ପ୍ରତିଯୋଗିତା ଉଦ୍‌ଯାପିତ



ଭୁବନେଶ୍ୱର, ୨୩।୧୨(ସମିସ)

ଉତ୍ତର-ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ସମୂହର ଯୋଗାସନ ଓ ସନ୍ତରଣ ପ୍ରତିଯୋଗିତା ଶନିବାର ଶେଷ ହୋଇଛି। ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ମହାସଂଘ ଓ କିଟ୍-କିସ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ହୋଇଥିବା ଏହି ପ୍ରତିଯୋଗିତା ୩ଦିନ ଧରି ଆୟୋଜିତ ହୋଇଥିଲା। ସମଗ୍ର ଦେଶର ୨୦୦ ବିଶ୍ୱବିଦ୍ୟାଳୟର ୨,୫୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

ଯୋଗାସନ ପୁରୁଷ ବିଭାଗରେ ଭିୱାନୀର ଚୌଧୁରୀ ବଂଶୀଲାଲ ବିଶ୍ୱବିଦ୍ୟାଳୟ ଓ ମହିଳାରେ ଚଣ୍ଡିଗଡ଼ର ପଞ୍ଜାବ ବିଶ୍ୱବିଦ୍ୟାଳୟ ଦଳଗତ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି। ବ୍ୟକ୍ତିଗତ ପୁରୁଷ ବିଭାଗରେ ଭିୱାନୀର ଅଭିଷେକ ଓ ମହିଳା ବିଭାଗରେ ଚଣ୍ଡିଗଡର ତନିଶା ଚାମ୍ପିଅନ ହୋଇଛନ୍ତି। ଓଡ଼ିଶାରୁ ଦଳଗତ ମହିଳା ବିଭାଗରେ ଭୁବନେଶ୍ୱରର କିଟ୍ ବିଶ୍ୱବିଦ୍ୟାଳୟ ଦ୍ୱିତୀୟସ୍ଥାନ ଅଧିକାର କରି ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛି। ମହିଳା ବ୍ୟକ୍ତିଗତ ବିଭାଗରେ କିଟ୍‌ର ସନ୍ତୋଷ ଜାନି ଓ ଜୁଲି ନାୟକ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସପ୍ତମ ସ୍ଥାନ ଅଧିକାର କରି କିଟ୍ ପୁରୁଷ ଦଳ ଓ ୧୬ତମ ସ୍ଥାନ ଅଧିକାର କରିଥିବେ କିସ୍ ମହିଳା ଦଳ ସର୍ବଭାରତୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

ସନ୍ତରଣ ବିଭାଗରେ ୧୦୦ଟି ବିଶ୍ୱବିଦ୍ୟାଳୟର ୧,୦୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହା ମଧ୍ୟରୁ ଦଳଗତ ବିଭାଗରେ ମୋହାଲିର ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ଓଭରଅଲ ଚାମ୍ପିଅନ ହୋଇଛି। କୋଲକାତାର ଆଦାମସ ଓ ଚଣ୍ଡିଗଡ଼ର ପଞ୍ଜାବ ବିଶ୍ୱବିଦ୍ୟାଳୟ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛି। କିଟ୍ କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ରୀଡ଼ା ବିଭାଗ ଓ କିଟ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସ ଆଣ୍ଡ ଯୋଗିକ୍ ସାଇନ୍ସେସ ସହଯୋଗରେ ଏହି ପ୍ରତିଯୋଗିତା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। କୃତୀ କିଟ୍ ପ୍ରତିଯୋଗୀଙ୍କୁ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

## ଫାଓ ୟୁଥ୍ ଲିଗ୍‌ରେ ଆର୍‌ଡୋର୍, କିଟ୍ ବିଜୟୀ

ଭୁବନେଶ୍ୱର, ୨୩।୧୨ (ସମିସ)

କଟକରେ ଚାଲିଥିବା ଫାଓ ୟୁଥ୍ ଲିଗ୍‌ର ୧୬ତମ ଦିବସରେ ଶନିବାର ୨ଟି ମ୍ୟାଚ୍ ଖେଳାଯାଇଛି। ୧୩ ବର୍ଷରୁ କମ୍ ବର୍ଗର ଏହି ଦୁଇଟି ମ୍ୟାଚରେ ଆର୍‌ଡୋର ଫୁଟ୍‌ବଲ ଏକାଡେମୀ ଓ କିଟ୍-କିସ୍ ଦଳ ବିଜୟ ଲାଭ କରିଛନ୍ତି। ବିଡ଼ାନାସୀ ଗ୍ରାଉଣ୍ଡରେ ଆର୍‌ଡୋର୍ ଫୁଟ୍‌ବଲ ଏକାଡେମୀ ଓ କଳିଙ୍ଗନଗର ସ୍ପୋର୍ଟ୍ସ ଏକାଡେମୀ ସାମ୍ନାସାମ୍ନି ହୋଇଥିଲେ। ଏଥିରେ ଆର୍‌ଡୋର୍ ଏକାଡେମୀ ୩-୦ ଗୋଲରେ ସହଜରେ ଜିତିଥିଲା। ବିଜୟୀ ଦଳର ଆୟୁଷ ଗୋପେ ୨ ଓ ସତ୍ୟଜିତ୍ ସିଂ ଗୋଟିଏ ଗୋଲ୍ ଦେଇଥିଲେ। ସେହିଭଳି ଏଠାରେ ଖେଳାଯାଇଥିବା ଅନ୍ୟ ଏକ ମୁକାବିଲାରେ କିଟ୍-କିସ୍ ଦଳ ୧-୦ ଗୋଲରେ ନୀତା ଫୁଟ୍‌ବଲ ଏକାଡେମୀକୁ ହରାଇଦେଇଛି। ମ୍ୟାଚର ୨୯ତମ ମିନିଟ୍‌ରେ ମାତା ହେମ୍ବ୍ରମ ବିଜୟସୂଚକ ଗୋଲଟି ଦେଇଥିଲେ।



### ତାନ୍‌ଜିମ୍, ଶୋରିଫୁଲ, ସୌମ୍ୟଙ୍କୁ ୩ଟି ଲେଖାଏଁ ୱିକେଟ

# ନ୍ୟୁଜିଲାଣ୍ଡରେ ବାଂଲାର ପ୍ରଥମ ବିଜୟ

ନାପିଏର, ୨୩।୧୨(ଏଜେନ୍ସି)

ନ୍ୟୁଜିଲାଣ୍ଡ ମାଟିରେ କ୍ରମାଗତ ୧୮ଟି ଦିନିକିଆ ମ୍ୟାଚ୍ ହାରିବା ପରେ ବାଂଲାଦେଶ ପ୍ରଥମ ବିଜୟ ହାସଲ କରିଛି। ସ୍ଥାନୀୟ ମ୍ୟାକ୍‌ଲିନ୍ ପାର୍କରେ ଶନିବାର ଖେଳାଯାଇଥିବା ଚଳିତ ସିରିଜ୍‌ର ତୃତୀୟ ତଥା ଶେଷ ଦିନିକିଆରେ ବାଂଲାଦେଶକୁ ଏହି ସଫଳତା ମିଳିଛି। ଏହି ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳାଳି ବିବେଚିତ ତାଞ୍ଜିମ ହାସନ ସାକିବ, ଶୋରିଫୁଲ ଇସ୍‌ଲାମ ଓ ସୌମ୍ୟ ସରକାର ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ନ୍ୟୁଜିଲାଣ୍ଡ ଦଳ ୩୧.୪ ଓଭରରେ ମାତ୍ର ୯୮ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ୪ଜଣ ଖେଳାଳି ଦୁଇ ଅଙ୍କରେ ପହଞ୍ଚିଥିଲାବେଳେ ପ୍ଲେୟର ଅଫ୍ ସିରିଜ୍ ବିବେଚିତ ଓପନର ୱିଲ ୟଙ୍ଗ୍ ସର୍ବାଧିକ ୨୬ ଓ ଅଧିନାୟକ ଟମ୍ ଲାଥମ ୨୧ ରନ୍ କରିଥିଲେ। ଜବାବରେ ବାଂଲାଦେଶ ଓପନର ସୌମ୍ୟ ସରକାର ୪ ରନ୍‌ରେ ରିଟାୟର୍ଡ ହର୍ଟ ହୋଇଥିଲେ ଓ ଅନାମୁଲ ହକ୍ ଏକମାତ୍ର ଖେଳାଳି ଭାବେ ୩୭ ରନ୍ କରି ଆଉଟ ହୋଇଥିଲେ। ସେ ଆଉଟ ହେବା ପୂର୍ବରୁ ଅଧିନାୟକ ନାଜମୋଲ ହୋସେନ ସାଣ୍ଟୋଙ୍କ ସହ ମିଳିତଭାବେ ୮୪ ରନ୍ ଉଠାଇ ଦଳକୁ ବିଜୟର ଦ୍ୱାରଦେଶରେ ପହଞ୍ଚାଇଥିଲେ। ସାଣ୍ଟୋ ୪୨ ବଲ୍‌ରେ ୮ ଚୌକା ସହ ୫୧ ରନ୍‌ରେ ଅପରାଜିତ ରହିଥିଲେ। ଏହି ବିଜୟ ସତ୍ତ୍ୱେ ନ୍ୟୁଜିଲାଣ୍ଡ ପ୍ରଥମ ଦୁଇଟି ଦିନିକିଆ ଜିତି ୨-୧ରେ ସିରିଜ୍ କବ୍‌ଜା କରିଛି। ଦିନିକିଆ ସିରିଜ୍ ଶେଷ ପରେ ଦୁଇଦେଶ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଡିସେମ୍ବର ୨୭ ତାରିଖ ବୁଧବାରରୁ ଖେଳାଯିବ।



### ୱିଲିୟମସନ, ଜାମିସନ ବାଦ୍

ବାଂଲାଦେଶ ବିପକ୍ଷ ଦିନିକିଆ ସିରିଜ୍‌ରୁ ଅଧିନାୟକ କେନ୍ ୱିଲିୟମସନ ଓ ଫାଷ୍ଟ ବୋଲର କାଏଲ ଜାମିସନଙ୍କୁ ନ୍ୟୁଜିଲାଣ୍ଡ ଦଳରୁ ବାଦ୍ ଦିଆଯାଇଛି। ଉଭୟ ଖେଳାଳିଙ୍କୁ ଡାକ୍ତରଙ୍କ ପରାମର୍ଶ ଯୋଗୁଁ ବାଦ୍ ପଡ଼ିଛନ୍ତି। ସେମାନଙ୍କ ଆହତ ସମସ୍ୟା ଏବେ ସୁଦ୍ଧା ସୁଧୁରିନାହିଁ। ଚଳିତ ସିଜନରେ ନ୍ୟୁଜିଲାଣ୍ଡ ପ୍ରତିପକ୍ଷ ବାଂଲାଦେଶ, ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ସହ ଟେଷ୍ଟ ସିରିଜ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏଣୁ ଏହି ଖେଳାଳିଙ୍କୁ ଟି-୨୦ରୁ ବାଦ୍ ଦିଆଯାଇଛି। ଦିନିକିଆ ବିଶ୍ୱକପ୍ ତାରକା ରଚିନ ରବିନ୍ଦ୍ର ଓ ଫାଷ୍ଟ ବୋଲର ଜ୍ୟାକବ ଟଫିଙ୍କୁ ଏମାନଙ୍କ ସ୍ଥାନରେ ଦଳରେ ସାମିଲ କରାଯାଇଛି। ଟି-୨୦ ସିରିଜ୍‌ର ମ୍ୟାଚ୍ ଗୁଡ଼ିକ ନାପିଏର, ମାଉଣ୍ଟ ମାଉଙ୍ଗାନୁଇରେ ଯଥାକ୍ରମେ ଡିସେମ୍ବର ୨୭, ୨୯ ଓ ୩୧ରେ ଖେଳାଯିବ।

**ନ୍ୟୁଜିଲାଣ୍ଡ ଦଳ** : ମିଚେଲ ସାଣ୍ଟନର (ଅଧିନାୟକ), ଫିନ୍ ଆଲେନ୍, ମାର୍କ ଚାପମ୍ୟାନ୍, ଜ୍ୟାକବ ଟଫି, ଆଦାମ ମିଲ୍‌ନେ, ଡାରିଲ ମିଚେଲ, ଜେମ୍ସ ନୀଶାମ୍, ଗ୍ଲେନ୍ ଫିଲିପ୍ସ, ରଚିନ ରବିନ୍ଦ୍ର, ବେନ ସିୟର୍ସ, ଟିମ୍ ସେଇଫର୍ଟ, ଇସ୍ ସୋଧି ଓ ଟିମ୍ ସୌଦୀ।

## ଓଡ଼ିଶା ଓମେନ୍ସ ଲିଗ୍: କିଟ୍, ଓଜିପି ଏକପାଖିଆ ଜିତିଲେ

ଭୁବନେଶ୍ୱର, ୨୩।୧୨ (ସମିସ): ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଚାଲିଥିବା ଓଡ଼ିଶା ଓମେନ୍ସ ଲିଗ୍‌ରେ ଶନିବାର ୨ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ କିଟ୍-କିସ୍ ଦଳ ଓ ଓଜିପି ଦଳ ଏକପାଖିଆ ବିଜୟ ଲାଭ କରିଥିଲେ। ଦିବସର ପ୍ରଥମ ମ୍ୟାଚରେ ଓଜିପି ୩-୧ ଗୋଲରେ ସ୍ପୋର୍ଟ୍ସ ଓଡ଼ିଶାକୁ ପରାସ୍ତ କରିଥିଲା। ଦଳ ପକ୍ଷରୁ ସୁବାସିନୀ ଓରାମ ଦୁଇଟି ଗୋଲ୍ ଦେଇଥିଲେ। ସେହିଭଳି ବର୍ଷା ମହାକୁଡ଼ ଅନ୍ୟତମ ଗୋଲଟି କରିଥିଲେ। ସ୍ପୋର୍ଟ୍ସ ଓଡ଼ିଶା ପକ୍ଷରୁ ଅଞ୍ଜଳ ସିଂ ୧୭ତମ ମିନିଟ୍‌ରେ ଏକମାତ୍ର ଗୋଲି ଶୁଝିଥିଲେ।

ସେହିଭଳି ଦିବସର ୨ୟ ମ୍ୟାଚ୍ କିଟ୍-କିସ୍ ଦଳ ସହ ଆର୍‌ଡୋର୍ ଫୁଟ୍‌ବଲ ଏକାଡେମୀ ମଧ୍ୟରେ ଖେଳାଯିବ। ଏଥିରେ କିଟ୍-କିସ୍ ଦଳ ୫-୦ ଗୋଲରେ ଏକପାଖିଆ ବିଜୟ ଲାଭ କରିଥିଲା। ବିଜୟୀ ଦଳର କୁନି ମୁଣ୍ଡା (ପ୍ରଥମ ଓ ୭୯ତମ ମିନିଟ୍) ଏବଂ କୁନ୍ତି ଭୂମିଆ (୪୩ତମ ଓ ୭୮ତମ ମିନିଟ୍) ୨ଟି ଲେଖାଏ ଗୋଲ୍ ଦେଇଥିଲେ। ୭୭ତମ ମିନିଟ୍‌ରେ ଜ୍ୟୋତ୍ସ୍ନା ମୁଣ୍ଡାରୀ ଅନ୍ୟତମ ଗୋଲଟି ଦେଇଥିଲେ।

## ଭାରତ ବିପକ୍ଷ ଟେଷ୍ଟ ସିରିଜ୍ ପରେ ଅବସର ନେବେ ଏଲଗାର

ଜୋହାନ୍ସବର୍ଗ,୨୩।୧୨(ଏଜେନ୍ସି)

ଦକ୍ଷିଣ ଆଫ୍ରିକା ପୂର୍ବତନ ଅଧିନାୟକ ଡିନ୍ ଏଲ୍‌ଗାର ଶୁକ୍ରବାର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଭାରତ ବିପକ୍ଷ ଘରୋଇ ଟେଷ୍ଟ ସିରିଜ ଖେଳି ସେ କ୍ୟାରିୟର ଶେଷ କରିବେ। ଆସନ୍ତା ୨୬ ତାରିଖରୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଆରମ୍ଭ ହେବ। ସେହିପରି ଜାନୁଆରୀ ୩ରୁ ୭ ତାରିଖ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଖେଳାଯିବ। ସେଞ୍ଚୁରିଅନ ଓ କେପ୍‌ଟାଉନ୍‌ରେ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଖେଳାଯିବ। ଏଥିସହ ଏଲଗାର ଦୀର୍ଘ ୧୧ ବର୍ଷର ଉଜ୍ଜ୍ୱଳମୟ କ୍ୟାରିୟରର ଅନ୍ତ ଘଟିବାକୁ ଯାଉଛି।

୨୦୧୨ରେ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିବା ୩୬ ବର୍ଷୀୟ ଏଲଗାର ୮୪ଟି ଟେଷ୍ଟ ଓ ୮ଟି ଦିନକିଆ ମ୍ୟାଚ୍ ଖେଳିଛନ୍ତି। ଟେଷ୍ଟରେ ସେ ୩୭.୨୮ ହାରରେ ୫,୧୪୬ ରନ ସଂଗ୍ରହ କରିଛନ୍ତି। ଏଥିରେ ୧୩ଟି ଶତକ ଓ ୨୩ଟି ଅର୍ଦ୍ଧଶତକ ସାମିଲ ରହିଛି। ୧୯୯ ହେଉଛି ତାଙ୍କ ବ୍ୟକ୍ତିଗତ ସର୍ବାଧିକ ସ୍କୋର। ସେହିପରି ୮ଟି ଦିନିକିଆ ଖେଳି ସେ ୧୭.୩୩ ହାରରେ ୧୦୪ ରନ ସଂଗ୍ରହ କରିଛନ୍ତି। ସୀମିତ ଓଭର କ୍ରିକେଟ ଅପେକ୍ଷା ସେ ଟେଷ୍ଟ କ୍ରିକେଟକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ୧୭ଟି ଟେଷ୍ଟରେ ସେ ଦକ୍ଷିଣ ଆଫ୍ରିକାର ନେତୃତ୍ୱ ନେଇଥିଲେ। ଇଂଲଣ୍ଡ ଓ ଅଷ୍ଟ୍ରେଲିଆରେ ସେ ଦକ୍ଷିଣ ଆଫ୍ରିକାକୁ ଟେଷ୍ଟ ସିରିଜରେ ଜିତାଇପାରି ନଥିଲେ। ଫଳରେ ତେମ୍ବା ବଭୁମାଙ୍କୁ ନୂଆ ଅଧିନାୟକ ନିଯୁକ୍ତ କରାଯାଇଥିଲା।

ସବୁ ଭଲ ଜିନିଷର ଅନ୍ତ ଘଟିଥାଏ। ଭାରତ ବିପକ୍ଷ ଘରୋଇ ଟେଷ୍ଟ ସିରିଜ କ୍ୟାରିୟରର ଶେଷ ସିରିଜ ହେବ ବୋଲି ସେ ଅବସର ଘୋଷଣା କରି କହିଛନ୍ତି। କେପ୍‌ଟାଉନରେ ଟେଷ୍ଟ ଖେଳି କ୍ୟାରିୟର ଶେଷ କରିବି। ଏଠାରେ ନ୍ୟୁଜିଲାଣ୍ଡ ବିପକ୍ଷରେ କ୍ୟାରିୟରର ପ୍ରଥମ ରନ ସଂଗ୍ରହ କରିଥିଲି ଓ ଏବେ ଶେଷ ରନ୍ ସଂଗ୍ରହ କରିବି ବୋଲି ସେ ଆଶାପ୍ରକାଶ କରି କହିଛନ୍ତି। କ୍ରିକେଟ ଖେଳିବା ମୋ ପାଇଁ ଏକ ବଡ଼ ସ୍ୱପ୍ନ ଥିଲା। ଦେଶ ପାଇଁ ଖେଳିବା ମୋର ଅନ୍ତିମ ଲକ୍ଷ୍ୟ ରହିଥିଲା। ଦୀର୍ଘ ୧୨ ବର୍ଷ ଧରି ଦକ୍ଷିଣ ଆଫ୍ରିକା ପାଇଁ କ୍ରିକେଟ ଖେଳିବା ମୋ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ସେ କହିଛନ୍ତି।

# ଖୋ ଖୋ' ଖେଳର ଗାଁ ଶରଧାପୁର

ଓଡ଼ିଶାରେ ହକି କହିଲେ ସାଧାରଣତଃ ସମସ୍ତେ ସୁନ୍ଦରଗଡ଼କୁ ବୁଝିଥାନ୍ତି। କିନ୍ତୁ କ୍ରିକେଟ୍ ପାଗଳ ଯୁଗରେ ରାଜ୍ୟରେ ଏମିତି ଏକ ଗ୍ରାମ ଅଛି ଯେଉଁଠାରେ ଯୁବକ ଯୁବତୀ ଗ୍ରାମୀଣ ଖେଳ ଭାବେ ପରିଚିତ ଖୋ ଖୋ ଖେଳିବାକୁ ପସନ୍ଦ କରିଥାନ୍ତି। ଏହି ଗାଁ ହେଉଛି ଶରଧାପୁର। କଟକ ଜିଲ୍ଲାରୁ ୧୩୦ କିମି ଦୂରରେ ନରସିଂହପୁର ବ୍ଲକରେ ଶରଧାପୁର ଗ୍ରାମ ଅବସ୍ଥିତ। ଯେଉଁଠାରୁ ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ଖୋ ଖୋ ଖେଳାଳି ଓଡ଼ିଶା ପକ୍ଷରୁ ବିଭିନ୍ନବର୍ଗରେ ପ୍ରତିନିଧିତ୍ୱ କରିସାରିଛନ୍ତି। ସଦ୍ୟତମ ଖେଳାଳି ଭାବେ ଦୀପକ କୁମାର ସାହୁ ଗୋଆରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ାରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରି ରୌପ୍ୟ ପଦକ ଜିତିଥିଲେ। ସେହିଭଳି ଦୀପକ ବର୍ତ୍ତମାନ ଫ୍ରାଞ୍ଚାଇଜଭିତ୍ତିକ ଲୋକପ୍ରିୟ ଖୋ ଖୋ ପ୍ରତିଯୋଗିତା 'ଅଲ୍ଟିମେଟ୍ ଖୋ ଖୋ'ର ଦ୍ୱିତୀୟ ସଂସ୍କରଣରେ ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ଜଗରନଟ୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି।

ଶରଧାପୁର ହାଇସ୍କୁଲର ଖେଳ ଶିକ୍ଷକ ବୃନ୍ଦାବନ ସାହୁ ଗ୍ରାମରେ ଖୋ ଖୋ' ଖେଳର ବିଦ୍ଧାଣୀ ଭାବେ ପରିଚିତ। ବୃନ୍ଦାବନ ସାରଙ୍କ ଅଦ୍ୟମ ପ୍ରଚେଷ୍ଟାରେ ସ୍କୁଲସ୍ତରରୁ ହିଁ ପ୍ରଥମେ ଖୋ ଖୋ ଖେଳାଳି ତିଆରି ହୋଇଥାନ୍ତି। ସ୍କୁଲରେ ପିଲାମାନଙ୍କୁ ଖୋ ଖୋ ଖେଳିବାକୁ ସେ ପ୍ରେରଣା ଯୋଗାଇବା ସହ ପ୍ରଶିକ୍ଷଣ ଦେଇଥାନ୍ତି। ଯାହା ଫଳରେ ବହୁ କମ୍ ବୟସରୁ ଯୁବ ପ୍ରତିଭାମାନ ସୃଷ୍ଟି ହୋଇଥାନ୍ତି। ସେମାନେ ପ୍ରଥମେ ବିଦ୍ୟାଳୟ କ୍ରୀଡ଼ାରେ ପ୍ରତିନିଧିତ୍ୱ କରି ବିଭିନ୍ନ ପ୍ରକାର ମିଟ୍‌ରେ ଅଂଶଗ୍ରହଣ ସହ ଜିଲ୍ଲା ଓ ପରେ ରାଜ୍ୟ ଦଳରେ ଖେଳିବାର ସୁଯୋଗ ପାଇଥାନ୍ତି। ଏହିକ୍ରମରେ ପରବର୍ତ୍ତୀ ସମୟରେ ସେମାନେ ରାଜ୍ୟ ପକ୍ଷରୁ ଉପ-କନିଷ୍ଠ, କନିଷ୍ଠ ଓ ବରିଷ୍ଠ ଦଳରୁ ପ୍ରତିନିଧିତ୍ୱ କରିଥାନ୍ତି। ଅଦ୍ୟାବଧି ଗ୍ରାମର ୨୫ରୁ ଊର୍ଦ୍ଧ୍ୱ ଖେଳାଳି ରାଜ୍ୟ ପକ୍ଷରୁ ବିଭିନ୍ନବର୍ଗରେ ପ୍ରତିନିଧିତ୍ୱ କରିସାରିଛନ୍ତି। ସେମାନଙ୍କ ମଧ୍ୟରେ ରାମଚନ୍ଦ୍ର ବେହେରା ଓ ଜିତେନ୍ଦ୍ର ବେହେରା ୨୦୧୫ରେ ଓଡ଼ିଶା ପକ୍ଷରୁ ସମ୍ମାନଜନକ ଜାତୀୟ କ୍ରୀଡ଼ାରେ ଖେଳିବାର ସୌଭାଗ୍ୟ ଲାଭ କରିଥିଲେ। ସେହିବର୍ଷ ହିଁ ଓଡ଼ିଶା ପ୍ରଥମଥର ଖୋ ଖୋ କ୍ରୀଡ଼ାରେ ଜାତୀୟ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନ କରିଥିଲା। ଉଭୟ ରାମଚନ୍ଦ୍ର ଓ ଜିତେନ୍ଦ୍ର ବର୍ତ୍ତମାନ ବାହାରେ କର୍ମକ୍ଷେତ୍ରରେ ବ୍ୟସ୍ତ ରହୁଥିଲେ ମଧ୍ୟ ଯେବେ ବି ଗ୍ରାମକୁ ଯାଆନ୍ତି ଅପରାହ୍ଣରେ ସ୍କୁଲ ପଡ଼ିଆରେ ପିଲାମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରି ନୂଆ ଖେଳାଳି ତିଆରି କରିବାରେ ସହଯୋଗ କରିଥାନ୍ତି।

### 'ନର୍ଭସ ଅଛି; ତଥାପି ଭଲ ଖେଳିବି'

ଏହି ଶରଧାପୁର ଗ୍ରାମର ଦୀପକ ସାହୁ ଅଲ୍ଟିମେଟ୍ ଖୋ ଖୋ'ର ଦ୍ୱିତୀୟ ସଂସ୍କରଣରେ ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ଜଗରନଟ୍ସ ପକ୍ଷରୁ ଖେଳିବାକୁ ସୁଯୋଗ ପାଇଛନ୍ତି। ଦୀପକ ନିକଟରେ ଗୋଆରେ ଶେଷ ହୋଇଥିବା ଜାତୀୟ କ୍ରୀଡ଼ାରେ ରୌପ୍ୟ ବିଜୟୀ ଓଡ଼ିଶା ଦଳର ସଦସ୍ୟ ରହିଥିଲେ। ଖେଳାଳି ନିଲାମୀରେ ଜଗରନଟ୍ସ ଦୀପକଙ୍କୁ ୨ ଲକ୍ଷ ଟଙ୍କାରେ କ୍ରୟ କରିଥିଲା। ମାତ୍ର ୮ମ ଶ୍ରେଣୀରୁ ଖୋ ଖୋ'ରେ ରାଜ୍ୟ ଉପ-କନିଷ୍ଠ ଦଳରୁ ଖେଳିବା ଆରମ୍ଭ କରିଥିବା ଦୀପକ ଏହି ସଫଳ ଯାତ୍ରାର ଶ୍ରେୟ ବାପା ଦିବାକର ସାହୁ, ମା ପ୍ରମୋଦିନୀ ସାହୁଙ୍କ ସମେତ ଖେଳ ଶିକ୍ଷକ ବୃନ୍ଦାବନ ସାହୁ, ଗ୍ରାମର ଦୁଇ ବଡ଼ ଭାଇ ରାମଚନ୍ଦ୍ର ଓ ଜିତେନ୍ଦ୍ରଙ୍କୁ ଦେଇଛନ୍ତି। ଦୀପକଙ୍କ ମତରେ, 'ଗ୍ରାମର ନିମ୍ନ ମଧ୍ୟବିତ୍ତ ପିଲାଙ୍କ ଲାଗି କ୍ରିକେଟ୍, ଫୁଟ୍‌ବଲ୍ ଆଦି ଖେଳିବା ସମ୍ଭବ ହୋଇ ନ ଥାଏ। କାହିଁକି ନା ଏହି ଖେଳରେ ସାଧାରଣତଃ ବିଭିନ୍ନ ସରଞ୍ଜାମ ଯଥା ଜୋତା, ବ୍ୟାଟ୍, ପ୍ୟାଡ୍, ହେଲ୍‌ମେଟ୍ ଆଦିର ଆବଶ୍ୟକତା ହୋଇଥାଏ। ତେଣୁ ଗ୍ରାମର ପିଲାଙ୍କୁ ଖୋ ଖୋ ଖେଳିବାକୁ ପ୍ରୋତ୍ସାହିତ କରାଯାଇଥାଏ। ମାତ୍ର ଦୁଇଗୋଟି ଖୁଣ୍ଟ ସହାୟତାରେ ହିଁ ଖୋ ଖୋ ଖେଳାଯାଇଥାଏ। ଦୁଇ ବଡ଼ ଭାଇ ରାମଚନ୍ଦ୍ର ଓ ଜିତେନ୍ଦ୍ର ସ୍କୁଲ ଛୁଟି ପରେ ଗ୍ରାମର ପିଲାମାନଙ୍କୁ ଖୋ ଖୋ ପ୍ରଶିକ୍ଷଣ ଦେଇଥାନ୍ତି। ଅପରାହ୍ଣ ୪ଟାରୁ ୬ଟା ପର୍ଯ୍ୟନ୍ତ ଆମେ ହାଇସ୍କୁଲ ପଡ଼ିଆରେ ଖୋ ଖୋ ଅଭ୍ୟାସ କରିଥାଉ' ବୋଲି ଦୀପକ କହିଛନ୍ତି। ଓଡ଼ିଶା ଜଗରନଟ୍ସକୁ ନେଇ ଦୀପକ କହିଛନ୍ତି, 'ପ୍ରଥମଥର ଅଲ୍ଟିମେଟ୍ ଖୋ ଖୋ ଭଳି ଏତେବଡ଼ ପ୍ରତିଯୋଗିତାରେ ଖେଳିବାର ସୁଯୋଗ ପାଇଛି। ଡିଫେଣ୍ଡିଂ ଚାମ୍ପିଅନ ଦଳରେ ସ୍ଥାନ ପାଇଥିବାରୁ ବହୁତ ଖୁସି ଅଛି କିନ୍ତୁ ନର୍ଭସ ମଧ୍ୟ ଲାଗୁଛି। ଦଳରେ ମୋତେ ଗୁରୁତ୍ୱପୂର୍ଣ୍ଣ 'ୱାଜିର' ପୋଜିସନ ଦିଆଯାଇଛି। ଦଳ ପାଇଁ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିବି।'



ଦୀପକ ସାହୁ

(ରିପୋର୍ଟ: ତୁଷାର ସେନାପତି)

# ଆଜିଠୁ କଟକରେ ଅଲ୍ଟିମେଟ୍ ଖୋ ଖୋ

## ■ ଯୋଗଦେବେ ୬ ଫ୍ରାଞ୍ଚାଇଜର ୧୪୫ ଖେଳାଳି
## ■ ଚାମ୍ପିଅନ ଜଗରନଟ୍ସ-ୱାରିୟର୍ସ ଉଦ୍‌ଘାଟନୀ ଲଢ଼େଇ

ଭୁବନେଶ୍ୱର, ୨୩।୧୨ (ସମିସ)

ଗ୍ରାମାଞ୍ଚଳ କ୍ରୀଡ଼ା ଭାବେ ପରିଚିତ ଖୋ ଖୋ'ର ଫ୍ରାଞ୍ଚାଇଜଭିତ୍ତିକ ପ୍ରତିଯୋଗିତା ଅଲ୍ଟିମେଟ୍ ଖୋ ଖୋ'ର ଦ୍ୱିତୀୟ ସଂସ୍କରଣ ରବିବାରଠାରୁ କଟକର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଆରମ୍ଭ ହେବାକୁ ଯାଉଛି। ପ୍ରଥମ ସଂସ୍କରଣରେ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଥିବା ଓଡ଼ିଶା ଜଗରନଟ୍ସ ଓ ରାଜସ୍ଥାନ ୱାରିୟର୍ସ ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ଖେଳାଯିବ। ଯାହାକୁ ନେଇ ରାଜ୍ୟର କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। କ୍ରିକେଟ୍, ହକି, ଫୁଟ୍‌ବଲ ପରେ ରାଜ୍ୟରେ ଆଉ ଏକ ଫ୍ରାଞ୍ଚାଇଜଭିତ୍ତିକ କ୍ରୀଡ଼ା ପ୍ରତିଯୋଗିତା ଅଲ୍ଟିମେଟ୍ ଖୋ ଖୋ'କୁ ଏଥର ଓଡ଼ିଶାବାସୀ ସିଧାସଳଖ ଦେଖିବାର ସୁଯୋଗ ପାଇଛନ୍ତି।

ଭାରତୀୟ ଖୋ ଖୋ ମହାସଂଘର ସହଭାଗିତାରେ ଅମିତ୍ ବର୍ମନଙ୍କ ଦ୍ୱାରା ପରିକଳ୍ପିତ ଅଲ୍ଟିମେଟ୍ ଖୋ ଖୋ'ର ପ୍ରଥମ ସଂସ୍କରଣ ୨୦୨୨ରେ ପୁଣେର ବାଲେୱାଡିସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଖେଳାଯାଇଥିଲା। ଓଡ଼ିଶା ସରକାରଙ୍କ ମାଲିକାନାରେ ଥିବା ଓଡ଼ିଶା ଜଗରନଟ୍ସ ଅତ୍ୟନ୍ତ ଚମତ୍କାର ପ୍ରଦର୍ଶନ କରି ଫାଇନାଲରେ ତେଲୁଗୁ ଯୋଦ୍ଧାସକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଦ୍ୱିତୀୟ ସଂସ୍କରଣ ଆରମ୍ଭ ପୂର୍ବରୁ ଅଲ୍ଟିମେଟ୍ ଖୋ ଖୋ'ର ସିଇଓ ଓ କମିଶନର ତେଞ୍ଜିଙ୍ଗ ନିୟୋଗୀ ଶନିବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, 'ଉଦ୍‌ଘାଟନୀ ସଂସ୍କରଣରେ ଏହି ପ୍ରତିଯୋଗିତା ଅତୁଳନୀୟ ସଫଳତା ହାସଲ କରିଥିଲା। ଟେଲିଭିଜନ ଓ ଓଟିଟି ପ୍ଲାଟଫର୍ମରେ କେବଳ ଭାରତରୁ ୪୧ ମିଲିୟନ ଦର୍ଶକ ଏବଂ ୬୪ ମିଲିୟନ ଅନ୍ତର୍ଜାତୀୟ ଦର୍ଶକ ଏହାକୁ ଉପଭୋଗ କରିଥିଲେ। ତେଣୁ କଟକରେ ହେବାକୁ ଥିବା ୨ୟ ସଂସ୍କରଣକୁ ଅସାଧାରଣ ଭାବେ ପରିଣତ କରିବା ପାଇଁ ଆମକୁ ଦାୟିତ୍ୱ ବଢ଼ାଇଦେଇଛି। ଏହି ଚମତ୍କାର ଖେଳ ପାଇଁ ଉଭୟ କ୍ରୀଡ଼ାପ୍ରେମୀ ଓ କର୍ପୋରେଟ ସଂସ୍ଥାଗୁଡ଼ିକ ପ୍ରଦର୍ଶିତ କରିଥିବା ଉତ୍ସାହ ଲିଗ୍ ସହ ଜଡ଼ିତ ଥିବା ସମସ୍ତ ବ୍ୟକ୍ତିଙ୍କ ପାଇଁ ଏକ ପ୍ରେରଣା ଭାବେ ପ୍ରମାଣିତ ହୋଇଛି। ଚଳିତବର୍ଷ ଏହାର ଭ୍ୟୁୟରଶିପ୍ ଆହୁରି ବଢ଼ିବ ବୋଲି ଆମର ଆଶା ରହିଛି। ସେହିଭଳି ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱକୁ ନିୟୋଗୀ ବେଶ୍ ପ୍ରଶଂସା କରିଛନ୍ତି। 'ଓଡ଼ିଶା ଗତ ଦଶନ୍ଧି ମଧ୍ୟରେ କ୍ରୀଡ଼ାକୁ ସମର୍ଥନ କରିବା କ୍ଷେତ୍ରରେ ଏକ ପ୍ରମୁଖ ସ୍ଥାନ ଅଧିଗ୍ରହଣ କରିଛି। ଓଡ଼ିଶା ପ୍ରଶାସନ ରାଜ୍ୟରେ ଏକ ଖୋ ଖୋ ଉଚ୍ଚ ପ୍ରଦର୍ଶନକ୍ଷମ କେନ୍ଦ୍ର (ଏଚ୍‌ପିସି) କେନ୍ଦ୍ର ପ୍ରତିଷ୍ଠା କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ କାରଣରୁ ବର୍ତ୍ତମାନ ଓଡ଼ିଶା ଦେଶରେ କ୍ରୀଡ଼ାକୁ ଅନୁସରଣ କରିବା କ୍ଷେତ୍ରରେ ଏକଅଗ୍ରଗାମୀ ଦୁର୍ଗ ଭାବେ ଛିଡ଼ା ହୋଇଛି। ରାଜ୍ୟ ସରକାର ଅନେକ ସମ୍ମାନଜନକ ଇଭେଣ୍ଟର ଆୟୋଜନ କରିଛନ୍ତି, ଯାହାଫଳରେ ଏକ ଅନ୍ତର୍ଜାତୀୟ ଅନୁସରଣ ସୃଷ୍ଟି ହୋଇଛି। କଟକ ଓ ସମଗ୍ର ଦେଶର ଲୋକମାନଙ୍କୁ ଏଠାକୁ ଆସି ଉଚ୍ଚମାନର ଖେଳର ସାକ୍ଷୀ ହେବାପାଇଁ ସମସ୍ତଙ୍କୁ ଆବେଦନ କରୁଛି' ବୋଲି ନିୟୋଗୀ ଏହି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସଙ୍କ ସମେତ ଅଂଶଗ୍ରହଣକାରୀ ୬ ଦଳର ଅଧିନାୟକ ଉପସ୍ଥିତ ରହିଥିଲେ।



୬ ଦଳର ଅଧିନାୟକଙ୍କ ସହ ସିଇଓ ତେଞ୍ଜିଗ ନିୟୋଗୀ ଓ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ

**୬ଟି ଫ୍ରାଞ୍ଚାଇଜରେ ୧୪୫ ଖେଳାଳି:** ପ୍ରଥମ ସଂସ୍କରଣ ଭଳି ଅଲ୍ଟିମେଟ୍ ଖୋ ଖୋ'ର ୨ୟ ସଂସ୍କରଣରେ ୬ଟି ଫ୍ରାଞ୍ଚାଇଜ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶା ସରକାରଙ୍କ ମାଲିକାନାରେ ଥିବା ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ଜଗରନଟ୍‌ସ ସମେତ ରାଜସ୍ଥାନ ୱାରିୟର୍ସ (କାପ୍ରି ଗ୍ଲୋବାଲ ସ୍କୁଲ ମାଲିକାନାରେ ରହିଛି), ଚେନ୍ନାଇ କୁଇକ୍ ଗନ୍ସ (କେଏଲ୍‌ଓ ସ୍ପୋର୍ଟ୍ସ ମାଲିକାନା), ଗୁଜରାଟ ଜାଏଣ୍ଟସ (ଆଦାନି ସ୍ପୋର୍ଟ୍ସ ଲାଇନ), ମୁମ୍ବାଇ ଖିଲାଡିସ (ପୁନିତ୍ ବାଲାନ ଗ୍ରୁପ୍) ଓ ଗତ ସଂସ୍କରଣର ଉପବିଜେତା ତେଲୁଗୁ ଯୋଦ୍ଧାସ (ଜିଏମ୍‌ଆର୍ ସ୍ପୋର୍ଟ୍ସ) ଏଥର ଲଢ଼େଇରେ ଅବତୀର୍ଣ୍ଣ ହେବେ। ଅଂଶଗ୍ରହଣକାରୀ ୬ଟି ଫ୍ରାଞ୍ଚାଇଜ ଖେଳାଳି ନିଲାମୀରେ ମୋଟ୍ ୧୪୫ଜଣ ଖେଳାଳିଙ୍କୁ କ୍ରୟ କରିଛନ୍ତି। ଯେଉଁମାନଙ୍କ ମଧ୍ୟରେ ୧୬ରୁ ୧୮ ବର୍ଷ ମଧ୍ୟରେ ୩୩ଜଣ ଖେଳାଳି ରହିଛନ୍ତି। ପ୍ରତ୍ୟେକ ଦଳ ଖେଳାଳି ନିଲାମୀରେ ୬୫ ଲକ୍ଷ ମଧ୍ୟରେ କ୍ରୟ କରିବାର ନିୟମ ରହିଥିଲା। ଏଥିରେ ଗତ ସଂସ୍କରଣର ରିଟେନ ଖେଳାଳିଙ୍କୁ ୬ଲକ୍ଷ, ଗ୍ରେଡ୍-ଏ'ରେ ଥିବା ଖେଳାଳିଙ୍କୁ ୫ ଲକ୍ଷ, ଗ୍ରେଡ୍-ବି ୩ ଲକ୍ଷ, ଗ୍ରେଡ୍-ସି ୨ ଲକ୍ଷ ଏବଂ ଗ୍ରେଡ୍-ଡି'ରେ ଯେଉଁ ଖେଳାଳି ରହିଛନ୍ତି ସେମାନେ ୧ ଲକ୍ଷ ଟଙ୍କାରେ କ୍ରୟ ହୋଇଛନ୍ତି।

**୬ ଦଳରେ ୧୨ ଓଡ଼ିଆ:** ଚଳିତ ଅଲ୍ଟିମେଟ୍ ଖୋ ଖୋ'ର ଦ୍ୱିତୀୟ ସଂସ୍କରଣରେ ଅଂଶଗ୍ରହଣକାରୀ ୬ ଦଳରେ ମୋଟ୍ ୧୨ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରୁ ଓଡ଼ିଶା ଜଗରନଟ୍ସରେ ସର୍ବାଧିକ ୫ଜଣ ରହିଛନ୍ତି। ସେମାନେ ହେଲେ ଦୀପକ କୁମାର ସାହୁ, ସିଦ୍ଧେଶ୍ୱର ଟୁଡୁ, ନିରଞ୍ଜନ ସାମଲ, ବିଶାଳ ଓରାମ ଓ ଦେବେନ୍ଦ୍ର ନାଥ। ସେହିଭଳି ରାଜସ୍ଥାନ ୱାରିୟର୍ସରେ ଜଗନ୍ନାଥ ଦାସ ଓ ଜଗନ୍ନାଥ ମୁର୍ମୁ, ମୁମ୍ବାଇ ଖିଲାଡିସରେ ସୁନିଲ ପାତ୍ର, ଗୁଜରାଟ ଜାଏଣ୍ଟ୍‌ସରେ ଭରତ କୁମାର ଓ ପବନ ଶବର, ଚେନ୍ନାଇ କୁଇକ ଗନ୍ସରେ ଅର୍ଜୁନ ସିଂ ଓ ତେଲୁଗୁ ଯୋଦ୍ଧାସରେ ଲିପୁନ ମୁଖି ଖେଳୁଛନ୍ତି।

**୧୮ ଦିନରେ ୩୦ ମ୍ୟାଚ୍:** ରବିବାରଠାରୁ ଆରମ୍ଭ ହେବାକୁ ଥିବା ଏହି ପ୍ରତିଯୋଗିତା ୨୧ ଦିନ ଧରି କଟକରେ ଚାଲିବ। ଯେଉଁଥିରେ ଫାଇନାଲକୁ ମିଶାଇ ୩୪ ମ୍ୟାଚ୍ ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ୨ଟି ଓ ଜାନୁଆରୀ ୧୩ରେ ଗ୍ରାଣ୍ଡ ଫାଇନାଲ ଖେଳାଯିବ। ରାଉଣ୍ଡରବିନ ଭିତ୍ତିରେ ପ୍ରତ୍ୟେକ ଦଳ ପରସ୍ପରକୁ ଦୁଇଥର ଭେଟିବେ। ଏହାପରେ ଶ୍ରେଷ୍ଠ-୪ ଦଳ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ। ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କରେ ସମସ୍ତ ମ୍ୟାଚର ସିଧାପ୍ରସାରଣ କରାଯିବ।

### ୨୧ ଦିନର କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ସମୟ |
|---|---|---|
| ୨୪।୧୨ | ଓଡ଼ିଶା ଜଗରନଟ୍ସ-ରାଜସ୍ଥାନ ୱାରିୟର୍ସ | ରାତି ୭ଟା |
| ୨୪।୧୨ | ତେଲୁଗୁ ଯୋଦ୍ଧାସ-ମୁମ୍ବାଇ ଖିଲାଡିସ | ରାତି ୮ଟା ୩୦ |
| ୨୫।୧୨ | ରାଜସ୍ଥାନ ୱାରିୟର୍ସ-ଗୁଜରାଟ ଜାଏଣ୍ଟ୍‌ସ | ରାତି ୭ଟା |
| ୨୫।୧୨ | ଚେନ୍ନାଇ କୁଇକ୍ ଗନ୍ସ-ତେଲଗୁ ଯୋଦ୍ଧାସ | ରାତି ୮ଟା ୩୦ |
| ୨୬।୧୨ | ଗୁଜରାଟ ଜାଏଣ୍ଟ୍‌ସ-ମୁମ୍ବାଇ ଖିଲାଡିସ | ରାତି ୭ଟା |
| ୨୬।୧୨ | ଓଡ଼ିଶା ଜଗରନଟ୍ସ-ଚେନ୍ନାଇ କୁଇକ୍ ଗନ୍ସ | ରାତି ୮ଟା ୩୦ |
| ୨୭।୧୨ | ତେଲଗୁ ଯୋଦ୍ଧାସ-ରାଜସ୍ଥାନ ୱାରିୟର୍ସ | ରାତି ୭ଟା |
| ୨୭।୧୨ | ମୁମ୍ବାଇ ଖିଲାଡିସ-ଓଡ଼ିଶା ଜଗରନଟ୍ସ | ରାତି ୮ଟା ୩୦ |
| ୨୯।୧୨ | ରାଜସ୍ଥାନ ୱାରିୟର୍ସ-ଚେନ୍ନାଇ କୁଇକ୍ ଗନ୍ସ | ରାତି ୭ଟା |
| ୨୯।୧୨ | ଗୁଜରାଟ ଜାଏଣ୍ଟ୍‌ସ-ତେଲୁଗୁ ଯୋଦ୍ଧାସ | ରାତି ୮ଟା ୩୦ |
| ୩୦।୧୨ | ଚେନ୍ନାଇ କୁଇକ୍ ଗନ୍ସ-ମୁମ୍ବାଇ ଖିଲାଡିସ | ରାତି ୭ଟା |
| ୩୦।୧୨ | ଓଡ଼ିଶା ଜଗରନଟ୍ସ-ଗୁଜରାଟ ଜାଏଣ୍ଟ୍‌ସ | ରାତି ୮ଟା ୩୦ |
| ୩୧।୧୨ | ଓଡ଼ିଶା ଜଗରନଟ୍ସ-ତେଲୁଗୁ ଯୋଦ୍ଧାସ | ରାତି ୭ଟା |
| ୩୧।୧୨ | ମୁମ୍ବାଇ ଖିଲାଡିସ-ରାଜସ୍ଥାନ ୱାରିୟର୍ସ | ରାତି ୮ଟା ୩୦ |
| ୧।୧ | ଗୁଜରାଟ ଜାଏଣ୍ଟ୍‌ସ-ଚେନ୍ନାଇ କୁଇକ୍ ଗନ୍ସ | ରାତି ୭ଟା |
| ୧।୧ | ରାଜସ୍ଥାନ ୱାରିୟର୍ସ-ତେଲୁଗୁ ଯୋଦ୍ଧାସ | ରାତି ୮ଟା ୩୦ |
| ୨।୧ | ଓଡ଼ିଶା ଜଗରନଟ୍ସ-ଚେନ୍ନାଇ କୁଇକ୍ ଗନ୍ସ | ରାତି ୭ଟା |
| ୨।୧ | ମୁମ୍ବାଇ ଖିଲାଡିସ-ଗୁଜରାଟ ଜାଏଣ୍ଟ୍‌ସ | ରାତି ୮ଟା ୩୦ |
| ୩।୧ | ତେଲୁଗୁ ଯୋଦ୍ଧାସ-ମୁମ୍ବାଇ ଖିଲାଡିସ | ରାତି ୭ଟା |
| ୩।୧ | ଓଡ଼ିଶା ଜଗରନଟ୍ସ-ରାଜସ୍ଥାନ ୱାରିୟର୍ସ | ରାତି ୮ଟା ୩୦ |
| ୫।୧ | ଚେନ୍ନାଇ କୁଇକ ଗନ୍ସ-ତେଲୁଗୁ ଯୋଦ୍ଧାସ | ରାତି ୭ଟା |
| ୫।୧ | ଗୁଜରାଟ ଜାଏଣ୍ଟ୍‌ସ-ରାଜସ୍ଥାନ ୱାରିୟର୍ସ | ରାତି ୮ଟା ୩୦ |
| ୬।୧ | ଓଡ଼ିଶା ଜଗରନଟ୍ସ-ଗୁଜରାଟ ଜାଏଣ୍ଟ୍‌ସ | ରାତି ୭ଟା |
| ୬।୧ | ମୁମ୍ବାଇ ଖିଲାଡିସ-ଚେନ୍ନାଇ କୁଇକ୍ ଗନ୍ସ | ରାତି ୮ଟା ୩୦ |
| ୭।୧ | ରାଜସ୍ଥାନ ୱାରିୟର୍ସ-ମୁମ୍ବାଇ ଖିଲାଡିସ | ରାତି ୭ଟା |
| ୭।୧ | ଓଡ଼ିଶା ଜଗରନଟ୍ସ-ତେଲୁଗୁ ଯୋଦ୍ଧାସ | ରାତି ୮ଟା ୩୦ |
| ୮।୧ | ତେଲୁଗୁ ଯୋଦ୍ଧାସ-ଗୁଜରାଟ ଜାଏଣ୍ଟ୍‌ସ | ରାତି ୭ଟା |
| ୮।୧ | ଚେନ୍ନାଇ କୁଇକ ଗନ୍ସ-ରାଜସ୍ଥାନ ୱାରିୟର୍ସ | ରାତି ୮ଟା ୩୦ |
| ୯।୧ | ଓଡ଼ିଶା ଜଗରନଟ୍ସ-ମୁମ୍ବାଇ ଖିଲାଡିସ | ରାତି ୭ଟା |
| ୯।୧ | ଚେନ୍ନାଇ କୁଇକ୍ ଗନ୍ସ-ଗୁଜରାଟ ଜାଏଣ୍ଟ୍‌ସ | ରାତି ୮ଟା ୩୦ |
| ୧୧।୧ | ପ୍ରଥମ ଓ ୨ୟ ସେମିଫାଇନାଲ | |
| ୧୩।୧ | ଫାଇନାଲ | |

ସିଧା ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ

### ସଂକ୍ଷେପରେ ୬ ଦଳ

| ଦଳ | ଅଧିନାୟକ | ୨୦୨୨ର ପୋଜିସନ |
|---|---|---|
| ଓଡ଼ିଶା ଜଗରନଟ୍ସ | ଦୀପେଶ ମୋରେ | ଚାମ୍ପିଅନ |
| ତେଲୁଗୁ ଯୋଦ୍ଧାସ | ପ୍ରତୀକ ୱାଇକର | ରନର୍ସଅପ୍ |
| ଚେନ୍ନାଇ କୁଇକ୍ ଗନ୍ସ | ଅମିତ୍ ପାଟିଲ | ତୃତୀୟ |
| ଗୁଜରାଟ ଜାଏଣ୍ଟ୍‌ସ | ଅକ୍ଷୟ ଭାଙ୍ଗରେ | ଚତୁର୍ଥ |
| ମୁମ୍ବାଇ ଖିଲାଡିସ | ଅନିକେତ୍ ପୋଟେ | ପଞ୍ଚମ |
| ରାଜସ୍ଥାନ ୱାରିୟର୍ସ | ମଜହର ଜମାଦାର | ଷଷ୍ଠ |

## ଓଡ଼ିଶା ଜଗରନଟ୍ସ ପ୍ରସ୍ତୁତ

ଭୁବନେଶ୍ୱର, ୨୩।୧୨ (ସମିସ): ଅଲ୍ଟିମେଟ୍ ଖୋ ଖୋ'ର ୨ୟ ସଂସ୍କରଣ ରବିବାରଠାରୁ କଟକରେ ଆରମ୍ଭ ହେବାକୁ ଯାଉଛି। ଏଥିଲାଗି ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ଜଗରନଟ୍ସ ସମ୍ପୂର୍ଣ୍ଣ ପ୍ରସ୍ତୁତି ଶେଷ କରିଛି। ଏହି ମେଗା ପ୍ରତିଯୋଗିତାର ପୁଣେରେ ଖେଳାଯାଇଥିବା ପ୍ରଥମ ସଂସ୍କରଣରେ ଚାମ୍ପିଅନ ହୋଇଥିବାରୁ ସମସ୍ତଙ୍କ ନଜର ଏବେ ଜଗରନଟ୍ସ ଉପରେ ରହିଛି। ନିକଟରେ ଶେଷ ହୋଇଥିବା ଖେଳାଳି ଡ୍ରାଫ୍ଟରେ ଓଡ଼ିଶା ଜଗରନଟ୍ସ ୪ଜଣ ପ୍ରମୁଖ ଖେଳାଳିଙ୍କୁ ରିଟେନ ରଖିଥିଲା। ଏଥିସହ ଅନେକ ଯୁବ ଖେଳାଳିଙ୍କୁ ଦଳରେ ସାମିଲ କରି ଏକ ସନ୍ତୁଳିତ ଦଳ ଭାବେ ଦ୍ୱିତୀୟ ସଂସ୍କରଣରେ ମ୍ୟାଚ୍‌କୁ ଓହ୍ଲାଇବ। ରିଟେନ ରହିଥିବା ୪ଜଣ ଖେଳାଳି ହେଲେ ଅଲ୍‌ରାଉଣ୍ଡର ଦିଲ୍ଲୀପ ଖଣ୍ଡଭି, ଅଧିନାୟକ ଦୀପେଶ ମୋର୍, ଡିଫେଣ୍ଡର ଗୌତମ ଏମ୍‌କେ ଓ ବିଶାଲ। ଏହି ଅବସରରେ ଓଡ଼ିଶା ଜଗରନଟ୍ସର ମୁଖ୍ୟ ପ୍ରଶିକ୍ଷକ ବିନୟ କୁମାର ଜୟସ୍ୱାଲ କହିଛନ୍ତି, 'ଗତ ସଂସ୍କରଣ ଭଳି ଏଥର ମଧ୍ୟ ଆମେ ମୂଳ ରଣନୀତିକୁ ବଜାୟ ରଖିବାକୁ ଚେଷ୍ଟା କରିଛୁ। ଯେଉଁଥିରେ ଦୃଢ଼ ଡିଫେନ୍ସ ସହ ଯୁବ ଖେଳାଳିଙ୍କ ଉପରେ ଭରସା ରହିଛି। ଗତ ୧୫ ଦିନ ଧରି କିଟ୍ ଇଣ୍ଡୋର ଷ୍ଟାଡିୟମରେ ଆମ ଖେଳାଳିମାନେ ଜୋର୍‌ଦାର ଅଭ୍ୟାସ କରି ସମ୍ପୂର୍ଣ୍ଣ ଶେଷ କରିଛନ୍ତି।'



## ଶ୍ରଦ୍ଧାଞ୍ଜଳିଙ୍କୁ ଆଉ ଏକ ଗୁରୁଦାୟିତ୍ୱ

ଭୁବନେଶ୍ୱର, ୨୩।୧୨ (ସମିସ): ଭାରତୀୟ ଫୁଟ୍‌ବଲ ଦଳର ପ୍ରାକ୍ତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କୁ ଆଉ ଏକ ଗୁରୁଦାୟିତ୍ୱ ମିଳିଛି। ସର୍ବଭାରତୀୟ ଫୁଟ୍‌ବଲ



ମହାସଂଘ (ଏଆଇଏଫ୍‌ଏଫ୍) ପକ୍ଷରୁ ତାଙ୍କୁ ଭାରତୀୟ ୧୯ ବର୍ଷରୁ କମ୍ ମହିଳା ଦଳର ସହ-ପ୍ରଶିକ୍ଷକ ଭାବେ ନିଯୁକ୍ତ କରାଯାଇଛି। ଚଳିତ ମାସ ୨୬ରୁ ଗୋଆରେ ଆରମ୍ଭ ହେବାକୁ ଥିବା ୧୯ ବର୍ଷରୁ କମ୍ ଦଳର ଶିବିରରେ ସେ ଯୋଗଦେବେ ବୋଲି ଜଣାପଡ଼ିଛି। ଏହି ଅବସରରେ ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଶ୍ରଦ୍ଧାଞ୍ଜଳିଙ୍କୁ ଅଭିନନ୍ଦନ ଜଣାଯାଇଛନ୍ତି।

● ନୂଆ ଟୁର୍ଣ୍ଣାମେଣ୍ଟ ଖେଳିବାକୁ କ୍ଲବ୍‌ଗୁଡ଼ିକୁ ରୋକାଯାଇପାରିବନି: କୋର୍ଟ

## ଫିଫା, ୟୁଇଏଫ୍‌ଏକୁ ଶକ୍ତ ଧକ୍କା

ଲଣ୍ଡନ,୨୩।୧୨(ଏଜେନ୍ସି): କ୍ଲବଗୁଡ଼ିକୁ ୟୁରୋପିଆନ୍ ସୁପର ଲିଗ୍ ଭଳି ନୂଆ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ଫିଫା ଓ ୟୁଇଏଫ୍‌ଏ ଅଟକାଇପାରିବେ ନାହିଁ ବୋଲି ୟୁରୋପିଆନ କୋର୍ଟ ଅଫ୍ ଜଷ୍ଟିସ୍ ନିର୍ଦ୍ଦେଶ ଦେଇଛି। କ୍ଲବଗୁଡ଼ିକୁ ଏ ବାବଦରେ ବିଶ୍ୱ ଫୁଟବଲ ପ୍ରଶାସନର ଏହି ଦୁଇ ସର୍ବବୃହତ୍ ସଂସ୍ଥା ନିୟନ୍ତ୍ରଣ କରିପାରିବେ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛି। ଫଳରେ ଫିଫା ଓ ୟୁଇଏଫ୍‌ଏକୁ ଶକ୍ତ ଧକ୍କା ଲାଗିଛି।

ଏଥିସହ ନୂଆ କରି ଆରମ୍ଭ ହେବାକୁ ଯାଉଥିବା ୟୁରୋପିଆନ ସୁପର ଲିଗ୍‌ରେ ଖେଳାଳି ଓ କ୍ଲବଗୁଡ଼ିକ ଯୋଗ ଦେବା ନେଇ ପଥ ପରିଷ୍କାର ହୋଇଛି। ୟୁରୋପିଆନ ସୁପର ଲିଗ୍ କାରଣରୁ ୟୁରୋପିଆନ ଚାମ୍ପିଅନ୍ସ ଲିଗ୍ ଓ ଅନ୍ୟ ଦେଶର ଲିଗ୍‌ଗୁଡ଼ିକ ଅସ୍ତିତ୍ୱ ବିପଦରେ ପଡ଼ିଛି। ଫଳରେ ଫିଫା ଓ ୟୁଇଏଫ୍‌ଏ ଆରମ୍ଭରୁ ଏହି ନୂଆ ଲିଗ୍‌ର ବିରୋଧ କରିଆସୁଛନ୍ତି। ୨୦୨୧ରେ ଏହି ନୂଆ ଲିଗ୍ ଉନ୍ମୋଚନ ହୋଇଥିଲା। ଏହି ଲିଗ୍‌ରେ ଯୋଗ ନ ଦେବାକୁ ଫିଫା ଓ ୟୁଇଏଫ୍‌ଏ ସବୁ ଖେଳାଳି ଓ କ୍ଲବ୍‌ଗୁଡ଼ିକୁ ତାଗିଦ୍ କରିଥିଲା। ଯଦି ଖେଳାଳି ଓ କ୍ଲବଗୁଡ଼ିକ ୟୁରୋପିଆନ ସୁପର ଲିଗ୍‌ରେ ଯୋଗ ଦିଅନ୍ତି ତେବେ ସେମାନଙ୍କୁ ପୂର୍ବ ପ୍ରତିଯୋଗିତାଗୁଡ଼ିକରେ ଅଂଶଗ୍ରହଣ କରିବାରୁ ବାସନ୍ଦ କରାଯିବ ବୋଲି ଫିଫା ଓ ୟୁଇଏଫ୍‌ଏ ସତର୍କ କରାଇଥିଲା। କିନ୍ତୁ ଏବେ କଥା ଅଲଗା ହୋଇଛି।

ୟୁରୋପ୍‌ରେ ୧୨ଟି ଆଗଧାଡ଼ିର କ୍ଲବ ଏହି ନୂଆ ଲିଗ୍ ଆରମ୍ଭ କରିବାକୁ ଘୋଷଣା କରିଥିଲେ। ଆର୍ସେନାଲ, ଚେଲସି, ଲିଭରପୁଲ, ମାଞ୍ଚେଷ୍ଟର ସିଟି, ଟୋଟେନହାମ, ଏସି ମିଲାନ, ଆଟଲେଟିକୋ ମାଦ୍ରିଦ୍, ବାର୍ସିଲୋନା, ଇଣ୍ଟର, ଜୁଭେଣ୍ଟସ ଓ ରିୟଲ ମାଦ୍ରିଦ୍ ଭଳି କ୍ଲବ ଏହି ନୂଆ ସୁପର ଲିଗ୍‌ର ପ୍ରତିଷ୍ଠାତା ସଦସ୍ୟ ଥିଲେ। କିନ୍ତୁ କଡ଼ା ବିରୋଧ ହେବା ପରେ ୯ଟି କ୍ଲବ ଏଥିରୁ ଓହରିଯାଇଥିଲେ। କିନ୍ତୁ ରିୟଲ ମାଦ୍ରିଦ୍ ଓ ବାର୍ସିଲୋନ ଭଳି ଦୁଇଟି ହାଇପ୍ରୋଫାଇଲ କ୍ଲବ ନିଜ ଜିଦ୍‌ରେ ଅଟଳ ରହିଥିଲେ ଓ ଅଗାମୀ ଦିନରେ ଏହି ଲିଗ୍ ଆୟୋଜନ ହେବ ବୋଲି ଜୋର ଦେଇ କହିଥିଲେ।







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର